# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଫେବୃୟାରୀ ୨୮/୨୦୧୯ (୧୬ ପୃଷ୍ଠା) Sambalpur, Thursday, February 28 / 2019 ★★

୧୫ଶ ଭାଗ ୭୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



DADLS-288

ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର

**ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ**

୨୮ ଫେବୃଆରୀ ୨୦୧୯, ଗୁରୁବାର

ଓଡ଼ିଶା ସରକାର



## ଗଞ୍ଜାମ

**ଗୋପାଳପୁର - ପୂର୍ବାହ୍ନ ୧୦.୪୫**

ଉନ୍ନତିକୃତ **ଗୋପାଳପୁର ବନ୍ଦରର** ଲୋକାର୍ପଣ

**ଶେରଗଡ: ପୂର୍ବାହ୍ନ ୧୧.୪୫**

ଭିତ୍ତିପ୍ରସ୍ତର ସ୍ଥାପନ

୧୭୨ କୋଟି ଟଙ୍କାର ହରଭଙ୍ଗୀ ଜଳସେଚନ ପ୍ରକଳ୍ପ ଉନ୍ନତିକରଣ ଓ ସଂପ୍ରସାରଣ

ହିଞ୍ଜିଳି ବ୍ଲକ୍‌ର କରମଙ୍ଗାନାଳ ରାସ୍ତା ଉନ୍ନତିକରଣ କାର୍ଯ୍ୟ

ବ୍ରାହ୍ମଣଛାଇ-ବୋଲସରା ରାସ୍ତାରେ ବାଘୁଆ ନଦୀ ଉପରେ ସେତୁ

ଶେରଗଡ଼ ଏବଂ ହିଞ୍ଜିଳି ବ୍ଲକ୍‌ର ୧୧ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ

**ସାନଖେମୁଣ୍ଡି - ମଧ୍ୟାହ୍ନ ୧୨.୨୦**

ଧରାକୋଟ ଏବଂ ସାନଖେମୁଣ୍ଡି ବ୍ଲକ୍‌ର ୧୩ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



## ଗଜପତି

**ଗାରାବନ୍ଧ - ଅପରାହ୍ନ ୩.୦୦**

ଗଜପତି ଜିଲ୍ଲା କାଶୀନଗର, ଗୋଷାଣୀ, ଗୁମ୍ମା ଏବଂ ରାୟଗଡ ବ୍ଲକ୍‌ରେ ୪୮ କୋଟି ୮୪ ଲକ୍ଷ ଟଙ୍କାର ୫୭ଟି ଜନକଲ୍ୟାଣକାରୀ ପ୍ରକଳ୍ପର ଶୁଭ ଉଦ୍‌ଘାଟନ

କାଶୀନଗର ଓ ଗୁମ୍ମା ବ୍ଲକ୍‌ର ୧୦୩ଟି ଗ୍ରାମ ପାଇଁ ୧୯୦ କୋଟି ଟଙ୍କାର, ମୋହନା ବ୍ଲକ୍ ପାଇଁ ୨୧୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଏବଂ ମହେନ୍ଦ୍ରତନୟା ଜଳସେଚନ ପ୍ରକଳ୍ପ ସହିତ ପାରଳାଖେମୁଣ୍ଡି, ଗୋଷାଣୀ, ଗୁମ୍ମା, କାଶୀନଗର ବ୍ଲକ୍ ଓ ଏନ୍.ଏ.ସି ଅଞ୍ଚଳ, ମୋହନା, ନୂଆଗଡ, ରାୟଗଡ ଏବଂ ଆର୍.ଉଦୟଗିରି ବ୍ଲକ୍ ଅଞ୍ଚଳରେ ସମୁଦାୟ ୫୮୨ କୋଟି ୪୦ ଲକ୍ଷ ଟଙ୍କାର ୭୮୩ଟି ଜନ କଲ୍ୟାଣକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

ଚାଷୀ ମହାସମାବେଶ
ଗଜପତି

କାଳିଆ ଯୋଜନାରେ ସମଗ୍ର ରାଜ୍ୟରେ ୩୨ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ମିଳିଛି ସହାୟତା

ସହାୟତା ପାଇଥିବା ଗଜପତି ଜିଲ୍ଲାର ଚାଷୀଙ୍କ ସହ ଭାବବିନିମୟ ଏବଂ ଉଦ୍‌ବୋଧନ

କାଳିଆ
ଛାତ୍ରବୃତ୍ତି
ପିଲାଙ୍କ ଉନ୍ନତ ଭବିଷ୍ୟତ

15001/13/0599/1819

ସୂଚନା ଓ ଲୋକସମ୍ପର୍କ ବିଭାଗ



ନୂଆଦିଲ୍ଲୀସ୍ଥିତ ପାର୍ଲାମେଣ୍ଟ ହାଉସ୍ ପରିସରରେ ୨୧ ବିରୋଧୀ ଦଳର ବୈଠକ ପରେ ମିଳିତ ବିବୃତି ଜାରି କରୁଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।



ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ମେନ୍ଧାର ସଂଲଗ୍ନ ନିୟନ୍ତ୍ରଣରେଖାରେ ପାକିସ୍ତାନୀ ସେନା ଘନ ଘନ ଗୁଳିବର୍ଷା ଓ ମୋର୍ଟାର ମାଡ଼ କରୁଥିବାବେଳେ ଏକ ଧର୍ମପୀଠରେ ଆଶ୍ରୟ ନେଇଛନ୍ତି ଗ୍ରାମବାସୀ।

## ବାୟୁସେନା ବୋମାମାଡ଼ରେ ଜୈଶ୍ ଆତଙ୍କବାଦୀ ନିହତ ହେବା ଘଟଣା

# ସଂଖ୍ୟାକୁ ନେଇ ସନ୍ଦେହ

ନୂଆଦିଲ୍ଲୀ/ଇସ୍ଲାମାବାଦ,୨୭।୨

ଆତଙ୍କବାଦୀଙ୍କୁ ଢାଲ କରି ଭାରତ ସହ ଛାୟାଯୁଦ୍ଧ ଚଳାଇଥିବା ପାକିସ୍ତାନକୁ ଭାରତ ଉଚିତ ଜବାବ ଦେଇଛି। ଭାରତୀୟ ବାୟୁସେନା (ଆଇଏଏଫ୍)ର କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ବାଲାକୋଟରେ ୩୫୦ ଆତଙ୍କବାଦୀ ନିହତ ହୋଇଥିବା ନୂଆଦିଲ୍ଲୀ ଦାବି କରୁଛି। ସେପଟେ ସରକାରଙ୍କ ଏହି ଦାବିକୁ ପାକିସ୍ତାନ ଖଣ୍ଡନ କରୁଛି। ପ୍ରକୃତରେ କେତେ ସଂଖ୍ୟକ ଜୈଶ୍ ଆତଙ୍କବାଦୀ ନିହତ ହୋଇଛନ୍ତି ଏବଂ ସେମାନଙ୍କ ମୃତଦେହଗୁଡ଼ିକ କୁଆଡ଼େ ଗଲା ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଯଦି ୩୫୦ ଆତଙ୍କବାଦୀ ନିହତ ହୋଇଛନ୍ତି ତେବେ ଗୋଟି ଗୋଟି କରି ସମସ୍ତଙ୍କ ମୃତଦେହକୁ ପାକିସ୍ତାନ ମାଟିରେ କିଏ ଗଣିଲା ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ଏଭଳି ସମୟରେ ଏହାର ପ୍ରମାଣ ମାଗିବା ସାହସ ହୁଏତ କେହି କରି ନ ପାରନ୍ତି, କିନ୍ତୁ ସାଧାରଣରେ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରାଯିବା ଆବଶ୍ୟକ ବୋଲି ଅନେକେ କହିବା ଆରମ୍ଭ କଲେଣି।

ପୁଲଓ୍ୱାମା ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଆଇଏଏଫ୍‌ର ୧୨ଟି ମିରାଜ୍ ୨୦୦୦ ବିମାନ ପାକିସ୍ତାନ ଯାଇଥିଲା। ବିମାନଗୁଡ଼ିକରୁ ୧୦୦୦ କେ.ଜି.ର ଲେଜର ଗାଇଡେଡ୍ ବୋମା ୩ଟି ସ୍ଥାନରେ ନିକ୍ଷେପ କରାଯାଇଛି। ଆକାଶମାର୍ଗରୁ



**୩୫୦ ମୁଣ୍ଡ ଗଣିଲା କିଏ**

ଏହି ଦେଢ଼ ମିନିଟର ଆକ୍ରମଣରେ ବାଲାକୋଟ, ମୁଜାଫରାବାଦ ଓ ଚକୋଟିରେ ୩୨୫ ଆତଙ୍କବାଦୀ ଓ ସେମାନଙ୍କ ୨୫ ତାଲିମଦାତା ନିହତ ହୋଇଛନ୍ତି। ନିହତଙ୍କ ମଧ୍ୟରେ ଜୈଶ୍ ମୁଖ୍ୟ ମୌଲାନା ମାସୁଦ୍ ଆଜହାରଙ୍କ ଶାଳକ ମୌଲାନା ୟୁସୁଫ୍ ଆଜହାର ଓରଫ୍ ଉସ୍ତାଦ ଘୌରୀ (କାନ୍ଦାହାର ଅପହରଣର ଅନ୍ୟତମ ଷଡ଼ଯନ୍ତ୍ରକାରୀ)ଙ୍କ ସମେତ ଅନେକ କମାଣ୍ଡର ରହିଥିବା କୁହାଯାଉଛି। ଏଭଳି ସମୟରେ ପାକ୍-ଅଧିକୃତ କଶ୍ମୀରରେ ୨୦୧୬ ସେପ୍ଟେମ୍ବର ୨୮ ମଧ୍ୟରାତ୍ରିର ସର୍ଜିକାଲ ଷ୍ଟ୍ରାଇକ୍‌କୁ ନେଇ ପୂର୍ବରୁ ପ୍ରଶ୍ନ ଉଠାଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସମେତ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବଂ କଂଗ୍ରେସ ତଥା ଅନ୍ୟ ବିରୋଧୀ ଦଳଗୁଡ଼ିକ ସଦ୍ୟ କାର୍ଯ୍ୟାନୁଷ୍ଠାନକୁ ନେଇ ସନ୍ଦେହ ବ୍ୟକ୍ତ କରି ହଟହଟା ହେବାକୁ ଚାହୁଁନାହାନ୍ତି। କାରଣ ଆଗକୁ ସାଧାରଣ ନିର୍ବାଚନ ଅଛି।

ସେପଟେ ପାକିସ୍ତାନ ପ୍ରଧାନମନ୍ତ୍ରୀ, ବହିର୍ବ୍ୟାପାର ମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ ଓ ସେନା ଅଧିକାରୀମାନେ ଏହାକୁ ଖଣ୍ଡନ କରିଛନ୍ତି। ପାକିସ୍ତାନର ଜାତୀୟ ନିରାପତ୍ତା କମିଟି (ଏନ୍‌ଏସ୍‌ସି)ର ଏକ ଜରୁରୀ ବୈଠକରେ ମଧ୍ୟ ଏହାକୁ ମିଛ ବୋଲି କୁହାଯାଇଛି। ଏହାସହ ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡ଼ିକୁ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ ପାଇଁ ପାକିସ୍ତାନ ଆମନ୍ତ୍ରଣ କରିଛି। ଭାରତରେ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଭାରତ ସରକାର ଏଭଳି ପ୍ରଚାର କରୁଥିବା ଇସ୍ଲାମାବାଦ ଅଭିଯୋଗ ଆଣିଛି। ଭାରତ ବାୟୁସୀମା ଉଲ୍ଲଂଘନ କରି ୪ଟି ବୋମା ପକାଇଥିବା କଥା ସତ। କିନ୍ତୁ ଏଥିରେ କେହି ଜଣେ ହେଲେ ମୃତାହତ ହୋଇନାହାନ୍ତି ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ କହିଛନ୍ତି। ଭାରତର କାର୍ଯ୍ୟାନୁଷ୍ଠାନରେ କିଛି କ୍ଷୟକ୍ଷତି ହୋଇନାହିଁ ବୋଲି ପାକିସ୍ତାନୀ ସେନାର ମିଡିଆ ୱିଙ୍ଗ୍ ଇଣ୍ଟର-ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍) ମହାନିର୍ଦ୍ଦେଶକ ମେଜର ଜେନେରାଲ ଆସିଫ୍ ଗଫୁର ମଧ୍ୟ ଟୁଇଟ୍ କରିଛନ୍ତି। ଭାରତ କହୁଛି ପାକିସ୍ତାନ କର୍ତ୍ତୃପକ୍ଷ ପାଗ ଖରାପ ଥିବା ଆଳ ଦେଖାଇ ଆତଙ୍କବାଦୀଙ୍କ ମୃତଦେହ ଓ ଅନ୍ୟ ପ୍ରମାଣ ଲୁଚାଇବା ପାଇଁ ଉଦ୍ୟମ କରୁଛି। ଏହି ଯୁକ୍ତିକୁ ମାନି ନିଆଗଲେ ସର୍ଜିକାଲ ଷ୍ଟ୍ରାଇକ୍‌ରେ ୫୦ ଆତଙ୍କବାଦୀ ନିହତ ହେବା ଭଳି ଏଥର ମଧ୍ୟ ୩୫୦ ଆତଙ୍କବାଦୀ ନିପାତ ହେବା ସବୁଦିନ ପାଇଁ ରହସ୍ୟ ହୋଇ ରହିଯିବ ବୋଲି ଭାରତରେ ଚର୍ଚ୍ଚା ହେଉଛି।

> ଯୁଦ୍ଧ ଆରମ୍ଭ ହେଲେ ତାକୁ କେହି ନିୟନ୍ତ୍ରଣ କରିପାରିବେ ନାହିଁ।
> **– ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ**



> ଅବୋଟାବାଦରେ ଆମେରିକାର ଅପରେଶନ ଭଳି ଅଭିଯାନ ଭାରତ ମଧ୍ୟ କରିପାରିବ।
> **–ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ**



## ଆର୍‌ଆଇସିରେ ପୁଲ୍‌ଓ୍ୱାମା ପ୍ରସଙ୍ଗ ଉଠାଇଲେ ସୁଷମା

ୟୁଝେନ(ଚାଇନା), ୨୭।୨ (ଆଇଏଏନ୍‌ଏସ୍)

ପୁଲ୍‌ଓ୍ୱାମା ଆକ୍ରମଣ ଏବଂ ଭାରତୀୟ ବାୟୁସେନାର କାର୍ଯ୍ୟାନୁଷ୍ଠାନକୁ ନେଇ ପାକିସ୍ତାନ ସହ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ବୁଧବାର ରୁଷିଆ-ଭାରତ-ଚାଇନା (ଆର୍‌ଆଇସି) ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ୧୬ତମ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଭାରତ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନର ପୁଲ୍‌ଓ୍ୱାମା ଆକ୍ରମଣ ଏବଂ ପାକିସ୍ତାନ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପ୍ରସଙ୍ଗ ଉଠାଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ତାଙ୍କର ଚାଇନା ଏବଂ ରୁଷିଆ ପ୍ରତିପକ୍ଷଙ୍କ ସହ ଆଲୋଚନା ବେଳେ ଆତଙ୍କବାଦୀ ନିରୋଧୀ ପ୍ରସଙ୍ଗ ଉପରେ ୨୪ ଘଣ୍ଟା ପରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଜେଇଏମ୍ ପାକିସ୍ତାନ ଭିତ୍ତିକ ଏବଂ ସମର୍ଥିତ ଆତଙ୍କବାଦୀ ସଂଗଠନ। ପୁଲ୍‌ଓ୍ୱାମା ଆକ୍ରମଣ ପରେ ଜେଇଏମ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନ୍ତର୍ଜାତୀୟ ସମୁଦାୟର ଚାପ ସତ୍ତ୍ୱେ ଇସ୍ଲାମାବାଦ ଏହାକୁ ଗୁରୁତ୍ୱର ସହ ନେଇନାହିଁ। ଜେଇଏମ୍ ଆକ୍ରମଣ କରିଥିବାର ଦାବି ସତ୍ତ୍ୱେ ପାକିସ୍ତାନ ଏହାକୁ ଖଣ୍ଡନ କରୁଥିବା ସୁଷମା କହିଛନ୍ତି। ଏଭଳି ଭୀରୁତାପୂର୍ଣ୍ଣ ଆକ୍ରମଣ ସ୍ମରଣ କରାଇ ଦେଉଛି ଯେ ଆତଙ୍କବାଦକୁ କୌଣସି ଦେଶ ବରଦାସ୍ତ କରିବା ଉଚିତ ନୁହେଁ ଏବଂ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ଜାତିସଂଘର ବିଶ୍ୱ ଆତଙ୍କବାଦୀ ତାଲିକାରେ ଜେଇଏମ୍ ମୁଖ୍ୟ ମାସୁଦ ଆଜହାରକୁ ସାମିଲ କରିବା ଲାଗି ଭାରତର



ଗୁରୁତ୍ୱାରୋପ କରିଥିଲେ। ଚାଇନା ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବେଳେ ଗତ ୧୪ ତାରିଖ ପୁଲ୍‌ଓ୍ୱାମା ଆକ୍ରମଣ କଥା ଉଠାଇଥିଲେ। ଜମ୍ମୁ-କଶ୍ମୀରରେ ମୁତୟନ ଦେଶର ସୁରକ୍ଷା ବଳ ପ୍ରତି ଏହା ନିକୃଷ୍ଟତମ ଆତଙ୍କବାଦୀ ଆକ୍ରମଣ ବୋଲି ସୁଷମା କହିଥିଲେ।

ବାୟୁସେନାର ଯୁଦ୍ଧବିମାନ ପାକିସ୍ତାନ ସୀମାରେ ପ୍ରବେଶ କରି ବାଲାକୋଟରେ ଥିବା ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିବାର ବାରମ୍ବାର ଉଦ୍ୟମ ସତ୍ତ୍ୱେ ଚାଇନା ଏଥିରେ ପ୍ରତିବନ୍ଧକ ସାଜିଆସିଛି। ଏହି ପରିପ୍ରେକ୍ଷୀରେ ସୁଷମା ତାଙ୍କର ଚାଇନା ପ୍ରତିପକ୍ଷଙ୍କୁ ଭେଟିବା ଗୁରୁତ୍ୱପୂର୍ଣ୍ଣ। ପୁଲ୍‌ଓ୍ୱାମା ଆକ୍ରମଣକୁ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଆମେରିକା, ରୁଷିଆ, ବ୍ରିଟେନ, ଫ୍ରାନ୍ସ ସମେତ ବିଶ୍ୱର ଅନେକ ଦେଶ ନିନ୍ଦା କରିଥିବାରେ ଚାଇନାର ଜେଇଏମ୍ ମୁଖ୍ୟଙ୍କ ପ୍ରତି ରହିଥିବା ଆଭିମୁଖ୍ୟରେ ପରିବର୍ତ୍ତନ ହୋଇନାହିଁ।

## ଭାରତର କାର୍ଯ୍ୟାନୁଷ୍ଠାନକୁ ଆମେରିକାର ସମର୍ଥନ

ନୂଆଦିଲ୍ଲୀ,୨୭।୨(ଆଇଏଏନ୍‌ଏସ୍)



ପାକିସ୍ତାନରେ ଥିବା ଜୈଶ୍-ଇ-ମହମ୍ମଦ ଶିବିର ଉପରେ ଭାରତର କଠୋର କାର୍ଯ୍ୟାନୁଷ୍ଠାନକୁ ଆମେରିକା ସମର୍ଥନ ଜଣାଇଛି। ଏହା ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ବୋଲି ଆମେରିକା ବହିର୍ବ୍ୟାପାର ସଚିବ ମାଇକ୍ ପମ୍ପିଓ କହିଛନ୍ତି। ଏଥିସହିତ ଭାରତ ଓ ଆମେରିକା ମଧ୍ୟରେ ଘନିଷ୍ଠ ସୁରକ୍ଷା ସହଯୋଗିତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ରୁଷିଆ-ଭାରତ-ଚାଇନା (ଆର୍‌ଆଇସି) ବହିର୍ବ୍ୟାପାର ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବାକୁ ସୁଷମା ସ୍ୱରାଜ ୟୁଝେନ୍‌ରେ ଥିବାବେଳେ ପମ୍ପିଓ ତାଙ୍କ ସହ କଥା ହୋଇଛନ୍ତି। ମଙ୍ଗଳବାର ରାତିରେ ଏକ ବିବୃତି ଜାରି କରି ପମ୍ପିଓ କହିଛନ୍ତି, ୨୬ ତାରିଖରେ ଭାରତର ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ପରେ ସେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସହ କଥା ହୋଇ ଆଞ୍ଚଳିକ ଶାନ୍ତି ଓ ସୁରକ୍ଷା ବଜାୟ ରଖିବାରେ ଦୁଇଦେଶର ଲକ୍ଷ୍ୟ ଏବଂ ନିରାପତ୍ତା ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ଅଧିକ ସାମରିକ କାର୍ଯ୍ୟାନୁଷ୍ଠାନଠାରୁ ଦୂରେଇ ରହିବାକୁ ପମ୍ପିଓ ସୁଷମାଙ୍କୁ କହିଥିବା ଜଣାପଡ଼ିଛି।

## ‘ବିଶ୍ୱ ମାନଚିତ୍ରରୁ ପାକିସ୍ତାନ ଲିଭିଗଲେ ବିଶ୍ୱଶାନ୍ତି ସମ୍ଭବ’

ମୁମ୍ବାଇ,୨୭।୨(ପି.ଟି.)

ପାକିସ୍ତାନ ଉପରେ କ୍ରମାଗତ କାର୍ଯ୍ୟାନୁଷ୍ଠାନ ଲାଗି ଶିବସେନା ପକ୍ଷରୁ ଦାବି କରାଯାଇଛି। ବିଶ୍ୱ ମାନଚିତ୍ରରୁ ପାକିସ୍ତାନ ନିଶ୍ଚିହ୍ନ ନ ହେବା ପର୍ଯ୍ୟନ୍ତ ଶାନ୍ତି ସମ୍ଭବ ନୁହେଁ ବୋଲି ଶିବସେନା ମୁଖପତ୍ର ‘ସାମନା’ର ସମ୍ପାଦକୀୟରେ କୁହାଯାଇଛି। ପାକିସ୍ତାନ ଭଳି ଦେଶ କେବଳ ଭାରତ ପାଇଁ ବିପଦ ନୁହେଁ ସାରା ବିଶ୍ୱ ପାଇଁ ମଧ୍ୟ ଏମାନେ ବିପଜ୍ଜନକ। ପାକିସ୍ତାନରେ ଗଣତନ୍ତ୍ର ନ ଥିବାରୁ ସେଠାର ସେନାମୁଖ୍ୟ ପ୍ରଧାନମନ୍ତ୍ରୀ ଏବଂ ସରକାରଙ୍କ ନାମରେ କ୍ଷମତାର ଅପବ୍ୟବହାର କରୁଥିବା ‘ସାମ୍‌ନା’ରେ କୁହାଯାଇଛି।

## ୨୭୦୦ କୋଟିର ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୭।୨(ପି.ଟି.)



ପାଖାପାଖି ୨୭୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ କିଣା ଚୁକ୍ତିନାମାକୁ ମଞ୍ଜୁରୀ ମିଳିଛି। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନଙ୍କ ଅଧ୍ୟକ୍ଷତାରେ ବୁଧବାର ପ୍ରତିରକ୍ଷା ସାମଗ୍ରୀ କ୍ରୟ ସମ୍ପର୍କିତ ପରିଷଦ (ଡିଏସି)ର ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତାବ ଅନୁଯାୟୀ ନୌସେନା ପାଇଁ ତିନୋଟି କ୍ୟାଡେଟ୍ ତାଲିମ ଜାହାଜ କିଣାଯିବ। ଏଗୁଡ଼ିକୁ ନୌସେନା ଅଫିସର କ୍ୟାଡେଟମାନଙ୍କୁ ପ୍ରଶିକ୍ଷଣ ଦେବାରେ ନିୟୋଜିତ କରାଯିବ। ଏହା ବ୍ୟତୀତ ଉକ୍ତ ଜାହାଜ ହସ୍ପିଟାଲ ସିପ୍ ଡ୍ୟୁଟି ସାଙ୍ଗକୁ ମାନବୀୟ ସହାୟତା, ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ବ୍ୟବହୃତ ହୋଇପାରିବ।

## ସିଡବ୍ଲ୍ୟୁସି ବୈଠକ ସ୍ଥଗିତ

ନୂଆଦିଲ୍ଲୀ,୨୭।୨(ପି.ଟି.)

ଅହମଦାବାଦରେ ଗୁରୁବାର ଅନୁଷ୍ଠିତ ହେବାକୁ ଥିବା କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକକୁ ସ୍ଥଗିତ ରଖାଯାଇଛି। ସୀମାନ୍ତରେ ନିରାପତ୍ତା ସ୍ଥିତିକୁ ନେଇ କଂଗ୍ରେସ ନେତୃତ୍ୱ ଏଭଳି ନିଷ୍ପତ୍ତି ନେଇଥିବା ଏହାର ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେଓ୍ୱାଲା କହିଛନ୍ତି। ଏହି ବୈଠକରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଯୋଗଦେଇଥାନ୍ତେ। ଏଥିସହିତ ରାହୁଲ ମଧ୍ୟ ତାଙ୍କର ଅହମଦାବାଦ ସଭାକୁ ସ୍ଥଗିତ ରଖିଛନ୍ତି। ଖୁବ୍‌ଶୀଘ୍ର ପରବର୍ତ୍ତୀ ତାରିଖ ସ୍ଥିରହେବ ବୋଲି ସୁର୍ଜେଓ୍ୱାଲା ସୂଚନା ଦେଇଛନ୍ତି।

# ବିମାନ ଚଳାଚଳରେ ବାଧା

ନୂଆଦିଲ୍ଲୀ,୨୭।୨(ପି.ଟି.)

ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଶିବିର ଉପରେ ଭାରତୀୟ ବାୟୁସେନାର କାର୍ଯ୍ୟାନୁଷ୍ଠାନ ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନାକୁ ନେଇ ବୁଧବାର ଉତ୍ତର ଭାରତର ୯ଟି ବିମାନବନ୍ଦରରୁ ବିମାନ ଚଳାଚଳ ବନ୍ଦ କରିଦିଆଯାଇଥିଲା। ପରେ ଏହାକୁ ସ୍ୱାଭାବିକ କରାଯାଇଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କୁହାଯାଇଛି। ଶ୍ରୀନଗର, ଜମ୍ମୁ, ଲେହ, ପଠାନକୋଟ୍, ଅମୃତସର, ଶିମ୍‌ଲା, କଙ୍ଗ୍ରା, କୁଲ୍ଲୁ ମାନାଲି ଏବଂ ପିଥୋରାଗଡରୁ ବିମାନ ଚଳାଚଳ ଫେବୃୟାରୀ ୨୭ରୁ ମେ ୨୭ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ବୁଧବାର ସକାଳେ ନୋଟିସ ଜାରି କରିଥିଲେ। ଅପରାହ୍ଣରେ ଡିଜିସିଏ ଉକ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେଇଛନ୍ତି। ବାୟୁସେନାର ମାର୍ଗଦର୍ଶିକା ଏବଂ ପରାମର୍ଶକୁ କଡାକଡି ଭାବେ ପାଳନ କରାଯାଉଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜୟନ୍ତ ସିହ୍ନା କହିଛନ୍ତି। ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ନେଇ ଶ୍ରୀନଗର, ଲେହ ସମେତ ଉତ୍ତର ଭାରତର ୯ଟି ବିମାନବନ୍ଦର ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ ସୂଚନା ଦେଇଛନ୍ତି।

ପାକିସ୍ତାନ ମଧ୍ୟ ଏହାର ପଞ୍ଜାବ ଓ ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶରେ ଥିବା ସମସ୍ତ ବଡ଼ ବିମାନବନ୍ଦରରେ ବିମାନ ଚଳାଚଳ ବନ୍ଦ ରଖିଛି। ଲାହୋର, ମୁଲ୍‌ତାନ, ଫୈସଲାବାଦ, ସିଆଲକୋଟ୍ ଏବଂ ଇସ୍ଲାମାବାଦରୁ ବିମାନ ଚଳାଚଳ ସାମୟିକ ବନ୍ଦ ରଖାଯାଇଥିବାରୁ ଚାଇନାର ଗୁଆଙ୍ଗଝୋଉରୁ ଆସିଥିବା ଏକ ବିମାନକୁ ଫେରାଇ ଦିଆଯାଇଥିଲା।

## ୨ ଜୈଶ୍ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୭।୨(ପି.ଟି.):**ଜମ୍ମୁ-କଶ୍ମୀରର ଶୋପିଆନ ଜିଲାରେ ବୁଧବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୨ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ପାକିସ୍ତାନୀ ଥିବା ଜଣାପଡ଼ିଛି। ଆତଙ୍କବାଦୀମାନେ ଶୋପିଆନ୍‌ର ମିମେନ୍ଦର ଅଞ୍ଚଳରେ



ଆତ୍ମଗୋପନ କରିଥିବା ସୂଚନା ପାଇ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରିବା ସହ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ସର୍ଚ୍ଚ ଅପରେଶନରେ ଥିବା ଯବାନଙ୍କ ଉପରକୁ ଗୁଳି ଚଳାଇବା ପରେ ସୁରକ୍ଷା ବଳ ଏହାର ଠିକଣା ଜବାବ ଦେଇଥିଲେ। ଏନ୍‌କାଉଣ୍ଟର ସ୍ଥଳରୁ ୨ ଆତଙ୍କବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜଣେ ଆତଙ୍କବାଦୀ ଶୋପିଆନର ସୈଦାପୋରା ପାୟିନ ଅଞ୍ଚଳର ସୁହେଲ ନାଜିର ମିର୍ ହୋଇଥିବାବେଳେ ଅନ୍ୟ ଜଣକ ପାକିସ୍ତାନୀ। ସେମାନଙ୍କ ବିରୋଧରେ ଏକାଧିକ ଆତଙ୍କବାଦ ମାମଲା ରହିଛି।

# ଜେନେଭା ସନ୍ଧି କ’ଣ

ନୂଆଦିଲ୍ଲୀ,୨୭।୨

ଯୁଦ୍ଧବନ୍ଦୀ (ପିଓଡବ୍ଲୁ)ମାନଙ୍କ ଅଧିକାରର ସୁରକ୍ଷା ଲାଗି ଜେନେଭା ବୁଝାମଣାରେ କେତେକ ନିୟମ ପ୍ରଣୟନ କରାଯାଇଥିଲା। ଏଥିରେ ୪ଟି ସନ୍ଧି ଏବଂ ୩ଟି ଅତିରିକ୍ତ ପ୍ରୋଟୋକଲ ରହିଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯୁଦ୍ଧ ସମୟରେ ମାନବୀୟ ମୂଲ୍ୟବୋଧକୁ ବଜାୟ ରଖିବା। ମାନବୀୟତାକୁ ଅକ୍ଷୁଣ୍ଣ ରଖିବା ଲାଗି ପ୍ରଥମ ସନ୍ଧି ୧୮୬୪ରେ ହୋଇଥିବାବେଳେ ଦ୍ୱିତୀୟ ଏବଂ ତୃତୀୟ ସନ୍ଧି ଯଥାକ୍ରମେ ୧୯୦୬ ଓ ୧୯୨୯ରେ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪ଟି ଦେଶକୁ ନେଇ ଚତୁର୍ଥ ଚୁକ୍ତି ୧୯୪୯ରେ ସ୍ୱାକ୍ଷର ହୋଇଥିଲା।

ଅନ୍ତର୍ଜାତୀୟ ରେଡକ୍ରସ୍ କମିଟି ଅନୁଯାୟୀ ଯୁଦ୍ଧ ସମୟରେ ଗିରଫ ସୈନିକଙ୍କ ସହ କିପରି ବ୍ୟବହାର କରାଯିବ ଜେନେଭା ଚୁକ୍ତିରେ ତାକୁ ନେଇ ନିୟମ ପ୍ରଣୟନ ହୋଇଛି। ଯୁଦ୍ଧବନ୍ଦୀମାନଙ୍କର ଅଧିକାର କ’ଣ ଏଥିରେ ସ୍ପଷ୍ଟ କରାଯାଇଛି। ଉକ୍ତ ନିୟମାବଳୀ ଅନୁଯାୟୀ ଯୁଦ୍ଧକ୍ଷେତ୍ରରେ ଆହତଙ୍କ ଉପଯୁକ୍ତ ଚିକିତ୍ସା କରାଯିବ। ସାଧାରଣ ଲୋକଙ୍କ ସୁରକ୍ଷା କଥା ମଧ୍ୟ ଏଥିରେ କୁହାଯାଇଛି। ଜେନେଭା ଚୁକ୍ତିର ଅନୁଚ୍ଛେଦ-୩ ଅନୁଯାୟୀ ଆହତ ଯୁଦ୍ଧବନ୍ଦୀଙ୍କର ଉପଯୁକ୍ତ ଚିକିତ୍ସା କରାଯିବା ସହ ସେମାନଙ୍କ ପ୍ରତି କୌଣସି ପ୍ରକାର ବର୍ବରତା କରାଯାଇପାରିବ ନାହିଁ। ସେମାନଙ୍କ ପ୍ରତି ପାତରଅନ୍ତର କରାଯିବନି, ସେମାନଙ୍କୁ ଆଇନଗତ ସହାୟତା ଯୋଗାଇ ଦିଆଯିବ, ଡର, ଧମକ ଦିଆଯାଇପାରିବ ନାହିଁ, ଅପମାନିତ କରାଯାଇପାରିବ ନାହିଁ, ସେମାନଙ୍କ ବିରୋଧରେ ମୋକଦ୍ଦମା ଚାଲିପାରିବ। ଯୁଦ୍ଧ ପରେ ସେମାନଙ୍କୁ ସମ୍ପୃକ୍ତ ଦେଶକୁ ଫେରାଇବାକୁ ପଡିବ। ଯୁଦ୍ଧବନ୍ଦୀଙ୍କୁ ନେଇ କୌଣସି ଦେଶ ଲୋକଙ୍କ ମଧ୍ୟରେ ଉତ୍ସୁକତା ସୃଷ୍ଟି କରିପାରିବେ ନାହିଁ। ସେମାନଙ୍କୁ କେବଳ ନାମ, ସୈନ୍ୟପଦ, ନମ୍ବର ବା ୟୁନିଟ ବିଷୟରେ ପଚରାଯାଇପାରିବ।



ଭାରତୀୟ ବାୟୁସେନାର ମିଗ୍ ୨୧ ବିମାନକୁ ପାକିସ୍ତାନ ଗୁଳି କରି ଖସାଇଦେବା ପରେ ଏହାର ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଗିରଫ କରିଛି। ଜେନେଭା ଚୁକ୍ତି ଅନୁଯାୟୀ ତାଙ୍କ ପ୍ରତି ଯୁଦ୍ଧବନ୍ଦୀ ଭାବେ ବ୍ୟବହାର ଦେଖାଇବା ପାଇଁ ଭାରତ ଦାବି କରିଛି। ଉଭୟ ପକ୍ଷ ମଧ୍ୟରେ ଶତ୍ରୁତା ଦୂର ହେବା ପରେ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରାଯିବା ଅନିବାର୍ଯ୍ୟ। ମାନବାଧିକାରର ସୁରକ୍ଷା ଲାଗି ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡିକୁ ଉକ୍ତ ସନ୍ଧିର ନିୟମ ପାଳନ କରିବାକୁ ହେବ। ପୁଲଓ୍ୱାମା ଆକ୍ରମଣ ପରେ ଆତଙ୍କବାଦୀଙ୍କ ବିରୋଧରେ ଭାରତ କାର୍ଯ୍ୟାନୁଷ୍ଠାନ ନେଇଥିଲେ ମଧ୍ୟ ଯୁଦ୍ଧ ଘୋଷଣା ହୋଇନାହିଁ। ତେଣୁ ଗିରଫ ପାଇଲଟଙ୍କୁ ଯୁଦ୍ଧବନ୍ଦୀ ଭାବେ ଗ୍ରହଣ କରାଯିବ କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଫେବୃୟାରୀ ୨୮/୨୦୧୯ Sambalpur, Thursday, February 28 / 2019 | ପୃଷ୍ଠା-୧



## ଲଣ୍ଡନରେ ଶ୍ରଦ୍ଧା

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ଏବେ ଲଣ୍ଡନରେ। ହିନ୍ଦୀ ସିନେମା 'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀ'ର ଶୁଟିଂ ସାଙ୍ଗକୁ ବୁଲାବୁଲି କରି ମଜା ଉଠାଉଛନ୍ତି।

୦୫

୦୮

## ୨୦୦ ମିଟରରେ ଦୂତୀଙ୍କୁ ସ୍ୱର୍ଣ୍ଣ

ଓଡ଼ିଶାର ଦୂତୀ ଚାନ୍ଦ ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୨ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟର ମହିଳା ୨୦୦ ମିଟରରେ ୨୩.୩୦ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।






## ଆନ୍ଧ୍ରପ୍ରଦେଶ ଲାଗି ନୂଆ ରେଳ ଜୋନ୍ ଘୋଷଣା

**ନୂଆଦିଲ୍ଲୀ,୨୭।୨:** କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋୟଲ ବୁଧବାର ଆନ୍ଧ୍ରପ୍ରଦେଶ ଲାଗି ଏକ ନୂଆ ରେଳ ଜୋନ୍ ଘୋଷଣା କରିଛନ୍ତି। ଦକ୍ଷିଣ ତଟ ରେଳପଥ ନାମରେ ଏହି ଜୋନ୍ ଘୋଷଣା କରାଯାଇଥିବା ବେଳେ ଏହାର ମୁଖ୍ୟାଳୟ ବିଶାଖାପାଟଣାରେ ରହିବ ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି। ଏଥିରେ ଗୁଣ୍ଟାକଲ, ଗୁଣ୍ଟୁର ଏବଂ ବିଜୟୱାଡା ଡିଭିଜନକୁ ସାମିଲ କରାଯାଇଛି। ଏହାଛଡ଼ା ୱାଲଟିୟର ଡିଭିଜନକୁ ଦୁଇ ଭାଗ କରାଯିବ। ଗୋଟିଏ ଭାଗ ଦକ୍ଷିଣ ତଟ ରେଳପଥରେ ରହିବ। ଅନ୍ୟଟି ଏକ ସ୍ୱତନ୍ତ୍ର ଡିଭିଜନ ଭାବେ କାର୍ଯ୍ୟ କରିବ, ଯାହାର ମୁଖ୍ୟାଳୟ ରାୟଗଡାରେ ରହିବ ଏବଂ ଏହା ପୂର୍ବତଟ ରେଳପଥ ଅଧୀନରେ ରହିବ। ସୂଚନାଥାଉ କି, ରାଜ୍ୟ ଭାଜପା ନେତୃବୃନ୍ଦଙ୍କୁ ନେଇ ଗଠିତ ଏକ ଦଳ ଗତ ୪ ଦିନ ପୂର୍ବେ ଗୋୟଲଙ୍କୁ ସାକ୍ଷାତ କରି ଏକ ନୂଆ ରେଳ ଜୋନ୍ ପ୍ରତିଷ୍ଠା ଲାଗି ଦାବି ଜଣାଇଥିଲେ।

## ସାମ୍ନାକୁ ଆସିଲା ୨୦ ହଜାର କୋଟିର ଜିଏସ୍‌ଟି ଫାଙ୍କି

ନୂଆଦିଲ୍ଲୀ,୨୭।୨: କେନ୍ଦ୍ର ସରକାର ଅଦ୍ୟାବଧି ପ୍ରାୟ ୨୦ ହଜାର କୋଟି ଟଙ୍କାର ଜିଏସ୍‌ଟି ଫାଙ୍କି ଧରିଛନ୍ତି। ଟିକସ ଫାଙ୍କି ରୋକିବା ଲାଗି ସରକାରଙ୍କ ପକ୍ଷରୁ ନିୟମରେ ଘନ ଘନ ପରିବର୍ତ୍ତନ କରାଯାଉଥିଲେ ହେଁ ବ୍ୟବସାୟୀମାନେ ଏହାର ଗଳାବାଟ ବାହାର କରିଦେଉଛନ୍ତି। ଆୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ନିୟମକୁ ଅଧିକ କଡ଼ାକଡ଼ି କରିବା ସହ ଏହାକୁ ଯେପରି ପାଳନ କରାଯିବ ସେଥିପ୍ରତି ବିଭାଗ ଯତ୍ନବାନ ହେଉଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ ଆଣ୍ଡ କଷ୍ଟମ୍ସ(ସାଅ)ର ସଦସ୍ୟ ଜନ୍ ଯୋଶେଫ କହିଛନ୍ତି ଯେ, ☞ପୃଷ୍ଠା-୨

# ପାକିସ୍ତାନ କବ୍‌ଜାରେ ଭାରତୀୟ ପାଇଲଟ

**ନୂଆଦିଲ୍ଲୀ/ ଇସ୍‌ଲାମାବାଦ, ୨୭।୨(ପି.ଟି.)**

ଭାରତୀୟ ବାୟୁସେନା (ଆଇଏଏଫ୍) ପାକିସ୍ତାନର ବାଲାକୋଟରେ ଜୈଶ୍ ଆତଙ୍କବାଦୀଙ୍କ ତାଲିମ ଶିବିର ଉପରେ ଆକ୍ରମଣ କରିବା ପରେ ସୀମାନ୍ତରେ ଗମ୍ଭୀର ସ୍ଥିତି ସୃଷ୍ଟି ହୋଇଛି। ଭାରତ-ପାକିସ୍ତାନ ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି) ଏବଂ ଅନ୍ତର୍ଜାତୀୟ ରେଖା (ଆଇବି)ରେ ଉଭୟ ପଟୁ ଗୁଳି ବିନିମୟ ଚାଲିଥିବାରୁ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ପାକିସ୍ତାନୀ ସେନାର ୨ ହେଲିକପ୍ଟର ଭାରତୀୟ ବାୟୁସୀମା ଉଲ୍ଲଂଘନ କରିଥିବାବେଳେ ଏହାକୁ ଖସାଇ ଦିଆଯାଇଥିବା ଭାରତ ଦାବି କରିଛି। ସେପଟେ ପାକିସ୍ତାନ ପଟକୁ ଚାଲିଯାଇଥିବା ଭାରତର ୨ଟି ମିଗ୍ ବିମାନକୁ ଗୁଳିମାଡ଼ କରି ଖସାଇଥିବା ଇସ୍‌ଲାମାବାଦ ଦାବି କରିଛି। ଏହାସହ ଗୋଟିଏ ମିଗ୍ ବିମାନର ପାଇଲଟ ଅଭିନନ୍ଦନ ବର୍ଥମାନଙ୍କୁ ଗିରଫ କରିଥିବା ପାକିସ୍ତାନ କହିଛି। ପାକିସ୍ତାନ ପକ୍ଷରୁ ଅଭିନନ୍ଦନ ବୋଲି ଦାବି କରାଯାଉଥିବା ଜଣେ ବ୍ୟକ୍ତିଙ୍କ ଭିଡିଓ ମଧ୍ୟ ଜାରି କରାଯାଇଛି। ଇତିମଧ୍ୟରେ କୌଣସି ବଡ଼ଧରଣର ଆକ୍ରମଣକୁ ଏଡାଇବା ଲାଗି ଭାରତର ୯ ଓ ପାକିସ୍ତାନର ୫ଟି ବିମାନବନ୍ଦରରୁ ବିମାନ ଚଳାଚଳ ବନ୍ଦ କରାଯାଇଛି। ପାକିସ୍ତାନ ଉପଉଚ୍ଚାୟୁକ୍ତଙ୍କୁ ଭାରତ ସମନ କରିଥିବାବେଳେ ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ନୂଆଦିଲ୍ଲୀକୁ ଆଲୋଚନା ପାଇଁ ପୁଣି ପ୍ରସ୍ତାବ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ☞ପୃଷ୍ଠା-୨

## ସୀମାନ୍ତରେ ଗମ୍ଭୀର ସ୍ଥିତି

| ପାକିସ୍ତାନର ଦାବି | ଭାରତର ଦାବି |
|---|---|
| ■ ୨ ଭାରତୀୟ ଯୁଦ୍ଧବିମାନ ଖସାଇଲୁ | ■ ପାକିସ୍ତାନର ୨ ହେଲିକପ୍ଟର ଖସାଇଲୁ |

- ■ ଆଇଏଏଫ୍ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନଙ୍କ ଭିଡିଓ ଜାରି କଲା ପାକିସ୍ତାନ
- ■ ପାକିସ୍ତାନ ଉପଉଚ୍ଚାୟୁକ୍ତଙ୍କୁ ନୂଆଦିଲ୍ଲୀର ସମନ
- ■ ଆଲୋଚନା ପାଇଁ ପୁଣି ପ୍ରସ୍ତାବ ଦେଲେ ଇମ୍ରାନ
- ■ ଭାରତର ୯, ପାକିସ୍ତାନର ୫ ବିମାନବନ୍ଦରରୁ ବିମାନ ଚଳାଚଳ ବନ୍ଦ
- ■ ସ୍ଥିତି ସମୀକ୍ଷା କଲେ ମୋଦି, ରାଜନାଥ, ଗୋଇନ୍ଦା ମୁଖ୍ୟ



ପାକିସ୍ତାନ ସେନା କବ୍‌ଜାରେ ଥିବା ଭାରତୀୟ ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନ।

## ଖସିପଡ଼ିଲା ଆଇଏଏଫ୍ ହେଲିକପ୍ଟର: ୬ ମୃତ



ଶ୍ରୀନଗର, ୨୭।୨(ପି.ଟି.) ଜମ୍ମୁ-କଶ୍ମୀରର ବଡ଼ଗାମ୍ ଜିଲାରେ ଭାରତୀୟ ବାୟୁସେନା (ଆଇଏଏଫ୍)ର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ସାଧାରଣ ନାଗରିକଙ୍କ ସମେତ ୬ ନିହତ ହୋଇଥିବା ଜଣାପଡ଼ିଛି। ଆଇଏଏଫ୍ ହେଲିକପ୍ଟର ବୁଧବାର ପୂର୍ବାହ୍ନ ୧୦ଟା ୫ ମିନିଟରେ ବଡ଼ଗାମ୍‌ର ଗରେଣ୍ଡ କଲାନ୍ ଗ୍ରାମ ☞ପୃଷ୍ଠା-୨

# ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲକୁ ଖଣ୍ଡନ କଲା ବୋର୍ଡ

**କଟକ ଅଫିସ/ ବଲାଙ୍ଗୀର ଅଫିସ/ ସଇଁତଲା, ୨୭।୨(ଡି.ଏନ୍.ଏ.)**

### ମାଟ୍ରିକ ପରୀକ୍ଷା: ତୃତୀୟ ଭାଷାରେ ୧୦୦ ମାଲ୍‌ପ୍ରାକ୍ଟିସ

ଚଳିତ ମାଟ୍ରିକ ପରୀକ୍ଷା ଆରମ୍ଭରୁ ପ୍ରଶ୍ନପତ୍ର ଭାଇରାଲକୁ ନେଇ ଚର୍ଚ୍ଚାକୁ ଆସିଛି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)। ପ୍ରଥମ ଓ ଦ୍ୱିତୀୟ ଦିବସ ଭଳି ବୁଧବାର ଶେଷ ହୋଇଥିବା ତୃତୀୟ ଭାଷା (ହିନ୍ଦୀ) ପରୀକ୍ଷାରେ ମଧ୍ୟ ପ୍ରଶ୍ନପତ୍ର ଭାଇରାଲ ହୋଇଛି ବୋଲି ଚର୍ଚ୍ଚା ହୋଇଛି। ପରୀକ୍ଷା ଆରମ୍ଭ ହେବାର କିଛି ମିନିଟ୍ ପରେ ହିନ୍ଦୀ ପ୍ରଶ୍ନପତ୍ର ସହ କିଛି ହାତ ଲେଖା ସୋସିଆଲ ମିଡ଼ିଆରେ ଘୂରି ବୁଲିଥିଲା। ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ସଇଁତଲା ଅଞ୍ଚଳର କୌଣସି ଏକ ପରୀକ୍ଷା କେନ୍ଦ୍ରରୁ ଏହି ପ୍ରଶ୍ନପତ୍ର ଫଟୋ ଭାଇରାଲ ହୋଇଥିବା ଶୁଣିବାକୁ ମିଳିଥିଲା। ଏହା ଜଣାପଡିବା ପରେ ବୋର୍ଡ ପକ୍ଷରୁ ତୁରନ୍ତ ଖୋଳତାଡ଼ ଆରମ୍ଭ ହୋଇଥିଲା। କୌଣସି ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲ ହୋଇ ନ ଥିବା ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବା ପ୍ରଶ୍ନପତ୍ରକୁ ଯାଞ୍ଚ ପରେ ତାହା ପୂର୍ବ ବର୍ଷର ହୋଇଥିବା ଜଣାପଡିଛି। ପରୀକ୍ଷା ପରିଚାଳନା ସୁଚାରୁ ରୂପେ କରିବା ପାଇଁ ଚେଷ୍ଟା ଚାଲିଥିବାବେଳେ କେହି ବ୍ୟକ୍ତି ଏଭଳି ମିଛ ଖବର ପ୍ରଚାର କରି ଅଯଥା ବିଭ୍ରାନ୍ତ କରୁଛନ୍ତି ବୋଲି ଡ. ବେଗମ କହିଛନ୍ତି। ସେହିଭଳି ପ୍ରଶ୍ନପତ୍ର ଭାଇରାଲ୍ ଚର୍ଚ୍ଚା ହେବା ପରେ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କ ନେତୃତ୍ୱରେ ଏକ ତଦନ୍ତ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଯାଞ୍ଚ କରିଥିଲା। ପରେ ବଲାଙ୍ଗୀର ଜିଲାରୁ ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଉକ୍ତ ଘଟଣାର ସତ୍ୟତା ନ ଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ଏହି ତୃତୀୟ ଭାଷା ପରୀକ୍ଷାରେ କପି କରି ମୋଟ ୧୦୦ଜଣ ମାଲ୍‌ପ୍ରାକ୍ଟିସ ହୋଇଛନ୍ତି। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୯୨ଜଣ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ୮ଜଣ ଧରାପଡି ମାଲପ୍ରାକ୍ଟିସ ହୋଇଥିବା ଡ. ବେଗମ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରଥମ ଦିନ ଅନୁଷ୍ଠିତ ପ୍ରଥମ ଭାଷା (ଓଡ଼ିଆ) ପରୀକ୍ଷାର ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିଲା। ଏହି ଘଟଣାରେ ୧୧ଜଣଙ୍କୁ ନିଲମ୍ବିତ କରାଯାଇଥିବାବେଳେ ୭ଜଣଙ୍କୁ ଗିରଫ କରାଯାଇଥିଲା। ଏହାପରେ ଦ୍ୱିତୀୟ ଦିନର ଇଂଲିଶ ☞ପୃଷ୍ଠା-୨

## ■ ଝାରସୁଗୁଡ଼ା ଭିଏସ୍‌ଏସ୍ ବିମାନ ବନ୍ଦର

# ମାର୍ଚ୍ଚ ୩୧ରୁ ଉଡ଼ିବ ସ୍ପାଇସ୍‌ଜେଟ୍

ଝାରସୁଗୁଡ଼ା ଅଫିସ,୨୭।୨

- ■ ଟିକେଟ ବୁକିଂ ଆରମ୍ଭ
- ■ ୩ ମେଟ୍ରୋ ସହରକୁ ବିମାନ ସେବା
- ■ ଭୁବନେଶ୍ୱର, ମୁମ୍ବାଇ, ରାୟପୁରକୁ ବି ଉଡ଼ିବ

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ଦେଶର ୩ ମେଟ୍ରୋ ସହରକୁ ମାର୍ଚ୍ଚ ୩୧ରୁ ବିମାନ ସେବା ଆରମ୍ଭ ହେବ। ସ୍ପାଇସ୍‌ଜେଟ୍ ବିମାନ ସଂସ୍ଥା ଭିଏସ୍‌ଏସ୍ ଏୟାରପୋର୍ଟରୁ ନୂଆଦିଲ୍ଲୀ, ହାଇଦ୍ରାବାଦ ଏବଂ କୋଲକାତାକୁ ବିମାନ ଚଳାଚଳ ଆରମ୍ଭ କରିବ ବୋଲି ବୁଧବାର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ବୁଧବାରଠାରୁ ଏହି ୩ ସହରକୁ ଟିକେଟ ବୁକିଂ ଆରମ୍ଭ ହୋଇଥିବାବେଳେ ବିମାନ ଚଳାଚଳର ସମୟସୂଚୀ ଘୋଷଣା କରାଯାଇଛି।

ବୁଧବାର ନୂଆଦିଲ୍ଲୀର କନଷ୍ଟିଚ୍ୟୁଶନ୍ କ୍ଲବ୍‌ରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏଥିରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିହ୍ନା ଏବଂ ସ୍ପାଇସ୍‌ଜେଟ୍ ଅଧ୍ୟକ୍ଷ ଅଜୟ ସିହ୍ନା ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସୂଚନା ଦେଇ କହିଲେ, ଉଡାନ୍-୩ ଅଧୀନରେ କୋଲକାତା, ହାଇଦ୍ରାବାଦ ଏବଂ ନୂଆଦିଲ୍ଲୀକୁ ବିମାନ ଚଳାଚଳ ପାଇଁ ସ୍ପାଇସ୍‌ଜେଟ୍ ମନୋନୀତ ହୋଇଥିଲା। ଫେବୃୟାରୀ ୯ରେ କମ୍ପାନୀର ୮ଜଣିଆ ପ୍ରତିନିଧି ଦଳ ଭିଏସ୍‌ଏସ୍ ଏୟାରପୋର୍ଟ ଗସ୍ତ କରି ରିପୋର୍ଟ ସଂଗ୍ରହ କରିଥିଲେ। ସେହି ରିପୋର୍ଟ ଆଧାରରେ ମାର୍ଚ୍ଚ ୩୧ରୁ ସ୍ପାଇସ୍‌ଜେଟ୍ ବିମାନସେବା ଆରମ୍ଭ କରିବ। ଆଗକୁ ମୁମ୍ବାଇ, ଭୁବନେଶ୍ୱର ଓ ରାୟପୁରକୁ ଝାରସୁଗୁଡ଼ାରୁ ବିମାନ ଉଡ଼ିବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ।

ଏହି ୩ ରୁଟ୍ ପାଇଁ କମ୍ପାନୀର ୬ ବିମାନ ପ୍ରସ୍ତୁତ ରହିବ। ବିମାନ ଚଳାଚଳ ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

ଉପକାରୀ ଉଇ

### ଆଜିର ମନ୍ତବ୍ୟ

" ବାୟୁସେନା ପାଇଲଟ ଅଭିନନ୍ଦନଙ୍କୁ ଛାଡିବା ପାଇଁ ପାକିସ୍ତାନ ଜେନେଭା ଚୁକ୍ତି ଅନୁସରଣ କରିବା ଜରୁରୀ।

**-ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ**

### କିଛି ତଥ୍ୟ

ଚଳିତ ବର୍ଷ ଜାନୁୟାରୀ ମାସରେ ଘରୋଇ ବଜାରରେ ୯.୧୮ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ହୋଇଛି।

**- ୱାର୍ଲଡ ଷ୍ଟିଲ ଆସୋସିଏସନ**

NECC NATIONAL EGG CO-ORDINATION COMMITTEE 27.02.2019 Venkob CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 79 | 131 | 141 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers





କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ


## ଜନ୍ମଦିନର ଶୁଭେଚ୍ଛା

ନାମ: .....................................
ବୟସ:.....................................
ଜନ୍ମ ତାରିଖ: ..............................


ଅର୍ପିତା
ପରିବାରବର୍ଗ


ପ୍ରିୟଦର୍ଶନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




## SALE

L&T Pc 71 Komatsu show room condition, 2009 Dec (Mo): 7978887806. D-11293




## SALE

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Plot on lowest budget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65838

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Mahanadi Vihar residential Plot (48X90) Clear Title. Buyers Contact 07977924258. D-63215

C V Raman College ପାଖରେ 2000 sqft. yellowzone plot ବିକ୍ରିହେବ। Contact: 9937910363. D-65614

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65837

ମେଣ୍ଡାଶାଳ ନିକଟ ହରିଡାମଡା ମଉଜାରେ ୭$^{1/2}$ ଏକର ଚାଷ ଜମି ବିକ୍ରିହେବ: 9437628906. D-65841

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350




Single room with toilet (20'X15') at Mahadev Nagar main road Jharpada for office/ bachelors. Rent Rs.- 5000/-. Contact: 9668644665. D-11316




Newly opening ayurvedic full body massage. 7077444583. D-11285

### ଜନ୍ମଦିନ ଶୁଭେଚ୍ଛା





**ସତ୍ୟଜିତ୍ (ମହାବୀର)**
ରାମେଶ୍ୱରପାଟଣା, ଓଲଡ୍‌ଟାଉନ୍
ଆଜି ତୋର ଚତୁର୍ଥତମ ଜନ୍ମଦିନ ଅବସରରେ ଆମ୍ଭେ ପ୍ରଭୁ ଶ୍ରୀଲିଙ୍ଗରାଜ ଓ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେବା ସଙ୍ଗେ ସଙ୍ଗେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ମଙ୍ଗଳମୟ ହେଉ। ଶୁଭେଚ୍ଛା ସହ: ମାଆ, ଆଈ, ମାମୁଁ, ମାଇଁ, ମଉସା, ମାଉସୀ, ରୋଶନ, ରୋସ୍ନି, ଲିକି, ଦୀପୁ, ତପୁ, ପ୍ରାଚୀ, ଗୁଗୁ, ଲୁସି, ରିଣ୍ଟୁ, ଚିଣ୍ଟୁ।
ଧ-୧୧୨୯୧

### ବିବାହ ବାର୍ଷିକୀ ଶୁଭେଚ୍ଛା



**Dr. Mahesh Prasad Rout**
&
**Mrs. Geeta Rout**
Date: 20.02.1979
ବିବାହ ବାର୍ଷିକର ୪୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟମାନଙ୍କ ପକ୍ଷରୁ ଶୁଭେଚ୍ଛା। ଧ-୧୧୩୯୯

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତା ସୁମା ବେହେରା**
ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ୱାମୀ-ବାସୁଦେବ ବେହେରା, ପୁତ୍ର-ଦୁର୍ଯ୍ୟୋଧନ, ନିତ୍ୟାନନ୍ଦ, ପ୍ରଭାତ, ସୁମନ୍ତ, ଝିଅ-ବୀଣା, ଚାଇନା, ନାତିନାତୁଣୀ-କାହ୍ନା, ମୁନା, ଶୁଭଲକ୍ଷ୍ମୀ, ଆତ୍ମୀୟସ୍ୱଜନ ଓ ବନ୍ଧୁପରିଜନ।
ଧ-୬୦୦୦୩

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ରଥ**
ଆବିର୍ଭାବ: ୧୬।୦୭।୧୯୪୯
ତିରୋଧାନ: ୧୯।୦୨।୨୦୧୯
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଲକି, ବେବି, ବୁବୁ, ଗୁଗୁଲି, ବୁନୁ, ସାନୁ, ହାପି, ବାପି, ଟିଟୁନ୍, ତୁତୁଲ, ରେନି।
ଧ-୬୩୭୬୦

### ଦଶାହ ଉପଲକ୍ଷେ



**୰ ସତ୍ୟଭାମା ମାଝୀ**
ଖରାଖିଆ ବୈଦ୍ୟନାଥ ଲେନ୍, ପୁରୁଣା ଭୁବନେଶ୍ୱର
ଆବିର୍ଭାବ : ୦୧.୦୮.୬୨
ତିରୋଧାନ : ୧୯.୦୨.୧୯
ବୋଉ, ଆମେ କେବେ ବି ଭାବି ନଥିଲୁ ତୁ ଆମମାନଙ୍କୁ ଛାଡ଼ି ଚାଲିଯିବୁ ବୋଲି। କିଛି ଦିନ ପରେ ଲୁହ ଶୁଖିଯିବ, ସିନା ହେଲେ ତୁ ଦେଇଥିବା ସ୍ନେହ, ଭଲପାଇବା ଓ ତୋର ସେଇ ନିଷ୍ପାପରତା ଆମମାନଙ୍କ ପାଖରେ ସେଇମିତି ଚିରଦିନ ପାଇଁ ସାଇତା ହୋଇ ରହିଥିବ। ତୋ ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମମାନଙ୍କ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ : ପୁଅ-ସଞ୍ଜୟ, ବୋହୂ - ସୋନୁ, ନାନା - ଦାଶରଥି ମାଝୀ, ଝିଅ - ଡଲି, ଟିକି, ମିଲୁ, ସିଲୁ, ଜ୍ୱାଇଁ - ରାଜ, ପରେଶ, ବିଶ୍ୱଜିତ୍, ସମ୍ପଦ, ନାତି - ଆଦି, ଅଂଶୁ, ଶ୍ଲୋକ, ନାତୁଣୀ - ଦିଶା, ଶିୟା, ଗୁରୁ ଏବଂ ବନ୍ଧୁବର୍ଗ
ଧ-୬୬୧୦୨

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତଃ ସଦାନନ୍ଦ ରାଉତ**
ଚଢ଼େଇଗୁଆଁ ପଟଣା, ଜି-କେନ୍ଦ୍ରାପଡ଼ା
ପୂର୍ବତନ ଶିକ୍ଷକ ମାର୍ଶାଘାଇ ହାଇସ୍କୁଲ
ଆବିର୍ଭାବ : ୧୫.୧୧.୧୯୩୦
ତିରୋଧାନ : ୦୯.୦୨.୨୦୧୮
ଆଜି ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମୃତ ଦୃଷ୍ଟି ଆମ ଉପରେ ସଦାବେଳେ ରହିଥାଉ।
ଶୋକସନ୍ତପ୍ତ ପରିବାରବର୍ଗ :
ପତ୍ନୀ-ଖୁଲଣା, ପୁଅ ବୋହୂ : ନିଳାଦ୍ରୀ-ସୀମନ୍ତିନୀ, ହିମାଦ୍ରୀ-ଶର୍ମିଷ୍ଠା, ଝିଅ ଜ୍ୱାଇଁ : ଜ୍ୟୋତ୍ସ୍ନା-ଗୋକୁଳି, ଅନୁପମା-ଶିବ, ଝିଅ : ଅନ୍ନପୂର୍ଣ୍ଣା, ଭଣଜା : ଆଦିକନ୍ଦ, ପୁତୁରା-ଝିଆରୀ ଓ ନାତି ନାତୁଣୀମାନେ। ଧ-୧୧୪୦୦


# ସତତ ଯୋଜନାରେ ୧୦୦ତମ ଏଲ୍‌ଓଆଇ ବାଣ୍ଟିଲେ ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୨୭।୨**

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଏଠାରେ 'ସତତ' ଯୋଜନାରେ କମ୍ପ୍ରେସଡ ବାୟୋ ଗ୍ୟାସ୍(ସିବିଜି) ଉଦ୍ୟୋଗୀଙ୍କୁ ୧୦୦ତମ ଲେଟର ଅଫ୍ ଇଣ୍ଟେଣ୍ଟ(ଏଲ୍‌ଓଆଇ) ପ୍ରଦାନ କରିଛନ୍ତି। ସୂଚନାଥାଉ କି, 'ସତତ' ଏକ ଯୋଜନା, ଯାହା ମାଧ୍ୟମରେ ନିରନ୍ତର ବୈକଳ୍ପିକ ପରିବହନ ବ୍ୟବସ୍ଥା ଆପଣାଇବାକୁ ପ୍ରୋତ୍ସାହିତ କରାଯିବ। ଯାହାଦ୍ୱାରା ଉଭୟ ଚାଷୀ ଓ ଉଦ୍ୟୋଗୀ ଲାଭାନ୍ୱିତ ହେବେ।

### ବିଜୁ ଯୁବ ବାହିନୀକୁ ମୋବାଇଲ ବାଣ୍ଟିବା ପ୍ରସଙ୍ଗ

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଭାଜପା

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

ପ୍ରତି ବ୍ଲକରେ ୫ହଜାର ମୋବାଇଲ୍ ଫୋନ ବାଣ୍ଟିବା ପାଇଁ ଶାସକ ଦଳ ଯୋଜନା କରିଛି। ଜିଲା ଏବଂ ବ୍ଲକର ପ୍ରଶାସନିକ ଅଧିକାରୀମାନେ ଏହି ମୋବାଇଲ ଫୋନ୍ ବଣ୍ଟାକୁ ଏକ ସରକାରୀ ଯୋଜନା ଭଳି ମନିଟର କରୁଛନ୍ତି । ହେଲେ ଆଶ୍ଚର୍ଯ୍ୟର କଥା ଏନେଇ କୌଣସି ଟେଣ୍ଡର ହୋଇନାହିଁ କି ବଜେଟ ବ୍ୟବସ୍ଥା ନାହିଁ। ପ୍ରାୟ ୭୫୦ କୋଟି ଟଙ୍କା ବ୍ୟୟରେ ୨୦ ଲକ୍ଷ ମୋବାଇଲ୍ ହ୍ୟାଣ୍ଡସେଟ ବାଣ୍ଟିବାକୁ ମସୁଧା ଚାଲିଛି ବୋଲି ଭାଜପା ଅଭିଯୋଗ କରିଛି। ବିନା ସରକାରୀ ନିଷ୍ପତ୍ତିରେ କାହିଁକି ଏତେ ମୋବାଇଲ ବଣ୍ଟାଯାଉଛି ଓ ସମ୍ପୃକ୍ତ ଘରୋଇ କମ୍ପାନୀମାନେ କାହିଁକି ଏଥିପାଇଁ ଅର୍ଥ ଖର୍ଚ୍ଚ କରୁଛନ୍ତି ବୋଲି ଭାଜପା ପ୍ରଶ୍ନ ଉଠାଇଛି । ଏଥିରୁ ଏକ ବୃହତ୍ ଆର୍ଥିକ ଅନିୟମିତତାର ଗନ୍ଧ ବାହାରୁଛି। ଏନେଇ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ବୁଧବାର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ତଥ୍ୟ ପ୍ରମାଣ ଦେଇ ଘଟଣାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

# ପାକିସ୍ତାନ କବ୍‌ଜାରେ ...

ରାଜନାଥ ସିଂ ଦେଶର ଗୋଇନ୍ଦା ସଂସ୍ଥାଗୁଡ଼ିକର ମୁଖ୍ୟଙ୍କ ସହ ଜରୁରୀ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି।

ଜମ୍ମୁ-କଶ୍ମୀରର ପୁଲଓ୍ୱାମାସ୍ଥିତ ଲେଥ୍‌ପୋରାରେ ଗତ ୧୪ ତାରିଖରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ସୁରକ୍ଷା ବଳକୁ ଆକ୍ରମଣ କରିଥିଲା। ଆତ୍ମଘାତୀ ବିସ୍ଫୋରଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଏହାର ୧୨ ଦିନ ପରେ ମଙ୍ଗଳବାର ଭାରତୀୟ ବାୟୁସେନାର ୧୨ଟି ମିରାଜ-୨୦୦୦ ଯୁଦ୍ଧବିମାନ ଏଲ୍‌ଓସି ଅତିକ୍ରମ କରି ପାକିସ୍ତାନର ବାଲାକୋଟରେ ଆତଙ୍କବାଦୀଙ୍କ ତାଲିମ ଶିବିର ଉପରେ ୧୦୦୦ କେ.ଜି. ବୋମା ପକାଇଥିବା କେନ୍ଦ୍ର ସରକାର ଦାବି କଲେ। ଏହି ପ୍ରାୟୋଜିତ ବେସାମରିକ କାର୍ଯ୍ୟାନୁଷ୍ଠାନରେ ୩୫୦ ଆତଙ୍କବାଦୀ ନିହତ ହୋଇଥିବା ଭାରତ ପକ୍ଷରୁ କୁହାଯାଉଥିବାବେଳେ ପାକିସ୍ତାନ ଏହାକୁ ଖଣ୍ଡନ କରୁଛି। ତେବେ ଆଇଏଏଫ୍ ପାକିସ୍ତାନ ଭିତରକୁ ଯାଇ କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ପଡ଼ୋଶୀ ଦେଶର ବାୟୁସେନା ମଧ୍ୟ ବୁଧବାର ଭାରତର କେତେକ ସେନା ଘାଟିକୁ ଟାର୍ଗେଟ କରିଥିବା କୁହାଯାଉଛି। ଅନ୍ୟପକ୍ଷରେ ପାକିସ୍ତାନ ବୁଧବାର ଦାବି କରିଛି ଯେ, ଆଇଏଏଫ୍‌ର ଦୁଇଟି ବିମାନକୁ ସେଠାକାର ସେନା ଗୁଳିକରି ଖସାଇ ଦେଇଛି। ତହିଁରୁ ଗୋଟିଏ ବିମାନ ଭାରତ ପଟେ ପଡ଼ିଥିବାବେଳେ ଅନ୍ୟଟି ପାକିସ୍ତାନ ପଟେ ପଡ଼ିଥିଲା। ପାକିସ୍ତାନ ପଟେ ପଡ଼ିଥିବା ବିମାନର ପାଇଲଟ କମାଣ୍ଡର ଅଭିନନ୍ଦନଙ୍କ ମୁହଁରେ ପଟି ବନ୍ଧାଯାଇଥିବା ଏକ ୪୬ ମିନିଟର ଭିଡିଓ ଜାରି କରାଯାଇଛି। ଉକ୍ତ ଭିଡିଓରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେଠାକାର ସେନା ଅଧିକାରୀମାନ ଜେରା କରୁଛନ୍ତି। ସେ ନିଜକୁ କମାଣ୍ଡର ଅଭିନନ୍ଦନ ବୋଲି ପରିଚୟ ଦେଉଛନ୍ତି। ପାକିସ୍ତାନୀ ସେନା ମୁଖପାତ୍ର ମେଜର ଜେନେରାଲ ଆସିଫ୍ ଗଫୁର ଏକ ଖବରଦାତା ସମ୍ମିଳନୀରେ ଏହି ଭିଡିଓ ଜାରି କରିଛନ୍ତି। ଗଫୁର କହିଛନ୍ତି, ପାକିସ୍ତାନ ଏକ ଦାୟିତ୍ୱହୀନ ରାଷ୍ଟ୍ର ନୁହେଁ। ଆମ ସଶସ୍ତ୍ର ବଳ ଆତ୍ମରକ୍ଷା ପାଇଁ ସମର୍ଥ। ଯୁଦ୍ଧ ପାଇଁ ନୁହେଁ, ବରଂ ଆମେ ଜବାବ ଦେଇପାରୁ ବୋଲି ଜଣାଇବା ଲାଗି ଭାରତ ଭିତରକୁ ଆମ ବିମାନ ପଠାଯାଇଥିଲା। ତେବେ ଭାରତର କୌଣସି ସ୍ଥାନକୁ ଆମେ ଟାର୍ଗେଟ କରିନାହୁଁ। ଅନ୍ୟପକ୍ଷରେ ପାକିସ୍ତାନର ଦାବିକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଖଣ୍ଡନ କରିଛି। ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି, ପାକିସ୍ତାନୀ ବାୟୁସେନା ଭାରତର କେତୋଟି ସେନା ଘାଟିକୁ ଆକ୍ରମଣ ଉଦ୍ୟମ କରିଥିଲା। ଭାରତୀୟ ବାୟୁସେନାର ସଜାଗ ପାଇଲଟମାନେ ଏହାର କଡ଼ା ଜବାବ ଦେଇ ଉଦ୍ୟମକୁ ପଣ୍ଡ କରିଛନ୍ତି। ପାକିସ୍ତାନୀ ବାୟୁସେନାର ଏକ ଯୁଦ୍ଧବିମାନକୁ ଆଇଏଏଫ୍‌ର ମିଗ୍ ୨୧ ଗୁଳିକରି ଖସାଇଛି। ଏହି କାର୍ଯ୍ୟାନୁଷ୍ଠାନ ବେଳେ ଭାରତର ଏକ ମିଗ୍ ଫାଇଟର ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଛି ଏବଂ ଜଣେ ପାଇଲଟ ନିଖୋଜ ଅଛନ୍ତି। ପାକିସ୍ତାନ ତାଙ୍କୁ ଧରିନେଇଛି ବୋଲି କରୁଥିବା ଦାବିର ସତ୍ୟାସତ୍ୟ ନେଇ ଆମେ ଯାଞ୍ଚ କରୁଛୁ ବୋଲି ରବୀଶ କହିଛନ୍ତି। ଏହାର କିଛି ସମୟ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଏକ ଟିଭି ସିଧାପ୍ରସାରଣରେ ଭାରତକୁ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି। ଇମ୍ରାନ୍ କହିଛନ୍ତି, ଦୁଇ ଆଣବିକ ଅସ୍ତ୍ରସମ୍ପନ୍ନ ପଡ଼ୋଶୀ ମଧ୍ୟରେ ଆଲୋଚନା ଜରିଆରେ ସମସ୍ୟାର ସମାଧାନ ସମ୍ଭବ। ଆମେ ଯୁଦ୍ଧ ଚାହୁଁନାହୁଁ। ବର୍ତ୍ତମାନର ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇ ଆଗକୁ ଥରେ ଯୁଦ୍ଧ ଆରମ୍ଭ ହେଲେ ତାହା ମୋ ନିୟନ୍ତ୍ରଣରେ ରହିବ ନାହିଁ କି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ତାକୁ ଆୟତ୍ତ କରିପାରିବେ ନାହିଁ। ତୁମ ଓ ଆମ ପାଖରେ ଥିବା ଅସ୍ତ୍ରଶସ୍ତ୍ରରେ ଆମେ ପରସ୍ପରକୁ ଟାର୍ଗେଟ କରି ସହ୍ୟ କରିପାରିବା କି? ଆସନ୍ତୁ ଆଲୋଚନା ମାଧ୍ୟମରେ ସମାଧାନ କରିବା। ବାୟୁସୀମା ଡେଇଁ ପାକିସ୍ତାନ ପଟକୁ ଭାରତର ୨ ବିମାନକୁ ଖସାଇ ଦିଆଯାଇଛି। ତୁମେ ଯଦି ଆମ ପଟକୁ ଆସିପାରିବ ଆମେ ମଧ୍ୟ ଅନୁରୂପ ପଦକ୍ଷେପ ନେଇପାରିବୁ ବୋଲି ଜଣାଇବା ହେଉଛି ଆମର ଉଦ୍ଦେଶ୍ୟ। ଏପରି କହି ଇମ୍ରାନ୍ ଖାନ୍ ଉତ୍ତେଜନା ହ୍ରାସ କରିବାକୁ ଉଦ୍ୟମ କରିଛନ୍ତି। ପାକିସ୍ତାନୀ ବାୟୁସେନା ବାୟୁସୀମା ଉଲ୍ଲଂଘନ କରିଥିବା ଦର୍ଶାଇ ନୂଆଦିଲ୍ଲୀରେ ଅବସ୍ଥାପିତ ସେଠାକାର ଉପଉଚ୍ଚାୟୁକ୍ତ ସୟଦ୍ ହାଇଦର ଶାହଙ୍କୁ ସାଉଥ୍ ବ୍ଲକ୍ ସମନ କରିଛି। ଦୁଇପଟେ ଉତ୍ତେଜନା ଲାଗିରହିଥିବାବେଳେ କୌଣସି ପ୍ରକାର ଆକ୍ରମଣ ଏଡାଇବା ଲାଗି ଭାରତ ପକ୍ଷରୁ ଅନେକ ବିମାନବନ୍ଦରରେ ବିମାନ ଚଳାଚଳ ବନ୍ଦ କରିଦିଆଯାଇଛି। ନୂଆଦିଲ୍ଲୀ, ଶ୍ରୀନଗର, ଜମ୍ମୁ, ଅମୃତସର, ଡେରାଡୁନ, ଚଣ୍ଡିଗଡ଼, ଶିମ୍‌ଲା, ଲେହ, ପଠାନ୍‌କୋଟ୍ ଓ ପିଥୋରାଗଡ଼ରେ ବିମାନ ଚଳାଚଳ ବନ୍ଦ ଥିବାବେଳେ ପରେ କେତୋଟି ସ୍ଥାନରେ ସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ସେହିପରି ପାକିସ୍ତାନର ଇସ୍‌ଲାମାବାଦ, ଲାହୋର, ଫୈସଲାବାଦ, ମୁଲତାନ୍ ଓ ସିଆଲକୋଟରେ ମଧ୍ୟ ବିମାନଚଳାଚଳ ବନ୍ଦ କରାଯାଇଛି।

# ସାମ୍ନାକୁ ଆସିଲା ୨୦ ...

ରିୟଲ ଇଷ୍ଟେଟ କ୍ଷେତ୍ରରେ ଜିଏସ୍‌ଟି ହାର ହ୍ରାସ ପାଇବା ପରେ ଏ ଦିଗରେ ଉପୁଜି ହୋଇଥିବା ସମସ୍ୟାଗୁଡ଼ିକୁ ବୁଝିବା ଲାଗି ଏ କ୍ଷେତ୍ରର ପ୍ରତିନିଧିଙ୍କ ସହ ଏକ ବୈଠକର ଆୟୋଜନ କରାଯାଇଛି। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ରିୟଲିଟି ସେକ୍ଟରରେ ଜିଏସ୍‌ଟି ହ୍ରାସ କରାଯାଇଛି। ଯୋଶେଫ କହିଛନ୍ତି ଯେ, ୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲରୁ ଫେବୃୟାରୀ ମଧ୍ୟରେ ଉକ୍ତ ଜିଏସ୍‌ଟି ଫାଙ୍କି ଧରାପଡ଼ିଛି। ତନ୍ମଧ୍ୟରୁ ପ୍ରାୟ ୧୦ ହଜାର କୋଟି ଟଙ୍କା ଆଦାୟ ହୋଇପାରିଛି। ସେ କହିଛନ୍ତି ଯେ, ଟିକସ ଅଧିକାରୀମାନେ ମଙ୍ଗଳବାର ୧୫୦୦ କୋଟି ଟଙ୍କା ଜାଲ୍ ଇନ୍‌ଭଏସ ଧରିଛନ୍ତି। ଏହା ମାଧ୍ୟମରେ ୭୫ କୋଟି ଟଙ୍କା ବେନିୟମଭାବେ ଜିଏସ୍‌ଟି କ୍ରେଡିଟ ନିଆଯାଇସାରିଛି। ଏ କ୍ଷେତ୍ରରେ ଆୟକର ବିଭାଗ ୨୫ କୋଟି ଟଙ୍କା ଆଦାୟ କରିପାରିଛି ଏବଂ ଅବଶିଷ୍ଟ ଖୁବଶୀଘ୍ର ଆଦାୟ ହୋଇପାରିବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ମାତ୍ର ୫ରୁ ୧୦ ପ୍ରତିଶତ ବ୍ୟବସାୟୀ କଳା କାରବାର କରୁଛନ୍ତି। ସେମାନଙ୍କ ପାଇଁ ଅନ୍ୟ ସମସ୍ତ ବ୍ୟବସାୟୀ ବଦ୍‌ନାମ ହେଉଛନ୍ତି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ତାଙ୍କର କହିବାନୁଯାୟୀ, ୨୦୧୭ ଜୁଲାଇ ପହିଲାରୁ ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ସରକାରଙ୍କ ଉଦ୍ୟମ ଜୋରଦାର ହେଉଥିବାରୁ ଏବେ ସୁଦ୍ଧା ୧.୨ କୋଟି ବ୍ୟବସାୟୀ ନିଜକୁ ପଞ୍ଜୀକୃତ କରିସାରିଛନ୍ତି। ରାଜସ୍ୱ ଆଦାୟ ବଢ଼ିଲେ ଜିଏସ୍‌ଟି ହାର ଏକୀକରଣ ନେଇ ସରକାର ଚିନ୍ତା କରିବେ ବୋଲି ଯୋଶେଫ ପ୍ରକାଶ କରିଛନ୍ତି।

# ହିନ୍ଦୀ ପ୍ରଶ୍ନପତ୍ର ଭାଇରାଲକୁ ...

ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିବା ଚର୍ଚ୍ଚା ହୋଇଥିଲା। ଏହାକୁ ବୋର୍ଡ ପକ୍ଷରୁ ଅସ୍ୱୀକାର କରାଯିବା ସହ ଭାଇରାଲ ପ୍ରଶ୍ନପତ୍ର ମୂଳ ପ୍ରଶ୍ନପତ୍ର ସହ ମେଳ ଖାଉ ନ ଥିବା କୁହାଯାଇଥିଲା। ତେବେ ଏହାସତ୍ତ୍ୱେ ରାଜ୍ୟର କେତେକ ପରୀକ୍ଷା କେନ୍ଦ୍ରରେ ଖୋଲାଖୋଲି କପି ହେଉଥିବା ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ବୋର୍ଡ ପକ୍ଷରୁ ଯାଞ୍ଚ ପରେ ପଦକ୍ଷେପ ପାଇଁ ନିଷ୍ପତ୍ତି ହୋଇଛି।

# ମାର୍ଚ୍ଚ ୩୧ରୁ ଉଡ଼ିବ...

ପାଇଁ ସମୟ ନିର୍ଘଣ୍ଟ ମଧ୍ୟ ସ୍ଥିର ହୋଇଛି। ଅପରାହ୍ନ ୧ଟା ୧୫ରେ ନୂଆଦିଲ୍ଲୀରୁ ବିମାନ ବାହାରି ଅପରାହ୍ନ ୩ଟା ୧୦ରେ ଝାରସୁଗୁଡ଼ାରେ ପହଞ୍ଚିବ। ସେହିପରି ଅନ୍ୟ ଏକ ବିମାନ ଅପରାହ୍ନ ୩ଟା ୪୦ରେ ଝାରସୁଗୁଡ଼ାରୁ ବାହାରି ସନ୍ଧ୍ୟା ୫ଟା ୩୦ରେ ନୂଆଦିଲ୍ଲୀରେ ପହଞ୍ଚିବ। ହାଇଦ୍ରାବାଦ ଯିବା ପାଇଁ ଝାରସୁଗୁଡ଼ାରୁ ସ୍ପାଇସ୍‌ଜେଟ୍ ବିମାନ ଅପରାହ୍ନ ୪ଟାରେ ବାହାରି ସନ୍ଧ୍ୟା ୬ରେ ସେଠାରେ ପହଞ୍ଚିବ। ଅନ୍ୟ ଏକ ବିମାନ ହାଇଦ୍ରାବାଦରୁ ସନ୍ଧ୍ୟା ୬ଟା ୩୦ରେ ବାହାରି ରାତି ୮ଟା ୨୦ରେ ଝାରସୁଗୁଡ଼ାରେ ଅବତରଣ କରିବ। ରାତି ୮ଟା ୪୦ରେ ଏକ ବିମାନ ଝାରସୁଗୁଡ଼ାରୁ ବାହାରି ୧୦ଟାରେ କୋଲକାତାରେ ପହଞ୍ଚିବ। ଅନ୍ୟ ଏକ ବିମାନ ଅପରାହ୍ନ ୨ଟା ୨୫ରେ ବାହାରି ୩ଟା ୫୦ରେ ଝାରସୁଗୁଡ଼ା ପହଞ୍ଚିବ ବୋଲି ସ୍ପାଇସ୍‌ଜେଟ୍ ଅଧ୍ୟକ୍ଷ ସିହ୍ନା ସୂଚନା ଦେଇଛନ୍ତି। ଝାରସୁଗୁଡ଼ାକୁ ଦେଶର ପ୍ରମୁଖ ସହର ସହ ଏହି ବିମାନ ସେବା ଦ୍ୱାରା ପଶ୍ଚିମ ଓଡ଼ିଶାର ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ର ସମୃଦ୍ଧ ହେବ ବୋଲି ମତ ପ୍ରକାଶ ପାଇଛି।

# ଖସିପଡ଼ିଲା ଆଇଏଏଫ୍ ...

ନିକଟ ଏକ ପଡ଼ିଆରେ ଖସିପଡ଼ିଥିଲା। ଫଳରେ ୬ ଜଣ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସ୍ଥାନୀୟ ବାସିନ୍ଦା କିଫାୟତ୍ ହୁସେନ ଗନାଇଏଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟ ୫ ଜଣ ଆଇଏଏଫ୍‌ର ବୋଲି ଜଣାପଡ଼ିଛି। ସେମାନଙ୍କ ପରିଚୟ ଚିହ୍ନଟ କରାଯାଉଛି। ଏହା ଏକ ଏମ୍‌ଆଇ-୧୭ ହେଲିକପ୍ଟର ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ପାକିସ୍ତାନୀ ବାୟୁସେନା ଏହାକୁ ଗୁଳିକରି ଖସାଇ ଦେଇଥିବା ଦାବି କରିଛି।

# ରାଜ୍ୟର ୩ ଏନ୍‌ଏଚ୍ ପ୍ରକଳ୍ପ ଲାଗି ୨୦୬୭.୫ କୋଟି

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

- ଆଜି ଭୂମିପୂଜନ କରିବେ ଧର୍ମେନ୍ଦ୍ର ପ୍ରଧାନ
- ୬ ଲେନ୍ ହେବ ଭଦ୍ରକ-ବାଲେଶ୍ୱର, ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ
- ବାଲିକୁଦା, ଶିଖରପୁର, ବଡଚଣାରେ ଭେଇକୁଲାର ଅଣ୍ଡରପାସ

ରାଜ୍ୟର ୩ ଏନ୍‌ଏଚ୍ ପ୍ରକଳ୍ପର ଗୁରୁବାର ଭୂମିପୂଜନ ହେବ। ଏହି ଅବସରରେ ଭୁବନେଶ୍ୱରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ)ର ଅଧିକାରୀ ଉପସ୍ଥିତ ରହିବେ। ଏହି ପ୍ରକଳ୍ପଗୁଡ଼ିକ ଲାଗି ମୋଟ୍ ୨୦୬୭.୫ କୋଟି ବ୍ୟୟ ଯୋଜନା ରହିଛି। ଏହା ମଧ୍ୟରେ ୧୧୯.୫ କିମିର ରାଜପଥ ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟବସ୍ଥା ରହିଥିବା ଏନ୍‌ଏଚ୍‌ଏଆଇର ସିଜିଏମ୍ ରାମ ପ୍ରସାଦ ପଣ୍ଡା ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏନ୍‌ଏଚ୍ ୫(ନୂଆ ଏନ୍ ଏଚ୍୧୬)ର ଭଦ୍ରକ-ବାଲେଶ୍ୱର ସେକ୍ସନ ୬ ଲେନ୍ ବିଶିଷ୍ଟ ରାସ୍ତାରେ ରୂପାନ୍ତରିତ ହେବ। ସେହିଭଳି ଟାଙ୍ଗୀ-ଭୁବନେଶ୍ୱର ସେକ୍ସନ ମଧ୍ୟ ୬ ଲେନ୍ ବିଶିଷ୍ଟ କରାଯିବାକୁ ନିଷ୍ପତ୍ତି ହୋଇଛି। ଭୁବନେଶ୍ୱର ଚଣ୍ଡିଖୋଲ ସେକ୍ସନରେ ୩ଟି ଭେଇକୁଲାର ଅଣ୍ଡରପାସ ନିର୍ମାଣ କରାଯିବ। ଏଗୁଡ଼ିକ କଟକର ବାଲିକୁଦା, ଶିଖରପୁର ଏବଂ ଯାଜପୁରର ବଡଚଣାଠାରେ ନିର୍ମାଣ କରାଯିବ ବୋଲି ପଣ୍ଡା କହିଛନ୍ତି।

ଏନ୍‌ଏଚ୍‌ଏଆଇ ପକ୍ଷରୁ ରାଜ୍ୟରେ ବର୍ତ୍ତମାନ ୧୫୬୦ କିମିର ପ୍ରକଳ୍ପ ହାତକୁ ନିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକର ମୂଲ୍ୟ ୨୩,୬୬୦ କୋଟି ଟଙ୍କା ରହିଛି। ସେହିଭଳି ଆଗାମୀ ଦିନରେ ୧୬୪୫ କିମିର ରାଜପଥ ପ୍ରକଳ୍ପ ରାଜ୍ୟରେ ଆରମ୍ଭ ହେବ। ଏହି ପ୍ରକଳ୍ପଗୁଡ଼ିକରେ ମୋଟ ୩୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ମଧ୍ୟରେ ୪୧୫ କିମିର କୋଷ୍ଟାଲ ହାଇୱେ ରହିଛି। ଏହା ୮,୦୦୦ କୋଟି ଟଙ୍କାରେ ନିର୍ମାଣ କରାଯିବ। ଅନ୍ୟ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୨୪୫ କିମିର ରାୟପୁର-ବିଶାଖାପାଟଣା କରିଡର ଲାଗି ୯ ହଜାର କୋଟି, ୯୩ କିମିର କ୍ୟାପିଟାଲ ରିଜିଅନ ରିଙ୍ଗ୍ ରୋଡ୍ ଲାଗି ୨,୫୦୦ କୋଟି, ବନ୍ଦର ସଂଯୋଗୀକରଣ ପଦକ୍ଷେପ ଅନ୍ତର୍ଗତ ଜାମୁଝାଡି-ଧାମରା ମଧ୍ୟରେ ୬୨ କିମି ରାଜପଥ ପ୍ରକଳ୍ପ ବାବଦକୁ ୧,୦୦୦ କୋଟି ଏବଂ ଭାରତମାଳା ଅଧୀନସ୍ଥ ୮୦୦ କିମିର ଅନ୍ୟ ଏନ୍‌ଏଚ୍ ପ୍ରକଳ୍ପ ବାବଦକୁ ୯,୫୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଯୋଜନା ରହିଥିବା ପଣ୍ଡା ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ନବମ ଭାବରେ ଶନି ସହ ଚନ୍ଦ୍ରଙ୍କ ସମ୍ବନ୍ଧ ବନ୍ଧୁଙ୍କ କାର୍ଯ୍ୟକୁ ସନ୍ଦେହଯୁକ୍ତ କରାଇବ। ପ୍ରତ୍ୟେକ କାମ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ବୃହସ୍ପତିଙ୍କ ସୁଦୃଷ୍ଟି ଆପଣଙ୍କ ଅର୍ଥନୀତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ସଭାସମିତିରେ ସୁବିଚାର ଦିଗରେ ସାହାଯ୍ୟ କରିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ।

**ବୃଷ** – ତୃତୀୟସ୍ଥ ରାହୁ ରିଷ୍ଟ ଖଣ୍ଡନକାରକ ହେଲେ ମଧ୍ୟ ନିଜର ସହଜାତ ଗୁଣଧର୍ମାନୁଯାୟୀ ବନ୍ଧୁ ମାଧ୍ୟମରେ କର୍ମକ୍ଷେତ୍ରକୁ ହଲଚଲ କରିପାରନ୍ତି। ଅଫିସ୍‌ର କାର୍ଯ୍ୟବ୍ୟସ୍ତତା ଯୋଗୁ ଘରୋଇ କାମ ଗୁଡ଼ିକ ବାଧାପ୍ରାପ୍ତ ହେବ। କଳା, କ୍ରୀଡ଼ା, ସଙ୍ଗୀତ ଓ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** – ସବୁକିଛି ଠିକ୍ ଥିଲେ ମଧ୍ୟ ଶେଷ ପର୍ଯ୍ୟାୟର ବିବାଦୀୟ ସ୍ଥିତି ସଫଳତାକୁ ସ୍ଥଗିତ ରଖି ଦେଇପାରେ। ବୁଧଙ୍କ ଦୁର୍ବଳତା କାରଣରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ଆର୍ଥିକ, ପାରିବାରିକ ଓ ଆନୁଷ୍ଠାନିକ କ୍ଷେତ୍ର ମଧ୍ୟ ବିଶେଷ ଭଲ ରହିବ ନାହିଁ। କିନ୍ତୁ ମୃଗଶିରା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ।

**କର୍କଟ** – ମନ ଯେମିତି ଚାହୁଁଛି ତଦନୁଯାୟୀ କାମଗୁଡିକ ନ ହୋଇପାରେ। କୌଣସି ବିଜାତୀୟ ବ୍ୟକ୍ତି ପରିସ୍ଥିତିକୁ ଓଲଟପାଲଟ କରିଦେଇପାରନ୍ତି। ରୋଗ ସ୍ଥାନରେ ଶନି ଓ ଚନ୍ଦ୍ର ଯୋଗୁ ଦୈହିକ ଦୁର୍ବଳତା ମନୋବଳକୁ କମାଇଦେବ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ପରିସ୍ଥିତିକୁ ସମ୍ଭାଳି ନେବାରେ ମୁଖ୍ୟ ଭୂମିକା ସାଜିପାରେ।

**ସିଂହ** – ପାପଗ୍ରହଯୁକ୍ତ ଶୁକ୍ର ଯୋଗୁ ଉପରିସ୍ଥ କର୍ମଚାରୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ବ୍ୟବସାୟ କ୍ଷେତ୍ରରୁ ଅଂଶଧନ ହିସାବରେ ଅଧିକ ଧନ ପାଇ ଖୁସି ହେବେ। ପରିସ୍ଥିତିରେ ପଡ଼ି ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି।

**କନ୍ୟା** – ଦୀର୍ଘଦିନର ଆଶା ପୂରଣ ହେବା ଦିଗରେ ସହକର୍ମୀଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ପଡୋଶୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇ ପାରନ୍ତି। ଭାଇଙ୍କ ଆରୋଗ୍ୟଲାଭ ପାଇଁ ଦେବାର୍ଚ୍ଚନା କରିବା ସକାଶେ ମନ ବଳାଇପାରନ୍ତି। ଆର୍ଥିକ, ସାମାଜିକ ଓ ରାଜନୈତିକ ପତିଆରା ବୃଦ୍ଧି ପାଇବା ସମ୍ଭାବନା ରହିଛି।

**ତୁଳା** – ଧନସ୍ଥାନସ୍ଥ ଶୁଭଗ୍ରହ କାରଣରୁ ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ପାଇ ଖୁସୀ ହେବେ। କିନ୍ତୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। କର୍ମକ୍ଷେତ୍ର କିମ୍ବା ଆଲୋଚନା ପରିସରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସହକର୍ମୀମାନଙ୍କ ସାହାଯ୍ୟ ଓ ସହାନୁଭୂତିରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ବିଛା** – ମୁଖ ଭାବରେ ଶନି ଚନ୍ଦ୍ର ଥିବା ଯୋଗୁ ମନରେ ଭାବୁଥିବା କଥାଟି ପ୍ରକାଶ କରିବାରେ ପଛେଇଯିବେ। ଫଳତଃ ପାଇବା ସକାଶେ ଅନୁକୂଳ ସ୍ଥିତି ଥିଲେ ମଧ୍ୟ ସୁଯୋଗ ହାତଛଡ଼ା ହୋଇଯାଇପାରେ। ପରିବାରରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ନୂତନ ଯୋଜନା ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ଧନୁ** – ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଉପକାର ମିଳିବ। ଆପଣଙ୍କ ପ୍ରତିଷ୍ଠାକୁ ସହ୍ୟ କରି ନ ପାରି ନିଜ ଲୋକମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ପାରିବାରିକ, ବ୍ୟବସାୟିକ କ୍ଷେତ୍ର ଓ ନିର୍ମାଣାଧୀନ କାମ, ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ପାଇଁ ସମୟଟି ଅନୁକୂଳ ରହିବ।

**ମକର** – ସମ୍ପର୍କୀୟମାନଙ୍କ ସହଯାତ୍ରୀ ଭାବରେ ଆଜିର ସକାଳ ଯାତ୍ରା ବେଶ୍ ପ୍ରୀତିପ୍ରଦ ରହିବ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ଦିଗରେ ସ୍ତ୍ରୀଙ୍କ ଆନ୍ତରିକ ଚେଷ୍ଟା ଅନୁକରଣୀୟ। କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିକୋଣରୁ ଅଫିସ୍‌ରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। କିଛି କହି ନ ପାରିଲେ ମଧ୍ୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ।

**କୁମ୍ଭ** – ସରକାରୀସ୍ତରରୁ ଆଶା କରିଥିବା ଖବରଟି ପଡୋଶୀଙ୍କଠାରୁ ପାଇ ଖୁସି ହେବେ। ପରିବାରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଯାତ୍ରା, ବାଣିଜ୍ୟ, ଲେଖାପଢ଼ା, କଳା ସାହିତ୍ୟାଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗିତ କରିବେ।

**ମୀନ** – ଅତୀତର ଅନାଲୋଚିତ ଘଟଣାବଳୀ ମନକୁ ଆନ୍ଦୋଳିତ କରିପାରେ। ବ୍ୟବସାୟରେ ମନାନ୍ତର ସୃଷ୍ଟି ହୋଇପାରେ। କୌଣସି କାମରେ ଅଧୈର୍ଯ୍ୟ ନ ହୋଇ ସମୟକୁ ଅପେକ୍ଷା କରନ୍ତୁ, ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ। ସଭାସମିତିରେ ନୂତନ ଯୋଜନା ସମ୍ପର୍କିତ ଆଲୋଚନା ଫଳପ୍ରଦ ହୋଇପାରେ।

ଆଜି ଫାଲ୍‌ଗୁନ କୃଷ୍ଣ ଦଶମୀ ଗୁରୁବାର, ଫେବୃୟାରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଓ ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୨୯ମି. ଗତେ ଘ୧୧।୫୫ମି. ମଧ୍ୟେ, ଘ୧।୨୧ମି. ଗତେ ଘ୨।୫୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୧।୫୫ମି. ଗତେ ଘ୧।୨୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧।୨୬ମି. ଗତେ ଘ୨।୫୩ମି. ମଧ୍ୟେ ରାହୁକାଳ।





ମିଶନ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ

# ମହିଳାଙ୍କ ନେତୃତ୍ୱ ଓଡ଼ିଶାକୁ ନୂଆ ବାଟ ଦେଖାଇଛି

ରାୟଗଡ଼ା ଅଫିସ୍,୨୭।୨(ଡି.ଏନ୍.ଏ.)

ମହିଳାଙ୍କ ନେତୃତ୍ୱ ଓଡ଼ିଶାକୁ ଏକ ନୂଆ ବାଟ ଦେଖାଇପାରିଛି। ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରିବାକୁ କେନ୍ଦ୍ର ପାଖରେ ଆମେ ଦାବି ରଖିଛୁ। ରାୟଗଡ଼ା ଜିଲା ଖଲିଗୁଡ଼ାରେ ବୁଧବାର ଅନୁଷ୍ଠିତ ମିଶନ ଶକ୍ତି ମହାସମାବେଶରେ ଲକ୍ଷାଧିକ ମହିଳାଙ୍କୁ ସମ୍ବୋଧିତ କରି ଏଭଳି ବକ୍ତବ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗସ୍ତ ଅବସରରେ ସେ ରାୟଗଡ଼ା ଜିଲା ପାଇଁ ୫୩୨ କୋଟି ୫୮ଲକ୍ଷ ୫୧ ହଜାର ଟଙ୍କା ବ୍ୟୟ ଅଟକଳରେ ୪୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ୨୦୪ କୋଟି ୮୪ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟରେ ନିର୍ମିତ ୪୧ଟି ପ୍ରକଳ୍ପର ଲୋକାର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଖଲିଗୁଡ଼ାରେ ସଭାସ୍ଥଳରେ ଦିନ ୧୧ଟା ୪୫ ସୁଦ୍ଧା ପହଞ୍ଚିବାର ଥିଲା। ଖରାପ ପାଗ ଯୋଗୁ ଲାଞ୍ଜିଗଡ଼ ବଦଳରେ ତାଙ୍କ ବିମାନ ଜୟପୁରରେ ଅବତରଣ କରିଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ୧ଘଣ୍ଟା ଅପେକ୍ଷା କରିଥିଲେ। ଲାଞ୍ଜିଗଡ଼ରୁ ହେଲିକପ୍ଟର ଜୟପୁର ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ସେଥିରେ ଯାତ୍ରାକରି ୨ଟା୩୦ରେ ରାୟଗଡ଼ାରେ ପହଞ୍ଚିଥିଲେ। ସଭାସ୍ଥଳରେ ଉପସ୍ଥିତ ୧ଲକ୍ଷ ମହିଳାଙ୍କୁ ଜୁହାର କହିବା ସହ ବିଳମ୍ବ ପାଇଁ କ୍ଷମା ପ୍ରାର୍ଥନା କରି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ, ମହିଳା ସଶକ୍ତୀକରଣ ମାଧ୍ୟମରେ ୬ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି। ଏଥିରେ ୭୦ଲକ୍ଷ ମହିଳାଙ୍କୁ ସାମିଲ କରାଯାଇଛି। ସେମାନଙ୍କୁ ସ୍ୱାବଲମ୍ବୀ କରାଇବାକୁ ସମସ୍ତ ଗ୍ରୁପକୁ ବିନା ସୁଧରେ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଇଥିବା ସେ କହିଥିଲେ। କାଳିଆ ଯୋଜନାରେ ଚାଷୀଙ୍କୁ ସାମିଲ କରାଯାଇଛି। ସ୍କଲାରଶିପ ଜରିଆରେ ଚାଷୀଙ୍କ ପିଲାଙ୍କୁ ପାଠପଢ଼ା ବ୍ୟବସ୍ଥା କରାଯାଇଛି। କେତେକ ଲୋକ ଏହା ବନ୍ଦ ହୋଇଯିବା ନେଇ ମିଥ୍ୟା ଅପପ୍ରଚାର କରୁଛନ୍ତି। ଏହା ଏକ ଐତିହାସିକ ପଦକ୍ଷେପ ଓ ଏହାକୁ କେହି ବନ୍ଦ କରିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ କିଛି ସୁବିଧା ନ ଥିବା ବେଳେ ବହୁ ଚାଷୀ ଏଥିରୁ ବାଦ୍ ପଡିଛନ୍ତି। ଏହାର ପ୍ରୋତ୍ସାହନ ରାଶି ୬ହଜାର ପରିବର୍ତ୍ତେ ୧୦ହଜାର ଟଙ୍କାକୁ ବୃଦ୍ଧି କରିବାକୁ ସେ ଦାବି ଜଣାଇଥିବା କହିଥିଲେ। ଚାଷୀ, ମହିଳା ଓ ଯୁବକଙ୍କୁ ସଶକ୍ତ କରି ଓଡ଼ିଶାର ନୂଆ ପରିଚୟ ସୃଷ୍ଟି କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ଏହି ଅବସରରେ ରାୟଗଡା ଜିଲାରେ ୫୩୨ କୋଟି ୫୮ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟ ଅଟକଳରେ ୪୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ। ୨୦୪ କୋଟି ୮୪ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟରେ ନିର୍ମିତ ୪୧ଟି ପ୍ରକଳ୍ପକୁ ମଧ୍ୟ ସେ ଲୋକାର୍ପିତ କରିଥିଲେ। ସେହିପରି ୧୫୦୦ ନିର୍ମାଣ ଶ୍ରମିକଙ୍କୁ ସାଇକେଲ, ୧୧୮୯ ଜଣଙ୍କୁ ମଧୁବାବୁ ପେନସନ, ୧୨୯୭ ଜଣଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା, ୧୪୪ଟି ଏସ୍‌ଏଚ୍‌ଜିକୁ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ, ୧୧ଟି ପ୍ରକଳ୍ପରେ ୬୭୨୯ଟି ଏସ୍‌ଏଚ୍‌ଜିକୁ ୧୦କୋଟି ୯ଲକ୍ଷ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ପ୍ରଣବ ପ୍ରକାଶ ଦାଶ, କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା, ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ଉପସ୍ଥିତ ଥିଲେ।



©Dharitri






# ଉତ୍ତର, ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

■ ୧୬ ଜିଲାକୁ ଝଡ଼ବର୍ଷା ସତର୍କତା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡିଶାର ଅଧିକାଂଶ ସ୍ଥାନ ଏବଂ ଦକ୍ଷିଣ ଓଡିଶାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ୧୬ଟି ଜିଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, କଟକ, ନୟାଗଡ, ଖୋର୍ଦ୍ଧା, ପୁରୀ, ରାୟଗଡା ଏବଂ ଗଜପତି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ଝଡ ପବନ ବୋହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି। ଗୁରୁବାର ଉପକୂଳ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଏବଂ ମୟୂରଭଞ୍ଜ, ରାୟଗଡା, କୋରାପୁଟ ଏବଂ ମାଲକାନଗିରି ଜିଲାରେ ସ୍ୱଳ୍ପ ବର୍ଷା ସହ ଝଡପବନ ହେବ ବୋଲି ପୂର୍ବାନୁମାନ କରାଯାଇଛି। ଗତ ଦୁଇଦିନ ଧରି ପାଗ ମେଘୁଆ ରହିବା ସହ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି।






# କୋରାପୁଟ ରଣା, ମାଳୀଙ୍କୁ ଜନଜାତି ମାନ୍ୟତା

■ ବିଚାର ବିମର୍ଶ କରୁଛନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର,୨୭।୨(ବ୍ୟୁରୋ):** କୋରାପୁଟ ଜିଲାରେ ବସବାସ କରୁଥିବା ରଣା, ମାଳୀ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ଜନଜାତି ମାନ୍ୟତା ପ୍ରଦାନ କରାଯିବା ପାଇଁ ରାଜ୍ୟ ସରକାର ବିଚାର କରୁଛନ୍ତି। ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ସଚିବାଳୟରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପଡୋଶୀ ଆନ୍ଧ୍ରରେ ରହୁଥିବା ରଣା ଏବଂ ମାଳୀ ସମ୍ପ୍ରଦାୟର ଲୋକଙ୍କୁ ଜନଜାତି ମାନ୍ୟତା ପ୍ରଦାନ କରାଯାଇ ସାରିଛି। ତେଣୁ ଅନୁରୂପ ଭାବେ ଓଡ଼ିଶାରେ ଏହା କରିବା ପାଇଁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ ଭାରତ ସରକାରଙ୍କ ଅନୁମତି ଦରକାର। ଏହା ପୂର୍ବରୁ ରାଜ୍ୟ ସରକାରଙ୍କୁ ଉପଯୁକ୍ତ ତଥ୍ୟ ସହ ସୁପାରିସ କରିବାକୁ ପଡିବ। ତେଣୁ ଏହି ଦୁଇ ସମ୍ପ୍ରଦାୟ ସମ୍ପର୍କରେ ରାଜ୍ୟ ସରକାର ବ୍ୟାପକ ଅଧ୍ୟୟନ ଏବଂ ତଥ୍ୟ ସଂଗ୍ରହ କରିବେ ବୋଲି ଜଣାପଡିଛି।

ଉଭୟ ସମ୍ପ୍ରଦାୟର ଭାଷା, ଚାଲିଚଳନ, ସଂସ୍କୃତି, ପ୍ରଥା, ଧର୍ମ ଏବଂ ବୈବାହିକ ସମ୍ପର୍କରେ ପଡୋଶୀ ଆନ୍ଧ୍ର ଜନଜାତିଙ୍କ ସହ ସାମଞ୍ଜସ୍ୟ ଇତ୍ୟାଦିକୁ ଅନୁଶୀଳନ କରାଯିବ। ଅନୁଶୀଳନରୁ ପ୍ରାପ୍ତ ତଥ୍ୟକୁ ସମ୍ବଳିତ କରିବା ରାଜ୍ୟ ସରକାର ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ବ୍ୟତୀତ ପଟାଙ୍ଗୀ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, ବରିଷ୍ଠ ଅଧିକାରୀ ନିକୁଞ୍ଜ ଧଳ ଓ ଅଖିଳ ବିହାରୀ ଓତା ଏବଂ ରଣା, ମାଳୀ ସମାଜର କେତେକ ପ୍ରତିନିଧି ଯୋଗ ଦେଇଥିଲେ।









ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ- ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ ସହଜ ନୁହେଁ।
-ଶ୍ରୀମା

# ଉପକାରୀ ଉଇ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ମୋ ସ୍ୱାମୀଙ୍କ ବିୟୋଗ ପରେ ସେ ଯେଉଁ ଟେବୁଲରେ କାମ କରୁଥିଲେ, ସେଇଟି ମୋର ହୋଇଗଲା। ତାହା ଥିଲା ଅନେକ ଡ୍ରୟର-ବିଶିଷ୍ଟ ଏକ କାଠ ଟେବୁଲ। ଘର ପରିବର୍ତ୍ତନ କରି ମୁଁ ଯୁଆଡ଼େ ଯୁଆଡ଼େ ଯାଇଛି, ଏ ଟେବୁଲଟି ମଧ୍ୟ ମୋ ସହ ଯାଇଛି। ମୁଁ ସେଥିରେ ମୋ ପାଇଁ ସବୁଠୁ ମୂଲ୍ୟବାନ୍ ଜିନିଷପତ୍ର ରଖେ, ଯଥା ମୋ ସ୍ୱାମୀଙ୍କ ଚିଠି, ବାହାଘର ଆଲ୍‌ବମ, ଅସମ୍ପୂର୍ଣ୍ଣ ପାଣ୍ଡୁଲିପି, ମୋ ପିଲାଦିନର ଫଟୋ, ମୋ ପୁଅର ପିଲାଦିନର ଫଟୋ, ମୋ ମାଆ ଓ ଶାଶୁଙ୍କ ଚିଠି ଇତ୍ୟାଦି। ୨୦୦୨ରେ ମୁଁ ୧୪ ଅଶୋକା ରୋଡ୍‌ସ୍ଥିତ ଯେଉଁ ଘରକୁ ଗଲି, ବ୍ରିଟିଶ୍ ଅମଳର ସେହି ଘରଟି ଅତ୍ୟନ୍ତ ଅରକ୍ଷିତ ଭାବେ ରହିଥିଲା ଏବଂ ତାହା ୩୦ ବର୍ଷ ଧରି କମ୍ୟୁନିଷ୍ଟ ଦଳର କାର୍ଯ୍ୟାଳୟ ଭାବେ ବ୍ୟବହୃତ ହେଉଥିଲା। ମୋର ଘରଟି ପ୍ରତି ଅଧିକ ଧ୍ୟାନ ଦେବା ଉଚିତ ଥିଲା, ବିଶେଷତଃ ଯେତେବେଳେ ମୁଁ ଘର ଭିତରେ ଅନେକ ସ୍ଥାନରେ ଫିମ୍ପି ମାରିବା ବା ଛାତ ଫୁଟିବା ଓ ଝରକା-କବାଟକୁ ଉଇ ଖାଇବା ଦେଖିଲି। କିନ୍ତୁ ପ୍ରତ୍ୟେକ ଥର ମୁଁ ସରକାରୀ ଇଞ୍ଜିନିୟରମାନଙ୍କୁ ଡାକିଦିଏ, ସେମାନେ ଝରକା-କବାଟ ବଦଳାନ୍ତି କିମ୍ବା ସେଇ ଫିମ୍ପି ଉପରେ ରଙ୍ଗ ବୋଳି ଦିଅନ୍ତି। ଏଥର ବି ତାହା ହିଁ କଲି।

ମୁଁ ଅନେକ ଆଇମା' ଅମଳର ପ୍ରତିକାର ପଦ୍ଧତି ଆପଣେଇଲି। ବଗିଚାରେ କିଛି କଦଳୀଗଛ ପୋତିଲି, କାରଣ ଏହା ଉଇଙ୍କୁ ଦୂରେଇ ରଖିଥାଏ ବୋଲି କୁହାଯାଏ। ବିଭିନ୍ନ ସ୍ଥାନରେ ସଜ ଗୋବରର ଘଷି ପାରିଲି। କାରଣ ଉଇମାନେ ଏ ଘଷି ପ୍ରତି ଆକର୍ଷିତ ହେଲେ ଆମେ ତା' କବଳରୁ ରକ୍ଷା ପାଇପାରିବା।

ଦିନେ ମୁଁ ସ୍ଥିର କଲି ବାଡ଼ିବଗିଚାର ଗଛ ଉପରେ ଲିଖିତ ମୋର ବହିଟିକୁ ସାରିଦେବି। କିନ୍ତୁ ମୋ ଡ୍ରୟର ଖୋଲିଲା ନାହିଁ। ତେଣୁ ମୋତେ ବଢ଼େଇ ଡାକିବାକୁ ପଡ଼ିଲା। ବଢ଼େଇ ଡ୍ରୟର ଖୋଲିଲା ବେଳକୁ ସବୁ ସରିଯାଇଥିଲା, ଉଇମାନେ ସବୁ ଖାଇ ସଫା କରିଦେଇଥିଲେ। ଗୋଟାଏ ଝଟକାରେ ମୋର ସବୁ ସମ୍ପତ୍ତି ଉଜୁଡ଼ିଗଲା। ମୁଁ ଦୁଃଖରେ କାନ୍ଦିବାକୁ ଲାଗିଲି। ମୁଁ ପୂରା ଘରକୁ ଭିତରୁ ଭିତରୁ ଭାଙ୍ଗି ଗୋଟିଏ ପରେ ଗୋଟିଏ କୋଠରିକୁ ଉଇମୁକ୍ତ କଲି। ଏଥିପାଇଁ ୧୬ ମାସ ସମୟ ଲାଗିଲା।

ଲୋକେ ମୋତେ ପ୍ରଶ୍ନ ପଚାରନ୍ତି, ଏ ମଶା, ଅସରପା ଓ ଉଇମାନଙ୍କୁ ଭଗବାନ୍ କାହିଁକି ସୃଷ୍ଟି କରିଛନ୍ତି। ଉଇମାନେ ମୋର ସବୁ ମୂଲ୍ୟବାନ୍ ସମ୍ପତ୍ତି ନଷ୍ଟ କରିଦେଇଥିଲେ ବି ମୁଁ ଜାଣେ ମୋଠାରୁ ଏ ଦୁନିଆରେ ସେମାନଙ୍କ ମହତ୍ତ୍ୱ ଅଧିକ। ସେମାନେ ପ୍ରକୃତରେ ଏକ ଉପକାରୀ କୀଟ। ସେମାନେ ଉଦ୍ଭିଦର ତନ୍ତୁ ଖାଇ ହଜମ କରିପାରନ୍ତି, କାରଣ ସେମାନଙ୍କ ପାକସ୍ଥଳୀରେ ସ୍ୱତନ୍ତ୍ର ପ୍ରକାର ବୀଜାଣୁ ଅଛନ୍ତି। ଯେଉଁ କାଠ ବା ମଳାଗଛ ସହଜରେ ମାଟିରେ ମିଶିପାରିବ ନାହିଁ, ତାକୁ ସେମାନେ ତୁରନ୍ତ ଖାଇ ମାଟିରେ ମିଶାଇଦିଅନ୍ତି ଓ ପୁନଃଚକ୍ରଣରେ ସାହାଯ୍ୟ କରନ୍ତି। ସେମାନେ ସୁଡ଼ଙ୍ଗ ଖୋଳି ତା' ଭିତରେ ପବନ ଚଳାଚଳକୁ ସୁଗମ କରନ୍ତି। ଏହାଦ୍ୱାରା ବିଷୁବମଣ୍ଡଳୀୟ ଜଙ୍ଗଲ ଓ କୃଷିଜମିରେ ଗଛବୃଛ ଭଲ ବଢ଼େ ଏବଂ ସେମାନଙ୍କ ପାଖରେ ପାଣି, ପବନ ଓ ପୋଷକ ତତ୍ତ୍ୱ ସହଜରେ ପହଞ୍ଚିପାରେ। କେତେକ ପ୍ରଜାତି ଜୀବନ୍ତ ଗଛକୁ ଆକ୍ରମଣ କରନ୍ତି। କିନ୍ତୁ ଏହି ଗଛଗୁଡ଼ିକ ଦୁର୍ବଳ ଓ ଚାପଗ୍ରସ୍ତ ହୋଇପଡ଼ିଥାନ୍ତି ଏବଂ ସେମାନେ କାଇରୋମୋନ୍ ନାମକ ଏକ ରାସାୟନିକ ଛାଡ଼ନ୍ତି, ଯାହାକୁ ଉଇମାନେ ବ୍ୟବହାର କରି ଏହାକୁ ଠାବ କରନ୍ତି।

ମାତ୍ର ୩୦୦୦ ପ୍ରଜାତିର ଉଇ ମଣିଷ ପାଇଁ କ୍ଷତିକାରକ କୀଟ ବା ପେଷ୍ଟ ଭାବେ ଜଣାଶୁଣା। ଅବଶିଷ୍ଟ ଉଇଗୁଡ଼ିକ ହେଉଛନ୍ତି ବାସ୍ତବରେ ମୃତ୍ତିକା ଇଞ୍ଜିନିୟର, ଯେଉଁମାନେ ଆପଣଙ୍କ ପାଦତଳର ମାଟିକୁ ସୃଷ୍ଟି କରନ୍ତି ଓ ତାକୁ ସୁସ୍ଥ ରଖନ୍ତି। ଉଇମାନେ ସେହିସବୁ ଜିନିଷ ଖାଆନ୍ତି, ଯାହାକୁ ଅନ୍ୟମାନେ ଖାଇବେ ନାହିଁ ବା ଖାଇପାରିବେ ନାହିଁ, ଯଥା କାଠ, ଗୋବର, ଲିଚେନ୍ (ଶିଉଳି ବା ଫିମ୍ପି), ଏପରି କି ଅଳିଆ-ଆବର୍ଜନା। ଉଇମାନେ ମାଟିରେ ଗାତ କରୁଥିବାରୁ ତା' ଭିତରକୁ ବର୍ଷାଜଳ ସହଜରେ ଭେଦିପାରେ ଓ ଭୂତଳ ଜଳଭଣ୍ଡାରକୁ ସମୃଦ୍ଧ କରେ। ଗଛମାନେ ବି ସହଜରେ ପାଣି ପାଆନ୍ତି। ଉଇମାନେ ବାଲି, ପଥର, କାଦୁଅ ପରି ଅଜୈବ ପଦାର୍ଥ ସହ ଝଡ଼ାପତ୍ର, କାଠ, ମୃତ ପ୍ରାଣୀ ପ୍ରଭୃତିକୁ ମଶାଇ ମୃତ୍ତିକାର ମାନ ବୃଦ୍ଧି କରନ୍ତି। ଏହାଦ୍ୱାରା ଗଛ ପୋଷକ ତତ୍ତ୍ୱ ପାଏ ଓ ମୃତ୍ତିକା କ୍ଷୟ ହେବାରୁ ରକ୍ଷା ପାଏ। ଉଇଙ୍କର ମଳ ଅଠା ପରି ମାଟିକୁ ଜାବୁଡ଼ି ଧରି କ୍ଷୟ ହେବାରୁ ରକ୍ଷା କରିଥାଏ। ଉଇଙ୍କ ପାକସ୍ଥଳୀରେ ଥିବା ବୀଜାଣୁ ହେଉଛନ୍ତି ସକ୍ରିୟ ଯବକ୍ଷାରଜାନ-ବିବନ୍ଧକ। ସେମାନେ ବାୟୁମଣ୍ଡଳରୁ ଯବକ୍ଷାରଜାନ ପରି ଗୁରୁତ୍ୱପୂର୍ଣ୍ଣ ଉପାଦାନ ଗ୍ରହଣ କରି ତାକୁ ମାଟିରେ ମିଶାଇ ସାରରେ ପରିଣତ କରିଦିଅନ୍ତି।

ଉଇମାନେ ଏବଂ ସେମାନଙ୍କ ଦ୍ୱାରା ସୃଷ୍ଟ ବିଶାଳ ପ୍ରାକୃତିକ ବାସସ୍ଥାନ ମରୁଭୂମି, ଅର୍ଦ୍ଧମରୁଭୂମି, ବିଷୁବମଣ୍ଡଳୀୟ ଓ ଅର୍ଦ୍ଧବିଷୁବମଣ୍ଡଳୀୟ ବୃଷ୍ଟିପୁଷ୍ଟ ଜଙ୍ଗଲ, ଉଷ୍ଣ ଓ ନାତିଶୀତୋଷ୍ଣ ଜଙ୍ଗଲ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନ୍ୟୂନ ୧୨୬ ପ୍ରଜାତିର ଉଇ (କାଠଖିଆ ଉଇ ସମେତ) ୧୮ଟି ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀଙ୍କ ମଳ ଖାଇ ତାହାକୁ ଖୁବ୍‌ଶୀଘ୍ର ମାଟିରେ ମିଶାଇ ଦିଅନ୍ତି। ଉଇମାନେ ଏହି ମଳକୁ ନେଇ ମାଟି ତଳକୁ ଯାଉଥିବାରୁ ତାହା ମାଟିର ଉର୍ବରତା ବୃଦ୍ଧି କରିଥାଏ। ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟର ଗବେଷକମାନେ ସାଇନ୍ସ ଜର୍ଣ୍ଣାଲରେ ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ଉଇ ହୁଙ୍କାଗୁଡ଼ିକ ମରୁଭୂମିରେ ମରୁଝର ରୂପେ କାମ କରେ। ତାକୁ ବେଢ଼ି ସେଠି ବିଭିନ୍ନ ଗଛବୃଛ ଉଠେ ଓ ଏକ ମରୂଦ୍ୟାନ ସୃଷ୍ଟି ହୁଏ।

ପ୍ରୋଟିନ୍ ଅଭାବରୁ ଅପପୁଷ୍ଟି ଭୋଗୁଥିବା ବହୁ ଲୋକ ଉଇକୁ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି ଏବଂ ପ୍ରାଣୀଙ୍କୁ ମଧ ଖୁଆଇଥାନ୍ତି। ଏସିଆ, ଦକ୍ଷିଣ ଆମେରିକା ଓ ଆଫ୍ରିକାରେ ଅନେକେ ଏହାକୁ ଔଷଧ ଭାବେ ମଧ ବ୍ୟବହାର କରନ୍ତି। ଜାମ୍ବିଆରେ ଶିଶୁଙ୍କ ଅପପୁଷ୍ଟି ଦୂର କରିବା ପାଇଁ, ସୋମାଲିଆରେ କ୍ଷତ ଯୋଡ଼େଇ ପାଇଁ, ବ୍ରାଜିଲରେ ଶ୍ୱାସରୋଗ, ସର୍ଦ୍ଦି, ଶ୍ଳେଷ୍ମା ଓ କାଶରୋଗ ଏବଂ ଫିମ୍ପିଜନିତ ରୋଗ ଭଲ କରିବା ପାଇଁ ଉଇମାନଙ୍କୁ ବ୍ୟବହାର କରାଯାଏ। ଭାରତରେ ଏହାକୁ ଶ୍ୱାସରୋଗ ଓ ଘାଆ ଭଲ କରିବା ପାଇଁ, ଶରୀରର ଯନ୍ତ୍ରଣା ଓ ଆଣ୍ଠୁଗଣ୍ଠି ବାତ ଭଲ କରିବା ପାଇଁ ଏବଂ ମାଆମାନଙ୍କର ଭଲ କ୍ଷୀର ହେବା ପାଇଁ ଏହାକୁ ବ୍ୟବହାର କରାଯାଏ। ଗର୍ଭବତୀଙ୍କୁ ରୋଗ ନ ହେବା ପାଇଁ, ଭବିଷ୍ୟବାଣୀ କରିବା ପାଇଁ ଏବଂ ଭୂତପ୍ରେତଙ୍କୁ ଦୂରେଇ ରଖିବା ପାଇଁ ନାଇଜେରିଆବାସୀ ଏହାକୁ ବ୍ୟବହାର କରନ୍ତି।

ଆଫ୍ରିକାରେ ମାକ୍ରୋଟର୍ମିସ ନାମକ ଏକ ବଡ଼ ପ୍ରଜାତିର ଉଇ ମିଳନ୍ତି। ସେମାନଙ୍କୁ ପ୍ରୋଟିନ୍‌ର ଉତ୍ସ ଭାବେ ମଣିଷ, ଗରିଲା, ଶିମ୍ପାଞ୍ଜି ଓ ବନ୍ୟ ପକ୍ଷୀମାନେ ଖାଆନ୍ତି। ସେମାନଙ୍କ ହୁଙ୍କା ମଧ ମଣିଷମାନଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଗବେଷକମାନଙ୍କ କହିବା ଅନୁସାରେ ଉଇହୁଙ୍କାରୁ ଖଣିଜପଥରର ସନ୍ଧାନ ମିଳେ। ଗଭୀର ମାଟି ତଳୁ ଜୈବ ଅଜୈବ ପଦାର୍ଥକୁ ଆଣି ଉଇମାନେ ହୁଙ୍କା ତିଆରି କରନ୍ତି। ତେଣୁ ସେହି ହୁଙ୍କାମାଟିରେ କୌଣସି ଖଣିଜପଥରର ପ୍ରାବଲ୍ୟ ଦେଖିଲେ ସେଠାରେ ମାଟି ତଳେ ସେହି ଖଣିଜଦ୍ରବ୍ୟ ଥିବାର ବୈଜ୍ଞାନିକମାନେ ଜାଣିପାରନ୍ତି। ଏପର କି ଉଇହୁଙ୍କାରୁ ସୁନାଖଣିର ବି ସନ୍ଧାନ ମିଳିଛି। ଉଇହୁଙ୍କା ମଧ ଅନେକ ଉଦ୍ଭିଦ, କବକ ଓ ତୃଣଭୋଜୀ ପ୍ରାଣୀଙ୍କ ଆଶ୍ରୟ ସ୍ଥଳ। ଏଗୁଡ଼ିକରେ ଦିନରେ ଟାଣଖରା ସମୟରେ ଥଣ୍ଡା ଓ ରାତିରେ ଉଷୁମ ରହେ। ଆଣ୍ଟିଲୋପ୍‌ମାନେ ସାଧାରଣତଃ ଉଇହୁଙ୍କା ଚାରିପଟେ ଏକାଠି ହୋଇ ଚରିବୁଲନ୍ତି। ହାତୀଙ୍କ ପିଠି କୁଣ୍ଡେଇହେଲେ ସେମାନେ ଉଇହୁଙ୍କାରେ ତାଙ୍କ ପିଠି ଘଷନ୍ତି। ଦୁର୍ଭାଗ୍ୟର ବିଷୟ ଆମେ ଉଇମାନଙ୍କ ଖାଦ୍ୟ କାଠରେ ଘର ତିଆରି କରୁଛୁ ଓ ସେଥିରେ ଉଇ ଲାଗିଲେ ଆମେ ତାଙ୍କୁ ଦୋଷ ଦେଉଛୁ। ଉଇମାନେ ମୋର ଯେଉଁ କ୍ଷତି କରିଛନ୍ତି, ସେ ଦୁଃଖ ମୋର ଏଯାଏ ଯାଇନାହିଁ।

Email: gandhim@nic.in

# ବିଜ୍ଞାନ ବନାମ ଛଦ୍ମ ବିଜ୍ଞାନ



ଡ. ସୁଶାନ୍ତ କୁମାର ସାହୁ

ନୋବେଲ ପୁରସ୍କାର ବିଜେତା ପଦାର୍ଥ ବିଜ୍ଞାନୀ ସାର୍ ସି.ଭି. ରମଣଙ୍କ ଦ୍ୱାରା ଆବିଷ୍କୃତ ରମଣ ପ୍ରଭାବର ବିଶିଷ୍ଟତାକୁ ଆଖି ଆଗରେ ରଖି ପ୍ରତିବର୍ଷ ୨୮ ଫେବୃୟାରୀକୁ ସାରା ଭାରତବର୍ଷରେ ରାଷ୍ଟ୍ରୀୟ ବିଜ୍ଞାନ ଦିବସ ରୂପେ ପାଳନ କରାଯାଉଛି। ସି.ଭି. ରମଣଙ୍କ ପରି ବୈଜ୍ଞାନିକ ଭାରତବର୍ଷରେ ବିରଳ, ଯିଏ ନିଜ ଛାତ୍ରର ପିଏଚ୍‌ଡି ସନ୍ଦର୍ଭ ଉପସ୍ଥାପନ ପାଇଁ ଭାରତରତ୍ନ ପରି ଉପାଧି ଗ୍ରହଣ କରିବାକୁ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ସତ୍ତ୍ୱେ ଯାଇ ନ ଥିଲେ ଏବଂ ତାଙ୍କ ଅନୁପସ୍ଥିତିରେ ତାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏଥିରୁ ଜଣାପଡ଼େ ଜଣେ ଉତ୍ତମ ବୈଜ୍ଞାନିକଙ୍କ ପାଇଁ ବିଜ୍ଞାନ ଗବେଷଣା ଓ ଛାତ୍ର କେତେ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରୀୟ ବିଜ୍ଞାନ ଦିବସ ମାଧ୍ୟମରେ ବିଜ୍ଞାନ ଗବେଷଣାର ବାର୍ତ୍ତା ପ୍ରସାର କରାଯାଉଛି। ଇତିମଧ୍ୟରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପ୍ରୟାସ ଓ ବୈଜ୍ଞାନିକମାନଙ୍କ କଠିନ ପରିଶ୍ରମ ଯୋଗୁ ବିଜ୍ଞାନ ଗବେଷଣାରେ ଭାରତବର୍ଷର ବହୁ ସଂସ୍ଥା ଓ ଅନୁଷ୍ଠାନର ଉନ୍ନତି ଘଟିଛି, ଯାହାଫଳରେ ଆଇଆଇଏସ୍‌ସି ଓ କିଛି ଆଇଆଇଟି ବିଶ୍ୱର ଶ୍ରେଷ୍ଠ ୨୦୦ ଅନୁଷ୍ଠାନ ମଧ୍ୟରେ ନିଜର ସ୍ଥାନ ବଜାୟ ରଖିଛନ୍ତି।

ସେହିପରି ସ୍କିମାଗୋ ଇନ୍‌ଷ୍ଟିଚ୍ୟୁଶନ ର୍‍ୟାଙ୍କିଙ୍ଗ ୨୦୧୭ ରିପୋର୍ଟ ଅନୁଯାୟୀ ବିଶ୍ୱର ୧୨୦୭ଟି ସରକାରୀ ଅନୁଷ୍ଠାନ ମଧ୍ୟରୁ ସିଏସ୍‌ଆଇଆର୍ ସାରା ବିଶ୍ୱରେ ନବମ ସ୍ଥାନ ଅଧିକାର କରି ଭାରତକୁ ବିଶ୍ୱରେ ଗବେଷଣା କ୍ଷେତ୍ରରେ ଅଗ୍ରଣୀ ଦେଶଭାବେ ପରିଚିତ କରାଇପାରିଛି। କିନ୍ତୁ ବିଜ୍ଞାନ ଗବେଷଣାରେ ଭାରତ ଏକ ନୂତନ ସୂର୍ଯ୍ୟୋଦୟର ସ୍ୱପ୍ନ ଦେଖୁଥିବା ବେଳେ କିଛି ବୁଦ୍ଧିଜୀବୀ, ନେତା ଓ ଏପରିକି ବୈଜ୍ଞାନିକଙ୍କ ଦ୍ୱାରା ଛଦ୍ମ ବିଜ୍ଞାନର ପ୍ରଚାର ପ୍ରସାର ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

୨୦୧୬ରେ ଭାରତ ଜନ୍ମିତ ନୋବେଲ ପୁରସ୍କାର ବିଜେତା ତଥା ଜୀବବିଜ୍ଞାନୀ ପ୍ରଫେସର ଭେଙ୍କଟରମଣ ରାମକ୍ରିଷ୍ଣନ୍ ଭାରତୀୟ ବିଜ୍ଞାନ କଂଗ୍ରେସକୁ ଏକ ସର୍କସ ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ ଏବଂ ଏଥିରେ ଭବିଷ୍ୟତରେ କେବେ ବି ଯୋଗ ଦେବେ ନାହିଁ ବୋଲି ସୂଚାଇଥିଲେ। ତାଙ୍କ ଅନୁଯାୟୀ ଭାରତୀୟ ବିଜ୍ଞାନ କଂଗ୍ରେସରେ କମ୍ ବିଜ୍ଞାନ ଓ ଅଧିକ ବିଜ୍ଞାନ ମିଶ୍ରିତ ପୌରାଣିକ ବିଚାରଧାରା ଆଲୋଚନା କରାଯାଏ। ଭାରତରେ ୨୦୦୦ ବର୍ଷ ପୂର୍ବେ ଋଷିମାନେ ଉଡ଼ାଜାହାଜ ଉଦ୍ଭାବନ କରିଥିବା ୨୦୧୫ ବିଜ୍ଞାନ କଂଗ୍ରେସରେ ଜଣେ ବକ୍ତା ତାଙ୍କ ଅଭିଭାଷଣରେ ଜଣାଇଥିଲେ। ସେହିପରି ଜାନୁୟାରୀ ୨୦୧୯ରେ ଅନୁଷ୍ଠିତ ୧୦୬ତମ ବିଜ୍ଞାନ କଂଗ୍ରେସରେ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି. ନାଗେଶ୍ୱର ରାଓ ଅନେକ ଛଦ୍ମ ବିଜ୍ଞାନଭିତ୍ତିକ ତଥ୍ୟ ଶିଶୁ ବିଜ୍ଞାନୀ ଓ ଅନ୍ୟ ଯୁବଗବେଷକମାନଙ୍କୁ ବଖାଣିଥିଲେ, ଯେମିତିକି ୧୦୦ କୌରବ ଭାଇଙ୍କ ଟେଷ୍ଟଟ୍ୟୁବ୍ ମାଧ୍ୟମରେ ଜନ୍ମ, ରାବଣର ୨୪ଟି ଏୟାରକ୍ରାଫ୍ଟ ଓ ଲଙ୍କାରେ ଅନେକ ବିମାନ ବନ୍ଦର ଥିବା, ବିଷ୍ଣୁଙ୍କ ଦଶାବତାର କିପରି ଚାର୍ଲସ ଡାରୱିନଙ୍କ ତତ୍ତ୍ୱଠାରୁ ଅଧିକ ବିକଶିତ ଇତ୍ୟାଦି। ଏହି ଦାବିଗୁଡ଼ିକରେ କେତେ ଅନୁସନ୍ଧାନ ଭିତ୍ତିକ ସତ୍ୟତା ରହିଛି, ତାହା ବକ୍ତବ୍ୟ ଦେବା ପୂର୍ବରୁ ଜାଣିବା ଦରକାର ଥିଲା। ପ୍ରଫେସର ନାଗେଶ୍ୱର ରାଓଙ୍କର ଏପରି ମତ ବିରୋଧରେ ଦେଶର ୩୭ ଜଣ ବରିଷ୍ଠ ବୈଜ୍ଞାନିକ ଭାରତୀୟ ବିଜ୍ଞାନ କଂଗ୍ରେସ-୨୦୧୯ ଅଧ୍ୟକ୍ଷଙ୍କୁ ଅବଗତ କରାଇଛନ୍ତି। ବିଜ୍ଞାନ କଂଗ୍ରେସର ବକ୍ତା ଚୟନ ଉପରେ ପ୍ରଶ୍ନ ମଧ କରିଛନ୍ତି। ସେହିପରି ଗଣେଶଙ୍କ ପ୍ଲାଷ୍ଟିକ ସର୍ଜରି, ପ୍ରହ୍ଲାଦଙ୍କ ଅଗ୍ନି ନିରୋଧକ ପ୍ରଲେପ ଇତ୍ୟାଦି ଅନେକ ମିଥ୍ୟା ବିଜ୍ଞାନର ଚର୍ଚ୍ଚା ବିଜ୍ଞାନ ସମାଜରେ ଏକ ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳା ସୃଷ୍ଟି କରିଚାଲିଛି।

ବର୍ତ୍ତମାନ କୋମଳମତି ଶିଶୁ ମନରେ ପ୍ରଶ୍ନ ଉଠେ, ଏଗୁଡ଼ିକ ସତରେ ବିଜ୍ଞାନ ନା ଛଦ୍ମ ବିଜ୍ଞାନ? ସତ୍ୟର ଅନୁସନ୍ଧାନ ହିଁ ବିଜ୍ଞାନ। ଜଣେ ବୈଜ୍ଞାନିକ ପ୍ରକୃତିରେ ଘଟୁଥିବା ଘଟଣାକୁ ପ୍ରଥମେ ପୂର୍ବ ବିଜ୍ଞାନଭିତ୍ତିକ ତଥ୍ୟ ମାଧ୍ୟମରେ ପରିକଳ୍ପନା କରେ ଓ ପରେ ପରୀକ୍ଷା ନିରୀକ୍ଷା ମାଧ୍ୟମରେ ତା'ର ସତ୍ୟତା ପ୍ରତିପାଦନ କରେ। ପରିଶେଷରେ ଏଗୁଡ଼ିକ ସିଦ୍ଧାନ୍ତରେ ପରିବର୍ତ୍ତିତ ହୋଇ ଜନସମାଜ ଦ୍ୱାରା ଗୃହୀତ ହୁଏ। ଯଦି ପରୀକ୍ଷାରେ ସଫଳ ନ ହୁଏ, ତେବେ ସେହି ପରିକଳ୍ପନା ପରିକଳ୍ପନାରେ ହିଁ ରହିଯାଏ। ବିଜ୍ଞାନରେ ବିଫଳତାକୁ ଖୋଜି ବାରମ୍ବାର ଅନୁଧ୍ୟାନ ଓ ବିଶ୍ଳେଷଣ କରାଯାଇଥାଏ, କାରଣ ଠିକ୍ ସିଦ୍ଧାନ୍ତ କେବେ ଭୁଲ ଭବିଷ୍ୟବାଣୀ କରେନାହିଁ। ଯେଉଁଠି ନୂଆ ପରୀକ୍ଷାମୂଳକ ପ୍ରମାଣ ପୁରୁଣା ସିଦ୍ଧାନ୍ତକୁ ଅସ୍ୱୀକାର କରେ, ସେଠି ପୁରୁଣା ସିଦ୍ଧାନ୍ତକୁ ପରିତ୍ୟାଗ କରାଯାଏ। ଅପରପକ୍ଷେ ଛଦ୍ମ ବିଜ୍ଞାନ କେବଳ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ କଳ୍ପିତ, ଯେଉଁଠି ନା ଅନୁସନ୍ଧାନ ଥାଏ ନା ନିର୍ଭୁଲ ସମୀକ୍ଷା। ବିଜ୍ଞାନ ପରି ଏଥିରେ କୌଣସି ମାନଦଣ୍ଡ ନ ଥାଏ। କେବଳ ଥାଏ ଅଜ୍ଞତା ଓ ତଥ୍ୟ ଅଭାବରୁ ଅପ୍ରାସଙ୍ଗିକ ଯୁକ୍ତି। କେବଳ ଧାର୍ମିକ ତଥା ପୌରାଣିକ ପୁସ୍ତକଗୁଡ଼ିକ ଆମକୁ ଏପରି ଆସ୍ଥା ଓ ବିଶ୍ୱାସ ପ୍ରକଟ କରାଏ, ଯାହାକୁ ଆମେ ପୁରାତନ ବିଜ୍ଞାନ ସହିତ ଜଡିତ ବୋଲି ଦାବିକରୁ।

ଏଣୁ ରାଜନୈତିକ ନେତା, ଶିକ୍ଷକ, ବୈଜ୍ଞାନିକ ଓ ବକ୍ତାମାନଙ୍କୁ ସର୍ବସାଧାରଣ ସ୍ଥାନ, ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ ବା ଇଲେକ୍ଟ୍ରୋନିକ ମିଡ଼ିଆରେ ଏପରି ଛଦ୍ମ ବିଜ୍ଞାନ ସମ୍ପର୍କିତ ଅଭିଭାଷଣରୁ ନିବୃତ୍ତ ରହିବା ଉଚିତ। ଶିକ୍ଷକମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଠିକ୍ ଓ ଶୃଙ୍ଖଳିତ ବୈଜ୍ଞାନିକ ଚିନ୍ତାଧାରାରେ ମନୋନିବେଶ କରାଇ ପରୀକ୍ଷାମୂଳକ ବିଜ୍ଞାନଭିତ୍ତିକ ତଥ୍ୟ ପ୍ରଦାନ କଲେ ଭାରତବର୍ଷ ଅନେକ ସି.ଭି. ରମଣଙ୍କୁ ସୃଷ୍ଟି କରିପାରିବ ଏବଂ ନିଜକୁ ଏକ ଅଗ୍ରଣୀ ଦେଶ ଭାବରେ ବିଶ୍ୱରେ ପରିଚୟ ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ।

ଆଇଟିପୁର, ଆଶ୍ରମ ବାଲିକୁଦା, କେନ୍ଦ୍ରାପଡ଼ା, ମୋ-୯୮୪୩୩୨୩୬୪୩, sushantanano@gmail.com

## ଏଇ ଭାରତରେ

ଦେଶର ବେକାରି ସମସ୍ୟା ବଢୁଥିବା ଯୋଗୁ କେତେକ ଉଚ୍ଚଶିକ୍ଷିତ ଛାତ୍ର ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ଉଚ୍ଚଶିକ୍ଷାର ଡିଗ୍ରୀ ହାସଲ କରିବା ପରେ ନିଜ ମନ ମୁତାବକ ଚାକିରି ନ ମିଳିବାରୁ କମ୍ ସମୟରେ ଅଧିକ ଟଙ୍କା ରୋଜଗାର କରିବା ପାଇଁ ସେମାନେ ଆଦରି ନେଉଛନ୍ତି କିଛି ହୀନ ଓ କୁତ୍ସିତ କାର୍ଯ୍ୟ। ମହାରାଷ୍ଟ୍ରର କପୁରୱାବାଡ଼ି ଥାନା ପୋଲିସ ଏଭଳି ମାମଲାରେ ଜଡ଼ିତ ଥିବା ବମ୍ବେ ଆଇଆଇଟିର ଜଣେ ଛାତ୍ରଙ୍କୁ ଗିରଫ କରିଛି। ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ମହିଳା ଜଣକ ତାଙ୍କ ଗାଧୁଆଘରେ ଗୋଟିଏ ମୋବାଇଲ୍ ପଡ଼ିଥିବା ଦେଖି ତାଙ୍କ ସ୍ୱାମୀଙ୍କୁ ଡାକିଥିଲେ। ଏହି ସମୟରେ ଅଭିଯୁକ୍ତ ଯୁବକ ସେଠାରୁ ଦୌଡ଼ି ପଳାଇଥିଲା। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ବେକାର ଥିବାରୁ ମହିଳାଙ୍କ ନଗ୍ନ ଫଟୋ ଉଠାଇ ଏ ବାବଦରେ କିଛି ଅର୍ଥ ରୋଜଗାର କରିବାକୁ ସେ ଇଚ୍ଛା କରିଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ସବୁରି ପଛରେ ଆସି ଚଳିଯାଏ ସକଳର ଆଗେ,
ଅଧର ନ ହେଉଁ ତା'ର ବିରଚିତ ନବ ହାସ୍ୟରାଗେ,
ଆସିଥାଏ କ୍ରନ୍ଦନର ଭାଷା ଘେନି ଖାଲି
ଶେଷ କ୍ରନ୍ଦନରେ ଯାଏ ଚାଲି!
ପୂର୍ଣ୍ଣ ଦୁଇଗୋଟି ଶଶୀ ନ ଖେଳୁଣୁ ତା' ନୟନ ପରେ
ନ ଶିଖୁଁ ଡାକିବା ପାଇଁ ତୋଳି ତାକୁ କ୍ଷୁଦ୍ର ଦୁଇ କରେ
ଦିଓଟି ଶଶୀରେ ତା'ର ସରିଯାଏ କ୍ରୀଡ଼ା!
ନ ଦେଖଇ ସୁଖ ପୀଡ଼ା।

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | 8 | 9 | | 4 | C | | 0 | 1 | | A | | |
| 3 | | | | | | | | | | | | 0 | | |
| | | | | | 1 | E | | | 2 | | 4 | B | | |
| | | 1 | D | | | | 5 | | B | A | | | 9 | |
| 2 | | C | E | 7 | | | 9 | | 5 | | | | D | |
| 0 | C | | | | D | | | | | 2 | A | | | |
| | | 5 | | | | 9 | | | | | | | | 3 |
| | | | | | E | 5 | 2 | | | | | 6 | A | 0 |
| D | 2 | | C | | | | | 6 | | 9 | 1 | | | |
| B | 1 | 7 | | | | | 8 | | | | | | | 2 |
| | | | 4 | | 9 | | 1 | | 7 | | | | | |
| 6 | | 9 | B | | C | D | | 8 | | | | | | |
| | A | 4 | | E | 5 | | | | C | 6 | | | | |
| 1 | 0 | | | A | | | 6 | 5 | D | | 9 | | 8 | |
| | B | | | 0 | | C | | 9 | A | E | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | B | 7 | 9 | 5 | 3 | A | D | 1 | E | 6 | 8 | 0 | 4 | C |
| 1 | D | 0 | 8 | E | 6 | C | 9 | 4 | 3 | A | 2 | B | 7 | 5 |
| 4 | 8 | 9 | A | C | 0 | 5 | 2 | 3 | D | 7 | B | E | 1 | 6 |
| C | 3 | 6 | 1 | 2 | 4 | E | B | 7 | 0 | 9 | 5 | 8 | D | A |
| E | 5 | A | B | D | 7 | 6 | 8 | 0 | 1 | C | 4 | 9 | 2 | 3 |
| 6 | E | 3 | 2 | B | 9 | 0 | 1 | D | C | 8 | A | 4 | 5 | 7 |
| 7 | 2 | 5 | D | 8 | 1 | B | E | C | 4 | 3 | 6 | A | 0 | 9 |
| 8 | 4 | B | 7 | 0 | A | 9 | 3 | 6 | 5 | 1 | E | 2 | C | D |
| 9 | A | 1 | 5 | 6 | C | 7 | 4 | 8 | 2 | 0 | D | 3 | E | B |
| 0 | C | D | 4 | 3 | E | 2 | A | 5 | 7 | B | 9 | 1 | 6 | 8 |
| D | 0 | 2 | 6 | 7 | 8 | 1 | 5 | 9 | A | E | 3 | C | B | 4 |
| 3 | 6 | E | 0 | 4 | D | 8 | C | B | 9 | 5 | 1 | 7 | A | 2 |
| B | 1 | C | 3 | 9 | 2 | 4 | 7 | A | 6 | D | 0 | 5 | 8 | E |
| 5 | 9 | 4 | C | A | B | D | 0 | E | 8 | 2 | 7 | 6 | 3 | 1 |
| A | 7 | 8 | E | 1 | 5 | 3 | 6 | 2 | B | 4 | C | D | 9 | 0 |

ଗତକାଲିର ଉତ୍ତର

# ଶାସନରେ ଅଭାବ ଅନୁଶାସନ



ଅରୁଣ କୁମାର ପଣ୍ଡା

ଆଜିକାଲି ପ୍ରାୟ ଲୋକଙ୍କ ଅଭିଯୋଗ ହେଲା ଯେ, ବର୍ତ୍ତମାନ ଭାରତରେ ବାସ୍ତବିକ ଅର୍ଥରେ ଶାସନ ବୋଲି କିଛି ନାହିଁ। ଦେଶରେ ଯାହା ବି ଆଇନକାନୁନ୍ ଅଥବା ସରକାରୀ ନିର୍ଦ୍ଦେଶ ଜାରି ହେଉଛି ସେସବୁକୁ ଉଲ୍ଲଂଘନ କରିବା ପାଇଁ ଲୋକେ କିଛି ନା କିଛି ଉପାୟ ବାହାର କରୁଛନ୍ତି। କାନୁନ୍, ବିଧି ବ୍ୟବସ୍ଥା ତଥା ସମ୍ବିଧାନର ସୁରକ୍ଷା ପାଇଁ ଗଠିତ ନ୍ୟାୟାଳୟଗୁଡ଼ିକରେ ସେହି ଅନୁସାରେ ଏତେ ଅଧିକ ସଂଖ୍ୟାରେ ମକଦ୍ଦମା ଦାଏର ହେଉଛି, ଯାହାର ଶୁଣାଣି ପାଇଁ ବର୍ଷ ବର୍ଷ ବିତିଯାଉଛି। ଅନେକ କ୍ଷେତ୍ରରେ ମକଦ୍ଦମାଗୁଡ଼ିକର ଫଏସଲା ଅର୍ଥାତ୍ ରାୟ ବ୍ୟକ୍ତିର ମୃତ୍ୟୁ ପରେ ହିଁ ହେଉଛି। ଖୋଲାଖୋଲି ଅଭିଯୋଗ ହେଉଛି ଯେ ନ୍ୟାୟାଳୟ ଏବଂ ମନ୍ତ୍ରଣାଳୟଗୁଡ଼ିକ ଦୁର୍ନୀତି ଓ ଭ୍ରଷ୍ଟାଚାରର ଦୁର୍ଗରେ ପରିଣତ ହେଲାଣି, ଯେଉଁଠି ନ୍ୟାୟସମ୍ମତ ରୀତିରେ କାର୍ଯ୍ୟହେବା ପରିବର୍ତ୍ତେ ଦିଆନିଆରେ ହେଉଛି। ଗତ ଦୁଇଦଶନ୍ଧି ଭିତରେ ମନ୍ତ୍ରୀ ଓ ପ୍ରଶାସକଙ୍କ ବିରୋଧରେ ଯେଉଁସବୁ ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ ଆସିଛି, ସେସବୁର ସମୀକ୍ଷା କଲେ ଜଣାଯାଏ ଶାସନ ପୂତିଗନ୍ଧମୟ ହୋଇଯାଇଛି। ସାଧୁତା, ସ୍ୱଚ୍ଛତା ଏବଂ ସଙ୍କୋଚତା ବୋଲି କିଛି ନାହିଁ।

ଆମ ସଂସ୍କୃତିରେ ଆଦର୍ଶ ରାଜା (ଶାସକ)ର ସଂଜ୍ଞା ହେଲା- ପ୍ରଜାପାଳକ, ଜନରକ୍ଷକ, ଜନସେବକ ଓ ଜନରଞ୍ଜକ। ଅନ୍ୟ ଅର୍ଥରେ ରାଜାଙ୍କୁ 'ଜନାର୍ଦ୍ଦନ'ର ଉଚ୍ଚ ଆସନ ଦିଆଯାଇଥିଲା। ପରନ୍ତୁ ଆଜିକାଲିର ଶାସନ ଧକ୍କା ମାରି ଗାଡି ଚଳାଇବା ସ୍ଥିତିରେ ରହିଛି। ଏବେ ଶାସନ 'କିସ୍‌ସା କୁର୍ସିକା'ରେ ପରିଣତ ହୋଇଛି, ଯେଉଁଠାରେ କ୍ଷମତା ପାଇଁ କନ୍ଦଳ ଏବଂ ଗୋଡ ଟଣାଟଣି ମୁଖ୍ୟ ହୋଇଛି। କଳେବଳେକୌଶଳେ ନିର୍ବାଚନ ଜିଣି କ୍ଷମତାସୀନ ହେବା ହିଁ ଏକମାତ୍ର ଲକ୍ଷ୍ୟ। ରାଷ୍ଟ୍ର, ସମାଜ ଓ ଜନସ୍ୱାର୍ଥକୁ ଅଣଦେଖା କରି କ୍ଷମତାସୀନ ବ୍ୟକ୍ତି ନିଜର ଓ ନିଜ ପରିବାରର ସ୍ୱାର୍ଥ ଲାଗି ସବୁକିଛି କରୁଛି। ରାଜନୀତିରୁ ନୀତି ଶବ୍ଦ ଲୋପ ପାଇ କେବଳ 'ରାଜ' ହିଁ ରହିଯାଇଛି। ସତ୍ତା, ସେବା ପରିବର୍ତ୍ତେ ଶୋଷଣର କେନ୍ଦ୍ର ହୋଇଛି। ଶାସନ, ଜନତାର ଦୁଃଖଯନ୍ତ୍ରଣା, ଅଭାବ ଅଭିଯୋଗର ନିରାକରଣ କରିବା ବଦଳରେ ଅନ୍ୟାୟ, ଅତ୍ୟାଚାରର ପୃଷ୍ଠପୋଷକ ସାଜିଛି। ଆର୍ତ୍ତ ଜନତାର ଆକୁଳ ଚିତ୍କାର ଶୁଣିବା ପାଇଁ କାହାକୁ ଫୁରସତ୍ ନାହିଁ। ଏଭଳି ଅବସ୍ଥାରେ ଏ ଦେଶକୁ ଭଗବାନଙ୍କ ବ୍ୟତୀତ ଆଉ କେହି ରକ୍ଷା କରିବାପାରିବେ ନାହିଁ ବୋଲି ସାଧାରଣରେ ଧାରଣା ଜନ୍ମୁଛି।

ଆମେ ଅବଶ୍ୟ ପରସ୍ପରକୁ ଭେଟିଲେ 'ଆପଣଙ୍କ ହାଲ୍‌ଚାଲ୍ କ'ଣ?' 'ଖୁସିରେ ଅଛନ୍ତି ତ?' ବୋଲି ପଚାରୁଛୁ। ପରନ୍ତୁ ଆଜିର ହାଲ୍ କେବଳ ଚାଲ୍‌ରେ ଭରପୂର। ବୋଧହୁଏ ଅଳ୍ପ କେତେକଙ୍କୁ ଛାଡିଦେଲେ କେହି ଖୁସିରେ ନାହାନ୍ତି। ମୁହାଁମୁହିଁ ହେଲେ ଏସବୁ ପଚାରିବା କେବଳ ଏକ ଔପଚାରିକତା ପାଲଟିଛି।

ପ୍ରଶ୍ନ ଉଠୁଛି - ଏସବୁର କାରଣ କ'ଣ? ଏହାର ମୂଳକାରଣ ହେଲା ମଣିଷର ଅଦମନୀୟ ସ୍ୱାର୍ଥ ଲାଳସା। ମନୁଷ୍ୟ ପାଇଁ ସ୍ୱାର୍ଥର ବିକାଶ ସର୍ବାଧିକ ହୋଇଛି। ଏହାର ପରିଣାମରେ ଆମକୁ ମିଳିଛି ଅନିୟନ୍ତ୍ରିତ, ବିଶୃଙ୍ଖଳିତ, ସ୍ୱେଚ୍ଛାଚାରଯୁକ୍ତ ସମାଜ ଏବଂ ଶାସନ, ଯାହାର ଆଭୂଷଣ ହେଲା- ଲୁଟ୍‌ପାଟ୍, ଲଢେଇ, ଝଗଡ଼ା ଏବଂ ସବୁପ୍ରକାର ଅନୀତି ଓ ଅତ୍ୟାଚାର। ଏଠାରେ 'ସ୍ୱାର୍ଥ'ର ଅଭିପ୍ରାୟ ହେଲା 'ଦେହାର୍ଥ', କାରଣ ମନୁଷ୍ୟ 'ସ୍ୱ' କହିଲେ ଆତ୍ମାକୁ କମ୍ ଓ ଦେହକୁ ବେଶି ବୁଝେ।

ମନୁଷ୍ୟ ଏକଥା ଜାଣେ ଯେ ଦେହ ବିନାଶୀ ଓ କ୍ଷଣଭଙ୍ଗୁର। ଏହା ଚିରକାଳ ରହିପାରିବ ନାହିଁ। ଦେହ ଉପରେ କୌଣସି ଭରସା ନାହିଁ, ତଥାପି ମଣିଷ ଅର୍ଥ ଲାଳସାରେ ନିଜର ଶ୍ୱାସ, ଶକ୍ତି, ସମୟକୁ ନଷ୍ଟ କରୁଛି କାହିଁକି? ଆଜି ଯିଏ ତୁମର ପ୍ରଶଂସା କରୁଛି, ଯଶଗାନ କରୁଛି, କାଲି ସେହି ବ୍ୟକ୍ତି ବିରୋଧୀ ହୋଇ ଏଣେତେଣେ ତୁମର ନିନ୍ଦା ହିଁ କରିବ। ତେବେ କ୍ଷଣିକ କୀର୍ତ୍ତି ଲୋଭରେ ଆମେ ଜୀବନର ମୂଲ୍ୟବାନ ମୁହୂର୍ତ୍ତ, ଶକ୍ତିକୁ ନଷ୍ଟ କରିବା ପାଇଁ କାହିଁକି ଲାଗି ପଡିଛେ? ଅର୍ଥ ପଛରେ ଗୋଡାଉଥିବା ବ୍ୟକ୍ତିଙ୍କୁ ପଚାରିଲେ ଉତ୍ତର ମିଳେ- ମୁଁ ଏସବୁ ପିଲା, ପରିବାର, ଜ୍ଞାତିପରିଜନ, ଭାଇପୁତୁରାଙ୍କ ପାଇଁ କରୁଛି- ଯେପରି କି ସେମାନଙ୍କ ପ୍ରତି ସେ ମୋହଗ୍ରସ୍ତ। ସ୍ୱାର୍ଥର କାରଣ ମଧ ମୋହ। ମୋହ ହିଁ ମନୁଷ୍ୟକୁ ନିଜ ଅଙ୍ଗୁଳିର ଇସାରାରେ ମାଙ୍କଡ଼ ପରି ନଚାଉଛି।

ଏହି ସ୍ୱାର୍ଥ ଏବଂ ମୋହରୁ ଭୋଗବାଦର ଜନ୍ମ। ଭୋଗବାଦୀ ମନୁଷ୍ୟ ପାଇଁ ରୋଟି-କପଡା-ମକାନ ସବୁକିଛି। ଆଉ ଟିକିଏ ଉପରକୁ ଗଲେ କ୍ଷମତା ଏବଂ ତାକୁ ହାସଲ କରିବା ପାଇଁ ଅନୈତିକ ମାର୍ଗ ଯାହାକୁ ଦୁର୍ନୀତି, ଭ୍ରଷ୍ଟାଚାର, ଅନୀତି କୁହାଯାଇପାରେ। ଅନ୍ୟକୁ ଦିନରେ ଓଳିଏ ଖାଇବାକୁ ମିଳୁଛି କି ନାହିଁ ସେ ବିଷୟରେ ଚିନ୍ତା କରିବା ପାଇଁ ତା'ର ଆଗ୍ରହ ନାହିଁ କି ବେଳ ମଧ ନାହିଁ। ଶାସନର ଅବସ୍ଥା ଅନୁରୂପ। ହାତଗୁଞ୍ଜା ନ ଦେଲେ ଅଫିସ୍‌ରେ ଫାଇଲ ଗୋଟିଏ ଇଞ୍ଚ ମଧ ଆଗକୁ ଘୁଞ୍ଚିବ ନାହିଁ। ସର୍ବତ୍ର 'ମୁଦ୍ରା' (ଟଙ୍କା)ର ପ୍ରାଧାନ୍ୟ। ପଇସା ଦିଅ କାମ ନିଅ ନଚେତ୍ ଘରକୁ ଯାଅ। ନାଁ ହେଉଛି 'ପ୍ରଶାସନ', କିନ୍ତୁ କାମ ହେଉଛି 'ପରେଶାନ' (ହଇରାଣ)।

ପ୍ରଶ୍ନ ଉଠୁଛି ଭାରତ ପରି ଦେଶରେ ଏଭଳି ଅବସ୍ଥା ହେଲା କାହିଁକି? ଏହାର ଉତ୍ତର ହେଲା ଅନୁଶାସନର ଅଭାବ, ଯେଉଁ ଦେଶର ଶାସକ ଅନୁଶାସନହୀନ ହେବେ ସେମାନେ ଶାସନ କିଭଳି କରିବେ? ଦେଶ ଓ ସମାଜରେ ସୁଖଶାନ୍ତି ଆସିବ କିପରି? ଅନୁଶାସନର ବାସ୍ତବ ଅର୍ଥ ହେଲା- ମଣିଷ ନିଜ ଇନ୍ଦ୍ରିୟ ଏବଂ ବ୍ୟବହାର ଉପରେ ନିୟନ୍ତ୍ରଣ ରଖିବା। 'ମର୍ଯ୍ୟାଦା' ପାଳନ କରିବା, ନିୟମର ଉଲ୍ଲଂଘନ କରିବା ନାହିଁ, ତେବେ ଯାଇ ଆମେ ଅନୁଶାସିତ ହୋଇପାରିବା।

ପୂର୍ଣ୍ଣିମା, ୧୩୪୮/୪ ସି, ସେକ୍ଟର-୬, ମର୍କତନଗର, କଟକ-୧୪

## ପାଠକ ଶ୍ରେଷ୍ଠ ବିଚାରକ

### ଦାୟିତ୍ୱହୀନ ମନ୍ତବ୍ୟ

ମହାଶୟ,

ରାଜନେତାଙ୍କଠାରୁ ସାଧାରଣ ଜନତା ଅନେକ କିଛି ଶିଖନ୍ତି, ଅନୁକରଣ କରନ୍ତି। କିନ୍ତୁ ବେଳେବେଳେ ଦାୟିତ୍ୱହୀନ ମନ୍ତବ୍ୟ ଦେବା ଦ୍ୱାରା ନେତାମାନଙ୍କର ସମ୍ମାନହାନି ହେବା ସହ ଲୋକେ ସେମାନଙ୍କୁ ଘୃଣା କରନ୍ତି। ଗୋଟିଏ ଜାତି ବା ସମ୍ପ୍ରଦାୟର ଲୋକଙ୍କୁ ଆକ୍ଷେପ କରି ବିବୃତି ଦେବା ପରେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଏ। ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ନେତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼େ। ବନ୍ଧୁକରୁ ଗୁଳି, ତୁଣ୍ଡରୁ କଥା ବାହାରିଗଲେ ଆଉ ଫେରେନାହିଁ। ତେଣୁ ନେତାମାନେ କିଛି କହିବା ପୂର୍ବରୁ ଆଗପଛ ବିଚାର କରିବା ଓ ପରିଣାମ ଚିନ୍ତା କରିବା ଆବଶ୍ୟକ।

ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

### ପ୍ରକୃତ ବନ୍ଧୁ

ଧରିତ୍ରୀ (୬।୨)ରେ ପ୍ରକାଶିତ ଅଭିମନ୍ୟୁ ଧଳଙ୍କ ଦ୍ୱାରା ଲିଖିତ 'ଭଲ ବନ୍ଧୁଟିଏ ଖୋଜିବା' ପ୍ରବନ୍ଧଟି ପାଠ କଲି। ପ୍ରକୃତ ବନ୍ଧୁ କିଏ ତାହା ସେ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି। କେତେକ ବନ୍ଧୁ ସମ୍ପଦ କାଳରେ ଦେଖାଦେଇ ବିପଦ ସମୟରେ ଉଭେଇଯାଆନ୍ତି। କିନ୍ତୁ ଯେଉଁ ଲୋକ ସମ୍ପଦ ଓ ବିପଦ ଉଭୟ ସମୟରେ ବନ୍ଧୁ ନିକଟରେ ଉପସ୍ଥିତ ହୁଅନ୍ତି, ସେ ହିଁ ପ୍ରକୃତ ବନ୍ଧୁ।

ମୀନାକୁମାରୀ ମହାପାତ୍ର, ମହତାବରୋଡ, ପୁରୁଣା ଭୁବନେଶ୍ୱର

### ଦୁର୍ନୀତି ବଢ଼ିଛି ନା କମିଛି

ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି କରିଛନ୍ତି ଯେ, ଗତ ସାଢ଼େ ୪ ବର୍ଷ ମଧ୍ୟରେ ତାଙ୍କ ସରକାର ଦେଶବାସୀଙ୍କୁ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ଦେଇ ପାରିଛନ୍ତି। ଅବଶ୍ୟ ଏ କଥା ଆମକୁ ସ୍ୱୀକାର କରିବାକୁ ହେବ ଯେ, ଏନ୍‌ଡିଏ ଶାସନ ସମୟର ସାଢ଼େ ୪ ବର୍ଷରେ କେନ୍ଦ୍ର ସରକାର ଓ କୌଣସି କେନ୍ଦ୍ରମନ୍ତ୍ରୀ ଦୁର୍ନୀତିରେ ଲିପ୍ତ ଥିବାର ପ୍ରମାଣିତ ହୋଇନାହିଁ। ତେବେ ଏହାର ଅର୍ଥ ନୁହେଁ ଯେ, ଏହି ସମୟ ମଧ୍ୟରେ ଦେଶରେ ଦୁର୍ନୀତି ହୋଇନାହିଁ। ସତକଥାଟି ହେଲା ଦେଶରେ ଦୁର୍ନୀତି ହ୍ରାସ ପାଇବା ବଦଳରେ ବୃଦ୍ଧି ପାଇଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଦ୍ୱାରା ପ୍ରକାଶିତ ଏକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ, ଭାରତ ଏସିଆ ମହାଦେଶର ସବୁଠାରୁ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର। ଏଠାରେ ଅର୍ଦ୍ଧାଧିକ ଲୋକ ବିଭିନ୍ନ ସରକାରୀ ସେବା ଓ ସୁବିଧା ପାଇବା ପାଇଁ ଲାଞ୍ଚ ଦେଇଥାନ୍ତି। ଏହି ଲାଞ୍ଚ ଆଦାନପ୍ରଦାନର ହାର ୬୯ ପ୍ରତିଶତ। ଏହାଛଡା ସୁପ୍ରିମ୍‌କୋର୍ଟଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ଦେଶରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ପ୍ରଣୀତ ସବୁଠାରୁ ଶକ୍ତିଶାଳୀ ଲୋକପାଳ ଆଇନକୁ କାର୍ଯ୍ୟକ୍ଷମ କରିବାରେ କେନ୍ଦ୍ର ସରକାରଙ୍କ ଅବହେଳା ଦେଶରେ ଦୁର୍ନୀତିକୁ ପ୍ରୋତ୍ସାହନ ଦେବାରେ ସହାୟକ ହୋଇଛି। ଏଣୁ ଏହା ନିଃସନ୍ଦେହ ଯେ, ଏହି ୪ ବର୍ଷ ମଧ୍ୟରେ ଦେଶରେ ଦୁର୍ନୀତି ବଢ଼ିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଫେବୃୟାରୀ ୧୯୯୪

- ରୁଷିଆ ନିର୍ମିତ ଏକ ଯାତ୍ରୀବାହୀ ବିମାନ ପେରୁର ପୂର୍ବାଞ୍ଚଳରେ ଥିବା ଟିଙ୍ଗୋମାରିଆ ନିକଟସ୍ଥ ଏକ ପର୍ବତ ସହ ପିଟି ହେବା ଫଳରେ ୩୧ ଯାତ୍ରୀ ପ୍ରାଣ ହରାଇଛନ୍ତି।
- ପାର୍ଲାମେଣ୍ଟ ସଦସ୍ୟମାନେ ନିଜ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ବର୍ଷକୁ ୧ କୋଟି ଟଙ୍କାର ପ୍ରକଳ୍ପ ଜିଲାପାଳଙ୍କ ନିକଟରେ ଉପସ୍ଥାପିତ କରିପାରିବା ନେଇ ଏକ ନିୟମାବଳୀ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି।



## ଶ୍ରଦ୍ଧାଙ୍କ ଫରେନ ଟୁର୍

ଶ୍ରଦ୍ଧା କପୁର ଏବେ ଲଣ୍ଡନରେ ଡେରା ପକାଇଛନ୍ତି। ଠାକୁର ଦେଖାକୁ କଦଳୀ ଖିଆ ପରି ଯେଉଁ କାମ ପାଇଁ ସେଠାକୁ ଯାଇଛନ୍ତି ତାହା ତ ହେଉଛି, ତା'ସହ ବୁଲାବୁଲି ପୁଣି ଶପିଂ ବି ଚାଲିଛି। ହେଲେ ସେ ଲଣ୍ଡନ ଯିବା ପଛରେ ମୁଖ୍ୟ କାରଣ କ'ଣ ଜାଣନ୍ତି? ଫିଲ୍ମ ଶୁଟିଂ। କଥା କ'ଣ କି, ହିନ୍ଦୀ ସିନେମା 'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀ'ର ଶୁଟିଂ ଏବେ ଲଣ୍ଡନରେ ଚାଲିଛି। ତେଣୁ ଏକ ୧୫ଦିନିଆ ସିଡ୍ୟୁଲରେ ଫିଲ୍ମର ୟୁନିଟ୍ ସେଠାରେ ଡେରା ପକାଇଛି। କେବଳ ଶ୍ରଦ୍ଧା ନୁହନ୍ତି, ଫିଲ୍ମର ନାୟକ ବରୁଣ ଧାୱନ ମଧ୍ୟ ସେଠାରେ ଅଛନ୍ତି। ନିକଟରେ ଏହାର ନିର୍ଦ୍ଦେଶକ ରେମୋ ଡିସୌଜା ବରୁଣଙ୍କ ସହ ନିଜ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।



ଦିଶା ପଟାନି

## ବ|ଲି|ଉ|ଡ୍|ହା|ଲ୍|ଚା|ଲ୍

- ମଲାଇକା ଆରୋରା ନିକଟରେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଏକ ରୋଚକ କଥା କହିଛନ୍ତି। ଅରବାଜଙ୍କ ସହ ଡିଭୋର୍ସ ହେବା ପୂର୍ବରୁ ଆମେ ଦୁହେଁ ଆଦୌ ଖୁସିରେ ନ ଥିଲୁ ବୋଲି କହିଛନ୍ତି ସେ।
- ତିଗମାଂସୁ ଧୁଲିଆଙ୍କ ନିର୍ଦ୍ଦେଶିତ 'ମିଲନ ଟକିଜ୍' ଚଳିତ ବର୍ଷ ମାର୍ଚ୍ଚ ୧୫ରେ ରିଲିଜ ହେବାକୁ ଯାଉଛି। ଏହାର ଲିଡ୍ ରୋଲରେ ଅଛନ୍ତି ଅଲ୍ଲୀ ଫଜଲ ଏବଂ ଶ୍ରଦ୍ଧା ଶ୍ରୀନାଥ।
- 'ଗଲି ବୟ' ଦେଖିବା ପରେ କେବଳ ରଣବୀର ସିଂଙ୍କୁ ନୁହେଁ ଆଲିୟା ଭଟ୍ଟଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି କ୍ୟାଟ୍ରିନା।
- ଆଦିତ୍ୟ ରୟ କପୁରଙ୍କ ଆଗାମୀ ଆକ୍ସନ-ଥ୍ରୀଲର ଫିଲ୍ମରେ ଅନିଲ କପୁର ଖଳନାୟକ ଭୂମିକାରେ ଅବତୀର୍ଣ୍ଣ ହେବେ। ଏଥିରେ ଆଦିତ୍ୟଙ୍କ ସହ ସ୍କ୍ରିନ ଶେୟାର କରିବେ ଦିଶା ପଟାନି। ଫିଲ୍ମର ଶୁଟିଂ ଚଳିତବର୍ଷ ମାର୍ଚ୍ଚରୁ ଗୋଆରେ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।
- ଲଗାତର ଫିଲ୍ମ ଫ୍ଲପ ହେବା ପରେ ଶାହରୁଖ ଏବେ ଏକ ଦମଦାର କାହାଣୀ ସନ୍ଧାନରେ ଅଛନ୍ତି।

ଅପେରା ହାଲ୍‌ଚାଲ୍

## କଥା ୨୩ ବର୍ଷର



ଟୁନି

ଚାହୁଁ ଚାହୁଁ ଜଲିଉଡ୍‌ରେ ୨୩ ବର୍ଷ ହୋଇଗଲା। ଆକ୍ଟିଂର ଲମ୍ବା ଇନିଂସ୍ ଖେଳୁଥିବା ଏହି ଆଗଧାଡିର ଅଭିନେତ୍ରୀ ଜଣକ ହେଲେ ଟୁନିଆ ମଲ୍ଲିକ। ଟୁନି ନାମରେ ସେ ଇଣ୍ଡଷ୍ଟ୍ରିରେ ପରିଚିତା। ବର୍ତ୍ତମାନ ସେ ଯାତ୍ରାଗାଁ ଅପେରା ପାର୍ଟିରେ ଅଭିନୟ ଜାରି ରଖିଛନ୍ତି। ଚଳିତ ଯାତ୍ରା ସିଜନରେ ଦୁଇଟି ନାଟକ- 'ଲୁହର ଓଜନ ଲୁହାଠୁ ବେଶି' (ଶର୍ମିଳା, ଲଗ୍ନା) ଏବଂ 'ତୁ ମୋ ସପନର ରାଣୀ' (ସଞ୍ଜନା, ଶେଫାଳି)ରେ ତାଙ୍କର ଡବଲ ରୋଲ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଏହି ଚରିତ୍ରଗୁଡିକୁ ସେ ବେଶ୍ ସୁନ୍ଦର ଭାବରେ ଫୁଟାଇ ପାରିଛନ୍ତି ଏବଂ ସାଉଁଟିଛନ୍ତି ଅନେକ ପ୍ରଶଂସା। 'ଲୁହର ଓଜନ ଲୁହାଠୁ ବେଶି' ଏବଂ 'ତୁ ମୋ ସପନର ରାଣୀ'ରେ ଡବଲ ରୋଲ୍ ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। କିନ୍ତୁ ଆଖଡ଼ା ପରେ ତାହାକୁ ତୁଲାଇବାର ସହଜ ଉପାୟ ପାଇଯାଇଥିଲି। ମୋ ପରିଶ୍ରମକୁ ଦର୍ଶକେ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା ବୋଲି କୁହନ୍ତି ଟୁନିଆ।' ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରୁ ଆରମ୍ଭ ହୁଏ ତାଙ୍କ ଅଭିନୟ ଜୀବନ। ତୁଳସୀ ଗଣନାଟ୍ୟରେ ପ୍ରବେଶ ପରେ ତାଙ୍କର ଆକ୍ଟିଂ କ୍ୟାରିୟର ନିଏ ନୂଆ ମୋଡ଼। ବିଶେଷଭାବରେ ଟ୍ରାଜେଡି ଭୂମିକାରେ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିବାରେ ସକ୍ଷମ ହୋଇଛି, ଯେଉଁଥିପାଇଁ ସେ ଜଲିଉଡ୍‌ରେ 'ଟ୍ରାଜେଡି କୁଇନ୍' ଭାବରେ ପରିଚିତା।

## ରେହନୁମା ରେହନୁମା..

ନିର୍ମାଣାଧୀନ ଓଡ଼ିଆ ସିନେମା 'ବିଶ୍ୱରୂପ'ରେ ସଂଯୋଜିତ ଗୀତ 'ରେହନୁମା ରେହନୁମା'କୁ ନେଇ ଚର୍ଚ୍ଚା। ଗୀତଟିର କମ୍ପୋଜିଶନ ସମୟରେ ବେଶ୍ ପରିଶ୍ରମ କରିଥିଲେ ଏହାର ସଙ୍ଗୀତ ନିର୍ଦ୍ଦେଶକ ବିଭୂତି ଭୂଷଣ ଗଡ଼ନାୟକ। ନାୟକ ବିଶ୍ୱରୂପ ଏବଂ ନାୟିକା ଅମ୍ରିତାଙ୍କୁ ନେଇ ଏହାର ଦୃଶ୍ୟାୟନ ସୁଦୂର ଆସାମ, ମେଘାଳୟ ଏବଂ ସିକ୍କିମ୍‌ରେ କରାଯାଇଛି। ଗୀତଟି ପାଇଁ କଣ୍ଠଦାନ କରିଛନ୍ତି ସତ୍ୟଜିତ୍ ଏବଂ ଦୀପ୍ତିରେଖା। କେବଳ କମ୍ପୋଜିଶନ ନୁହେଁ, ଗୀତଟି ରଚନା ସମୟରେ ଏହାର ପ୍ରତିଟି ଧାଡ଼ି କିପରି ବେଶ୍ ଶ୍ରୁତିମଧୁର ହୋଇପାରିବ ସେଥିପାଇଁ ଚେଷ୍ଟା କରାଯାଇଥିଲା। ଏ.ବି. କ୍ରିଏଶନ ବ୍ୟାନର ତଥା ବିଶ୍ୱଜିତ୍ ମିଶ୍ରଙ୍କ ପ୍ରଯୋଜନାରେ ନିର୍ମିତ 'ବିଶ୍ୱରୂପ'ର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜକାନ୍ତ।



ବିଶ୍ୱରୂପ – ଅମ୍ରିତା

## ଦୋଛକିରେ ପଡ଼ିଛନ୍ତି ଈଶାନ

ନବାଗତ ଈଶାନ ଖଟ୍ଟର। 'ଧଡକ୍' ସିନେମାରୁ ସେ ତାଙ୍କର ବଲିଉଡ୍ ଜର୍ନି ଆରମ୍ଭ କରିଛନ୍ତି। ନିକଟରେ ସେ ଦୋଛକିରେ ପଡିଯାଇଛନ୍ତି। ପୁଣି ଏମିତି ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମହତ୍ୟା। ଏପରି ଏକ ସମସ୍ୟାର ସମାଧାନ କିପରି କରିବେ ତାହାର ବାଟ ଖୋଜୁଛନ୍ତି ସେ। ହାତୀ ମୁଣ୍ଡରେ ସୁନା କଳସ ଢାଳିବା ପରି ତାଙ୍କୁ ଆଉ ଏକ ଭଲ ଅଫର ମିଳିଛି। ତାହା ପୁଣି ବିଶିଷ୍ଟ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ କ୍ୟାମ୍ପରୁ ଜାଣନ୍ତି। ଶୁଣିବାକୁ ମିଳୁଛି ଯେ ସଞ୍ଜୟ ଏକ ଲଭ୍ ଷ୍ଟୋରିକୁ ହିନ୍ଦୀ ସିନେମାରେ ରୂପାନ୍ତରିତ କରିବାକୁ ଯାଉଛନ୍ତି। ଆଉ କାହାଣୀ ଅନୁସାରେ ଏହାର ମେଲ୍ ଲିଡ୍ ପାଇଁ ସେ ଈଶାନଙ୍କ ନାମକୁ ପ୍ରାଥମିକତା ଦେଉଛନ୍ତି। ଯଦିଓ ସବୁକିଛି ଆଲୋଚନା ସ୍ତରରେ ରହିଛି, ହେଲେ ଏଭଳି ଖବର ପାଇବା ପରେ ଈଶାନଙ୍କ ଖୁସି କହିଲେ ନ ସରେ। ହେଲେ ସେପଟେ ତାଙ୍କୁ ଆଉ ଏକ ଭଲ ଅଫର ମିଳିଛି। ତେଣୁ କାହାକୁ ହଁ ଭରିବେ କାହାକୁ ମନା କରିବେ ସେ ନେଇ ଅଡୁଆରେ ପଡିଯାଇଛନ୍ତି ଏହି ଅଭିନେତା। ତେବେ ଆଗକୁ କ'ଣ ହେବା ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ।



ଈଶାନ

## ବିନ୍‌ଦାସ ଦୀପକ

ଆଶା କାହାର ନ ଥାଏ କହିଲେ? ଯେତେବେଳେ ତାହା ପୂରଣ ହୋଇଯାଏ ସେତେବେଳେ ଖୁସି କହିଲେ ନ ସରେ। ଆଉ ସେଥିରୁ ଦୀପକ ବାଦ୍ ବା ପଡ଼ନ୍ତେ କିପରି? ନିକଟରେ ତାଙ୍କର ଏପରି ଏକ ଆଶା ପୂରଣ ହେବା ପରେ ସେ ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି, ନିର୍ମାଣାଧୀନ ଓଡ଼ିଆ ଚଳଚ୍ଚିତ୍ର 'ଜୋର୍ କା ଝଟ୍‌କା'ରେ ତାଙ୍କୁ ମିଳିଛି ଏକ ଚ୍ୟାଲେଞ୍ଜିଂ ଭୂମିକା। ପୁଣି ରୋଲ୍‌ଟି ତାଙ୍କ ମନଲାଖି। ଏ ସମ୍ପର୍କରେ ଦୀପକ କହନ୍ତି, ଏହି ଫିଲ୍ମର କାହାଣୀରେ ଲଭ୍, ଇମୋଶନ ଏବଂ କମେଡି ରହିଛି। ଏଥିରେ ମୋତେ ମିଳିଛି ଜଣେ ବିନ୍‌ଦାସ ଯୁବକର ଭୂମିକା। ହଠାତ୍ ମୋର ଜଣେ ସୁନ୍ଦରୀ ସହ ଭେଟ ହେଉଛି ଏବଂ ସେହି ପ୍ରଥମ ଦେଖାରେ ହିଁ ଆମ ଭିତରେ ପ୍ରେମ ଆରମ୍ଭ ହୋଇଯାଉଛି। ବାସ୍ ତା'ପରେ କ'ଣ ହେଉଛି ତାହା ସିନେମାରେ ଦେଖିବାକୁ ମିଳିବ। ସବୁଦୃଷ୍ଟିରୁ ଏହି ଭୂମିକା ମୋତେ ପ୍ରଭାବିତ କରିଛି। ଏହା ହେଉଛି ମୋର ଡ୍ରିମ୍ ରୋଲ୍, ଯେଉଁଥିରେ ସବୁପ୍ରକାର ମସଲା ରହିଛି।' ଶିବାନୀ ଫିଲ୍ମସ ବ୍ୟାନରରେ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ଅଶୋକ ବେହେରା। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି ପିନୁ ନାୟକ। ଦୀପକଙ୍କ ଅପୋଜିଟ୍‌ରେ ପିଙ୍କି ପ୍ରିୟଦର୍ଶିନୀ ନାୟିକା ସାଜିଥିବା ବେଳେ ଶ୍ରୀତମ୍ ଦାସ, ମିହିର ଦାସ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ପ୍ରଜ୍ଞା ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଡ. ନିର୍ମଳ ନାୟକ ସଂଳାପ ରଚନା କରିଛନ୍ତି ଏବଂ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର।



ଦୀପକ–ପିଙ୍କି

## ବ୍ୟସ୍ତ ଅଛନ୍ତି ରଣବୀର

ରଣବୀର ସିଂଙ୍କ ପାଖରେ ଏବେ ଟାଇମ୍ ନାହିଁ। କାରଣ ପ୍ରସ୍ତୁତିରେ ଏବେ ସମୟ ବିତି ଯାଉଛି। କ'ଣ ପାଇଁ ଜାଣନ୍ତି ? ସେ ଏବେ ବିଶିଷ୍ଟ କ୍ରିକେଟ ଖେଳାଳି ତଥା ଭାରତକୁ ପ୍ରଥମ ଥର ପାଇଁ ବିଶ୍ୱକପ ଚାମ୍ପିୟନର ସ୍ୱାଦ ଚଖାଇଥିବା କପିଳ ଦେବଙ୍କ ବାୟୋପିକରେ ଅଭିନୟ କରିବାକୁ ଯାଉଛନ୍ତି। ତେଣୁ ଏଭଳି ଏକ ଭୂମିକାରେ କିପରି ସଫଳ ହେବ ସେ ନେଇ ଦିନରାତି ଏକାଠି କରିଦେଇଛନ୍ତି ରଣବୀର। ବିଶେଷ ଭାବରେ ପଡିଆରେ କପିଳଙ୍କ ଆକ୍ସନକୁ କିପରି ଠିକ୍ ଭାବରେ ସେ ଫଲୋ କରିବା ସହ ଭୂମିକାଟିକୁ ତୁଲାଇ ପାରିବେ ସେଥିପାଇଁ ବିଶେଷ ଧ୍ୟାନ ଦେଉଛନ୍ତି। 'କେବଳ ଏହି ଭୂମିକା ନୁହେଁ, ସିନେମାଟି ମୋ ପାଇଁ ଏକ ଚ୍ୟାଲେଞ୍ଜ। ତେଣୁ ଏହାକୁ ପ୍ରପର ଜଷ୍ଟିସ ଦେବାକୁ ଲାଗି ପଡିଛି ବୋଲି କହିଛନ୍ତି ରଣବୀର।' ସୂଚନାଯୋଗ୍ୟ, ନିକଟରେ ରଣବୀରଙ୍କ ଅଭିନୀତ 'ଗଲି ବୟ' ରିଲିଜ ହୋଇ ଭଲ ବିଜନେସ କରୁଛି।

# ଗଛରେ ପିଟିଲା ଅଟୋ: ଜଣେ ମୃତ, ୪ ଗୁରୁତର

**ଦେବଗଡ, ୨୭।୨(ସ୍ୱ.ପ୍ର)**

ତିଲେଇବଣି ବ୍ଲକ ସାମନ୍ତରାପାଳି ଗ୍ରାମ ନିକଟରେ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଦୁଇ ଶିଶୁ ସମେତ ୪ଜଣ ଗୁରୁତର ହୋଇଛନ୍ତି। ଖବର ମୁତବକ ଜିଲ୍ଲାର ତିଲେଇବଣି ବ୍ଲକ ନୂଆଭୂଇଁ ଗ୍ରାମରୁ ଏକ ଅଟୋରେ ଝିଅ ଦେଖିବା ପାଇଁ ବାରକୋଟ ବ୍ଲକ କୁଣ୍ଡାପିଠା ଗ୍ରାମକୁ ଯାଉଥିଲେ। ଅଟୋଟି ଭାରସାମ୍ୟ ହରାଇ ସାମନ୍ତରାପାଳି ଗ୍ରାମ ନିକଟସ୍ଥ ଏକ ପୋଲ ନିକଟରେ


ଦୁର୍ଘଟଣାଗ୍ରସ୍ତ ଅଟୋ।

ଗଛରେ ପିଟି ହୋଇ ଓଲଟି ପଡିଥିଲା। ଫଳରେ ଅଟୋରେ ବସିଥିବା ନିର ବାଘ (୩୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀ ମୈଥିଳି ବାଘ (୩୦) ଦୁଇ ଝିଅ ଅମ୍ରିତା ବାଘ(୫), ଖୁସିଲତା ବାଘ(୧) ଓ ତାଙ୍କ ଶାଶୁ ଯଶୋଦା ବାଘ(୬୫) ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି ଦେବଗଡ ମୁଖ୍ୟ ଡାକ୍ତରଖାନାରେ ସେମାନଙ୍କୁ ଭର୍ତ୍ତି କରିଥିଲେ। ତେବେ ଅଟୋ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ


ଅତିଥିମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

**ଦେବଗଡ,୨୭।୨(ସ୍ୱ.ପ୍ର)**

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍ ଇଣ୍ଡୋର ହଲ୍‌ରେ ବୁଧବାର ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତହୋଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ ଶାଓଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବସ ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଓକିଲ ସଂଘ ସଭାପତି ଦିଲୀପ ଗୁରୁ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ସାହୁ, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଭୁକ୍ତା ଓ ବରିଷ୍ଠ ସାହିତ୍ୟିକ ନିରଞ୍ଜନ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସେହିପରି ବିଭାଗୀୟ ଡିପିଏମ୍ ଅଂଜନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଜିଲ୍ଲାବ୍ୟାପୀ ବହୁବରିଷ୍ଠ ମହିଳାପୁରୁଷ ଯୋଗଦାନ କରିଥିଲେ । ଅନ୍ୟପକ୍ଷରେ ଦିବସ ପାଳନ ପରିପ୍ରେକ୍ଷୀରେ ସକାଳୁ ଜିଲ୍ଲା ପତଞ୍ଜଳୀ ଯୋଗ ସମିତି ମୁଖ୍ୟ ଅର୍ଜ୍ଜୁନ ମୋହନ ସାହୁଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ନାଗରିକଙ୍କୁ ଯୋଗଗୁରୁ ଲକ୍ଷ୍ମଣ ଦେହୁରୀ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରାଇଥିଲେ। ପ୍ରଜାପତି ବ୍ରହ୍ମ କୁମାରୀ ଈଶ୍ୱରୀୟ ପ୍ରତିଷ୍ଠାନ ପକ୍ଷରୁ ସାମାଜିକ ସଚେତନତା କରାଯାଇଥିଲା । ସେହିପରି ସଭାକାର୍ଯ୍ୟ ଶେଷରେ ଡାକ୍ତରଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବାବେଳେ ସ୍ଥାନୀୟ ରାଣିମାଁ ଗୌରହରୀ ମହିଳା ସଂକୀର୍ତନ ମଣ୍ଡଳୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଶିଶୁ ସୁରକ୍ଷା କମିଟିର ସଦସ୍ୟଙ୍କ ପାଇଁ ସଚେତନତା ଶିବିର

**ଦେବଗଡ, ୨୭।୨(ସ୍ୱ.ପ୍ର)**

ତିଲେଇବଣିର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଭା ଗୃହରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଆବାହକତ୍ୱରେ ବ୍ଲକ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ଏକ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଚାଇଲ୍ଡଲାଇନ ଦେବଗଡ ଆନୁକୂଲ୍ୟରେ ଏହା ହୋଇଥିଲା। ତିଲେଇବଣି ବ୍ଲକ ଏବିଡିଓ ଶୁନିଲ ଗୁରୁ ଏଥିରେ ସଭାପତିତ୍ୱ କରିଥିଲେ। ଏହି କର୍ମଶାଳାରେ ତିଲେଇବଣି ବ୍ଲକର ଅଧକ୍ଷା ସୁବାସିନୀ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କିଶୋର ନ୍ୟାୟ ଅଧିନିୟମକୁ କଡାକଡି ଭାବେ କାର୍ଯ୍ୟକାରୀ କରି ବିପଦସଙ୍କୁଳ ଅବସ୍ଥାରେ ରହୁଥିବା ଶିଶୁ ଓ ଆଇନ ସହ ଦ୍ୱନ୍ଦରେ ଥିବା ଶିଶୁଙ୍କ ଯତ୍ନ ଓ ସୁରକ୍ଷା ଦିଗରେ ସରପଞ୍ଚ ଓ ଶିଶୁ ସୁରକ୍ଷା କମିଟିର ସଦସ୍ୟମାନଙ୍କର ଭୂମିକା ବିଷୟରେ ଏବଂ ଯୌନ ନିର୍ଯାତନାରୁ ଶିଶୁମାନଙ୍କ ସୁରକ୍ଷା ଅଧିନିୟମ ୨୦୧୨ ଅନୁଯାୟୀ ପୋଲିସର ଆଇନଗତ କର୍ତ୍ତବ୍ୟ ବିଷୟରେ ଜିଲ୍ଲା ଶିଶୁ ଅଧିକାରୀ ରୋମିଓ ମହାପାତ୍ର ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ଅଧକ୍ଷ ଅତୁଲ୍ୟ ପୂଝାରୀ,ଶିଶୁ ସୁରକ୍ଷା ଆଇନ ଉପରେ ଆଲୋକପାତ କରିବା ସହ ନ୍ୟାୟ ଅଧିନିୟମରେ ବିହିତଥିବା ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ । ଆଇସିଡିଏସ ସୁପରଭାଇଜର ଅଞ୍ଜଳି ସାହୁ ମଧ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟପକ୍ଷରେ ବ୍ଲକରେ ବାଲ୍ୟ ବିବାହକୁ ବନ୍ଦ କରିବାକୁ ବିଭିନ୍ନ ମନ୍ଦିର ଓ ମଠରେ ସଚେତନତା ସୂଚନା ଫଳକ ଲଗାଯିବା ପାଇଁ ସମସ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ କହାଯିବ ବୋଲି ନିଷ୍ପତି ନିଆଗଲା । ଏହି କର୍ମଶାଳାରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର କର୍ମକତା ରଜନୀକାନ୍ତ ମହନ୍ତ, ପ୍ରମୋଦ ପୂଝାରୀ, ଚାଇଲ୍ଡଲାଇନର ପ୍ରତିନିଧି ଉପେନ୍ଦ୍ର ଭଞ୍ଜ ସହଯୋଗ କରିଥିଲେ । କର୍ମଶାଳାରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ ।


ସଚେତନତା କର୍ମଶାଳାରେ ମଞ୍ଚାସୀନ ଅତିଥି।

# ରାଜନୈତିକ ଦଳ କର୍ମକର୍ତ୍ତାଙ୍କ ସହ ନିର୍ବାଚନ ଅଧିକାରୀଙ୍କ ବୈଠକ

**ରେଢାଖୋଲ,୨୭।୨(ଡି.ଏନ.ଏ.)**

ରେଢାଖୋଲ ଉପଜିଲାପାଳ ତଥା ବିଧାନସଭା ନିର୍ବାଚନ ଅଧିକାରୀ ବିଶିକେସନ ଦେହୁରୀ ବୁଧବାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ କରିଛନ୍ତି। ଆଗାମି ସାଧାରଣ ନିର୍ବାଚନ ପରିପେକ୍ଷୀରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ବୁଥ୍ ଏଜେଣ୍ଟମାନଙ୍କ ତାଲିକା ଦେବାକୁ କହିବା ସହିତ ଭୋଟର ତାଲିକାରେ ଭୋଟରମାନଙ୍କ ନାମ ଠିକ୍ ରହିଛି ନା ନାହିଁ ସେ ନେଇ ତଥ୍ୟ ପ୍ରଦାନ କରିବାକୁ ଉପ ଜିଲାପାଳ କହିଥିଲେ। ବୈଠକରେ ଇଭିଏମ ଓ ନୂତନ ଭାବେ ସଂଯୋଗ ହୋଇଥିବା ଭିଭିପାଟ ମେସିନର କାର୍ଯ୍ୟ ପ୍ରଣାଳି ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। ବୈଠକରେ ସୁରେନ୍ଦ୍ର ବିଶ୍ୱାଳ, ଗୌରୀଶଙ୍କର ପାତ୍ର, ଶିବରାମ ସାହୁ, ମମତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ

**ନାକଟିଦେଉଳ,୨୭।୨ (ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ପାଣିମୁରା ପଞ୍ଚାୟତର ଫୁଲକୁସୁମଠାରେ ବୁଧବାର ପୂର୍ତ୍ତ ବିଭାଗ ପକ୍ଷରୁ ୨ଟି ନାଳ ଉପରେ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି । ରାମପୁର-ଗିରିଶ୍ଚନ୍ଦ୍ରପୁର ରାସ୍ତାର ଲୁହାବୀର ନାଳ ଉପରେ ସେତୁ ନିର୍ମାଣ ପାଇଁ ସମୁଦାୟ ୨କୋଟି ୮୧ଲକ୍ଷ ୫୨ହଜାର ଟଙ୍କା ଅଟକଳରେ ଏକ ସେତୁ ନିର୍ମାଣ କରାଯିବ। ସେହିଭଳି ଉପରମୁଣ୍ଡା-ମହୁକୁଦ-ସଢୋ-ଫୁଲକୁସୁମ ରାସ୍ତାର ଟିକିରା ନାଳ ଉପରେ ମଧ ଅନ୍ୟ ଏକ ସତୁ ନିର୍ମାଣ ହେବ। ଏଥି ପାଇଁ ପୂର୍ବ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ବିଧାୟକ ରୋହିତ ପୂଜାରୀ ଶିଳାନ୍ୟାସ କରିଛନ୍ତି। ପୂର୍ବ ସଚିବ ନଳିନୀକାନ୍ତ ପ୍ରଧାନ, ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ, ନିର୍ବାହୀଯନ୍ତ୍ରୀ ଗୌରାଙ୍ଗଚରଣ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ବୀରବର ବେହେରା, ନାକଟିଦେଉଳ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ନାଏକ, ପାଣିମୁରା ସରପଞ୍ଚ ସନ୍ତୋଷିନୀ ସାହୁ, ସମିତି ସଭ୍ୟ ମାମୁନୀ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡ଼ି ସଭାପତି ମୂଳିଆ ରାଉଳ, ଉପସଭାପତି କୁଞ୍ଜବିହାରୀ ନନ୍ଦ, ଯୁବନେତା ରାଜ କିଶୋର ପ୍ରଧାନ, ବିଜେଡ଼ି ବ୍ଲକ ପର୍ଯ୍ୟବେକ୍ଷକ ଗିରିଶ ରାଉତ, ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# କଫ ସିରପ କାରବାରରେ ମହିଳା ଗିରଫ

**ସମ୍ବଲପୁର,୨୭।୧୨(ବ୍ୟୁରୋ)**

ସମ୍ବଲପୁର ଟାଉନ ଥାନା ପୋଲିସ କଫସିରପ କାରବାରରେ ସାହୁ କଲୋନୀର ସୁଭଦ୍ରା ବେହେରାଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ ୯ ବୋତଲ କଫ ସିରପ ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା (ନଂ.୮୦/୧୯) ରୁଜୁ ହୋଇଛି।

# ବିଜେଡିର ବିଧାନସଭା କ୍ଷେତ୍ରୀୟ ବୈଠକ

**ସମ୍ବଲପୁର, ୨୭।୨ (ବ୍ୟୁରୋ)**

ବିଜୁ ଜନତା ଦଳ (ବିଜେଡି)ର ବିଧାନସଭା କ୍ଷେତ୍ରୀୟ ବୈଠକ ବୁଧବାର ଶାନ୍ତିନଗରଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନେତା ଓ କର୍ମୀମାନେ ଯୋଗ ଦେଇଥିଲେ । ଆସନ୍ତା ସାଧାରଣ ନିର୍ବାଚନରେ ଦଳର ସମସ୍ତ କର୍ମୀମାନେ କିଭଳି ସଂଗଠିତ ହୋଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମତ ସୃଷ୍ଟି କରିପାରିବେ ସେ ନେଇ ବିଶଦ ଆଲୋଚନା ହୋଇଥିଲା। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲ୍ଲା କୃଷକ ସଂଗଠନ ସଭାପତି ଆନନ୍ଦ ଜେନା, ପୂର୍ବତନ ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ଅଶୋକ ସେନାପତି, ମହିଳା ସଭାନେତ୍ରୀ ରାଜଲକ୍ଷ୍ମୀ ପ୍ରଧାନ, ନିର୍ମାଣ ଶ୍ରମିକ ରାଜ୍ୟ ଉପସଭାପତି ଗୋକୁଳ ମେହେର, ଟାଉନ ମହିଳା ସଭାନେତ୍ରୀ ସୁମିତ୍ରା ଅଗ୍ରୱାଲ, ହୀରାକୁଦର ରେଣୁବାଲା ମରେଇ, ବୁର୍ଲାର ଶାନ୍ତିଲତା କର, ଦେବାଶିଷ ନନ୍ଦ, ଗୁରଜିନ୍ଦର କୌରଡିଙ୍ଗରା, ରାଜ୍ୟ କୃଷକ ସେଲ ସମ୍ପାଦକ ମନୋଜ ମହାପାତ୍ର, କୁନା ବି ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସୌମିନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କସିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କେଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
Balimela Hydro Electric Project, Post: Balimela, Dist: Malkangiri (Odisha), Pin: 764051, Phones: 06861-232581 (O)/ 232641 (R), Fax: 06861-232541, E-Mail: unit.head_balimela@yahoo.com

REGD. OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar Chouk, Janapath, Bhubaneswar-22
Tel: 91-0674-2542983, 2542802, 2545526, 2542826, Fax: 2542102, Gram: Hydropower, E-mail: ohpc.co@gmail.com/ md@ohpcltd.com, Web: www.ohpcltd.com, CIN: U40101OR1995SGC003963

No. BHEP: 13H/1166 Dated 25.02.2019

1st CORRIGENDUM TO TENDER CALL NOTICE NO. 39/18-19, DTD. 07.02.2019 BHEP, BALIMELA

No.CAD-1501:-
1) The last date and time of submission of the tender document is extended upto 12.30 PM of Dtd 07.03.2019.
2) The last date and time of opening of the above tender is at 12.30 PM of 07.03.2019.
All other terms and conditions of the above Tender remain unchanged.
Further details like corrigendum to the tender call notice etc can be available in www.ohpcltd.com.

Sd./- SENIOR GENERAL MANAGER (EL)
BALIMELA HYDRO ELECTRIC PROJECT, BALIMELA
04019/11/0117/1819

DIRECTORATE OF MEDICAL EDUCATION & TRAINING,ODISHA

Notice Regarding Digital / Online Registration and Renewal of Registration by Odisha Nurses and Midwives Registration Council (ONMRC)

No.937-E:- The Digital /Online Registration and Renewal of Registration of Nursing personel under ONMRC will start from Dt. 10.03.2019. The link will be available in website of DMET, Odisha, i,e. **www.dmetodisha.gov.in** under the name of **ONMRC**.

Henceforth no student will be allowed to visit the ONMRC physically for the above purpose. Prospective candidates are advised to log in to DMET, Odisha website apply on-line for needful.

Sd./- Joint DMET (O) (In situ) and Member Convener, ONMRC
10016/11/0057/1819

TENDER NOTICE FOR COLLECTION OF CASHEW NUTS AND APPLES OF STATE GOSADAN BABANDHA FOR THE YEAR 2018-19
No.97-M

Sealed tenders in plain paper are invited from the intending persons/ institutions for collecting Cashew nuts and Apples from the cashew plantation field at Go-sadan, Babandha in Dhenkanal District for the year 2018-19. The last date for receipt of sealed tender is 12.03.2019 up to 05.00 PM & the same will be opened on 13.03.2019 at 03.00PM in presence of the tender committee and the tenders or their authorized representative . The tender papers should be submitted through Courier Service or by Registered post. An amount equal to 20% of the quoted value should be deposited along with the tender papers in shape of Bank draft in favour of the undersigned payable at SBI, Dhenkanal towards earnest money. The tenderers are required to furnish Sale-Tax, Income Tax Clearance certificate from the competent authority. The sealed cover containing the quotation with other document should be mentioned in capital letter "TENDER FOR COLLECTION OF CASHEW NUTS AND APPLES 2018-19" should be addressed to the CDVO, Dhenkanal.

On acceptance of highest Tender, the tenders/ institutions earnest money deposited will be converted towards security deposit of the quoted value and 50% of the tender value should be deposited on the same day by the tenderer and the balance 50% amount including all taxes as admissible should be deposited within seven days after which the approval order will be issued failing which the cashew field will not be handed over and have no right to collect nuts and apples from the field and the earnest money so deposited will be for feited. The department will not be held responsible for any natural calamity what so ever. The authority reserves the right to cancel the tender without assigning any reason thereof.

**CASHEW FIELD, STATE GO-SADAN BABANDHA.**
**Location- 8 Kms from NH -42, Odapada (Hindol road).**
**Ara -55 Acs of old & 35 Acs of new cashew field.**

Sd./- (Dr Bikas Das) Chief District Veterinary Officer, Dhenkanal
06033/11/0002/1819

1335-B
GOVERNMENT OF ODISHA
OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR
Fax & Ph. No. 0663-2412303
e - Procurement
BID IDENTIFICATION No SENC(R&B) /17/ 2018-19
No. 278 Dtd. 25.02.2019

1. The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Road works as detailed in the DTCN from the eligible class of contractors.
2. No of Road works : 17 (Seventeen).
3. Tender Cost : Rs. 10,000/-
4. Class of contractor : "Special" Class, "A" Class and "B" Class
5. Date & Time of available in website & receipt of Bids from 12.03.2019 to 17.00 hours of 27.03.2019.
6. Date of opening of Technical Bid 30.03.2019 at 11.00 hours.
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

*Sd./- (S.K.Sahoo), Superintending Engineer Northern (R&B) Circle, Sambalpur*
34035/11/0024/1819

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com
Tel. -(0674)- 2391523, Fax:- (0674)-2395245
INVITATIONS FOR BIDS (IFB)
File No-B-III- SC & ST-01/2019 10682 / Bhubaneswar, the 26th Feb. 2019
Invitation for Bids
1336-B
Bid Identification No. CE (B) – 55 / 2018-19

| | | | |
|---|---|---|---|
| 1. | The Chief Engineer (Buildings), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Building work (Composite work) |
| 3. | No. of work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | 'A' Class & Special Class |
| 6. | Availability of Bid Documents in the website | : | From dt..02.03.2019 to 17:00 hours of dt.19.03.2019. |
| 7. | Date of Opening of Bid | : | Dt.20.03.2019 at 11:30 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

*Sd./- Chief Engineer (Buildings), Odisha, Bhubaneswar*
34117/11/0224/1819



ଯିଏ ଭଗବାନଙ୍କ ଉପରେ ଭରସା ରଖେ ସେ କେବେ ବି ଭଗବାନଙ୍କ ପ୍ରେମାପ୍ଲୁତ ବାହୁର ଆଶ୍ରୟରୁ ବଞ୍ଚିତ ହୁଏ ନାହିଁ।
- ଶ୍ରୀମା



## ସଂକ୍ଷେପରେ

### କୁଆପଥର ମାଡ଼ରେ ୫ ଆହତ, ଫସଲ ନଷ୍ଟ

**ସମ୍ବଲପୁର, ୨୭।୨ (ବ୍ୟୁରୋ)**
ଯୁଯୁମୁରା ବ୍ଲକରେ ବୁଧବାର କୁଆପଥର ମାଡରେ ପନିପରିବା ଓ ଧାନ ନଷ୍ଟ ହୋଇଛି। ବସିଆପଡା ଗ୍ରାମର ୫ଜଣ ଆହତ ହୋଇଥିବା ଅଭିଯୋଗ ହୋଇଛି । ଆହତ ମାନଙ୍କ ମଧ୍ୟରୁ ପୂର୍ବତନ ସରପଞ୍ଚ ବିପିନ ବିହାରୀ ବେହେରା ଅଛନ୍ତି । ସେ ହାତୀବାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଅଛନ୍ତି । ସେହିପରି ଗ୍ରାମର ବିଭିନ୍ନ ଲୋକଙ୍କ ଘରର ଆଜବେଷ୍ଟସ ଓ ଖପରା ଭାଙ୍ଗି ଚୁରମାର ହୋଇଯାଇଛି । ବିଶେଷ କରି ବିର୍ସିଂଗଡ, କଂସର ଓ ଝାଙ୍କରପାଲି ପଞ୍ଚାୟତରେ କୁଆପଥର ମାଡ ହୋଇଥିଲା । ଫଳରେ ପନିପରିବା ଚାଷ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

### କୁକୁଡ଼ାପାଲିରେ କଂଗ୍ରେସର ବୈଠକ

**ସମ୍ବଲପୁର, ୨୭।୨ (ବ୍ୟୁରୋ)**
ଯୁଯୁମୁରା ବ୍ଲକ କୁକୁଡାପାଲି ଗ୍ରାମରେ କଂଗ୍ରେସର ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । କୁକୁଡାପାଲି ପଞ୍ଚାୟତ ସମିତି ସଭ୍ୟା ସସ୍ମିତା ଦେହୁରୀ ଏଥିରେ ସଭାପତିତ୍ୱ କରିଥିଲେ । କଂଗ୍ରେସ ନେତା ଆସଫ ଅଲ୍ଲି ଖାନ୍, ମାନେଶ୍ୱର ବ୍ଲକ ଜୋନ-୨ ସଭାପତି ଧରଣୀଧର ସାହୁ, ଜିଲା ସମ୍ପାଦିକା ସୁରଞ୍ଜିନୀ ବାରିକ, ପ୍ରକାଶ ପ୍ରଧାନ ଏଥିରେ ଯୋଗ ଦେଇଥିଲେ ।

### ମିଷ୍ଟର ପଶ୍ଚିମ ଓଡ଼ିଶା ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା

**ଚିପିଲିମା,୨୭।୨(ଡି.ଏନ.ଏ.)**
ପଶ୍ଚିମାଞ୍ଚଳର ପ୍ରତିଯୋଗୀମାନଙ୍କୁ ନେଇ ବୁର୍ଲା ବଡ଼ି ବିଲ୍ଡ଼ିଂ ସଂଘ ଆନୁକୂଲ୍ୟରେ ମିଷ୍ଟର ବଡ଼ି ବିଲ୍ଡ଼ିଂ ପଶ୍ଚିମ ଓଡ଼ିଶା ପ୍ରତିଯୋଗିତା-୨୦୧୯ ବୁର୍ଲା ଘରୋଇ ବସଷ୍ଟାଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୟନ ପଟେଲ, ଡୋଳାମଣି ମେହେର, କିରନ ସେନ୍ଦ୍ରିୟା ଏବଂ ଅମିତାଭ ପରିଡ଼ା ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ଥିଲେ। ସୁରେଶ ପଣ୍ଡା, ବବି ସିଂ, ମଜହର ଅଲି ଏବଂ ନିଶାନ୍ତ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ସୌମ୍ୟରଞ୍ଜନ ପ୍ରଧାନ ପ୍ରଥମ, ଭବାନୀ ଶଙ୍କର ପୃଷ୍ଟି ଦ୍ୱିତୀୟ, ଭୋଳାନାଥ ନାୟକ ତୃତୀୟ, ସୁନା ଭୋଇ ଚତୁର୍ଥ ଏବଂ ଡୋଳାମଣି ରାଉତ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ସୋନି କାପାନି, ମହମ୍ମଦ ଇସାକ, ପବନ ଶ୍ରୀବସ୍ତବ ଏବଂ ହରମିତ ସିଂ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୁଲ କ୍ଲବର ନୟନ ପଟେକ ସହାୟତା କରିଥିବା ବେଳେ କ୍ଷୀରୋଦ ନାୟକ ପରିଚାଳନାରେ ସହଯୋଗ କରିଥିଲେ। ଚିତ୍ତରଞ୍ଜନ ନାୟକ ମଞ୍ଚ ପରିଚାଳନା ସହିତ ପ୍ରତିଯୋଗିତା ଶେଷରେ ଧନ୍ୟବାଦ ମଧ୍ୟ ଅର୍ପଣ କରିଥିଲେ।

### ସିଆର୍‌ପିଏଫ୍‌ର ଜନ ସମ୍ପର୍କ ଶିବିର

**ସମ୍ବଲପୁର,୨୭।୨(ବ୍ୟୁରୋ)**
ଯୁଯୁମୁରା ସିଆରପିଏଫ ୧୨ ବାଟାଲିୟନ ପକ୍ଷରୁ ଏକ ଜନ ସମ୍ପର୍କ କାର୍ଯ୍ୟକ୍ରମ କଂସର ପଞ୍ଚାୟତ ଅଧୀନ ଦାନ୍ତିରି ଗାଁରେ ଆୟୋଜିତ ହୋଇ ଯାଇଛି। ଏଥିରେ ସିଆପିଏଫ ଅଫିସର ପ୍ରମୋଦ କୁମାର ସାହୁ, ପୋଲିସ ଡିଏସପି ସାର୍ଥକ ରାୟ ଯୋଗ ଦେଇଥିଲେ। ସିଆପିଏଫ ଅଧିକାରୀ ଆଲୋକ ଅଗସ୍ତି, ଓମେନ୍ଦ୍ର ସିଂ, ପ୍ରତାପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା.ଜ୍ୟୋତି ରଞ୍ଜନ ସ୍ୱାଇଁ ୨୦୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଆଜି କ'ଣ କେଉଁଠି

### ସମ୍ବଲପୁର

- ଦୀନବନ୍ଧୁ ଗୌସ୍ୱାମୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ
ସ୍ଥାନ- ହାୱା ମଇଦାନ
ସମୟ- ସକାଳ ୮ଟା।
- ସଂସ୍କୃତ ବିଷୟ ଶୀର୍ଷକ ଆଲୋଚନା ଚକ୍ର
ସ୍ଥାନ- ଜିଏମୟୁ ଅମୃତ ବିହାର ପରିସର
ସମୟ- ପୂର୍ବାହ୍ନ ୧୦ଟା।
- ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧବାର୍ଷିକ
ସ୍ଥାନ- ବୁଢ଼ାରଜା ପାହାଡସ୍ଥ ଉଲଗୁଲାନ୍ ସ୍ମାରକୀ
ସମୟ- ସକାଳ ୮ଟା।
- ଭୂମିହୀନଙ୍କୁ ସ୍ଥାୟୀ ଜମିପଟ୍ଟା ଓ ଘର ଯୋଗାଇ ଦେବା ଦାବିରେ ସମାବେଶ
ସ୍ଥାନ- କଚେରି ଛକ
ସମୟ- ପୂର୍ବାହ୍ନ ସାଢ଼େ ୧୦ଟା।

## ମାଟି ମାଫିଆଙ୍କର ଦାଦାଗିରି

# ରୟତି, ସରକାରୀ ସବୁ ଜମି କୁଡ଼ିଦେଲେ

**ସମ୍ବଲପୁର,୨୭।୨(ବ୍ୟୁରୋ)**

ସମ୍ବଲପୁର ସହର ଆଉ ଆସର ପାସର ଅଂଚଲରେ ରେଲ ଲାଇନ ତିଆରି କାମ୍ ଚାଲିଛେ। ଇଥିରଲାଗି ଜମି ସମାନ କରବାର, ରାସ୍ତା ଆର ରେଲ ଲାଇନ ଉପରେ ଲାଖ୍ ଲାଖ୍ କ୍ୟୁବିକମିଟରର ମାଟି ଦରକାର ପଡୁଛେ। ହେଲେ ଠିକାଦାର କି ଠିକା କମ୍ପାନୀମାନ ସରକାରୀ ନିୟମକେ ବେଖାତିର କରି ସରକାରୀ ଜମି, ରୟତି ଜମିରୁ ମାଟି କୁଡୁଛନ୍। ଦିନ୍‌କେ ରାଏତ୍ ଜେସିବି ଆର ହାଇୱା ଲଗେଇ ମାଟି ଚୁରାଚାଲାନ କରାଯାଉଛେ। ଇ ଘଟନାରେ ରାଜସ୍ୱ ବିଭାଗ କରମଚାରୀ ମାଫିଆଙ୍କୁ ଡରୁଛେ କି ଚେତି ଶୁଇଛେ ବଲି ସାଧାରନ୍‌ରେ ପ୍ରଶ୍ନବାଚୀ ସୁରୁଛିଟି ହେଉଛେ। ପୂରବୁ ତାଳପାଲି ଗାଁ ପାସେ ବିଦ୍ୟୁତ ଗ୍ରୀଡ କାମରେ ବେଭାର ଲାଗି ବେଆଇନ ମାଟି ଉଠେଇ ଠିକାଦାର ଧରାପଡ଼ି ଜରିମାନା ଆର ରୟାଲଟି ଦେଇଥିଲେ। ଏହେଦେ ସମ୍ବଲପୁର-ତାଳଚେର ଦୁଟିଆ ରେଲ ଲାଇନ କାମରେ ବେଭାର ହେଉଛେ। ସେଥିରଲାଗି ଠିକା କମ୍ପାନୀ ତିଆରି ଜାଗାନୁ ଅଲପ ଦୂରେ ରେଲ ଲାଇନ ଲାଗି ମାଟି କୁଡୁଥିବାର ଅଭିଯୋଗ ହେଉଛେ। ମାନେଶ୍ୱର ପାସର ବ୍ରାହ୍ମଣପାଲି ଗାଁରୁ ଆରମ କରି ରେଢ଼ାଖୋଲ ତକ୍ ଭିନେ ଭିନେ ଜାଗାରେ ମାଟି କୁଡ଼ା ହେଉଥିବାର ଅଭିଯୋଗ ହେଉଛେ। ସମ୍ବଲପୁର-ତାଳଚେର ରେଲ ଲାଇନ କାମରେ ବେଭାର ଲାଗି ଠିକା କମ୍ପାନୀ ଇ ମାଟି ନେଇଥିବାର ଅଭିଯୋଗ ହେଉଛେ। ବିନା କାଗଜ ପତରରେ ଲାଖ୍ ଲାଖ୍ କ୍ୟୁବିକ ମିଟର ମାଟି କୁଡ଼ାଯାଇ ଚୁରାଚାଲାନ ହେଉଥିବାର ଗାଁବାସୀ ଅଭିଯୋଗ କରିଛନ୍। ମାଟି କୁଡ଼ବାର ଆଗରୁ ଥାନୀୟ ରାଜସ୍ୱ ବିଭାଗନୁ ଅନୁମତି ନେବାର ନିହାତି ଦରକାର। ରୟତି ଜମି ହେଉକି ସରକାରୀ ମାଟି କୁଡ଼ଲା ଆଗରୁ ପହେଲା ଜମିର ମ୍ୟାପ୍ ତିଆରି ଥାନୀୟ ତହସିଲ ଅଫିସରେ



ସମ୍ବଲପୁର ଜିଲାରେ ବେଆଇନ ମାଟି କୁଡ଼ା ଚାଲିଛି।

ଆବେଦନ କରବାକେ ହେସି। ମାଟିର ପରିମାନକେ ନେଇ ରୟାଲଟି ଦେବାକେ ପଡ଼ସି। ହେଲେ ବିନା ଅନୁମତିରେ ମାଟି କୁଡ଼ାଚାଲିଛେ। ଏନ୍ତା କି ଝନ୍‌କର ରୟତି ଜମିରୁ ମାଟି କୁଡ଼ାଯାଉଥିବାର ଜାନି ସେ ଜେସିବି, ହାଇୱାକେ ବନ୍ଦ୍ କରିଥିଲେ। ହେଲେ ସେ ଜମି ମାଲିକଙ୍କୁ ଠିକାଦାରଙ୍କର କରମଚାରୀମାନେ ଧମକଚମକ ଦେଇଥିଲେ। ଇ ଘଟନା ଥାନୀୟ ଥାନାରେ ପୁହୁଁଚିଥିଲା। ପଛେ କମ୍ପାନୀର ଉଚ ଅଧିକାରୀ ଆସି ବୁଝାମନା କରିଥିଲେ। ରାଜସ୍ୱ ବିଭାଗ ଆର ବନବିଭାଗର ଅବହେଲା ଲାଗି ଦିନକେ ଦିନ ଇ ଅଂଚଲରେ ମାଟି ମାଫିଆଙ୍କର ଦାଦାଗିରି ବଢ଼ତେଲ ଯାଉଛେ। ସରକାରୀ ଜମି, ଜଂଗଲ ଜମି, ଗୋଚର ଜମିରୁ ମାଟି ଉଠେଇ ବେଉସା କରୁଛନ୍। ଇ କାରବାରରେ ମାଫିଆମାନେ କୋଟି କୋଟି ଟଁକା ଲାଭ ପାଉଥିଲାବେଲେ ସରକାର କୋଟି କୋଟି ଟଁକାର ରାଜସ୍ୱ ହରଉଛନ୍। ଏନ୍ତା କି ଜମିମାନକେ ଥିବାର ଦାମକିଆ ଗଛ୍ ବି କାଟି ସଫା କରିଦେଉଛନ୍। ଯେନ୍‌ଥିରଲାଗି ପରିବେଶ ଉପରେ ପରଭାବ ପଡୁଛେ। ଘଟନାକେ ନେଇ ଅଂଚଲରେ ଅସନ୍ତୋଷ ଦେଖାଦେଇଛେ। ଇ ବାବ୍‌ଦେ ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପଚରାଲାରୁ ମାଟି କୁଡ଼ବାର ଆଗରୁ ଅନୁମତି ନେବାର ନିୟମ ରହିଛେ। ବିନା ଅନୁମତିରେ ମାଟି କୁଡ଼ବାରଟା ବେଆଇନ୍ ଆଏ। ସେଥିରଲାଗି ଇ ଦିଗେ ପଦକ୍ଷେପ ନେବାକେ ସବୁ ତହସିଲଦାରଙ୍କୁଁ ନିରଦେଶ ଦିଆଯିବା ବଲି କହିଥିଲେ।

## ମାନସ ବକ୍ସି ଭାଜପା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ


ନସରଞ୍ଜନ ବକ୍ସି ।

**ସମ୍ବଲପୁର, ୨୭।୨ (ବ୍ୟୁରୋ)**

ଭାରତୀୟ ଜନତା ପାର୍ଟି (ଭାଜପା) କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ଭାବେ ସମ୍ବଲପୁରର ମାନସରଞ୍ଜନ ବକ୍ସିଙ୍କୁ ନିଯୁକ୍ତି ଦିଆଯାଇଛି । ସେ ସମ୍ବଲପୁର, ବରଗଡ, ସୋନପୁର, ବୌଦ୍ଧ, କଳାହାଣ୍ଡି, ଝାରସୁଗୁଡା, ଦେବଗଡ ଓ ନୂଆପଡା ଜିଲାର ଦାୟିତ୍ୱ ନିର୍ବାହ କରିବେ । ତାଙ୍କୁ ୮ଟି ଜିଲାର ଜିଲା ପ୍ରଭାରୀ ସହଯୋଗ କରିବେ । ସେହିପରି ବ୍ଲକ, ବିଧାନସଭା ଓ ଲୋକସଭା ମିଡିଆ ପ୍ରଭାରୀଙ୍କ ସହ ମଧ୍ୟ ସଂଯୋଗ କରିବେ। ବୁଧବାର ଏ ନେଇ ସମ୍ବଲପୁର ଭାଜପା ନେତା ଓ କର୍ମୀମାନେ ମାନସଙ୍କୁ ଶୁଭେଚ୍ଛା ଓ ସ୍ୱାଗତ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ସେ ୧୯୯୦ ମସିହାଠାରୁ ଭାଜପାରେ କାର୍ଯ୍ୟକରି ଆସୁଛନ୍ତି । ଅପରପକ୍ଷେ ସମ୍ବଲପୁରରେ ସୁରେଶ ପୂଜାରୀ ଓ ଜୟନାରାୟଣ ମିଶ୍ରଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ରହିଛି । ତଥାପି ସେ ଉଭୟ ଗୋଷ୍ଠୀ ମଧ୍ୟରେ ରହି ସୂଚାରୁରୂପେ ଗଣମାଧ୍ୟମର ବିଭିନ୍ନ କାର୍ଯ୍ୟ କରି ଆସୁଛନ୍ତି ।

## ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବି

**ରେଢାଖୋଲ,୨୭।୨(ଡି.ଏନ.ଏ.)**

ରେଢାଖୋଲ ବନଖଣ୍ଡରେ କ୍ରମାଗତ ଭାବେ ହାତୀ ଉପଦ୍ରବ ଲାଗି ରହିଛି। ଏଥିଯୋଗୁ ବ୍ୟାପକ ଫସଲ ନଷ୍ଟ ହେବା ସହ ବହୁ ଧନଜୀବନ ନଷ୍ଟ ହେଉଛି। ହେଲେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିପାରୁନାହିଁ। ଏ ନେଇ ବୁଧବାର ଭାଜପା ପକ୍ଷରୁ ଡିଏଫଓ ସଂଗ୍ରାମ କେଶରୀ ବେହେରାଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଏଥିସହିତ ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି, ମହାନଦୀରୁ ସହରକୁ ପାନୀୟ ଜଳ ଯୋଗାଣ ଆଦି ଦାବି ନେଇ ଉପଜିଲାପାଳ ବିଶିକେଶନ ଦେହୁରୀଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପାର କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ରାମ ମନ୍ଦିରଠାରୁ ବାହାରି ସହର ପରିକ୍ରମା କରି ଡିଏଫଓ ଏବଂ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ବରିଷ୍ଠ ନେତା ଶିବପ୍ରସାଦ ପ୍ରଧାନ, ପ୍ରତାପ ପ୍ରଧାନ, ଶିବରାମ ସାହୁ, ଚେରେଙ୍ଗା ଦେହୁରୀ, ବିଚିତ୍ରାନନ୍ଦ ସାହୁ, ଜିଲା ପରିଷଦ ସଭ୍ୟ ପ୍ରମୋଦ ସାହୁ, ଅନିଲ ପୃଷ୍ଟିଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା ଯୋଗ ଦେଇଥିଲେ।



ରେଢ଼ାଖୋଲରେ ଭାଜପା କର୍ମକର୍ତ୍ତା ଶୋଭାଯାତ୍ରାରେ ଯାଉଛନ୍ତି।

## ରେଙ୍ଗାଲି ଭିଏସ୍‌ଏସ୍ ଆଇଟିସିରେ ଏମ୍‌ଏସ୍‌ଏମ୍‌ଇ ସଚେତନତା କାର୍ଯ୍ୟକ୍ରମ

**ରେଙ୍ଗାଲି,୨୭।୨(ଡି.ଏନ.ଏ.)**
ରେଙ୍ଗାଲିସ୍ଥିତ ବୀର ସୁରେନ୍ଦ୍ର ସାଏ ଆଇଟିସିରେ ଏମ୍‌ଏସ୍‌ଏମ୍‌ଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ଯାଇଛି। ବୁଧବାର ସମ୍ବଲପୁର ଆଞ୍ଚଳିକ ଶିଳ୍ପକେନ୍ଦ୍ର ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଶିଳ୍ପ ଯୋଜନାରୁ କେମିତି ଛାତ୍ରୀଛାତ୍ର ସୁବିଧା ନେଇ ଆତ୍ମ ନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଦେଇପାରିବେ ସେଥିପାଇଁ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଆରଆଇସିର ଯୁଗ୍ମ ଶିଳ୍ପ ନିର୍ଦ୍ଦେଶକ ଶାହା ଗଣ୍ଡ, ଆରଆଇସିର ଆସିଷ୍ଟାଣ୍ଟ ମ୍ୟାନେଜର ବିନୟ କୁମାର ବହିଦାର, ରେଙ୍ଗାଲି ୟୁକୋ ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର କମଳଚରଣ ଭୋଇ, ବୀର ସୁରେନ୍ଦ୍ର ସାଏ ଆଇଟିସିର ଅଧ୍ୟକ୍ଷ ଦୀନବନ୍ଧୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ବୀର ସୁରେନ୍ଦ୍ର ସାଏ ଆଇଟିସିର ସମସ୍ତ ଛାତ୍ର ଏଥିରେ ଯୋଗ ଦେଇଥିଲେ।

## ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**କିର୍ମିରା, ୨୭।୨ (ଡି.ଏନ.ଏ)**
କିର୍ମିରା ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଜିଲାପାଳ ବିଭୂତିଭୂଷଣ ଦାସଙ୍କ ଅଧ୍ୟକ୍ଷତାରେ କିର୍ମିରା ରାଜୀବଗାନ୍ଧୀ ସେବା କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୬୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା ।

## ରେଢ଼ାଖୋଲରେ ୯ ପ୍ରକଳ୍ପର ଶିଳାନ୍ୟାସ


**ରେଢ଼ାଖୋଲରେ ଏକ ପ୍ରକଳ୍ପକୁ ପୂର୍ତ୍ତମନ୍ତ୍ରୀ, ବିଧାୟକ ଓ ସଚିବ ଶିଳାନ୍ୟାସ କରୁଛନ୍ତି।**

**ରେଢାଖୋଲ,୨୭।୨(ଡି.ଏନ.ଏ.)**

ରାଜ୍ୟ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବୁଧବାର ରେଢାଖୋଲ ଗସ୍ତରେ ଆସି ପ୍ରାୟ ୧୦୦ କୋଟି ଟଙ୍କାର ୯ଟି ରାସ୍ତା ଓ ପୋଲର ଶିଳାନ୍ୟାସ କରିଛନ୍ତି। ୪୪ କୋଟି ଟଙ୍କା ବ୍ୟୟ ଅଟକଳରେ ଲୁହାବିର ନାଳା ଓ ଟିଁକିରା ନାଳା ଉପରେ ପୋଲ ନିର୍ମାଣ ସହ, ଏନ.ଏଚ ୫୫ରୁ ବର୍ଷକିଆ ଓ ଆରଡି ରୋଡରୁ ଝରାପରା ରାସ୍ତା, ହାତୀବାହାଳ ଛକରୁ ଆଠମଲ୍ଲିକ ସୀମା ଭାୟା କୁକୁଡାବାହାଲି, ବଡକସିବାହାଳ ରାସ୍ତା, ମୋଚିବାହାଳ-ସୋନପୁର ସୀମା ରାସ୍ତା, ହରିହର ଯୋର ଓ ମାକରକେନ୍ଦା ନାଳା ଉପରେ ପୋଲ ନିର୍ମାଣ, ପଟୁପାଲି ନାଳା, ବନ୍ଧ ନାଳା ଓ କୁଦପାଲ ନାଳା ଉପରେ ପୋଲ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ମନ୍ତ୍ରୀଙ୍କ ସହିତ ପୂର୍ତ୍ତ ବିଭାଗ ସଚିବ ନଳିନୀ ପ୍ରଧାନ, ବିଧାୟକ ରୋହିତ ପୂଜାରୀ, ଏସଇ ସଞ୍ଜୀବ ସାହୁ, ଏକଜିକ୍ୟୁଟିଭ ଇଞ୍ଜିନିୟର ଗୌରାଙ୍ଗ ଚରଣ ସାହୁ, ସହକାରୀ ଯନ୍ତ୍ରୀ ବୀରବର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ଆମ ସମ୍ବଲପୁର କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଯୁଯୁମୁରା ବ୍ଲକ୍‌ର ଧମା-ଯୁଯୁମୁରା ରାସ୍ତା, କେଶପାଲି-ବଡମାଳ ରାସ୍ତା, ଇଚ୍ଛାପାଳ-ଯାଦୁଲୁଇସିଂ ରାସ୍ତା ନିର୍ମାଣ ପାଇଁ ମଧ୍ୟ ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ଗଡଲୁଇସିଂ ଗ୍ରାମରେ ବିନୋଦ ବଡପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।

## ଦୀନବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫୋରସି, ଝାରସୁଗୁଡ଼ା ବିଜୟୀ

**ସମ୍ବଲପୁର, ୨୭।୨ (ବ୍ୟୁରୋ)**

ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ କ୍ଲବ ଦ୍ୱାରା ଆୟୋଜିତ ସପ୍ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ମ୍ୟାଚରେ ଫୋରସି ଓ ଝାରସୁଗୁଡା ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ପହଞ୍ଚିଛି । ହାୱା ମଇଦାନରେ ପ୍ରଥମ ମ୍ୟାଚ କମଶନର୍ସ କଲୋନୀ କ୍ରିକେଟ କ୍ଲବ (ଫୋରସି) ବନାମ ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ (ଜେସିସି) ମଧ୍ୟ ହୋଇଥିଲା। ଜେସିସି ଟସ ଜିଣି ବ୍ୟାଟିଂ କରିବାକୁ ଫୋରସିକୁ ଆମନ୍ତ୍ରଣ କରିଥିଲା । ଫୋରସି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରିଥିଲା । ଦଳର ବ୍ୟାଟ୍ସମ୍ୟାନ କୁଶଳ ପଟେଲ ୧୮ ବଲରେ ୪୪, ପ୍ରିୟରଞ୍ଜନ ନାଥ ୩୨ ବଲରେ ୩୮ ଓ ଶୁଭ୍ରାଂଶୁ ବେହେରା ୧୯ ବଲରେ ୨୯ ରନ କରିଥିଲେ । ଜେସିସି ବୋଲର୍ ମହମ୍ମଦ ଇଫତିକାର୍ ୪ ଓଭରରେ ୨୪ ରନ ଦେଇ ୩ଟି ଏବଂ ରାହୁଲ ବିଶ୍ୱକର୍ମା ଓ ଅମନ ସାହୁ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ । ୧୭୯ ରନର ବିଜୟ ଲକ୍ଷ୍ୟ ନେଇ ଜେସିସି ବ୍ୟାଟ୍ସମ୍ୟାନ ପଡିଆକୁ ଓହ୍ଲାଇଥିଲେ । କିନ୍ତୁ ଦଳ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରି ୨୫ ରନରେ ପରାଜୟ ବରଣ କରିଥିଲା । ଦଳର ବ୍ୟାଟ୍ସମ୍ୟାନ ଅବିନାଶ ନନ୍ଦ ୨୫ ବଲରେ ୪୭ ଓ ଅନୁ ପ୍ରଧାନ ୨୬ ବଲରେ ୩୫ ରନ କରିଥିଲେ। ଫୋରସି ବୋଲର୍ କୁଶଳ ପଟେଲ ୪ ଓଭରରେ ୨୬ ରନ ଦେଇ ୫ଟି ଓ ପ୍ରିୟରଞ୍ଜନ ନାଥ ୩ ଓଭରରେ ୧୫ ରନ ଦେଇ ୨ଟି ଉଇକେଟ ହାସଲ କରିଥିଲେ। ଫୋରସି ଖେଳାଳି କୁଶଳଙ୍କୁ ମୁଖ୍ୟ ଅତିଥି ସିଦ୍ଧେଶ ଅଗ୍ରୱାଲ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରିଥିଲେ । ସେହିପରି ଦ୍ୱିତୀୟ ମ୍ୟାଚ ଝାରସୁଗୁଡା ପ୍ରୋଗ୍ରେସିଭ ବନାମ ଲୁଥୁରପଙ୍କ (ଜେଜେସିସି) ମଧ୍ୟରେ ହୋଇଥିଲା । ଝାରସୁଗୁଡା ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୪୧ ରନର ବିଶାଳ ସ୍କୋର କରିଥିଲା । ଦଳର ରାଜୀବ ଯାଦବ ୩୯ ବଲରେ ଧୂଆଁଧାର ୮୧, ପୁଷ୍ପକର ରାଜ ୧୭ ବଲରେ ୪୬ ଓ ସୁମିତ ପାଢ଼ୀ ୧୭ ବଲରେ ୩୨ ରନ କରିଥିଲେ । ଲୁଥୁରପଙ୍କ ବୋଲର୍ ଦେବାଶିଷ ବାଗ ୪ ଓଭରରେ ୪୪ ରନ ଦେଇ ୨ଟି ଓ ମାନସରଞ୍ଜନ ମହାକୁଡ ୪ ଓଭରରେ ୪୯ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ । ୨୪୨ ରନର ବିଜୟ ଲକ୍ଷ୍ୟ ନେଇ ଲୁଥୁରପଙ୍କର ବ୍ୟାଟ୍ସମ୍ୟାନ ପଡିଆକୁ ଓହ୍ଲାଇଥିଲେ । କିନ୍ତୁ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରି ୯୨ ରନ ବ୍ୟବଧାନରେ ପରାଜୟ ବରଣ କରିଥିଲେ। ଦଳର ଜ୍ୟୋତି ସ୍ୱାଇଁ ୩୩ ବଲରେ ୫୯ ଓ ଗଣେଷ ମହାପାତ୍ର ୧୭ ବଲରେ ୧୮ ରନ କରିଥିଲେ । ଝାରସୁଗୁଡା ବୋଲର ପୁଷ୍ପକର ରାଜ, ରିଷଭ ସିଂ ଓ ସନ୍ତୋଷ ଯାଦବ ୨ଟି ଲେଖାଏଁ ଉଇକେଟ ହାସଲ କରିଥିଲେ । ପବନ ଶର୍ମା ଅତିଥି ଭାବେ ଯୋଗଦେଇ ଝାରସୁଗୁଡାର ରାଜୀବ ଯାଦବଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର ପ୍ରଭଞ୍ଜନ ବଳ ଓ ମହମ୍ମଦ ଇସାକ୍ ମ୍ୟାଚ ପରିଚାଳନା କରିଥିଲେ । ବିଶ୍ୱଜିତ ପଣ୍ଡା ସ୍କୋରର ଥିଲେ ।



ବୁଧବାର ହାୱା ମଇଦାନଠାରେ ଫୋରସି ଖେଳାଳି କୁଶଳ ପଟେଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଉଛି ।

## ଫଟୋରେ ଖବର


ନାକଟିଦେଉଳସ୍ଥିତ ସିଆରପିଏଫର ସି/୧୨ ବାଟାଲିୟନରେ କାର୍ଯ୍ୟରତ ଇନ୍ସପେକ୍ଟର ମୁନସିଫ୍ ଖାନଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।


ସମ୍ବଲପୁର-ଅନୁଗୋଳ ରାସ୍ତାର ଜାମଟାଲ ନିକଟରେ ବୁଧବାର ଏକ ହାଇୱା ରାସ୍ତା ଉପରୁ ଭାରସାମ୍ୟ ହରାଇ ପୋଲ ନିର୍ମାଣ ପାଇଁ ପିଲର ଭିତରକୁ ଗଳି ପଡିଛି।

## ହିଣ୍ଡାଲ୍‌କୋ ଅଫିସ ଘେରାଉ

**ସମ୍ବଲପୁର,୨୭।୨(ବ୍ୟୁରୋ)**

ହୀରାକୁଦ ହିଣ୍ଡାଲକୋରେ ସ୍ଥାୟୀ ନିଯୁକ୍ତି ଦାବି କରି ଜିଲା ଯୁବ କଂଗ୍ରେସ ପକ୍ଷରୁ ହିଣ୍ଡାଲ୍‌କୋ ପ୍ରଶାସନିକ ଅଫିସ ଘେରାଉ କରାଯାଇଛି । ଜିଲାରେ ଥିବା ବେକାର ଯୁବକ ଯୁବତୀଙ୍କୁ ଆଦିତ୍ୟ ବିର୍ଲା ଓ ହୀରାକୁଦ କମ୍ପାନୀରେ ନିଯୁକ୍ତି ଦିଆଯାଉ। ବିସ୍ଥାପିତମାନଙ୍କୁ ଉଚିତ କ୍ଷତିପୂରଣ ଦିଆଯାଉ। ଠିକା ଶ୍ରମିକମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉ ବୋଲି ଦାବି ହୋଇଛି। ଆଶୁତୋଷ ସ୍ୱାଇଁ, ଲୋକନାଥ ମହାନ୍ତି, କମଳ ତାଣ୍ଡି, ନିରଞ୍ଜନ ତ୍ରିପାଠୀ, ପ୍ଲାବନ ବହିଦାର, ଆଲୋକ ନାଏକ, ମୁକେଶ ଶର୍ମା, ଲକି ଚୈଧୁରୀ, ମୋହନ ସା, ପିଙ୍କୁ ସିଂ, ଶେଖ ଅନୱର ଖାନ, ବିକାଶ ବେହେରା, ଅଶ୍ୱିନୀ ପ୍ରଧାନ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

"୨୦୧୯ ବିଶ୍ୱକପ୍ କିଏ ଜିତିବ, ଅନୁମାନ କରିବା କଷ୍ଟସାଧ ହେଲେ ମଧ ଭାରତ ଓ ପାକିସ୍ତାନ ନିକଟରେ ଚାମ୍ପିୟନ ହେବାର ଭଲ ସୁଯୋଗ ରହିଛି ।
– ଏବି ଡି ଭିଲର୍ସ, ପ୍ରାକ୍ତନ ଦକ୍ଷିଣ ଆଫ୍ରିକା କ୍ରିକେଟର



"କ୍ରିସ୍ ଗେଲ୍‌ଙ୍କ ପରି ଛକା ମାରିପାରିବି ନାହିଁ। କିନ୍ତୁ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିପାରିବି ।
– ଜୋ ରୁଟ୍, ଇଂଲଣ୍ଡ କ୍ରିକେଟର



## ସଂକ୍ଷେପରେ

### ମନୁ-ସୌରଭ ଜିତିଲେ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୭।୨(ପିଟି)- ସ୍ଥାନୀୟ ଡ. କାର୍ନି ଶୁଟିଂ ରେଞ୍ଜଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍‌ରେ ବୁଧବାର ଭାରତକୁ ୩ୟ ସ୍ୱର୍ଣ୍ଣ ପଦକ ମିଳିଛି। ମନୁ ଭାକର ଓ ସୌରଭ ଚୌଧାରୀଙ୍କ ଯୋଡ଼ି ୧୦ ମିଟର ଏୟାର ପିସ୍ତଲ ମିକ୍ସଡ୍ ଦଳଗତ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଟିନ ଏଜ ଯୋଡ଼ି ୫.୭ ପଏଣ୍ଟ ବ୍ୟବଧାନରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏଥିସହ ଭାରତ ଟୁର୍ନାମେଣ୍ଟର ସର୍ବାଧିକ ସଂଖ୍ୟକ ପଦକ ଜିତି ପଦକ ତାଲିକାରେ ହଙ୍ଗେରୀ ସହ ଶୀର୍ଷରେ ରହିଛି। କିନ୍ତୁ ଏହି ଇଭେଣ୍ଟରୁ ଭାରତ କେବଳ ଗୋଟିଏ ଅଲିମ୍ପିକ୍ କୋଟା ପାଇଛି। ସେ ହେଉଛନ୍ତି ସୌରଭ। ସେ ୧୦ ମି. ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପଦକ ତାଲିକାରେ ୩ୟ ସ୍ଥାନରେ ଥିବା ଚାଇନା ସର୍ବାଧିକ ସଂଖ୍ୟକ ପଦକ ଜିତିଛି। ଚାଇନିଜ ଶୁଟରମାନେ ୧୦ ପଦକ ସହ ୫ ଅଲିମ୍ପିକ୍ କୋଟା ପାଇଛନ୍ତି। ଭାକର ଓ ସୌରଭ ମିଳିତ ଭାବେ ଫାଇନାଲରେ ୪୮୩.୪ ସ୍କୋର କରିଥିଲେ। ପୂର୍ବରୁ ଅନୁଷ୍ଠିତ କ୍ୱାଲିଫାୟର୍ସ ରାଉଣ୍ଡରେ ଦୁଇ ଭାରତୀୟ ଶୁଟର ୭୭୮ ସ୍କୋର କରି ବିଶ୍ୱ ରେକର୍ଡ ସହ ଫାଇନାଲରେ ପ୍ରବେଶ କରିଥିଲେ। ଏହି ଇଭେଣ୍ଟରେ ଚାଇନା (୪୭୭.୭) ଓ କୋରିଆ (୪୧୮.୮) ସହ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### କ୍ୱାର୍ଟରରେ ସୌରଭ

ସିକାଗୋ,୨୭।୨(ପିଟି)- ଭାରତୀୟ ସ୍କ୍ୱାଶ୍ ଖେଳାଳି ସୌରଭ ଘୋଷାଲ ଏଠାରେ ଚାଲିଥିବା ପିଏସ୍ଏ ବିଶ୍ୱ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ୩୨ ବର୍ଷୀୟ ଭାରତୀୟ ୧୧-୧୩, ୧୧-୭, ୧୧-୭, ୧୩-୧୧ ଗେମ୍‌ରେ ୱେଲ୍ସ ଜୋଏଲ ମାକିନଙ୍କୁ ହରାଇ ଦେଇଛନ୍ତି। ପ୍ରଥମ ଗେମ୍‌ରେ ପରାସ୍ତ ହେବା ପରେ ୧୧ତମ ସିଡ୍ ସୌରଭ ଚମତ୍କାର ପ୍ରଦର୍ଶନ ବଳରେ ମ୍ୟାଚ୍‌କୁ ଫେରିବା ସହ ଜିତି ନେଇଥିଲେ। ସୌରଭ ଆଗାମୀ ମ୍ୟାଚ୍‌ରେ ଜର୍ମାନୀର ସିମୋନ ରୋଶ୍‌ନରଙ୍କୁ ଭେଟିବେ।

### ଭାରତ ଗସ୍ତରୁ ରିଚାର୍ଡସନ ବାଦ୍

ମୁମ୍ବାଇ,୨୭।୨(ପିଟି)- ଅଷ୍ଟ୍ରେଲିଆନ ଫାଷ୍ଟ ବୋଲର କେନ ରିଚାର୍ଡସନ ସମ୍ପୂର୍ଣ୍ଣ ଭାରତ ଗସ୍ତରୁ ବାଦ୍ ପଡ଼ିଛନ୍ତି। ଆହତ ସମସ୍ୟା ଯୋଗୁ ତାଙ୍କୁ ଏଭଳି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଛି। ଏ ନେଇ ବୁଧବାର କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ କୁହାଯାଇଛି। ଭାରତୀୟ ଦଳ ବିପକ୍ଷରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବା ପୂର୍ବରୁ ଅଭ୍ୟାସ ସେସନ୍‌ବେଳେ ସେ ଆହତ ହୋଇଥିଲେ। ତାଙ୍କ ବଦଳରେ ଆଣ୍ଡ୍ରୁ ଟାଏ ଦଳରେ ସ୍ଥାନ ପାଇଛନ୍ତି। ଭାଇଜାଗଠାରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍ ପୂର୍ବରୁ ରିଚାର୍ଡସନ ଶରୀରର ବାମପାର୍ଶ୍ୱରେ ଯନ୍ତ୍ରଣା ହେଉଥିବା ଅଭିଯୋଗ କରିଥିଲେ। ଦୁର୍ଭାଗ୍ୟବଶତଃ ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ଫିଟ୍ ନ ହେବାରୁ ତାଙ୍କୁ ଗସ୍ତରୁ ବାଦ୍ ଦିଆଯାଇଛି। ସେ ଏବେ ସ୍ୱଦେଶ ଫେରିଯିବେ ବୋଲି ଅଷ୍ଟ୍ରେଲିଆ ଦଳର ଫିଜିଓଥେରାପିଷ୍ଟ ଡେଭିଡ ବେକଲି କହିଛନ୍ତି। ଏଥିଯୋଗୁ ମିଚେଲ ଷ୍ଟାର୍କ ଓ ଜୋଶ ହାଜେଲଉଡଙ୍କ ବିନା ଭାରତ ଗସ୍ତ କରିଥିବା ଅଷ୍ଟ୍ରେଲିଆ ଦଳକୁ ଶକ୍ତ ଧକ୍କା ଲାଗିଛି।

# ଅଷ୍ଟ୍ରେଲିଆ ସିରିଜ ବିଜୟୀ

## ମ୍ୟାକ୍ସୱେଲଙ୍କ ଶତକ

ବେଙ୍ଗାଲୁରୁ,୨୭।୨(ପି.ଟି.)

ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଅପରାଜିତ ଶତକ (୧୧୩ ରନ, ୫୫ ବଲ, ୭ ଚୌକା, ୯ ଛକା) ବଳରେ ଅଷ୍ଟ୍ରେଲିଆ ବୁଧବାର ଦ୍ୱିତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚ୍‌ରେ ଘରୋଇ ଭାରତକୁ ୨ଟି ବଲ ବାକିଥାଇ ୭ ଉଇକେଟରେ ପରାସ୍ତ କରିଛି। ଫଳରେ ଦୁଇ ମ୍ୟାଚ୍ ବିଶିଷ୍ଟ ଏହି

**ଘରୋଇ ପରିବେଶରେ ଭାରତର ଟି୨୦ ସିରିଜ ପରାଜୟ**

- ୨୦୧୧ ବନାମ ଇଂଲଣ୍ଡ (୧ ମ୍ୟାଚ): ୦-୧
- ୨୦୧୨ ବନାମ ନ୍ୟୁଜିଲାଣ୍ଡ(୨ ମ୍ୟାଚ): ୦-୧
- ୨୦୧୫ ବନାମ ଦକ୍ଷିଣ ଆଫ୍ରିକା(୩ ମ୍ୟାଚ): ୦-୨
- ୨୦୧୯ ବନାମ ଅଷ୍ଟ୍ରେଲିଆ(୨ ମ୍ୟାଚ): ୦-୨

ସିରିଜକୁ ଅଷ୍ଟ୍ରେଲିଆ ୨-୦ରେ ସ୍ୱଇପ୍ କରିଛି। ପରାଜୟ ଫଳରେ ଭାରତର କ୍ରମାଗତ ସିରିଜ ଅପରାଜୟ ଧାରା ବ୍ୟାହତ ହୋଇଛି।

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୪ ଉଇକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୯.୪ ଓଭରରେ ୩ ଉଇକେଟ ହରାଇ ୧୯୪ ରନ କରି ବିଜୟୀ ହୋଇଥିଲା। ଦମଦାର ଶତକୀୟ ଇନିଂସ ଖେଳି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିବା ମ୍ୟାକ୍ସୱେଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଡାର୍ସି ଶର୍ଟ ୨୮ ବଲରୁ ୪୦, ମାର୍କସ ଷ୍ଟୋଇନିସ ୭, ଅଧିନାୟକ ଆରୋନ ଫିଞ୍ଚ୍ ୮ ରନ କରି ଆଉଟ ହୋଇଥିବା ବେଳେ ପିଟର ହ୍ୟାଣ୍ଡସକମ୍ବ ୨୦ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ବିଜୟ ଶଙ୍କର ୨, ସିଦ୍ଧାର୍ଥ କାଉଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଶତକ ହାସଲ ପରେ ଗ୍ଲେନ ମ୍ୟାକ୍ସୱେଲ।

ଏହି ସିରିଜରେ କ୍ରମାଗତ ଦ୍ୱିତୀୟଥର ପାଇଁ ଭାରତ ଟସ୍ ହାରିଥିଲା। ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଧିମା ଆରମ୍ଭ କରିଥିଲା। ପରେ ଓପନର ଲୋକେଶ ରାହୁଲ ଧୁଆଁଧାର ବ୍ୟାଟିଂ କରି ସ୍କୋରକୁ ଆଗକୁ ବଢାଇଥିଲେ। ୨୬ଟି ବଲର ସମ୍ମୁଖୀନ ହୋଇ ରାହୁଲ ୩ ଚୌକା ଓ ୪ ଛକା ସହ ଦ୍ରୁତ ୪୭ ରନ କରିଥିବା ବେଳେ ନାଥନ କୁଲ୍ଟର-ନିଲଙ୍କ ଅଫ୍ ଷ୍ଟମ୍ପ ବାହରର ବଲକୁ ଥାର୍ଡ ମ୍ୟାନ ଅଞ୍ଚଳକୁ ଖେଳି ଝେ ରିଚାର୍ଡଶନଙ୍କ ହାତରେ ଧରା ପଡିଥିଲେ। ଅଭିଜ୍ଞ ଶିଖର ଧାୱନ ୨୪ଟି ବଲ ଖେଳି ୧୪ ରନ କରି ଜାସନ ବେହରନଡର୍ଫଙ୍କ ବଲ୍‌ରେ ମାର୍କସ ଷ୍ଟୋଇନିସ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୪୩ ବଲରୁ ୬୧ ରନ ସଂଗ୍ରହ କରିଥିଲେ। ରିଷଭ ପନ୍ତ ଡାର୍ସିଙ୍କ ବଲରେ ଲମ୍ବା ଶଟ୍ ଖେଳିବାକୁ ଯାଇ ସେ ଲଙ୍ଗଅଫ୍‌ରେ ରିଚାର୍ଡଶନଙ୍କ ହାତରେ ଧରାପଡି ପୁଣିଥରେ ବିଫଳ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୯୦/୪ (କୋହଲି- ୭୨*, ରାହୁଲ- ୪୭, ଧୋନୀ- ୪୦, କାର୍ତ୍ତିକ- ୮*, ବେହରନଡୋର୍ଫ- ୧/୧୭, କୁଲ୍ଟର ନିଲ- ୧/୩୩, କୁମିନ୍ସ- ୧/୪୦, ଶର୍ଟ- ୧/୨୯)।
ଅଷ୍ଟ୍ରେଲିଆ ୧୯.୪ ଓଭରରେ ୧୯୪/୩ (ମ୍ୟାକ୍ସୱେଲ- ୧୧୩*, ଶର୍ଟ- ୪୦, ହ୍ୟାଣ୍ଡସକମ୍ବ- ୨୦*, ଶଙ୍କର- ୨/୩୮)।

ଏହାପରେ ଚତୁର୍ଥ ଉଇକେଟ ଯୋଡିରେ ଅଧିନାୟକ କୋହଲି ଓ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୫୦ ବଲରୁ ୧୦୦ ରନ ସଂଗ୍ରହ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। ଧିମା ଆରମ୍ଭ କରିଥିବା ଧୋନୀ ପରେ ୨୩ଟି ବଲ୍ ଖେଳି ୩ ଚୌକା ଓ ୩ ଛକା ସହ ଦ୍ରୁତ ୪୦ ରନ ସଂଗ୍ରହ କରିଥିବା ବେଳେ ପ୍ୟାଟ କୁମିନ୍ସଙ୍କ ବଲ୍‌ରେ ଲଙ୍ଗଅଫ୍‌ରେ ଆରୋନ ଫିଞ୍ଚ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। କୋହଲି ଉପଯୋଗୀ ତଥା ଦ୍ରୁତଗତିରେ ବ୍ୟାଟିଂ କରି ଦଳର ସ୍କୋରକୁ ଆଗେଇ ନେଇଥିଲେ। ୩୮ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୬ ଛକା ସହ ସେ ୭୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ଦୀନେଶ କାର୍ତ୍ତିକ ୩ଟି ବଲ ଖେଳି ୨ ଚୌକା ସହ ୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ବେହରନଡର୍ଫ, କୁଲ୍ଟର-ନିଲ, କୁମିନ୍ସ ଓ ଶର୍ଟ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତୀୟ ଦଳରେ ୩ଟି ପରିବର୍ତ୍ତନ ହୋଇଥିଲା। ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଯାଇ ଶିଖର ଧାୱନ, ମୟଙ୍କ ମାର୍କଣ୍ଡେଙ୍କ ବଦଳରେ ଅଲରାଉଣ୍ଡର ବିଜୟ ଶଙ୍କର ଓ ଉମେଶ ଯାଦବଙ୍କ ବଦଳରେ ସିଦ୍ଧାର୍ଥ କାଉଲଙ୍କୁ ସୁଯୋଗ ପ୍ରଦାନ କରାଯାଇଥିଲା।

# ଓଡ଼ିଶାର କ୍ରମାଗତ ୩ୟ ବିଜୟ



ବ୍ୟାଟିଂ ଅବସରରେ ରିଦ୍ଧିମାନ ଶାହା

## ସୟଦ ମୁସ୍ତାକ ଅଲି ଟି୨୦

କଟକ ଅଫିସ,୨୭।୨

ଡ୍ରିମସ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୭ ଉଇକେଟରେ ଆସାମକୁ ପରାସ୍ତ କରିଛି । ଟୁର୍ନାମେଣ୍ଟରେ ଓଡ଼ିଶାର ଏହା କ୍ରମାଗତ ୩ୟ ବିଜୟ । ପ୍ରଥମ ଦୁଇଟି ମ୍ୟାଚ ପରାସ୍ତ ହେବା ପରେ ପରବର୍ତ୍ତୀ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ୧୨ ପଏଣ୍ଟ ସହ ଓଡ଼ିଶା ଗ୍ରୁପ-ଡି ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି । ଆସାମ ବିପକ୍ଷ ମ୍ୟାଚ୍‌ରେ ସ୍ପିନର ପପୁ ରାୟ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଛନ୍ତି। ୨୧ରନ ବିନିମୟରେ ପପୁ ୪ଟି ଉଇକେଟ ଦଖଲ କରିଛନ୍ତି । ଶୁଭ୍ରାଂଶୁ ସେନାପତି ଆହତ ହୋଇଥିବାରୁ ଏହି ମ୍ୟାଚ୍‌ରେ ଅନୁରାଗ ଷଡ଼ଙ୍ଗୀ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ । ଓଡ଼ିଶା ଟସ୍ ଜିତି ଆସାମକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା । ଆସାମ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୨ରନ କରିଥିଲା । ଶିବଶଙ୍କର ରାୟ ସର୍ବାଧିକ ୪୨ ଓ ଜିତୁମଣି କଲିତା ୩୧ରନ କରିଥିଲେ। ପପୁଙ୍କ ବ୍ୟତୀତ ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ବିପ୍ଳବ ସାମନ୍ତରାୟ ଓ ପ୍ରୟାସ ସିଂଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା । ଜବାବରେ ଓଡ଼ିଶା ୩ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିଥିଲା। ଓପନର ସନ୍ଦୀପ ପଟ୍ଟନାୟକ ୨୧ ଓ ରାଜେଶ ଧୂପର ୨୭ରନରେ ଆଉଟ ହେବା ପରେ ଅଧିନାୟକ ଅନୁରାଗ ଓ ବିପ୍ଳବ ଓଡ଼ିଶାକୁ ବିଜୟ ଦ୍ୱାରରେ ପହଞ୍ଚାଇଥିଲେ। ଅର୍ଦ୍ଧଶତକରୁ ବଞ୍ଚିତ ହୋଇ ବିପ୍ଳବ(୪୯ରନ) ପ୍ୟାଭିଲିୟନ ଫେରିବା ପରେ ଅନୁରାଗ(୪୩ରନ) ଦଳକୁ ବିଜୟୀ କରାଇଥିଲେ । ଆସାମ ପକ୍ଷରୁ ଅବୁ ନଚିମ ଅହମ୍ମଦଙ୍କୁ ୨ଟି ଉଇକେଟ ମିଳିଥିଲା ।

**ରିଦ୍ଧିମାନଙ୍କ ଶତକ**

ଆହତ ପରେ ଘରୋଇ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଦ୍ଧିମାନ ସାହଙ୍କ ଶତକୀୟ ଇନିଂସ ବଳରେ ବେଙ୍ଗଲ ୧୦୭ରନରେ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି । ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ରିଦ୍ଧିମାନ ୬୨ବଲରୁ ୧୨୯ରନ କରିବା ସହ ଟି୨୦ କ୍ୟାରିୟରରେ ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗଲ ୬ ଉଇକେଟ ବିନିମୟରେ ୨୩୪ରନ କରିଥିଲା । ବିଜୟଲକ୍ଷ୍ୟକୁ ପିଛା କରି ଅରୁଣାଚଳପ୍ରଦେଶ ୪ ଉଇକେଟ ହରାଇ ୧୨୭ରନ କରିବାକୁ ସକ୍ଷମ ହୋଇଥିଲା। ସେହିଭଳି ଅନ୍ୟ ଦୁଇଟି ମ୍ୟାଚ୍‌ରେ ହରିୟାଣା ଓ କର୍ଣ୍ଣାଟକ ଯଥାକ୍ରମେ ମିଜୋରାମ ଓ ଛତିଶଗଡକୁ ହରାଇଛନ୍ତି। କର୍ଣ୍ଣାଟକର ଏହା ଲଗାତର ୫ମ ବିଜୟ।

# ଆଇସିସିର ଆଶ୍ୱାସନା

ଦୁବାଇ, ୨୭।୨(ପିଟି)

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ବିସିସିଆଇ ପକ୍ଷରୁ ଆଗାମୀ ଆଇସିସି ବିଶ୍ୱକପ୍‌କୁ ନେଇ ସୁରକ୍ଷା ଚିନ୍ତା ପ୍ରକଟ କରାଯାଇଛି। ଏଠାରେ ଆୟୋଜିତ ଆଇସିସି ଚିଫ୍ କାର୍ଯ୍ୟକାରୀ କମିଟି (ସିଇସି) ବୈଠକରେ ବିସିସିଆଇ ସିଇଓ ରାହୁଲ ଜୋହରି ମେ' ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଇଭେଣ୍ଟରେ ଅଂଶଗ୍ରହଣ କରୁଥିବା ଭାରତୀୟ ଦଳ, ମ୍ୟାଚ୍ ଅଫିସିଆଲ ଓ ଭାରତୀୟ ପ୍ରଶଂସକଙ୍କ ସୁରକ୍ଷା ନେଇ ଚିନ୍ତାପ୍ରକଟ କରିଛନ୍ତି। ଏହାପରେ ଆଇସିସି ମୁଖ୍ୟ ଡେଭିଡ ରିଚାର୍ଡସନ ବିସିସିଆଇର ଚିନ୍ତା ଦୂର ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ସୁରକ୍ଷା ସମ୍ପର୍କରେ ଆଲୋଚନା କରିବା ବିସିସିଆଇର ମୁଖ୍ୟ ଏଜେଣ୍ଡାରେ ନାହିଁ। ଆତଙ୍କବାଦୀକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନକୁ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରୁ ତଡ଼ିବା ଏହାର ମୁଖ୍ୟ ଲକ୍ଷ୍ୟ। ଉଲ୍ଲେଖଥାଉ କି, ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ସୌରଭ ଗାଙ୍ଗୁଲି ଓ ହରଭଜନ ସିଂଙ୍କ ଭଳି ପ୍ରଖ୍ୟାତ ଖେଳାଳି ଜୁନ୍ ୧୬ରେ ମାଞ୍ଚେଷ୍ଟରଠାରେ ଖେଳାଯିବାକୁ ଥିବା ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତ ନ ଖେଳିବା ଉଚିତ ବୋଲି ମନ୍ତବ୍ୟ ଦେଇଥିଲେ। କିନ୍ତୁ ଏ ସମ୍ପର୍କରେ ବିସିସିଆଇ ସିଇସି ବୈଠକରେ କୌଣସି ଆଲୋଚନା କରିନାହିଁ।

# ଫାଇନାଲରେ ଓଡ଼ିଶା

କଟକ ଅଫିସ,୨୭।୨

ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଅନୁଷ୍ଠିତ ୯ମ ଜାତୀୟ ଜୁନିୟର ବାଳକ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ଫାଇନାଲରେ ପ୍ରବେଶ କରିଛି । ବୁଧବାର ମଧ୍ୟପ୍ରଦେଶ ବିପକ୍ଷରେ ଅନୁଷ୍ଠିତ ସେମି ଫାଇନାଲ ମ୍ୟାଚ୍‌ରେ ଗୋଲକିପର ସାହିଲ କୁମାର ନାୟକ ଚମତ୍କାର ପ୍ରଦର୍ଶନ ବଳରେ ଓଡ଼ିଶା ବିଜୟୀ ହୋଇଥିଲା। ୪ଟି ଯାକ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ପେନାଲ୍ଟି ସୁଟଆଉଟର ସହାୟତା ନିଆଯାଇଥିଲା। ଏଥିରେ ମଧ୍ୟପ୍ରଦେଶ ୨ଟି ଗୋଲ ସ୍କୋର କରିଥିବା ବେଳେ ଓଡ଼ିଶା ୪ଟି ଗୋଲ ଦେଇ ଫାଇନାଲରେ ପ୍ରବେଶ କରିଛି। ମଧ୍ୟପ୍ରଦେଶ ପକ୍ଷରୁ ହୋଇଥିବା ପ୍ରଥମ ଓ ୪ର୍ଥ ପ୍ରୟାସକୁ ଗୋଲକିପର ସାହିଲ ଚମତ୍କାର ଭାବେ ଅଟକାଇଥିଲେ । ସାହିଲଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି । ଫାଇନାଲରେ ବିଜୟୀ ହେବାର ଆଶା ରହିଛି ବୋଲି କୋଚ୍ ପ୍ରଣବ ପଟ୍ଟନାୟକ କହିଛନ୍ତି ।

## ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ

# ଭାରତୀୟ ଦଳରେ ଓଡ଼ିଶାର ୧୨

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ଆବୁଧାବିଠାରେ ମାର୍ଚ୍ଚ ୧୪ରୁ ୨୧ ପର୍ଯ୍ୟନ୍ତ ୧୫ଶ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ ଅନୁଷ୍ଠିତ ହେବ। ଏଥିରେ ୧୭୬ ଦେଶରୁ ୭୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସ୍ପେଶାଲ ଅଲିମ୍ପିକ୍ସ ଭାରତ ପକ୍ଷରୁ ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ୩୮୩ ଜଣିଆ ପ୍ରତିନିଧି ଦଳର ନାମ ଘୋଷଣା କରାଯାଇଛି। ଏହା ମଧ୍ୟରେ ୨୮୯ ଆଥଲେଟ୍, ୭୩ କୋଚ୍ ଏବଂ ୨୧ ଅଫିସିଆଲ ଓ ସପୋର୍ଟ ଷ୍ଟାଫ୍ ସାମିଲ। ଭାରତୀୟ ଦଳରେ ଓଡ଼ିଶାର ମୋଟ ୧୨ ଜଣ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୯ ଆଥଲେଟ୍/ପାର୍ଟନର, ୨ କୋଚ୍ ଓ ଜଣେ ପ୍ରତିନିଧି ଦଳର ମୁଖ୍ୟ। ଆଥଲେଟ୍‌ମାନେ ହେଲେ ମୁକ୍ତା ମୁଣ୍ଡା, ରାଜଶ୍ରୀ ମହାପାତ୍ର, ରୁଶାଲି ଜେନା, ପ୍ରଭାତ ବରାଳ, ରୋନକ ପାରେଖ, ରଜତ କୁମାର କେଡିଆ, ସନ୍ଦୀପ, ଇନ୍ଦ୍ରମଣି କାଣ୍ଡି(ଆଥଲେଟ୍‌ଲିଡର) ଓ ବିଭାରାଣୀ ପାତ୍ର(ୟୁଥ୍ ଲିଡର)। ମୁଖ୍ୟ କୋଚ୍ ଅର୍ପିତା ମହାପାତ୍ର, ମେଣ୍ଟର ବିବେକାନନ୍ଦ ମହାନ୍ତି ଓ ଭାରତୀୟ ପ୍ରତିନିଧି ଦଳର ସହକାରୀ ମୁଖ୍ୟ ପ୍ରକାଶ କୁମାର ରଥ। ଓଡ଼ିଶା ପ୍ରତିନିଧି ଦଳକୁ ବିଦାୟ ଦେବା ପାଇଁ ଏକ ସମାରୋହର ଆୟୋଜନ କରାଯାଇଥିଲା। ଏଥିରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କସ୍ତୁରୀ ମହାପାତ୍ର, ମିନତି ବେହେରା, ରୋଜାଲିନ ପାଟଶାଣୀ ମିଶ୍ର, ଜାଫର ଇକବାଲ, ଦୀକ୍ଷା ତିୱାରୀ ଓ ପ୍ରଦୀପ୍ତ ରଥ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଓଡ଼ିଶାର ଦଳର ୟୁନିଫର୍ମ ଉନ୍ମୋଚନ କରିଥିଲେ। ଏହି ମେଗା ଇଭେଣ୍ଟରେ ୨୪ଟି ଅଲିମ୍ପିକ୍ସ କ୍ରୀଡ଼ା ସ୍ଥାନ ପାଇଥିବାବେଳେ ଭାରତ ୧୭ଟିରେ ଅଂଶଗ୍ରହଣ କରିବ।

# ଦୂତୀଙ୍କୁ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ

## ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ସ୍ୱର୍ଣ୍ଣିମ ସଫଳତା ସହ ବର୍ଷ ଆରମ୍ଭ କରିଛନ୍ତି। କେବଳ ଗୋଟିଏ ଇଭେଣ୍ଟ ନୁହେଁ ଉଭୟ ୧୦୦ ଓ ୨୦୦ ମିଟରରେ ସେ ସ୍ୱର୍ଣ୍ଣ ପଦକ ହାସଲ ସହ ଆଗକୁ ବଢ଼ିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୨ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟର ମହିଳା ୨୦୦ ମିଟରରେ ଦୂତୀ ୨୩.୩୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଫଳରେ ଦୂତୀ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କାତାରର ଦୋହାଠାରେ ୨୩ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଏପ୍ରିଲ ୨୧ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗତା ପାଇଁ ମହିଳା ୨୦୦ ମିଟରରେ ଯୋଗ୍ୟତା ଟାଇମିଂ ୨୩.୩୦ ରହିଥିଲା। ଦୂତୀ ତାହା ସ୍ପର୍ଶ କରିପାରିଥିବାରୁ ଦୋହା ଚାମ୍ପିୟନଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ହରିୟାଣାର ଅଞ୍ଜଳି ଦେବୀ ୨୪.୧୫ ସେକେଣ୍ଡ ସହ ରୌପ୍ୟ ଏବଂ ଆନ୍ଧ୍ର ପ୍ରଦେଶର ସୁପ୍ରିୟା ମାଣ୍ଡାଲି ୨୪.୪୮ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ୨୦୦ ମିଟର ଇଭେଣ୍ଟରେ ମୋଟ ୬ ପ୍ରତିଯୋଗୀ ୨ଟି ଗ୍ରୁପରେ ରେସ୍ କରିଥିଲେ। ସମସ୍ତଙ୍କ ଟାଇମିଂକୁ ଦେଖିବାପରେ ଲାଇନ୍‌ଅପ୍ ହୋଇଥିଲା ବୋଲି ଦୂତୀ ପ୍ରକାଶ କରିଛନ୍ତି। ଏହି ଲାଇନ୍‌ଅପ୍ ଅନୁସାରେ ତେଲେଙ୍ଗାନାର ହାରିକା ଦେବୀ ଆନ୍ଥାରାମ ୨୪.୪୯, ପଶ୍ଚିମବଙ୍ଗର ସୋନିୟା ବୈଶ୍ୟ ୨୪.୫୬ ଓ ତାମିଲନାଡୁର ଭି.ଶୁଭା ୨୪.୯୦ ସେକେଣ୍ଡ ନେଇ ଯଥାକ୍ରମେ ୪ର୍ଥରୁ ୬ଷ୍ଠ ସ୍ଥାନରେ ରହିଛନ୍ତି।



କୋଚ୍ ଏନ. ରମେଶଙ୍କ ସହ ଦୂତୀ ଚାନ୍ଦ।

"୨୦୦ ମିଟରରେ ନିଜ ପ୍ରଦର୍ଶନରେ ସନ୍ତୋଷ ପ୍ରକଟ କରିଛନ୍ତି ଦୂତୀ। ପ୍ରତିଦ୍ୱନ୍ଦ୍ୱୀ ଅଧିକ ନ ଥିଲେ। ମୋଟ ୬ ପ୍ରତିଯୋଗୀ ୨ଟି ଗ୍ରୁପ୍‌ରେ ଦୌଡ଼ିଥିଲେ। ତେବେ ମୁଁ ସେଥିପ୍ରତି ଧ୍ୟାନ ନ ଦେଇ ଟାଇମିଂପ୍ରତି ଗୁରୁତ୍ୱ ଦେଇଥିଲି। ମୁଁ ମୋ ଟାର୍ଗେଟରେ ପହଞ୍ଚି ପାରିଛି ଏବଂ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛି। କୋଚ୍ ଏନ. ରମେଶ ମଧ୍ୟ ମୋ ପ୍ରଦର୍ଶନରେ ଖୁସି ଅଛନ୍ତି। ଆମେ ଯେଉଁ ଲକ୍ଷ୍ୟ ନେଇ ଏଠାକୁ ଆସିଥିଲୁ ତାହା ହାସଲ ହୋଇପାରିଥିବାରୁ ଏବେ ଆଗାମୀ ପ୍ରତିଯୋଗିତା ଉପରେ ଧ୍ୟାନ ଦେବା ସମୟ ଆସିଛି" ବୋଲି ଦୂତୀ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପଟିଆଲାରେ ଗତ ୨୩ ତାରିଖରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ଦୂତୀ ମହିଳା ୧୦୦ ମିଟର ରେସ୍‌ରେ ୧୧.୫୧ ସେକେଣ୍ଡ ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ଏହି ଇଭେଣ୍ଟରେ ସେ ଏସିଆନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ପାଇ ପାରି ନ ଥିଲେ। କାରଣ ଏସିଆନ ଆଥଲେଟିକ୍ସ ପାଇଁ ମହିଳା ୧୦୦ ମିଟରରେ ଯୋଗ୍ୟତା ଟାଇମିଂ ୧୧.୪୦ ସେକେଣ୍ଡ ଥିବାବେଳେ ଦୂତୀ ୧୧.୫୧ ସେକେଣ୍ଡ ସମୟ ନେଇଥିଲେ। "ମୁଁ ମାର୍ଚ୍ଚ ୧୫ରୁ ୧୮ ପର୍ଯ୍ୟନ୍ତ ପଟିଆଲାରେ ଫେଡେରେଶନ କପ୍ ଜାତୀୟ ସିନିୟର ଆଥଲେଟିକ୍ସ ମିଟ୍‌ରେ ଅଂଶଗ୍ରହଣ କରିବି। ସେହି ପ୍ରତିଯୋଗିତାର ୧୦୦ ମିଟର ରେସ୍‌ରେ ୧୧.୪୦ ସେକେଣ୍ଡ ଟାଇମିଂ ହାସଲ କରିବା ମୋର ମୁଖ୍ୟ ଲକ୍ଷ୍ୟ ରହିବ। ଯଦି ତାହା ସମ୍ଭବ ହୁଏ ତେବେ ମୁଁ ଦୋହା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଉଭୟ ୧୦୦ ଓ ୨୦୦ ମିଟରରେ ଅଂଶଗ୍ରହଣ କରିବି" ବୋଲି ଦୂତୀ କହିଛନ୍ତି।

**ଦୂତୀଙ୍କ ଟାଇମିଂ**

- ଇଣ୍ଡିଆନ ଗ୍ରାଁ ପ୍ରି-୧(୧୦୦ ମିଟର): ୧୧.୫୧
- ଇଣ୍ଡିଆନ ଗ୍ରାଁ ପ୍ରି-୨(୨୦୦ ମିଟର): ୨୩.୩୦
- ଏସିଆନ୍ ଆଥ୍‌ଲେଟିକ୍ସ ଯୋଗ୍ୟତା ଟାଇମିଂ
- ମହିଳା ୧୦୦ ମିଟର: ୧୧.୪୦
- ମହିଳା ୨୦୦ ମିଟର: ୨୩.୩୦

## ତୁର୍କିଶ ମହିଳା କପ୍ ଫୁଟବଲ

# ପରାଜୟରୁ ଭାରତର ଅଭିଯାନ

ନୂଆଦିଲ୍ଲୀ, ୨୭।୨(ପି.ଟି.)

ତୁର୍କୀର ଅଲାନ୍ୟାଠାରେ ଚାଲିଥିବା ତୁର୍କିଶ ମହିଳା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୦-୧ ଗୋଲରେ ଉଜ୍‌ବେକିସ୍ତାନଠାରୁ ପରାସ୍ତ ହୋଇଛି। ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ ଉଜ୍‌ବେକିସ୍ତାନର ବୁରହାନୋଭା ମଲିକା ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଏହାପରେ ସାରା ମ୍ୟାଚ୍‌ରେ ଭାରତ ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଫଳରେ ଶେଷରେ ଭାରତକୁ ପରାଜୟବରଣ କରିବାକୁ ପଡିଥିଲା। ଉଜବେକିସ୍ତାନ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଗୋଲ କିପର ଆଦିତି ଚୌହାନ୍‌ଙ୍କ ନେତୃତ୍ୱରେ ଉଜ୍‌ବେକିସ୍ତାନକୁ ରୋକିବା ପାଇଁ ଭାରତୀୟ ଡିଫେନ୍ସକୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ୨୫ତମ ମିନିଟ୍‌ରେ ମାଇକେଲ କାଷ୍ଟନାଙ୍କ ବଦଳରେ ଓଡ଼ିଆର ତାରକା ଜବାମଣି ଟୁଡୁ ଲେଫ୍ଟ ବ୍ୟାକ୍ ପୋଜିସନ୍‌ରେ ପଡିଆରେ ପ୍ରବେଶ କରିଥିଲେ। ଏହା ପରେ ଭାରତ ଆକ୍ରମଣାତ୍ମ ପ୍ରଦର୍ଶନ କରିଥିଲା। ତେବେ ପ୍ରତିପକ୍ଷ ଡିଫେନ୍ସ ଭାରତର ସବୁ ପ୍ରୟାସକୁ ପଣ୍ଡ କରିବାରେ ସଫଳ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଡାଙ୍ଗମେଇ ଗ୍ରେସ୍ ତାଙ୍କର ଫେଭରାଇଟ୍ ଲମ୍ବା ଶଟ୍ ମାରି କେତୋଟି ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ।

# ଓଡ଼ିଶାରୁ ଭାଗନେବେ ୮ ପ୍ରତିଯୋଗୀ

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ନ୍ୟାଶନାଲ ହୁଇଲ୍ ଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍‌ର ୧୨ଶ ସଂସ୍କରଣ ମାର୍ଚ୍ଚ ୧୪ ଓ ୧୫ ତାରିଖ ଦୁଇଦିନଧରି ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ମୋଟ ୮ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା ହୁଇଲ୍ ଚେୟାର ଫେନ୍‌ସିଂ ଆସୋସିଏଶନ ସମ୍ପାଦକ ବିଷ୍ଣୁ ଚରଣ ସାହୁଙ୍କ ସୂତ୍ରରୁ ପ୍ରକାଶ। ଓଡ଼ିଶା ଦଳରେ ସାମିଲ ଥିବା ପ୍ରତିଯୋଗିମାନେ ହେଲେ ଭି.ରମେଶ ରାଓ, ରାଖାଲ କୁମାର ସେଠୀ, ପ୍ରଭାକର ବେହେରା, ଅକ୍ଷୟ କୁମାର ସାହୁ, ପ୍ରଫୁଲ୍ଲ ଖଣ୍ଡାୟତରାୟ, ଦେବମୃତ ସାହୁ, ପ୍ରଶାନ୍ତ ବେହେରା ଓ ମାଳତି ପନାଉର।

## ନ୍ୟାଶନାଲ ମାଷ୍ଟର ଗେମ୍ସ

# ପାର୍ବତୀଙ୍କୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ



ପଦକ ସହ ପାର୍ବତୀ ସେଠୀ।

ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଭେଟେରାନ ମହିଳା ଆଥଲେଟ୍ ପାର୍ବତୀ ସେଠୀଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଡେରାଡୁନ୍‌ଠାରେ ୨୧ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ନ୍ୟାଶନାଲ ମାଷ୍ଟର ଗେମ୍ସ ମିଟ୍-୨୦୧୯ରେ ସେ ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକଲାଭ କରିଛନ୍ତି। କଟକରେ ଟିଟିଆଇଭାବେ କାର୍ଯ୍ୟରତ ପାର୍ବତୀ ଡେରାଡୁନ୍ ମାଷ୍ଟର ଗେମ୍ସର ଡିସ୍କସ୍ ଥ୍ରୋ ଇଭେଣ୍ଟରେ ୪୫.୭୫ ମିଟର କ୍ଲିୟର କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ସେ ୧୧.୦୫ ମିଟର ଦୂରକୁ ଶଟ୍‌ପୁଟ୍ ଥ୍ରୋ କରି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଅଧିକାର କରିଛନ୍ତି। ହାମର ଥ୍ରୋ ଇଭେଣ୍ଟରେ ସେ ୩୦ ମିଟର କ୍ଲିୟର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ ଏବଂ ରୌପ୍ୟ ପଦକ ପାଇଥିଲେ। ଗତବର୍ଷ ମଧ୍ୟ ପାର୍ବତୀ ଚମତ୍କାର ପ୍ରଦର୍ଶନ କରି ଚର୍ଚ୍ଚାରେ ରହିଥିଲେ।

# ପଶ୍ଚିମବଙ୍ଗ-ହରିୟାଣା ଫାଇନାଲ

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଭଲିବଲ ଆସୋସିଏଶନ(ଓଭିଏ) ଓ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍‌ର ବାଳିକା ବିଭାଗ ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ଗୁରୁବାର ଫାଇନାଲରେ ପଶ୍ଚିମବଙ୍ଗ ଓ ହରିୟାଣା ମଧ୍ୟରେ ମୁକାବିଲା ହେବ। ବୁଧବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପଶ୍ଚିମବଙ୍ଗ ୩-୧ ସେଟ୍‌ରେ ରାଜସ୍ଥାନ ଏବଂ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିରେ ହରିୟାଣା ୩-୨ ସେଟ୍‌ରେ ତାମିଲନାଡୁକୁ ପରାସ୍ତ କରିଛି। ସେହିପରି ବାଳକ ବିଭାଗ ସେମିଫାଇନାଲରେ ଗୁଜରାଟକୁ ୩-୦ରେ ହରାଇ ଉତ୍ତର ପ୍ରଦେଶ ଏବଂ ଦିଲ୍ଲୀକୁ ୩-୧ ସେଟ୍‌ରେ ହରାଇ ଚଣ୍ଡିଗଡ଼ ଫାଇନାଲରେ ପ୍ରବେଶ କରିଛି।


## MCL Mahanadi Coalfields Limited

(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : www.mahanadicoal.in

**GENERAL TENDER NOTICE FOR e-PROCUREMENT**

Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL **(http://coalindiatenders.nic.in)** as well as on the Central Public Procurement portal of Govt. of India **(http://eprocure.gov.in)**. Bids are to be submitted ONLINE on the above e- Procurement portal of CIL by enrolled Bidders. EMD can also be submitted online. Enrollment of Bidders on the e-Procurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. **[Contact details: Tel.-0663-2542264/2542695** (available during office hours only); **email- hlp-eproc.mcl@nic.in]** **R-4890**

*Give a missed call on toll free number 1800 200 3004 to get our Apps.*

## OFFICEE OF THE DISTRICT MANAGER O.S.C.S.C. LTD., ANGUL

OSCSC Ltd.

**No.1094** **Dt. 26.02.2019**

**CORRIGENDUM NOTICE**

**Appointment of Handling Contractor for the year 2019-21**

**Tender Notice No.940, Dt.21.02.2019**

Clause-7 Sub-Clause-7.1.2 of tender document hoisted in District website **www.angul.nic.in** at Page-10 of tender document Read as- if applicable similar sum of Rs.564345.00/- (Five Lakh Sixty Four Thousand Three Hundred Forty Five) only instead of Rs.11286900/- (One Crore Twelve Lakh Eighty Six Thousand Nine Hundred) only equivalent to 50% of the Security deposits in shape of Bank draft............................any interest.

**Sd./- CSO-cum-DM**
**OSCSC Ltd., Angul**

See Career Appointment on every Wednesday & Saturday

## ପୂର୍ବ ତଟ ରେଳପଥ

### ଇ-କ୍ରୟ ପ୍ରଣାଳୀ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: PCMM/EP/2018-19/24, ତା: 25.02.2019

"ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ **http://www.ireps.gov.in** ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ ।"

"ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ **www.ireps.gov.in** ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍ (Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ (Bills) ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ ।"

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

PR-506/J/18-19

## ପୂର୍ବ ତଟ ରେଳପଥ

### ଇଂଜିନିୟରିଂ କାର୍ଯ୍ୟ

ଫାଇଲ ନଂ.DRM/Engg/KUR/18-19/E-Tender/23, ତା.22.02.2019ରିଖ

**(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender HQ-KUR-365-18, ତା.21.02.2019ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ୍ ଠାରେ **BFNS** ରେକ୍ ପରୀକ୍ଷଣ ନିମନ୍ତେ ପାଥୱେଗୁଡ଼ିକର ନିର୍ମାଣ ଏବଂ ଆଲୋକ ସୁବିଧା ପ୍ରଦାନ କରିବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 60.98** ଲକ୍ଷ, EMD (ଟଙ୍କାରେ) : **1,22,000/-**, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : **5,900/-**, ଶେଷ ହେବା ଅବଧି : **06** (ଛଅ) ମାସ।

**(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-367-18,ତା.21.02.2019ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ-ବୈତରଣୀ ରୋଡ୍ ଷ୍ଟେସନ ମଧ୍ୟରେ ପୋଲ ନଂ.**361(UP), 362(UP), 382(UP** ଏବଂ **DN)** ଏବଂ **393(UP** ଏବଂ **DN)** ରେ **RDSO** ଡ୍ରଇଂ ନଂ.**RDSO/B-1636/5 ALT2** ଅନୁଯାୟୀ ସମସ୍ତ ଫିକ୍ସଚର ଏବଂ ଫାଷ୍ଟେନିଂଗୁଡ଼ିକୁ ମିଶାଇ **'H'** ବିମ୍ ସ୍ଲିପରଗୁଡ଼ିକ ଦ୍ୱାରା ବର୍ତ୍ତମାନର **1080** ଗୋଟି ଷ୍ଟିଲ୍ ଚ୍ୟାନେଲ ସ୍ଲିପରଗୁଡ଼ିକର ନବୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 203.98** ଲକ୍ଷ, EMD (ଟଙ୍କାରେ) : **2,52,000/-**, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : **11,800/-**, ଶେଷ ହେବା ଅବଧି : **08** (ଆଠ) ମାସ।

**(3) ଟେଣ୍ଡର ବିଜ୍ଞପ୍ତି ସଂ.e-Tender EAST-KUR-368-18,ତା.21.02.2019ରିଖ**

**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/II/କଟକ ପରିସୀମା ଅଧୀନସ୍ଥ ପାରାଦ୍ୱୀପ ରେଲୱେ ସେଟେଲମେଣ୍ଟ ଠାରେ ଡ୍ରେନ୍‌ଗୁଡ଼ିକର ପ୍ରସ୍ତାବିତ ଉନ୍ନୟନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 127.32** ଲକ୍ଷ, EMD (ଟଙ୍କାରେ) : **2,13,700/-**, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : **5,900/-**, ଶେଷ ହେବା ଅବଧି : **10** (ଦଶ) ମାସ।

**(4) ଟେଣ୍ଡର ବିଜ୍ଞପ୍ତି ସଂ.e-Tender EAST-KUR-369-18,ତା.21.02.2019ରିଖ**

**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/I/କଟକ ପରିସୀମା ଅଧୀନସ୍ଥ ବାରଙ୍ଗ (Ex) ଠାରୁ କେନାପୁର (Ex) ମଧ୍ୟସ୍ଥ ଉଭୟ ଅପ୍ ଏବଂ ଡାଉନ୍ ଲାଇନ୍ ଏବଂ କପିଳାସ ରୋଡ୍-ଶାଳଗାଁ ଶାଖା ଲାଇନ୍ ମଧ୍ୟରେ ପ୍ରସ୍ତାବିତ ସେସ୍ (Cess) ମରାମତି କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 118.73** ଲକ୍ଷ, EMD (ଟଙ୍କାରେ) : **2,09,400/-**, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : **5,900/-**, ଶେଷ ହେବା ଅବଧି : **12** (ବାର) ମାସ।

**(5) ଟେଣ୍ଡର ବିଜ୍ଞପ୍ତି ସଂ.e-Tender SOUTH-KUR-370-18,ତା.22.02.2019ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ମୋଟରୀ, ସୁର୍ଲା ରୋଡ୍, ଝାଡ଼ପୁଡ଼ି, ବରୁଣୀ ଏବଂ ସୁମାଦେବୀ ଷ୍ଟେସନଗୁଡ଼ିକ ଠାରେ ପ୍ରଥମ ଫୁଟ୍ ଓଭର ବ୍ରିଜ୍ (FOB) ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 792.50** ଲକ୍ଷ, EMD (ଟଙ୍କାରେ) : **5,46,300/-**, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : **11,800/-**, ଶେଷ ହେବା ଅବଧି : **08** (ଆଠ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.**20.03.2019** ରିଖ **1500** ଘଟିକାରେ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-505/J/18-19

## ODISHA HYDRO POWER CORPORATION LTD.

OHPC
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
At / P.O.: BARINIPUT; DIST.: KORAPUT – 764006
PHONE: - (06854) 242001 FAX: - (06854) 242092
e-mail: sgmelukhep@ohpcltd.com CIN: U40101OR1995SGC003963

CAD-1511

No. : OHPC/ SGM/ UKHEP/ Tech. / /Dated, Bariniput the

**1ST CORRIGENDUM TO E-PROCUREMENT NOTICE NO. 14 / 2018-19 DATED: 31.01.2019**

The last date of Sale, Receipt and Opening of e-Procurement Notice No. **14/2018-19 DATED: 31.01.2019** are hereby extended and re-scheduled as follows:-

| | | |
|---|---|---|
| (1) | Last Date & Time of Receipt of Tender documents. | : Up to 17.00 Hrs. of dated 13.03.2019 |
| (2) | Date & Time of Opening of Tender. | : At 11.30 Hrs. of dated 16.03.2019 |

All other terms & conditions of the Tender remain unchanged.

For details of the Tender documents, Terms & Conditions and down loading please refer Govt. e-Procurement portal www.tendersorissa.gov.in by using their compatible Digital Signature Cetificate (DSC) ..

Unit Head
UKHEP, Bariniput

04002/11/0101/1819

## GOVT. OF ODISHA
## OFFICE OF THE SUPERINTENDING ENGINEER RURAL WORKS CIRCLE, BHAWANIPATNA

No.1827-O **Bid Identification No. BPT/Online-17/2018-19, Date.............**

**NOTICE INVITING TENDERS FOR ROAD WORKS IN ODISHA NATIONAL COMPETITIVE BIDDING THROUGH e-Procurement**

1. Name of the work : Construction of Road works under MMSY in the District of Kalahandi.
2. No. of works : 1 No.
3. Location details : Kalahandi District
4. Estimated Cost : As per NIT.
5. Period of completion : As per NIT.
6. Cost of tender paper : Rs.10,000/- per set.
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 02.03.2019 11.00 AM. | 19.03.2019 5.00 PM. | 18.03.2019 | 20.03.2019 at 11.00 AM. |

Further details can be seen from the website **"www.tendersorissa.gov.in"**

**Sd./- Superintending Engineer**
**Rural Works Circle, Bhawanipatna**

25102/11/0021/1819

## GOVT. OF ODISHA
## OFFICE OF THE SUPERINTENDING ENGINEER RURAL WORKS CIRCLE, BARIPADA

**Tel No. 06792-261343(O)/261344(Fax)/E-Mail:- serwcbaripada@nic.in**

No.1826-O

**"e"- Procurement Notice for PMGSY Works**

**Identification No.- Online Tender- PMGSY N.C.B. No. 154 for 2018-19.**

**Letter No- 532 /** **Date:_ 25.02.2019 //**

| | | | |
|---|---|---|---|
| 1. | Name of the work | :- | Construction & Maintenance PMGSY-II road works Batch –I of 2018-19 in the District of Mayurbhanj. |
| 2. | Total No. of works | :- | 36 Nos. (Thirty Six Nos.) |
| 3. | Estimated Cost | :- | From Rs.82.50 lakhs to Rs.319.49 lakhs (approximately). |
| 4. | Eligible Class of Contractor | :- | 33 Nos. of packages ' 'B' & 'A' Class, 03 Nos of packages 'A' & 'Special', P.W.D. or relevant Class of other licensing authorities. |
| 5. | Period of Completion | :- | 11 (Eleven) calendar months for works above Rs.3.00 Crore, 09 (Nine) Calendar months for works below Rs.3.00 Crores Up to Rs.1.00 Crore & 06 (Six) Calendar months for Works below Rs.1.00 Crore as specified in DTCN. |
| 6. | Other details | :- | |

| Procurement Officer | Bid identification No. | Availability of tender online for bidding | | Last Date & time of seeking tender clarification | Date & Time of Opening of Tender in O/O S.E.R.W Cricle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Baripada | PMGSY Online N.C.B. No. 154 | Dt.02.03.2019 at 11.00 A.M. | 20.03.2019 up to 5.00 P.M. | Dt.19.03.2019 up to 1.00 PM | Dt.23.03.2019 at 11.00 A.M. | Dt.04.04.2019 at 11.00 AM. |

• Further details can be seen from the website: **www.pmgsytenders.gov.in.** • AnyCorrigendum / Addemdum will be displayed in the above e_tender website only.

**Superintending Engineer, R.W Circle, Baripada**

25130/11/0034/1819

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED

OPTCL Lifeline of Odisha

(A Government of Odisha Undertaking)
O/o the Sr. General Manager (Elect.) Construction, Zone-1, Technical Building, 1st Floor, Bhoinagar, Bhubaneswar - 22.
Tel: 0674-2546353, E-mail: sgm.con1.bbs@optcl.co.in CIN: U40102OR2004SGC007553

**No.: Sr. GM(TP&C)/Publication/Gaz/08/511** **Dated: 26.02.2019**

**NOTIFICATION**

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No.: R & R-II-10/2006/2353, Dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Construction), Zone-1, Odisha Power Transmission Corporation Limited, Technical Building, 1st Floor, Bhoinagar, Bhubaneswar-751 022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the work & Scope | Name of the Village in which the Line will pass | Tentative Estimated Amount (Rs. in Crores) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1. | Construction of 132KV DC line from 220/132/33KV Grid S/S, Dhamra at Balimunda to 132/33KV GIS Sub Station, Chandabali at Paikirapur. | **TAHASIL: BASUDEVPUR** **R.I. Circle:** Naikanidihi **Revenue Village:** Balimunda, Chhenakhia, Rautrapur, Damodar Pur, Balaram pur, Kaligadi. **TAHASIL: CHANDBALI** **R.I. Circle:** Ghanteswar **Revenue Village:** Sendagada, Bramhatikiri, Kuliadia, Raipur, Biriadia, Ankapada, Bandiari Sahi, Ghanteswar, Manipur. **R.I. Circle:** Nalgonda **Revenue Village:** Jaleswar pur, Nuaganichhapur, Balabhadra Prasad, Gauduni Pokhari, Paramananda pur, Mousuda. **R.I. Circle:** Matto **Revenue Village:** Balabhadra pur Sasan, Chasakhanda, Nalitagadia, Naugorada, Serpur, Bhatapada, Chandanpur, Mahulia, Nischinta. **R.I. Circle:** Chandabali **Revenue Village:** Deuligaon, Kismat, Majhigaon, Kusuma, Paikerapur, Bijaya Nagar. | 17.29 Crore | D.G.M (Elect.), EHT (C) Division, Balasore. | To provide stable & Quality power supply in & around the areas of Basudevpur, Chandbali Tahasil of Bhadrak District & overall development of Odisha State in general. |

Sd/-
**Chief General Manager (C), Zone-1**

## BHUBANESWAR DEVELOPMENT AUTHORITY

Akash Shova Building, Sachivalaya Marg, Bhubaneswar-751001
visit us at: www.bdabbsr.in

**No.275** **Date.26.02.2019**

**'e' Procurement Notice, BID IDENTIFICATION NO.BDA /09- EE-III/2018–19**

Executive Engineer, Division No.III, BDA on behalf of Bhubaneswar Development Authority invites Percentage Rate bids in Single cover system to be received in online mode only for the work detailed below.

| | | | |
|---|---|---|---|
| 1. | Name of work | - | Fire Detection, Sprinkler and Fighting arrangement at Raptani Bhawan (B + G + 2) Building, Bhubaneswar. |
| 2. | No. of works | - | 01 (One) No. |
| 3. | Estimated Cost | - | Approximate Rs.24.59 Lakh |
| 4. | Period of Completion | - | 45 (Forty Five) Days |
| 5. | Tender Cost | - | Rs.6,720/- including 12% GST |
| 6. | Date & Time of availability of Bid | - | **28.02.2019 to 5.00 P.M. of 11.03.2019** |
| 7. | Class of Contractor | - | **Firms / Companies having experience in similar nature of works in last 3 years.** |

The Bidders have to participate in ONLINE bidding only. Further details can be seen from the website **http://tendersodisha.gov.in/.**

**N.B. The quoted rate should be all inclusive but excluding G.S.T. applicable under works contract.**

**Sd/-**
**Executive Engineer, Division No.III, BDA.**

## OFFICE OF THE MUNICIPAL COUNCIL, TALCHER

DIST.- ANGUL
**Phone No: (06760) 240259, E-Mail ID: e.o.talcher@gmail.com**

**No. 481** **Date: 26.02.19**

**QUOTATION CALL NOTICE**

**No.518-C:-** The Executive Officer, Talcher Municipality on behalf of Talcher, Dist- Angul invites sealed quotations from the intending registered Firms/Authorized Dealers/ Distributors/ Suppliers and Manufacturers for supply of Assets items to Urban Homeless(SUH) to Talcher Municipality for the financial year 2018-19. The prescribed quotation schedule can be obtained from the Cashier of Talcher Municipality on payment of Rs. 1,000/- (Rupees One Thousand) ony including GST@18% (non-refundable) in shape of Cash/Bank Draft/ Bankers Cheque drawn in favour of the Executive Officer, Talcher Municipality payable at Talcher from any Natinalized Bank from date 27.02.2019 to date 06.03.2019 upto 1.00 PM during office hour except holidays.

The quotation paper along with all documents should reach the undersigned by Regd. Post/Speed Post/Courier Service or by person on or before date 06.03.2019 upto 1.00 PM. And this offie will in no way, be responsible for any delay in receipt of the quotation documents. The quotation will be opened on the same date at 3.00 PM in presence of the quotationers or their autorized representatives if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the quotations without assigning any reason thereof.

**By Order of Administrator**
**Sd./- Executive Officer,**
**Talcher Municipality**

**13075/11/0003/1819**

## PANCHAYAT SAMITI, BOIPARIGUDA

**Letter No. 491/19** **Dt. 26.02.2019**

Sub:- Corrigendum to Tender Call Notice No. 318 dt. 11.02.2019 & Corrigendum No. 421 dt.18.02.2019, 463 dt. 22.02.2019 & 485 dt. 23.02.2019 of Panchayat Samiti, Boipariguda.

In pursuance to the tender call notice No. 318 dt. 11.02.2019 & subsequent corrigendums, the time for sale, receipt and opening of tender papers is extended as detailed below on administrative ground.

1. Sale of Tender Paper: The bid documents will be sold during office hours i.e. from 10.00 AM to 5.00 PM (on working days only in the Block Office) upto dt. 01.03.2019.
2. Date of receipt of tender paper: Sealed tender in complete shape will be received during office hour upto 2.00 PM on dt. 02.03.2019 in the Block Office, Boipariguda through registered post/speed post only.
3. Date of opening of the Tender paper: The Bid documents shall be opened at 4.00 PM on dt. 02.03.2019 in the office chamber of the Block Development Officer, Boipariguda in presence of the bidders or their authorised representatives having wirtten authorisation for the purpose.

All other terms and conditions remain unchanged.

**Sd./- Block Development Officer, Boipariguda**

## OFFICE OF THE CHANDBALI NOTIFIED AREA COUNCIL

**No.213** **Date: 27.02.2019**

**Quotation Notice**

Sealed quotations are invited from interested government registered firms or Contractors for supplying, fixing and providing decorative, painting and illuminating items for the Development of Neheru Park(FRP Decorative Items and painting & illumination) at Chandbali NAC. Work, Cost of quotation Paper, EMD, Time of Completion and the set of terms & conditions of contract and other necessary documents can be seen in Bhadrak District website i.e. **www.bhadrak.nic.in**

**Sd./- Executive Officer, Chandbali NAC**

## OFFICE OF THE NOTIFIED AREA COUNCIL, BALLIGUDA, KANDHAMAL

Email Id.-eonacballiguda@yahoo.in

**No.479** **Date:27.02.2019**

**TENDER CALL NOTICE**

Sealed tenders are invited from the Registered firms / Entrepreneurs / Authorized Dealers / Authorized Distributors / Private Companies in two bid systems towards supply of silent DG Set as per specification given in DTCN to the Office of the NAC, Balliguda for the FY 2018-19/2019-20, so as to reach before the undersigned by 5.00 PM. on dated 11.03.2019 through Speed Post / Regd. Post / Courier, which will be opened on dt.12.03.2019 in the office of the NAC, Balliguda in the presence of available bidders or their authorized representatives. Detailed Tender Call Notice can be downloaded from Kandhamal District's web portal, i.e. **www.kandhamal.nic.in.**

The authority reserves the right to cancel any or all tenders without assigning any reason thereof.

**Sd./- Executive Officer,NAC, Balliguda**

## OFFICE OF C.D.M.O CUM DISTRICT MISSION DIRECTOR, DHENKANAL

**TENDER CALL NOTICE**

**No.528** **Date:27.02.2019**

Sealed tenders are invited from Registered Firms/Agencies/ Reputed Organization for out sourcing of Bio Medical Waste Management Work of DHH, SDH & all CHCs of Dhenkanal District. The sealed tender should reach by Regd Post/Speed Post/ Courier to the undersigned latest by dt 13.03.2019 up to 5 PM. and the tender will open on date 14.03.2019 at 12.30 PM. by the selection commitee. In complete tender document in any form is liable for rejection.

The details regarding bidding format, term & conditions may be download from District website i.e. **www.Dhenkanal.nic.in.** The undersigned is not responsible for any kind of postal delay and reserves all rights to cancel any or the entire tender at any stage of selection/finalization process without assigning any reason thereof. Any typographical error may be exempted.

**Sd./- CDM & PHO cum DISTRICT MISSION DIRECTOR, DHENKANAL**

## OFFICE OF THE COLLECTOR & DISTRICT MAGISTRATE, KALAHANDI

**(SOCIAL WELFARE SECTION)**

**No.377** **Date:26.02.2019**

**TENDER CALL NOTICE**

Sealed tenders are invited from interested Individuals / Company / Firms / Corporations having valid agent's license for transportation of foodstuff under SNP feeding Programme for FY 2019-20. The detailed tender paper along with terms & conditions vide Notification No.373 dated 26.02.2019 of the Collector, Kalahandi can be received from DSWO, Kalahandi or downloaded from the website **www.kalahandi.nic.in.**

Last date for receipt of Tender Paper: 16.03.2019 latest by 5.00 PM.

**By order of the Collector**
**Sd./- District Social Welfare Officer, Kalahandi**

## CUTTACK DEVELOPMENT AUTHORITY

C.D.A.

**RFP NO. : 3596/CDA** **Date : 27/02/2019**

**REQUEST FOR PROPOSAL (RFP) FOR SELECTION OF DEVELOPER FOR DEVELOPMENT OF AN AFFORDABLE HOUSING PROJECT OVER 11.48 ACRES IN CUTTACK ON PPP MODEL**

Cuttack Development Authority (CDA) invites Developers of National repute for development of an Affordable Housing Project over 11.48 acres in Cuttack on PPP model under model III of the "Housing for all Policy" of Government of Odisha.

CDA has identified 11.48 acres of land in Cuttack out of which Affordable Housing will be developed over 7.84 Acres of land located in Mouza : Naranpur, Balance 3.64 Acres in two patches in Sector 8 & 11, Bidanasi shall be given to the Selected Developer on freehold basis for its residential and commercial development in accordance with Applicable Laws.

**Broad role of CDA :** To provide unencumbered land facilitate and ensure time bound statutory approvals.

**Broad Role of Developer :** The selected developer shall construct 550 Standard Size EWS units over 3.65 AC and 320 Standard size LIG units over 4.19 AC in Mouza : Naranpur and hand over to CDA.

CDA shall transfer 3.64 Ac of land (2.43 Ac in Sector 8 & 1.21Ac in Sector 11) on freehold basis for Developers own commercial exploitation.

**Eligibility Criteria, Financial & Technical :**

1. The Firm or Consortium of Firms (Maximum 3) together must have a Net Worth of at least INR 50,00,00,000/- (Indian Rupees 50 Crores Only) in the last Financial Year.
2. The Bidders should have development / construction experience of (1) housing projects / residential townships and other real estate projects (SEZs / Industrial Parks, Schools, Colleges, universities, IT-ITeS campuses, hostel buildings, auditoriums, convention centers, hotels, resorts, serviced apartments, way side amenities for highway projects etc) out of which at least one project should have minimum project cost of INR 15 Crores, and (2) infrastructure projects like highways, port terminal, airport terminal, railway stations and industrial infrastructure with a project cost of at least INR 50 Crores.

**Bid Parameter :** Concession Fee (Premium / Grant)

The bidders shall quote either premium or grant

**Affordable Housing Area - Naranpur - 7.84 Acres**



**Private Developer Project Area - Sector - 11, Bidanasi 1.21 Acres**



**Private Developer Project Area - Sector - 8, Bidanasi 2.430 Acres**



**Project Schedule :** To clarify queries of the bidders on the Project and RFP document, **a Pre - Bid Meeting** shall be held on **11th March 2019 at 3.00 PM in the Conference Hall of CDA.**

The Technical & Financial proposals must be submitted through speed post / registered post / courier latest **by 29th March 2019 before 4.00 P.M.** The technical proposal shall be opened **at 4.30 P.M on 29th March, 2019**

No drop box facility is available and hand delivery is not allowed. CDA will not be responsible for any postal / courier delay.

Please refer the Request for Proposal documents for further details. RFP documents can be downloaded from **http://www.cdacuttack.nic.in**

**For any query :**

**Contact - CDA, Cuttack**
**Bishnu Pr.Sahoo, Scheme Officer**
**Mob : +91-9438305766**
E-mail : bishnu42sahoo@gmail.com

**Jones Lang LaSalle**
JLL
**Biranchi Panigrahi**
**Mob : +91-7873980804**
Email : bda.pmu@gmail.com

**Address for submission of Proposals :**
The Vice-Chairman,
Cuttack Development Authority (CDA)
Arunodaya Bhawan
Link Road,
Cuttack - 753012, Odisha (India)

**Secretary, CDA**
**Cuttack**

**CDA reserves the right, without any obligation or liability to accept or reject any or all the Technical & Financial Bids, at any stage of the bidding process to cancel or modify the process or any part thereof, or to vary any or all the terms and conditions at any time, without assigning any reason whatsover.**



କୋଲକାତା ପୋଲିସର ସ୍ପେଶାଲ୍ ଟାସ୍କଫୋର୍ସ ପଶ୍ଚିମବଙ୍ଗର ମୁର୍ଶିଦାବାଦ୍ ଜିଲାରୁ ଜାମତ୍-ଉଲ୍-ମୁଜାହିଦିନ (ଜେଏମ୍‌ବି) ବାଂଲାଦେଶର ୨ ସକ୍ରିୟ ସଦସ୍ୟ ମୋସିବୁର ରହମନ (୩୫), ରୁହୁଲ ଅମିନ (୨୬)ଙ୍କୁ ବୁଧବାର ଗିରଫ କରିଛି। ବର୍ଦ୍ଧମାନ ଜିଲାର ଖଗ୍ରାଗଡ଼ଠାରେ ୨୦୧୪ରେ ଘଟିଥିବା ବିସ୍ଫୋରଣର ଅନ୍ୟତମ ମାଷ୍ଟରମାଇଣ୍ଡ ଜେଏମ୍‌ବି ନେତା କୌସରଙ୍କ ସହ ସେମାନେ ସମ୍ପର୍କରେ ଥିଲେ। ସେମାନଙ୍କ ନିକଟରୁ ଏକାଧିକ ପରିମାଣରେ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି।




# ଟ୍ରେନ ଦୁର୍ଘଟଣାରୁ ଅଗ୍ନିକାଣ୍ଡ : ୨୫ ଦଗ୍ଧ



**କାଏରୋ,୨୭।୨ (ପି.ଟି.)**

ଇଜିପ୍ଟର କାଏରୋସ୍ଥିତ ମୁଖ୍ୟ ରେଳଷ୍ଟେଶନରେ ବୁଧବାର ଏକ ଦ୍ରୁତଗାମୀ ରେଳକାର୍ ଦୁର୍ଘଟଣାଗ୍ରସ୍ତ ହେବା ପରେ ଜଳିଯାଇଛି। ଏଥିରେ ୨୫ଜଣ ପୋଡ଼ିଯାଇ ପ୍ରାଣ ହରାଇଥିବାବେଳେ ୪୭ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା କାଏରୋ ରେଲ୍‌ରୋଡ ହସ୍ପିଟାଲର ମୁଖ୍ୟ ସୂଚନା ଦେଇଛନ୍ତି। ଦ୍ରୁତଗତିରେ ଥିବା ରେଳକାର୍‌ଟି ଷ୍ଟେଶନରେ ପହଞ୍ଚିବା ପରେ ବାଡ଼ଘେରକୁ ଧକ୍କା ଦେଇଥିଲା। ଏଥିରେ ତେଲ ଟାଙ୍କି ବିସ୍ଫୋରଣ ଘଟି ଜଳି ଉଠିଥିଲା। ଷ୍ଟେଶନର ଚଉଦିଗକୁ ନିଆଁ ବ୍ୟାପିଥିଲା। ନିଆଁ ଓ ଧୂଆଁର ପ୍ରକୋପରେ ଉପସ୍ଥିତ ଲୋକେ ଫସି ରହିଥିଲେ। ପରେ ଏକାଧିକ ସଂଖ୍ୟାରେ ଅଗ୍ନିଶମ ଗାଡ଼ି ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପ୍ରଧାନମନ୍ତ୍ରୀ ମୁସ୍ତାଫା ମଦ୍‌ବୌଲି ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଇଜିପ୍ଟର ଅଧିକାଂଶ ଷ୍ଟେଶନରେ ଯାତ୍ରୀଙ୍କ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ ଥିବା ଜଣାଯାଇଛି। ସରକାରୀ ସୂଚନାନୁଯାୟୀ, ୨୦୧୭ରେ ୧,୭୯୩ ଟ୍ରେନ ଦୁର୍ଘଟଣା ଘଟିଥିଲା।

## ନେପାଳରେ ହେଲିକପ୍ଟର ଦୁର୍ଘଟଣା

# ପର୍ଯ୍ୟଟନ ମନ୍ତ୍ରୀଙ୍କ ସମେତ ୭ ମୃତ

**କାଠମାଣ୍ଡୁ,୨୭।୨ (ପି.ଟି.)**

ପୂର୍ବାଞ୍ଚଳ ନେପାଳର ତାପେଲଜୁଙ୍ଗ୍ ଜିଲାରେ ବୁଧବାର ହେଲିକପ୍ଟର ଦୁର୍ଘଟଣାରେ ନେପାଳ ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରବୀନ୍ଦ୍ର ଅଧିକାରୀ (୪୯)ଙ୍କ ସମେତ ୭ଜଣଙ୍କ ମୃତ୍ୟୁ ଘଟିଛି। ଏୟାର ଡାଇନେଷ୍ଟି ନାମକ ଏକ ଘରୋଇ ହେଲିକପ୍ଟର ଯୋଗେ ମନ୍ତ୍ରୀ ଅଧିକାରୀ ୬ଜଣିଆ ସଦସ୍ୟ ଟିମ୍‌ଙ୍କ ସହ କାଠମାଣ୍ଡୁରୁ ତାପେଲଜୁଙ୍ଗସ୍ଥିତ ପାଠିଭାରା ମନ୍ଦିରରୁ ଯାତ୍ରା କରିଥିଲେ। ପୂଜାର୍ଚ୍ଚନା କରି ସେଠାରୁ ଫେରିବା ସମୟରେ ହେଲିକପ୍ଟରଟି ଏକ ପାହାଡ଼ରେ ଧକ୍କା ହୋଇ ଜଳିଯାଇଥିଲା। ମନ୍ତ୍ରୀ ଅଧିକାରୀଙ୍କ ସମେତ ହେଲିକପ୍ଟରରେ ଥିବା କ୍ୟାପଟେନ ପ୍ରଭାକର କେସି, ଇଣ୍ଟରପ୍ରିନିୟର ଚିରିଙ୍ଗ୍ ସେର୍‌ପା, ସୁରକ୍ଷା କର୍ମୀ ଅର୍ଜୁନ ଘିମିରେ, ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସହଯୋଗୀ ଯୁବରାଜ ଦହାଲ, (ସିଏଏନ୍) ଉପନିର୍ଦ୍ଦେଶକ ବୀରେନ୍ଦ୍ର ସେରଷ୍ଠା, ଏବଂ ଇଞ୍ଜିନିୟର ଧ୍ରୁବ ଦାସ ଭୋଚିଭୋୟ ସମସ୍ତେ ଏଥିରେ ପ୍ରାଣ ହରାଇଥିବା ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମନ୍ଦିର ନିକଟରୁ ହେଲିକପ୍ଟର ଉଡ଼ାଣ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁଃଖଦ ଘଟଣା ପରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଜରୁରିକାଳୀନ କ୍ୟାବିନେଟ୍ ବୈଠକ ଡକାଯାଇଛି।






ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଆଂଶିକ ମେଘୁଆ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସାମାନ୍ୟ ବର୍ଷା କିମ୍ବା ଘଡଘଡି ସହ ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୫ | ୧୮.୩ |
| ଚାନ୍ଦବାଲି | ୩୧.୭ | ୨୩.୪ |
| କଟକ | --- | ୨୨.୦ |
| ପାରାଦ୍ୱୀପ | ୨୯.୬ | ୨୫.୦ |
| ଭୁବନେଶ୍ୱର | ୩୨.୮ | ୨୩.୦ |
| ଗୋପାଳପୁର | ୩୦.୦ | ୨୪.୫ |
| ପୁରୀ | ୩୦.୨ | ୨୫.୦ |
| ଅନୁଗୋଳ | ୩୧.୧ | ୧୭.୮ |
| ବାରିପଦା | ୨୯.୪ | ୧୮.୦ |
| ଝାରସୁଗୁଡ଼ା | ୩୧.୫ | ୧୮.୮ |
| କେନ୍ଦୁଝର | ୨୮.୩ | ୧୮.୦ |
| ସମ୍ବଲପୁର | ୩୨.୦ | ୧୯.୦ |
| ସୁନ୍ଦରଗଡ଼ | ୩୪.୦ | ୧୪.୦ |
| ହୀରାକୁଦ | ୩୧.୩ | ୧୬.୪ |
| ତାଳଚେର | ୩୩.୧ | ୨୨.୦ |
| ଭବାନୀପାଟଣା | ୩୩.୦ | ୨୧.୫ |
| ବଲାଙ୍ଗୀର | ୩୩.୫ | ୨୦.୨ |
| କୋରାପୁଟ | ୩୦.୬ | ୧୫.୦ |
| ଫୁଲବାଣୀ | --- | ୧୭.୦ |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୪.୫ | ୧୭.୪ |
| ସୋନପୁର | ୩୪.୬ | ୧୮.୪ |
| ଦାରିଙ୍ଗିବାଡ଼ି | ୨୮.୫ | ୧୭.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍




## ସଂକ୍ଷେପରେ

### ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା ନିର୍ବାଚନ ତାରିଖ ଘୋଷଣା

ଭୁବନେଶ୍ୱର,୨୭।୨(ବ୍ୟୁରୋ) ଭାରତର ନିର୍ବାଚନ କମିଶନ ଲୋକ ସଭା ଓ ବିଧାନସଭା ସକାଶେ ଯେ କୌଣସି ସମୟରେ ଅର୍ଥାତ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିବା ସମ୍ଭାବନା ରହିଛି। ନିର୍ବାଚନ ଘୋଷଣା ହେବା ସହ ସମଗ୍ର ଦେଶରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବ। ଆଚରଣ ବିଧି ଲାଗୁ ହେବାର ୨୪ ଘଣ୍ଟା ମଧ୍ୟରେ ସର୍ବସାଧାରଣ ସ୍ଥାନରୁ ରାଜନେତାଙ୍କ ଫଟୋ ହଟାଇବାକୁ ଭାରତର ନିର୍ବାଚନ କମିଶନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ସିଇଓ ସୁରେନ୍ଦ୍ର କୁମାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ଚିଠି ଲେଖି ଫଟୋ ହଟାଇବା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ସିଇଓ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ସର୍ବସାଧାରଣ ସ୍ଥାନ, ସରକାରୀ କାର୍ଯ୍ୟାଳୟ ଏବଂ ୱେବ୍‌ସାଇଟରେ ଥିବା ସମସ୍ତ ରାଜନେତାଙ୍କ ଫଟୋକୁ ପ୍ରଥମେ ଚିହ୍ନଟ କରାଯାଉ। ଏ ନେଇ ଏକ ଡାଟାବେସ ପ୍ରସ୍ତୁତ କରାଯାଉ। ଏଥିସହିତ ରାଜ୍ୟ, ଜିଲା, ସବ୍‌ଡିଭିଜନ, ବ୍ଲକ ଓ ଗ୍ରାମ ପଞ୍ଚାୟତ ସ୍ତରରେ ଜଣେ ଲେଖାଏ ଅଫିସର ନିଯୁକ୍ତି କରିବା ସହ ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨୪ ଘଣ୍ଟା ମଧ୍ୟରେ ସମସ୍ତ ରାଜନେତାଙ୍କ ଫଟୋ ହଟାଇବାକୁ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ରାଜ୍ୟରେ ଥିବା ୧୧୪ଟି ମହାନଗର ନିଗମ କମିଶନର, ପୌର ସଂସ୍ଥା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି।

# 'ପ୍ରକୃତି ଭବନ' ଲୋକାର୍ପିତ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ 'ପ୍ରକୃତି ଭବନ'କୁ ବୁଧବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଲୋକାର୍ପଣ କରିଛନ୍ତି। ଏହି ଭବନରେ ଉଚ୍ଚକୋଟୀର ଭିତ୍ତିଭୂମି ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି, ଯାହା ଆଗାମୀ ଦିନରେ ବନ୍ୟପ୍ରାଣୀ ଶାଖାକୁ ଅଧିକ କ୍ରିୟାଶୀଳ କରିବ ବୋଲି ମନ୍ତ୍ରୀ ରାଉତରାୟ କହିଛନ୍ତି। ଶହୀଦ ନଗରଠାରେ ୫୦୦୦ ବର୍ଗଫୁଟ ପରିମିତ ଜାଗାରେ ନିର୍ମାଣ ହୋଇଥିବା ଏହି ୪ ମହଲା ବିଶିଷ୍ଟ ଭବନରେ ରହିଛି ଇଣ୍ଟରପ୍ରିଟେଶନ ସେଣ୍ଟର, ପରିବେଶ ପର୍ଯ୍ୟଟନ ସେଲ୍, ସମ୍ମିଳନୀ କକ୍ଷ, ଭିଡିଓ କନ୍‌ଫରେନ୍ସିଂ ସୁବିଧା ଥିବା ଏକ ମିନି ସମ୍ମିଳନୀ କକ୍ଷ। ସେହିଭଳି ରାଜ୍ୟ ବନ୍ୟପ୍ରାଣୀ ଅପରାଧ ସେଲ୍ ରହିଛି, ଯେଉଁଠି ୨୪ ଘଣ୍ଟିଆ ହେଲ୍ପଲାଇନ୍ ସୁବିଧା ଉପଲବ୍ଧ କରାଯାଇଛି। ଏହାସହ ବନ୍ୟସମ୍ପଦ ଆଧାରିତ ୩୦୦୦ ପୁସ୍ତକକୁ ନେଇ ଏକ ଗ୍ରନ୍ଥାଗାର ରହିଛି। ୮.୬୧୫୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକୃତି ଭବନରେ ସିସିଟିଭି କ୍ୟାମେରା, ଛାତ ଉପର ବର୍ଷାଜଳ ଅମଳ ପ୍ରକଳ୍ପ ଭଳି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ରହିଛି।



ଲୋକାର୍ପଣ ଉତ୍ସବରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଓ ଅନ୍ୟମାନେ।

ଏହି ଅବସରରେ ମନ୍ତ୍ରୀ ଏକ ରେସ୍କ୍ୟୁ ଭ୍ୟାନ୍‌କୁ ମଧ୍ୟ ଲୋକାର୍ପଣ କରିଥିଲେ। ୨୫ ଲକ୍ଷ ଟଙ୍କା ବ୍ୟୟରେ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଏହି ଭ୍ୟାନ୍ ଅଣାଯାଇଛି। ତୃଣଭୋଜି ବନ୍ୟପ୍ରାଣୀଙ୍କ ଉଦ୍ଧାର ଓ ସ୍ଥାନାନ୍ତର ପାଇଁ ମଧ୍ୟପ୍ରଦେଶରେ ଏହିପରି ଭ୍ୟାନ୍ ପୂର୍ବରୁ କାର୍ଯ୍ୟ କରୁଛି। ଉଭୟ ତୃଣଭୋଜି ଏବଂ ମାଂସାସୀ ବନ୍ୟପ୍ରାଣୀଙ୍କ ଉଦ୍ଧାର ଓ ସ୍ଥାନାନ୍ତର ପାଇଁ ଆଉ ୫ଟି ରେସ୍କ୍ୟୁ ଭ୍ୟାନ୍ ମଧ୍ୟ କିଣାଯିବାର ପ୍ରସ୍ତାବ ରହିଛି। ଏହାସହ ହାତୀ-ମନୁଷ୍ୟ ସଂଘର୍ଷ ରୋକିବା ପାଇଁ ପଶ୍ଚିମବଙ୍ଗରୁ ୪ଟି ଭ୍ୟାନ୍ କିଣାଯିବା ଯୋଜନା ରହିଛି। ଗୋଟିଏ ପିଛା ୨୫ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସୁବିଧା ଥିବା 'ଐରାବତ୍' ନାମକ ଭ୍ୟାନ ଆସିବା ପରେ ହାତୀ-ମଣିଷ ସଂଘର୍ଷ ବନ୍ଦ କରିବାରେ ଅନେକ ମାତ୍ରାରେ ସହାୟକ ହେବ ବୋଲି ବିଭାଗ ଆଶାପ୍ରକଟ କରିଛି। ମନ୍ତ୍ରୀ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର(ଆର୍‌ପିଆର୍‌ସି)ଠାରେ ବନ ବିଭାଗରେ କାର୍ଯ୍ୟ କରି ଶହୀଦ ହୋଇଥିବା କର୍ମୀଙ୍କ ଉଦ୍ଦେଶ୍ୟରେ 'ଶହୀଦ ସ୍ତମ୍ଭ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ଅରଣ୍ୟ ଭବନଠାରେ ଏକ ଅତ୍ୟାଧୁନିକ ପ୍ରେକ୍ଷାଳୟକୁ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ ଡ. ଦେବବ୍ରତ ସ୍ୱାଇଁ, ମୁଖ୍ୟ ବନ୍ୟ ସଂରକ୍ଷକ(ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀ, ମୁଖ୍ୟ ବନ୍ୟ ସଂରକ୍ଷକ(କେନ୍ଦୁଲିଫ୍) ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୩ରୁ କ୍ରୀଡ଼ା ପ୍ରତିଭା ଚୟନ ଶିବିର

ସମ୍ବଲପୁର, ୨୭।୨ (ବ୍ୟୁରୋ): ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ କ୍ରୀଡା ଛାତ୍ରାବାସରେ ନାମ ଲେଖାଇବା ନିମନ୍ତେ ଆସନ୍ତା ମାର୍ଚ୍ଚ ୩ରୁ ୫ ତାରିଖ ପର୍ଯ୍ୟନ୍ତ ବ୍ଲକସ୍ତରୀୟ କ୍ରୀଡା ପ୍ରତିଭା ଚୟନ ଶିବିର ହେବ । ସମ୍ବଲପୁର ଜିଲା ଓ ବ୍ଲକସ୍ତରରେ ହେବାକୁ ଥିବା ଏହି ଶିବିରରେ ବାଳିକା ବାଳକମାନେ ଏଥିରେ ଭାଗ ନେଇପାରିବେ। ଆଥ୍‌ଲେଟିକ, ହକି, ଫୁଟବଲ, ଭଲିବଲ, ସନ୍ତରଣ ଓ ଭାର ଉତ୍ତୋଳନ କ୍ରୀଡାରେ ବାଳିକା ବାଳକ ଅଂଶଗ୍ରହଣ କରିପାରିବେ । କିନ୍ତୁ କୁସ୍ତି, ତୀରନ୍ଦାଜ୍, ଜିମ୍‌ନାଷ୍ଟିକ୍ କ୍ରୀଡାରେ କେବଳ ବାଳକମାନେ ସାମିଲ ହୋଇପାରିବେ। ମାର୍ଚ୍ଚ ୩ରେ ନାକଟିଦେଉଳ ଓ ରେଢ଼ାଖୋଲ ବ୍ଲକ, ୪ରେ ରେଙ୍ଗାଲି, ୫ରେ ରେଢ଼ାଖୋଲ ଏନଏସି, ବୁର୍ଲା, କୁଚିଣ୍ଡା ଏନଏସି, ସମ୍ବଲପୁର ମହାନଗର ନିଗମ ଅଞ୍ଚଳ, ବାମରା, ଧନକଉଡା, ଜମନକିରା, ଝୁଝୁମୁରା, କୁଚିଣ୍ଡା, ମାନେଶ୍ୱର ବ୍ଲକସ୍ତରୀୟ କ୍ରୀଡା ପ୍ରତିଭା ଚୟନ ଶିବିର ହେବ । ସେହିପରି ୯ ଓ ୧୦ ତାରିଖ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲାସ୍ତରୀୟ ଚୟନ ପ୍ରକ୍ରିୟା ହେବାକୁ ସ୍ଥିର କରାଯାଇଛି। ଏଥିରେ ଆନ୍ତଃ ଜିଲା ଓ ଆନ୍ତଃ ସ୍କୁଲ କ୍ରୀଡାରେ ସଫଳତା ହାସଲ କରିଥିବା ୧୨ରୁ ଉର୍ଦ୍ଧ୍ୱ ଓ ୧୫ ବର୍ଷରୁ କମ୍ ଖେଳାଳିମାନେ ଚୟନ ପ୍ରକ୍ରିୟାରେ ସିଧାସଳଖ ଭାଗ ନେଇପାରିବେ ।









■ମାଟ୍ରିକ୍ ପ୍ରଶ୍ନପତ୍ର ପ୍ରଘଟ ମାମଲା: ଜାମିନ ଆବେଦନ ଖାରଜ

# ପୁଣି ଜେଲ ଗଲେ ୭ ଅଭିଯୁକ୍ତ

**ନୂଆପଡା ଅଫିସ,୨୭।୨**

ମାଟ୍ରିକ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଜେଲ ଯାଇଥିବା ନୂଆପଡ଼ା ଜିଲା ବୋଡେନ ଥାନା ଅଞ୍ଚଳର ୭ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖଡିଆଳ ଜେଏମଏଫସି ମାଜିଷ୍ଟ୍ରେଟ ଶ୍ରଦ୍ଧା ମାଣ୍ଡୋଟିଆ ଖାରଜ କରିଦେଇଛନ୍ତି । ଫଳରେ ପୁଣି ଥରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବିବରଣୀମତେ ଗତ ୨୨ ତାରିଖରେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚାଲିଥିବା ମାଟ୍ରିକ ପରୀକ୍ଷାର ପ୍ରଥମ ଦିନର ସାହିତ୍ୟ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ବୋଡେନ ପୋଲିସ ୨ଜଣ ସୁପରିଣ୍ଟେଣ୍ଡେଣ୍ଟ, ଜଣେ ଯୁବକଙ୍କ ସମେତ ୭ଜଣ ଶିକ୍ଷକଙ୍କୁ ଗିରଫ କରି ଖଡିଆଳ କୋର୍ଟକୁ ଚାଲାଣ କରିଥିଲା । ଅଭିଯୁକ୍ତମାନେ ହେଲେ କରଙ୍ଗାମାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରର ପ୍ରସନ୍ନ ପତି (ସୁପରିଣ୍ଟେଣ୍ଡେଣ୍ଟ), ମୁକୁନ୍ଦ ଶବର, ବିଘ୍ନରାଜ ସୁପକାର, ସର୍ବଜ୍ଞ ସୁପକାର, ଜ୍ଞାନଦତ ସୁପକାର ଏବଂ ଲିଟିସର୍ଗି ହାଇସ୍କୁଲ କେନ୍ଦ୍ରର ସୁଶୀଲ କୁମାର ଯୋଷୀ (ସୁପରିଣ୍ଟେଣ୍ଡେଣ୍ଟ), ଅର୍ଜୁନ ଜୟ ପଣ୍ଡା । ସେମାନଙ୍କୁ ଗତ ରବିବାର କୋର୍ଟ ଚାଲାଣ କରାଯାଇଥିଲା। ବୁଧବାର ମାଜିଷ୍ଟ୍ରେଟଙ୍କ ନିକଟରେ ଜାମିନ ଆବେଦନର ଶୁଣାଣି ହୋଇଥିଲା। ଦଫା ୪୦୯,୧୨୦(ଖ)(୫୬/୧୯) ମାମଲାକୁ ସରକାରଙ୍କ ତରଫରୁ କ୍ୟାଡର ପିପି ଅଖମଲ ସରିଫ ପରିଚାଳନା କରୁଥିଲେ ।ଏହା ପିଲାଙ୍କ ଭବିଷ୍ୟତ ସହ ଖେଳ ହୋଇଛି ବୋଲି ପିପି ସରିଫ ପକ୍ଷ ରଖିଥିଲେ ।

# ବାଲାମଣି ନନ୍ଦ ମେମୋରିଆଲ: ଆଟଗାଁ ଚାମ୍ପିୟନ

**ଲୋଇସିଂହା,୨୭।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧୀନ ବିଲୋଇସର୍ଡା ଗ୍ରାମରେ ଚାଲିଥିବା ତ୍ରିଦିବସୀୟ ବାଲାମଣୀ ନନ୍ଦ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଟୁର୍ନାମେଣ୍ଟର ଫାଇନାଲ ଖେଳରେ ୨-୦ ଗୋଲରେ ସରଗାଡକୁ ହରାଇ ଆଟଗାଁ ଚାମ୍ପିୟନ ହୋଇଛି । ସ୍ୱର୍ଗତ ବାଲାମଣୀ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଲେଇସର୍ଡା ଗ୍ରାମାବସୀଙ୍କ ସହଯୋଗରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ୮ଟି ଦଳ ଟୁର୍ନାମେଣ୍ଟରେ ଯୋଗ ଦେଇଥିଲେ।

ଏଥିରେ ସରଗାଡ ଏବଂ ଆଟଗାଁ ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ । ଫାଇନାଲରେ ୨-୦ ଗୋଲରେ ଆଟଗାଁ ବିଜୟୀ ହୋଇଥିଲା। ଭରତଭୂଷଣ ପଧାନଙ୍କ ସଭାପତିତ୍ୱ ଓ ଗାମା ନାଗଙ୍କ ସଂଯୋଜାନରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ୱାଭିମାନ ମଞ୍ଚର ସଭାପତି ପ୍ରଦୀପ ଗୁରୁ ମୁଖ୍ୟଅତିଥି, ସହଦେବ ସା, ଦଲୁ ସୁନା, ବିଜୟ କୁମାର ବାବୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ୭ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୫ ହଜାର ଟଙ୍କା ପୁରସ୍କୃତ କରିଥିଲେ।

# ସମ୍ବଲପୁର ଜିଲାରେ ପ୍ରାକ୍ ଶିକ୍ଷା ବିପନ୍ନ

**ସମ୍ବଲପୁର, ୨୭।୨ (ବ୍ୟୁରୋ):** ସ୍ୱାସ୍ଥ୍ୟ, ସାମାଜିକ ଓ ଶିଶୁ ସମାଜ ମଙ୍ଗଳ ଷ୍ଟାଣ୍ଡିଂ କମିଟିରେ ଏକ ବୈଠକ ବୁଧବାର ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଡା. ରାଜାରାମ ଷଡଙ୍ଗୀ, ନିଳାଦ୍ରୀ ଭୋଇ, ଲିମା କାଲୋ ଆଲୋଚନାରେ ଭାଗ ନେଇଥିଲେ । ସମ୍ବଲପୁର ଜିଲାରେ ପ୍ରାକ ଶିକ୍ଷା ବିପନ୍ନ ହୋଇଛି । ଶିଶୁ ଓ ମହିଳା ବିକାଶ ଯୋଜନା ଚାଲିଥିଲେ ମଧ୍ୟ ଦକ୍ଷତା ପ୍ରତିପାଦନ ନିଷ୍ପ୍ରଭ ହୋଇଥିବା ବୈଠକରେ ମତପ୍ରକାଶ ପାଇଥିଲା ।




**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ସଂ.S&TConSBPHV70, ତା.20.02.2019 ରିଖ

**କାର୍ଯ୍ୟର ନାମ :** ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର ଅଧୀନସ୍ଥ ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର, ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର ଏବଂ ସହାୟକ ସଂକେତ ତଥା ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ସମ୍ବଲପୁର ତଥା ଅନ୍ୟ ଅଧିକାରୀମାନଙ୍କ ନିମନ୍ତେ ପାଞ୍ଚ ଗୋଟି କବାଟ ଥିବା ତିନି ଗୋଟି ନନ୍/ଏସି ଟାଟା ସୁମୋ DX/ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା "ବୋଲେରୋ" ମଡେଲ କିମ୍ବା ଅନୁରୂପ କିମ୍ବା ଉଚ୍ଚତର ବଡ଼ ଆବରଣ ହୋଇଥିବା ବଡି (Large Covered Body) ବିଶିଷ୍ଟ ଗାଡ଼ି ଭଡ଼ା ସୂତ୍ରରେ ନେବା (ଏପ୍ରିଲ'19 ଠାରୁ ମାର୍ଚ୍ଚ' 20 ପର୍ଯ୍ୟନ୍ତ)।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** 18,12,394/-, EMD (ଟଙ୍କାରେ) : 36,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 2,360/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.03.2019 ରିଖ 1200 ଘଟିକାରେ,

**ଟେଣ୍ଡର ଖୋଲା ଯିବା ତାରିଖ ଓ ସମୟ :** ତା.20.03.2019 ରିଖ 1230 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ସାତ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ, ସମ୍ବଲପୁର

PR-104/CB/18-19






ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଫେବୃୟାରୀ ୨୮/୨୦୧୯ Sambalpur, Thursday, February 28 / 2019




■ଇଂଲିଶ ପରୀକ୍ଷା ବାତିଲର ପ୍ରତିବାଦ

# ସ୍କୁଲ ଆଗରେ ପରୀକ୍ଷାର୍ଥୀଙ୍କ ଧାରଣା

ସଇଁତଲା,୨୭।୨(ଡି.ଏନ୍.ଏ.)

ରାଜ୍ୟର ୩ ପରୀକ୍ଷା କେନ୍ଦ୍ରରେ ସମୂହ କପି ହୋଇଥିବା ଦର୍ଶାଇ ବୋର୍ଡ ପକ୍ଷରୁ ସମ୍ପୃକ୍ତ କେନ୍ଦ୍ରଗୁଡ଼ିକରେ ଇଂଲିଶ ପରୀକ୍ଷା ବାତିଲ କରାଯାଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଫଳରେ ସଇଁନ୍ତଲା ବ୍ଲକ ଘୁନ୍‌ସର ସରକାରୀ ନୋଡାଲ କେନ୍ଦ୍ରରେ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ର ଚିନ୍ତାରେ ପଡ଼ିଛନ୍ତି। ବୋର୍ଡର ଏହି ନିଷ୍ପତ୍ତି ପ୍ରତିବାଦରେ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଆସିଥିବା ୨ ବୋର୍ଡ ସ୍କ୍ୱାଡ୍‌ଙ୍କୁ ଅଟକ ରଖି ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ।

ସୋମବାର ଘୁନସର ପରୀକ୍ଷା କେନ୍ଦ୍ରରେ ସମୂହ କପି ହୋଇଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଥିଲା। ପରେ ସମୂହ କପି ହୋଇଥିବା ଦର୍ଶାଇ ବୋର୍ଡ ପକ୍ଷରୁ ୩ ପରୀକ୍ଷା କେନ୍ଦ୍ରର ଇଂଲିଶ ପରୀକ୍ଷାକୁ ବାତିଲ କରାଯାଇଥିବା ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷେ ଘୁନସର ହାଇସ୍କୁଲର ୨୨୨ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ପରୀକ୍ଷାର୍ଥୀଙ୍କ କହିବା ଅନୁସାରେ, ସ୍ୱଚ୍ଛ ଓ କପିମୁକ୍ତ ପରୀକ୍ଷା ପରିଚାଳନା ଦାୟିତ୍ୱ ବୋର୍ଡର। ତେବେ ବୋର୍ଡ ନିଜ ଦାୟିତ୍ୱ ତୁଲାଇବାରେ ଫେଲ୍ ମାରିଛି। ଯଦି କେହି କପି ଯୋଗାଇଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। କୌଣସି ଏକ ଭିଡିଓକୁ ଦେଖି ଓ ପର୍ଯ୍ୟାପ୍ତ ତଦନ୍ତ ନ କରି ଘୁନ୍‌ସର ପରୀକ୍ଷା କେନ୍ଦ୍ରର ସମସ୍ତ ପରୀକ୍ଷାର୍ଥୀଙ୍କ ଇଂଲିଶ ପରୀକ୍ଷା ବାତିଲ କରିବା ଦୁର୍ଭାଗ୍ୟଜନକ ବୋଲି ପରୀକ୍ଷାର୍ଥୀ ଓ ଅଭିଭାବକମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଯଦି ଇଂଲିଶ ପରୀକ୍ଷା ପୁଣିଥରେ କରିବାକୁ ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତ୍ତି ନେବେ ତେବେ ଆଗକୁ ଥିବା ଆଉ କୌଣସି ବିଷୟରେ ପରୀକ୍ଷା ଦେବୁ ନାହିଁ ଏବଂ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଧାରଣାରତ ପରୀକ୍ଷାର୍ଥୀମାନେ କହିଛନ୍ତି। ରାଜ୍ୟର ୩ ପରୀକ୍ଷା କେନ୍ଦ୍ରର ୬୭୫ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ନଷ୍ଟ କରିବା ଆଗରୁ ବୋର୍ଡ ଉଚିତ ତଦନ୍ତ କରିବାକୁପରୀକ୍ଷାର୍ଥୀ ମାନେ ଅନୁରୋଧ କରିଛନ୍ତି।


ଇଂଲିଶ ପରୀକ୍ଷା ବାତିଲ ନିଷ୍ପତ୍ତି ପ୍ରତିବାଦରେ ଘୁନସର ହାଇସ୍କୁଲ ସମ୍ମୁଖରେ ପରୀକ୍ଷାର୍ଥୀ ଧାରଣା ଦେଇଛନ୍ତି।

**ଘୋଷଣା**

୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | |
|---|---|---|
| ୧. | ପ୍ରକାଶ ସ୍ଥାନ | – ସମ୍ବଲପୁର |
| ୨. | ପ୍ରକାଶ ସମୟ | – ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | – ତଥାଗତ ସତପଥୀ |
| | ଜାତୀୟତା | – ଭାରତୀୟ |
| | ଠିକଣା | – ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | – ତଥାଗତ ସତପଥୀ |
| | ଜାତୀୟତା | – ଭାରତୀୟ |
| | ଠିକଣା | – ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | – ତଥାଗତ ସତପଥୀ |
| | ଜାତୀୟତା | – ଭାରତୀୟ |
| | ଠିକଣା | – ବି–୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର–୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | – ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | – ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର–୭୫୧୦୦୩ |

ଆମ୍ଭେ ତଥାଗତ ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି ।

ତଥାଗତ ସତପଥୀ
ପ୍ରକାଶକ, ଧରିତ୍ରୀ
୨୮।୨।୨୦୧୯




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



"ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ ।
- ଲର୍ଡ ବାଇରନ



## ସଂକ୍ଷେପରେ

### ଚୋର ଗିରଫ

**ଭେଡ଼େନ, ୨୭।୨(ଡ଼ି.ଏନ.ଏ):** ଚୋରି କରିବାକୁ ଯାଉଥିବା ବେଳେ ମଙ୍ଗଳବାର ରାତିରେ ଜଣେ ଦୁର୍ବୃତ୍ତଙ୍କୁ ଧରି ଭେଡ଼େନ ଥାନା କୁଳିପଡ଼ା ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି । ପୋଲିସ ଏ ନେଇ ଏକ ମାମଲା (ନଂ. ୪୨/୧୯) ରୁଜୁ କରିଛି । ବୁଧବାର ଅଭିଯୁକ୍ତ ବିକାଶ ମେହେରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ପୋଲିସ ତାଙ୍କ ଠାରୁ ମୋବାଇଲ ଜବତ କରିଛି ।

### ଧନୁଯାତ୍ରା ପ୍ରସ୍ତୁତି

**ପାଇକମାଲ,୨୭।୨(ଡ଼ି.ଏନ.ଏ):** ପାଇକମାଲ ବ୍ଲକ ଅନ୍ତର୍ଗତ ମାଣ୍ଡିଆଡ଼ିପା ଗ୍ରାମଠାରେ ଷଷ୍ଠ ଧନୁଯାତ୍ରା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଡୋଲାମଣି ମାହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାର୍ଚ୍ଚ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ କରାଯିବା ପାଇଁ ସ୍ଥିର କରାଯାଇଥିଲା । ଏଥିପାଇଁ ଏକ ନୂତନ ପରିଚାଳନା କମିଟି ଗଠନ କରାଗଲା। ଡୋଲାମଣି ମାହାର ସଭାପତି, ମୋତିଲାଲ ସାହୁ ଉପସଭାପତି, କ୍ଷୀରସାଗର ବରିହା ସମ୍ପାଦକ, ମୁରଲି ମାଝୀ ସହ ସମ୍ପାଦକ, ରାଜକିଶୋର ସାହୁ ମୁଖ୍ୟ ଉପଦେଷ୍ଟା ଭାବେ ମନୋନିତ ହୋଇଥିଲେ । ଏଥି ସହିତ କଂସ ଭୂମିକାରେ ଗୋପବନ୍ଧୁ ସାହୁଙ୍କୁ ଚୟନ କରାଯାଇଥିଲା । ଯୁଧିଷ୍ଠିର ସାହୁ, ଶୁଭ କନ୍ଧା, ଭାଗବତ ପଟେଲ, ଭୈରବ ସେଠ, ପ୍ରତାପ ସାହୁ, ରାହାସ ସାହୁ, ରବିଶଙ୍କର ସାହୁ, ଉଦ୍ଧବ ସାହୁ, ତୋଷବନ୍ତ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କୁବେର ଗିରି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଭେଡ଼େନ, ୨୭।୨(ଡ଼ି.ଏନ.ଏ)** ଭେଡ଼େନ ବ୍ଲକ ବୁର୍ଦ୍ଧା ଗ୍ରାମରେ ଅବସରପ୍ରାପ୍ତ ଶିକ୍ଷକ ହୃଷିକେଶ ପଣ୍ଡାଙ୍କ ୭୯ ବର୍ଷ ବୟସରେ ବୁଧବାର ପରଲୋକ ହୋଇଛି । ସେ ରେମଣ୍ଡା, ଲରମ୍ବା ହାଇସ୍କୁଲରେ ଶିକ୍ଷାଦାନ କରିବା ପରେ ଚିଚିଣ୍ଡା ହାଇସ୍କୁଲରେ ୧୯୯୮ରେ ଅବସର ଗ୍ରହଣ କରିଥିଲେ । ଗ୍ରାମ ତଥା ଅଞ୍ଚଳର ଅନେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ମୃତ୍ୟୁ ସମୟରେ ତାଙ୍କର ଚାରିପୁତ୍ର, ଦୁଇ ଝିଅ, ସ୍ତ୍ରୀଙ୍କୁ ପୂର୍ବତନ ସରପଞ୍ଚ ଅରବିନ୍ଦ ହେତା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ କବିସୂର୍ଯ୍ୟ ପୁରୋହିତଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ । ଜ୍ୟେଷ୍ଠପୁତ୍ର ଜୟନ୍ତ ମୁଖାଗ୍ନି ପ୍ରଦାନ କରିଥିଲେ ।

### ସାଇକେଲ, ଆର୍ଥିକ ସହାୟତା ବଣ୍ଟନ

**ସୋହେଲା,୨୭।୨(ଡ଼ି.ଏନ.ଏ):** ସୋହେଲା ନିକଟସ୍ଥ ହଲଦୀପାଲି ପଡିଆରେ ବୁଧବାର ଶ୍ରମ ବିଭାଗ ପକ୍ଷରୁ ବରପାଲି, ବିଜେପୁର ଓ ଗାଇସିଲେଟ ବ୍ଲକର ୨ହଜାର ୩୯୧ଜଣ ହିତାଧିକାରୀଙ୍କୁ ୧କୋଟି ୧୧ଲକ୍ଷ ୯୪ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିରେ ୬୫୯ଜଣଙ୍କୁ ୨୬ଲକ୍ଷ ୪ହଜାର ଟଙ୍କା ଶିକ୍ଷା ସହାୟତା ଦିଆଯାଇଥିବାବେଳେ ୭୬ଜଣଙ୍କୁ ୧୯ଲକ୍ଷ ଟଙ୍କା ବିବାହ ସହାୟତା, ୧୧ଜଣଙ୍କୁ ୧ଲକ୍ଷ ୧୦ ହଜାର ଟଙ୍କା ପ୍ରସୂତିକାଳୀନ ଏବଂ ୧ହଜାର ୬୪୫ଜଣ ହିତାଧିକାରୀଙ୍କୁ ସାଇକେଲ ବଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂହ ମୁଖ୍ୟଅତିଥି, ବିଜେପୁର ବିଧାୟିକା ରୀତା ସାହୁ ଓ ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଶ୍ରମ ଅଧିକାରୀ ହେମନ୍ତ କୁମାର ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଭାଜପାର ବୈଠକ

**ପାଇକମାଲ,୨୭।୨(ଡ଼ି.ଏନ.ଏ):** ପାଇକମାଲର ନୃସିଂହନାଥ ଠାରେ ଭାଜପାର ପଦ୍ମପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ନିର୍ବାଚନ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟକ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି ଗୋର୍ଦ୍ଧନ ଭୋଏ, ପଦ୍ମପୁର ବ୍ଲକ ଅଧକ୍ଷ କୁମରମଣି ନାଏକ ଯୋଗଦେଇ ସମସ୍ତ କାର୍ଯ୍ୟକର୍ତ୍ତା ଏକଜୁଟ ହୋଇ ଭାଜପାର ସାଙ୍ଗଠନିକ ଶକ୍ତିକୁ ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ । ପାଇକମାଲ ମଣ୍ଡଳ ସଭାପତି ସରୋଜ ସାମଲ ମଞ୍ଚ ପରିଚାଳନା ଓ ଝାରବନ୍ଧ ବ୍ଲକ ବିଧାୟକ ପ୍ରତିନିଧି ହରିହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମିଳିନି ବୀମା କ୍ଷତିପୂରଣ ସହାୟତା ରାଶି

# ଜିଲାପାଳଙ୍କୁ ଚାଷୀଙ୍କ ଫେରାଦ

**ବରଗଡ଼ ଅଫିସ୍,୨୭।୨**

ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବରଗଡ଼ ଜିଲାରେ ଗତ ୨୦୧୮ ଖରିଫ ଋତୁରେ ମରୁଡ଼ି ପରିସ୍ଥିତି ଉପୁଜିଥିଲା। ସେତେବେଳେ ଜିଲାରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ଜିଲାରେ ୧୦ଟି ବ୍ଲକର ୧୪୦ ପଞ୍ଚାୟତ ଅନ୍ତର୍ଗତ ୬୭୮ ଗାଁ ଏବଂ ୨ ପୌରାଞ୍ଚଳର ୩ ୱାର୍ଡ଼ରେ ସମୁଦାୟ ୩୮ହଜାର ୮ହେକ୍ଟର ଧାନ ଫସଲକ୍ଷତି ହୋଇଥିବା ସେତେବେଳେ ସରକାରୀ ଭାବେ ଆକଳନ କରାଯାଇଥିଲା । ମାତ୍ର ଖରିଫ ଫସଲ ଶେଷ ହୋଇ ରବି ଫସଲ ଆରମ୍ଭ ହୋଇଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀଙ୍କୁ ଫସଲକ୍ଷତି ବାବଦକୁ କୌଣସି କ୍ଷତିପୂରଣ ସହାୟତା ମିଳିପାରିନାହିଁ । ଶସ୍ୟବୀମା କଥା ଦୂରେ ଥାଉ, ମରୁଡ଼ି ସହାୟତା ବାବଦକୁ ରାଜ୍ୟ ସରକାରଙ୍କ ଘୋଷିତ ସହାୟତା ମଧ୍ୟ ଚାଷୀଙ୍କୁ ଏଯାଏ ମିଳିପାରିନାହିଁ। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

ବୁଧବାର ଜିଲାର ରାଜବୋଡ଼ା ସମ୍ବର କୃଷକ ସଙ୍ଗଠନର ଚାଷୀ ପ୍ରତିନିଧି ଦଳ ଏ ନେଇ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ସେମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ । ଗତବର୍ଷ ଖରିଫରେ ଅନିୟମିତ ବୃଷ୍ଟିପାତ ହୋଇଥିଲା । ସେତେବେଳେ ବ୍ୟାପକ ଫସଲହାନି ହେବା ଯୋଗୁ ରାଜ୍ୟ ସରକାର ପ୍ରଭାବିତ ଅଞ୍ଚଳକୁ ମରୁଡ଼ି ଘୋଷଣା କରିଥିଲେ। ମାତ୍ର ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ କ୍ଷତିପୂରଣ କିମ୍ବା ରାଜ୍ୟ ସରକାରଙ୍କ ମରୁଡ଼ି ସହାୟତା ଅପହଞ୍ଚ ହୋଇ ପଡ଼ିଛି। ମରୁଡ଼ି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହାୟତା ତୁରନ୍ତ ପ୍ରଦାନ କରିବାକୁ ଚାଷୀ ପ୍ରତିନିଧି ଦଳ ସ୍ମାରକପତ୍ରରେ ଦାବି କରିଛନ୍ତି। କ୍ଷତିପୂରଣ ସହାୟତା ନ ମିଳିଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି। ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ଜୟ କିଶାନ ଆନ୍ଦୋଳନର ଆବାହକ ରମେଶ ମହାପାତ୍ରଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଦଳ ସ୍ମାରକପତ୍ର ପ୍ରଦାନ କରିଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ ।

# ଚୋରି ଉଦ୍ୟମ, ୨ ଗିରଫ

**ବରପାଲି, ୨୭।୨ (ଡି.ଏନ.ଏ)**

ବରପାଲି ସହରର ରାଜବାଟୀ ନିକଟରେ ଥିବା ଗଣ୍ଡାରାମ ଜୁଏଲେରୀରେ ମଙ୍ଗଳବାର ରାତିରେ ଚୋରି ଉଦ୍ୟମ କିବା ବେଳେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏଥିରେ ସମ୍ପୃକ୍ତ ଅନ୍ୟ ଦୁଇ ଜଣ ଫେରାର ଅଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଗୋଲବଜାରର ସୁରଜ ବିଶ୍ୱାଳ (୨୬) ଏବଂ କ୍ଷେତରାଜପୁରର ଶନି କୁମ୍ଭାର (୨୯) । ଏ ନେଇ ବରପାଲି ପୋଲିସ ଏକ ମାମଲା (ନଂ. ୫୯/୧୯) ରୁଜୁ କରି ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି । ଅନ୍ୟ ଦୁଇଜଣ ଫେରାର ଅଛନ୍ତି । ମଙ୍ଗଳବାର ରାତିରେ ସୁରଜ ଓ ଶନି ଫେରାର ଥିବା ଅନ୍ୟ ୨ଜଣଙ୍କ ସହ ମିଶି ବରପାଲି ଆସି ଜୁଏଲେରୀ ନିକଟରେ ଥିଲେ । ଲୋକେ ସେମାନଙ୍କ ଗତିବିଧି ଲକ୍ଷ୍ୟ କରି ସନ୍ଦେହରେ ସେମାନଙ୍କୁ କାବୁକରି ନିସ୍ଥୁକ ମାଡ ମାରିଥିଲେ। ଫଳରେ ସେମାନେ ଆହତ ହୋଇଥିଲେ । ଏହି ସମୟରେ ସେମାନଙ୍କ ମଧ୍ୟର ୨ଜଣ ବାଇକ୍ ଧରି ଫେରାର ହୋଇଯାଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ୨ଜଣଙ୍କୁ ଥାନାକୁ ଆଣିଥିଲେ । ପରେ ଗିରଫ ଅଭିଯୁକ୍ତଙ୍କୁ ଡାକ୍ତରଖାନାରେ ଚିକିତ୍ସା କରି କୋର୍ଟଚାଲାଣ କାଯାଇଥିଲା। ତେବେ ଅଭିଯୁକ୍ତ ଆଣିଥିବା ଏକ ସ୍କୁଟିକୁ ଲୋକେ ଜାଳି ଦେଇଥିବା ଜଣାପଡିଛି ।



ଚୋରି ଅଭିଯୋଗରେ ଗିରଫ ଦୁଇ ଅଭିଯୁକ୍ତ ।

## ଆୟୁର୍ବେଦ ଚିକିତ୍ସାଳୟଗୃହର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୨୭।୨**

ବରଗଡ଼ ବ୍ଲକ ତାଲଶ୍ରୀଗିଡ଼ା ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ନୂତନ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଡା. କିଶୋର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା. ଆରତୀ ମିଶ୍ର, ସରପଞ୍ଚ ଧରିତ୍ରୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଡା. ମୋହନ ଭୋଇ, ଡା. ରମେଶ ଚନ୍ଦ୍ର ପୋଢ଼ ସଭା ପରିଚାଳନା କରିଥିବାବେଳେ ବିଦ୍ୟାଧର କର ଧନ୍ୟବାଦ ଅର୍ପଣ କରିଥିଲେ ।

## ଆମ ଜଙ୍ଗଲ ଯୋଜନା କର୍ମଶାଳା

**ପାଇକମାଲ,୨୭।୨(ଡି.ଏନ.ଏ)**

ପାଇକମାଲ ଜଙ୍ଗଲ ବିଭାଗ ରେଞ୍ଜରଙ୍କ କାର୍ଯ୍ୟାଳୟ ପରିସରରେ ଆମ ଜଙ୍ଗଲ ଯୋଜନା ଉପରେ ଏକ କର୍ମଶାଳା ବୁଧବାର ରେଞ୍ଜର କୃଷ୍ଣଚନ୍ଦ୍ର ଦଳ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏସିଏଫ ଶୁଭବ୍ରତ ଚମ୍ପତିରାୟ ମୁଖ୍ୟଅତିଥି, ଜିଲା କୋର୍ଡିନେଟର ଡୋଲାମଣି ପ୍ରଧାନ ମୁଖ୍ୟବକ୍ତା, ପଦ୍ମପୁର ରେଞ୍ଜର ପ୍ରମୋଦ କୁମାର ସାହୁ, ନୃସିଂହନାଥ ରେଞ୍ଜର ଧ୍ରୁବ ଚରଣ ବେହେରା, ବଡ ଶତପଥି, ଯୋଗେନ୍ଦ୍ର ଭୋଇ, ଭଜମନ ସାହୁ, ଜିତେନ୍ଦ୍ର ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ବନାଞ୍ଚଳ ପ୍ରକଳ୍ପର ଉନ୍ନୟନ, ବନ ସୁରକ୍ଷା ସମିତିର ସୀମା ନିର୍ଦ୍ଧାରଣ, ଅନୁଷ୍ଠାନ ଦକ୍ଷତା ବୃଦ୍ଧି, ବୃକ୍ଷ ରୋପଣ, ବନୀକରଣ, ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲରେ ନିଆ ନ ଲାଗିବା ପାଇଁ ଉପାୟ ଆଦି ଉପରେ ଦିଗ୍‌ଦର୍ଶନ ଦେଇଥିଲେ । ପାଇକମାଲର ୨୦ଟି ବନ ସୁରକ୍ଷା ସମିତିର ଶତାଧିକ ସଭ୍ୟାସଭ୍ୟ ଯୋଗଦାନ କରିଥିଲେ । ଫରେଷ୍ଟର ରାଜେନ୍ଦ୍ର ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ଫରେଷ୍ଟର ଲବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିକାଶରେ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୭।୨**

ବିକାଶ ଶିକ୍ଷାନୁଷ୍ଠାନ ସମୂହ ଅନ୍ତର୍ଗତ ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ବିବିଏ, ବିସିଏ (୨୦୧୬-୧୯) ଛାତ୍ରୀଛାତ୍ରଙ୍କ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିବିଏ, ବିସିଏର ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ମିଶି ୬୫ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସ୍ଥାନୀୟ ଅଡ଼ିଟୋରିୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଅଜୟ କୁମାର ମହାପାତ୍ର, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରି ପ୍ରସାଦ ସାହୁ, ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ଆଇନ ପରାମର୍ଶଦାତା ପି. କେ ଦାଶ, ଇଂ ପୂର୍ଣ୍ଣେନ୍ଦୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ଅଧ୍ୟାପକ ଆରଏସଭି କ୍ରୀଷ୍ଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଙ୍କିତା ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କର୍କଟ ରୋଗ ଚିହ୍ନଟ, ପରାମର୍ଶ ଶିବିର

**ବରଗଡ଼ ଅଫିସ୍,୨୭।୨**

ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବୁଧବାର ସ୍ଥାନୀୟ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ କର୍କଟ ରୋଗ ଚିହ୍ନଟ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ କର୍କଟ ରୋଗ ବିଶେଷଜ୍ଞ ଡା. ଜିତା ପରିଡ଼ା, ଡା. ନିତୁ ପି.କେ, ଡା. ପରେଶ କୁମାର ବେହେରା, ଡା. କଲ୍ୟାଣ ପାଣ୍ଡେ, ଡା. ଶୁଭ୍ରାଂଶୁ ହୋତା, ଡା. ଜତୀନ ସୋରେନ, ଡା. ବିଶ୍ୱରଞ୍ଜନ ରାଉତରାୟ ପ୍ରମୁଖ ଯୋଗଦେଇ ରୋଗ ଚିହ୍ନଟ କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଡା. ରାଜେଶ ତ୍ରିପାଠୀ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନନ୍ଦକିଶୋର ପାଢ଼ୀ ଶିବିର ତଦାରଖ କରିଥିଲେ। ସେହିପରି ଫୋରମ ଫର୍ କ୍ୟାନସର ହସପିଟାଲ ଆଟ୍ ବରଗଡ଼ର ଆବାହକ ପ୍ରଦୀପ ଦେବତା ଏବଂ ଅନ୍ୟ ସଭ୍ୟବୃନ୍ଦ ଶିବିରକୁ ପହଞ୍ଚି ସହଯୋଗ କରିଥିଲେ ।

# ସରକାରୀ ପଲିଟେକ୍‌ନିକର ବାର୍ଷିକ ଉତ୍ସବ

**ବୌଦ୍ଧ,୨୭।୨(ସ୍ୱ.ପ୍ର)**

ବୌଦ୍ଧ ସରକାରୀ ପଲିଟେକନିକ୍‌ର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି । ଉତ୍ସବରେ ପଲିଟେକନିକ୍‌ର ଅଧକ୍ଷ ସୁଶାନ୍ତ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ନୀମକାନ୍ତ ରାଉତରାୟ ମୁଖ୍ୟଅତିଥି, ବୌଦ୍ଧ ଚକ୍ରର ପ୍ରତିଷ୍ଠାତା ଇଂ ସଞ୍ଜୟ କୁମାର ପଣ୍ଡା, ଅଧ୍ୟାପକ ଶରତ ପାତ୍ର, ଅଧ୍ୟାପକ ରବିନ୍ଦ୍ର କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶୃଙ୍ଖଳାର ସହିତ ଅଧ୍ୟୟନ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେବା ସହ ସମୟାନୁବର୍ତ୍ତୀ ହେବାକୁ କହିଥିଲେ। ଏହି ଅବସରରେ ପଲିଟେକନିକ କଲଚରାଲ ଆସୋସିଏଶନର ସଭାପତି ତଥା ଅଧକ୍ଷଙ୍କ ଦ୍ୱାରା ଲିଖିତ ଓ ବୀର ପ୍ରତାପ ସିଂଙ୍କ ଦ୍ୱାରା ସଂଯୋଜିତ ଗୀତ ଗୁଡ଼ିକର ସିଡି 'ତମ ପାଇଁ ପଦେ' ଉନ୍ମୋଚିତ ହୋଇଥିଲା । ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପଲିଟେକନିକର ସମସ୍ତ ଅଧ୍ୟାପିକା ଅଧ୍ୟାପମ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।



ବାର୍ଷିକୋତ୍ସବରେ ଜଣେ ଛାତ୍ରୀଙ୍କ ପୁରସ୍କୃତ କରାଯାଉଛି ।

# ପୁଣି କଂଗ୍ରେସକୁ ଫେରିଲେ ନବ

**ବୌଦ୍ଧ,୨୭।୨(ସ୍ୱ.ପ୍ର)**

ଗତ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡି ବିଜେଡିରେ ମିଶିଥିବା ବରିଷ୍ଠ ନେତା ନବ କୁମାର ମିଶ୍ର ବୁଧବାର ପୁନର୍ବାର କଂଗ୍ରେସ ଦଳରେ ମିଶିଛନ୍ତି । ସେ ବିଧିବଦ୍ଧ ଭାବେ ଭୁବନେଶ୍ୱର କଂଗ୍ରେସ ଭବନରେ ନିଜର ସମର୍ଥକଙ୍କ ସହ ପିସିସି ସଭାପତି ନିରଞ୍ଜନ ପଟାନୟକଙ୍କ ଉପସ୍ଥିତରେ ହାତ ଧରିଛନ୍ତି । ଏହା ତାଙ୍କର ଘର ବାହୁଡା ବୋଲି କୁହାଯାଉଛି। ନବଙ୍କ କଂଗ୍ରେସରେ ମିଶିବା ଶାସକ ଦଳ ପାଇଁ ଅଡୁଆ ସୃଷ୍ଟି କରିବ ବୋଲି ଚର୍ଚ୍ଚା ଜୋର୍ ଧରିଛି ।

ନବ କୁମାର ମିଶ୍ର ଜଣେ ବରିଷ୍ଠ ଆଇନଜୀବୀ । ଏହା ସହ ସେ ବୌଦ୍ଧ ଜିଲା ଓକିଲ ସଂଘର ୫ ଥର ସଭାପତି ଥିଲେ । ସେ ୧୯୯୫ ମସିହାରେ ବୌଦ୍ଧ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇ ଜନତା ଦଳ ପ୍ରାର୍ଥୀ ସଚ୍ଚିଦାନନ୍ଦ ଦଲାଲଙ୍କଠାରୁ ୨୪୯୧ ଭୋଟରେ ହାରିଥିଲେ । କିନ୍ତୁ ସେ ୨୦୧୪ ସାଧାରଣ ନିର୍ବାଚନରେ ବିଜେଡିରେ ମିଶିବା ଯୋଗୁ ବର୍ତ୍ତମାନର ବିଧାୟକ ତଥା ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କୁ ନିବାଚନରେ ଜିତିବା ସହଜ ହୋଇଥିଲା । ଏହି ମିଶ୍ରଣ ପର୍ବରେ ରାଜ୍ୟ ସମ୍ପାଦକ ପଦ୍ମନାଭ ଗୁରୁ, ଚନ୍ଦ୍ରଶେଖର ପରିଡା, ବୌଦ୍ଧ ଜିଲା କଂଗ୍ରେସ ସଭାପତି ସୁଧୀର ମହାକୁଡଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ । ବିଜେଡି ଛାଡିବା ନେଇ ନବ କୁମାର ମିଶ୍ରଙ୍କୁ ପଚାରିବାରୁ ମୋ କର୍ମୀ ମୋତେ ପୁନର୍ବାର କଂଗ୍ରେସରେ ଯୋଗ ଦେବାକୁ କହିବାରୁ ମୁଁ କଂଗ୍ରେସରେ ଯୋଗଦାନ କରିଥିବା ପ୍ରକାଶ କରିଥିଲେ ।

## ଗଞ୍ଜେଇ ସହ ବାଇକ୍ ଜବତ, ୪ ଗିରଫ

**ଘଣ୍ଟାପଡା, ୨୭।୨ (ଡି.ଏନ.ଏ)**

ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ କଣ୍ଟାମାଳ ପୋଲିସ ୪ଜଣରଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଚରଣ କୁମାର ମାଝୀ(୨୬), ନେତ୍ରାନନ୍ଦ ଭାରତୀ(୨୦), ଧ୍ରୁବା ଖେତୀ(୫୦) ଓ ଟିକାରାମ ଖେତୀ(୩୦)। ଏ ନେଇ କଣ୍ଟାମାଳ ଥାନାରେ ଏକ ମାମଲା (ନଂ.୩୯/୧୯) ରୁଜୁ ହୋଇଛି। ସେମାନଙ୍କଠାରୁ ୧୫ କିଲୋ ୩୦୦ ଗ୍ରାମ ଗଞ୍ଜେଇ ଓ ଏକ ବାଇକ୍ (ନଂ. ଓଡି୩୧ଏ/୫୯୭୪) ଜବତ କରାଯାଇଛି। ମଙ୍ଗଳବାର ପୋଲିସ ପାଟ୍ରୋଲିଂ କରୁଥିବାବେଳେ ମାତାକୁପା ଘାଟି ପଟୁ ଦ୍ରୁତଗତିରେ ଆସୁଥିବା ଉକ୍ତ ବାଇକ୍‌କୁ ସନ୍ଦେହରେ ଅଟକାଇଥିଲା । ଯାଞ୍ଚ ବେଳେ ବାଇକ୍‌ରୁ ଗଞ୍ଜେଇ ବାହାରିଥିଲା ବୋଲି କଣ୍ଟାମାଳ ଥାନା ଆଇଆଇସି ନରେଶ କୁମାର ପ୍ରଧାନ କହିଛନ୍ତି ।

## ମାର୍ଚ୍ଚ ୨ରୁ ଲାୟନ୍ସ କ୍ଲବର ଜିଲା କନ୍‌ଭେନଶନ

**ବରଗଡ଼ ଅଫିସ୍,୨୭।୨**

ବରଗଡ଼ରେ ଆସନ୍ତା ମାର୍ଚ୍ଚ ୨ତାରିଖରୁ ଲାୟନ୍ସ କ୍ଲବ ଇଣ୍ଟରନେସନାଲର ଜିଲା କନଭେନଶନ ଆରମ୍ଭ ହେବ । ସ୍ଥାନୀୟ ଜୟ ସିଂ କଲ୍ୟାଣ ମଣ୍ଡପରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପରିପ୍ରେକ୍ଷୀରେ ବୁଧବାର ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲାୟନ୍ସ କ୍ଲବ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ, ଉକ୍ତ ଜିଲା କନଭେନଶନରେ ୧୧ଟି ଜିଲାରୁ ୪୯ଟି କ୍ଲବର ପ୍ରାୟ ୪୦୦ ପ୍ରତିନିଧି ଯୋଗଦାନ କରିବେ । ମାର୍ଚ୍ଚ ୩ତାରିଖ ସକାଳେ ବରଗଡ଼ ଲୋକ ମଣ୍ଡପ ପଡ଼ିଆରୁ ଏକ ଶାନ୍ତି ପରେଡ଼ ବାହାରି ଏସପି ଅଫିସ ଛକ, ଲମ୍ବା ବିଲଡ଼ିଂ, ଭଟଲି ଛକ ଦେଇ ସଭାସ୍ଥଳରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ କାର୍ଯ୍ୟକ୍ରମରେ ଲାୟନ୍ସ ଇଣ୍ଟରନ୍ୟାଶନାଲର ପୂର୍ବତନ ଆନ୍ତର୍ଜାତୀୟ ନିର୍ଦ୍ଦେଶିକା ସଙ୍ଗୀତା ଜେଡ଼ିଆ ମୁଖ୍ୟଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଥିଲା । ଏହାସହିତ ମୁଖ୍ୟଅତିଥି ବରଗଡ଼ର ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ, ଜମୁର୍ଡ଼ାର କୁଷ୍ଠାଶ୍ରମ ପରିଦର୍ଶନ ସାଙ୍ଗକୁ ଚକ୍ଷୁ ଚିକିତ୍ସାଳୟର ଉପର ମହଲା କୋଠା ଉଦଘାଟନ କରିବେ । ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ନବୀନ ଲାଠ, ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଦୁର୍ଗାପ୍ରସାଦ ଶର୍ମା, ପ୍ରେସିଡେଣ୍ଟ ବିନୋଦ ଅଗ୍ରୱାଲ, ଓ.ପି ଲାଠ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ଫୁଟବଲ: ଫାଇନାଲରେ ବୌଦ୍ଧ ଏକାଦଶ

**ବୌଦ୍ଧ,୨୭।୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଫୁଟବଲ୍ ଟୁର୍ନାମେଣ୍ଟର ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଏକାଦଶ ଓ ସଂଘର୍ଷ କ୍ଲବ ଭୁବନେଶ୍ୱର ମଧରେ ଅନୁଷ୍ଠିତ ମ୍ୟାଚ୍‌ରେ ବୌଦ୍ଧ ଏକାଦଶ ୨-୧ ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୁରୁ ପ୍ରସାଦ ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ । ଜିଲା ଫୁଟବଲ ଆସୋସିଏଶନ ସଭାପତି ଲମ୍ବୋଦର ପୁରୋହିତ, ସମ୍ପାଦକ ଯୁଗଳ କିଶୋର ସାମଲ ଉପସ୍ଥିତ ଥିଲେ । ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ୍ ଦେଇ ପାରି ନ ଥିଲେ । ଦ୍ୱିତୀୟାର୍ଦ୍ଧରେ ବୌଦ୍ଧ ଏକାଦଶର ଅନୁରାଗ ସାହୁ ୪୨ ମିନିଟରେ ଗୋଟିଏ ଓ ୫୫ ମିନିଟରେ ଆଉ ଗୋଟିଏ ଗୋଲ୍ କରିଥିଲେ । ଜବାବରେ ସଂଘର୍ଷକ୍ଲବ ଭୁବନେଶ୍ୱରର ଖେଳାଳି ମୁକେଶ ଭୋଇ ୫୮ ମିନିଟରେ ଗୋଟିଏ ଗୋଲ୍ କରିଥିଲେ। ମୁଖ୍ୟ ରେଫରି ଜ୍ୟୋତିରଞ୍ଜନ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିବାବେଳେ ଲାଇନରେ ସୁରେଶ କୁମାର ଦାସ ଓ ଦିଲୀପ କୁମାର ରାଉତ ଦାୟିତ୍ୱ ତୁଲାଇଥିଲେ। ଚତୁର୍ଥ ରେଫରି ଭାବେ ସଲିଳ ବେହେରା ଖେଳ ପରିଚାଳନା କରିଥିଲେ ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ ।

## ବାଇକ ଡିକି ଭାଙ୍ଗି ଲୁଟ୍

**ବୌଦ୍ଧ/ବଘିଆପଡା,୨୭।୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ଟିକରପଡା ସରପଞ୍ଚଙ୍କ ବାଇକ୍ ଡିକି ଭାଙ୍ଗି ଏକ ଲକ୍ଷ ଟଙ୍କା ଲୁଟ ହୋଇଛି ସରପଞ୍ଚ ବିଜୟ ମହାର ବୁଧବାର ୧ଲକ୍ଷ ଟଙ୍କା ଧରି ବୌଦ୍ଧର ଜଣେ ଦୋକାନୀଙ୍କୁ ଦେବା ପାଇଁ ଆସୁଥିଲେ । ବାଟରେ କନକପୁରଠାରେ ରାସ୍ତା ଉପରେ ଗାଡି ରଖି ଜଣଙ୍କ ଘରକୁ ଯାଇଥିଲେ । ଏହି ସମୟରେ ଏକ ପଲସର ଯୋଗେ ଦୁଇ ଜଣ ଦୁର୍ବୃତ୍ତ ଆସି ତାଙ୍କ ବାଇକ୍ ଡିକି ଭାଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିଲେ । ଏ ନେଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱନୀ କହଁରଙ୍କୁ ପଚାରିବାରୁ ଲୁଟ୍ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପ୍ରକାଶ କରିଥିଲେ ।



ଯେଉଁ ଲୋକ କେବେ ରାଗେ ନାହିଁ, ସେ ଅନ୍ୟକୁ ଆଦେଶ ଦେବାର ଅଧିକାରୀ ହୋଇଥାଏ।

- ସେଣ୍ଟ୍ ଜନ୍ ପଲ୍

## ସଂକ୍ଷେପରେ

### ଶବ ସତ୍କାର କଲେ ବିଜୁ ଯୁବ ବାହିନୀ କର୍ମକର୍ତ୍ତା

ବଡ଼ଗାଁ, ୨୭।୨ (ଡି.ଏନ.ଏ) ବଡଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମର ଏକ ଅସହାୟ ପରିବାରର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏହି ମୃତକଙ୍କ ପରିବାରକୁ ସହଯୋଗ କରିବାକୁ ଆଗେଇ ଆସି ସ୍ଥାନୀୟ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ମାନବିକତାର ନିଦର୍ଶନ ସୃଷ୍ଟି କରିଛନ୍ତି। ସୂଚନାନୁଯାଇ, ଗୋଟିଏ ପୁଅ ଓ ଦୁଇ ଝିଅ ଥିବା ଗଜାଧର ମାଝି (୬୨)ଙ୍କ ମଙ୍ଗଳବାର ମୃତ୍ୟୁ ହୋଇଥିଲା। ପୁଅ ରୋଜଗାର ପାଇଁ ଗୁଜରାଟ ଯାଇଥିଲା ବେଳେ ଗୋଟିଏ ଝିଅ ବିବାହ କରିଛନ୍ତି। ଘରେ କେବଳ ଗୋଟିଏ ଝିଅ ଓ ସ୍ତ୍ରୀ। ପୁଅ ଗୁଜରାଟରୁ ଆସି ନ ପାରିବାରୁ ଚିନ୍ତିତ ମୃତକ ପରିବାରରେ ଭାଲେଣି ପଡିଥିଲା। ଏହାଦେଖି ସ୍ଥାନୀୟ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ଭବାନୀ ସା, ଦିଲୀପ ସା, ଟଙ୍କଧର କାଲୋ, କେଦାର ପ୍ରଧାନ, କୁମୁଦ ନାଏକ ଓ ଜିଲା ଯୁବ ବିଜେଡି ଉପସଭାପତି କିଶୋର ସାହୁ ଶବ ସତ୍କାର କରିଛନ୍ତି।

### ଆଜି ୨୬ତମ ଉଲୁଣ୍ଡା କପ୍ କ୍ରିକେଟ

ଉଲୁଣ୍ଡା ୨୭।୨ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ହେଉଥିବା ସମ୍ମାନଜନକ ଉଲୁଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟର ୨୬ତମ ସଂସ୍କରଣ ଗୁରୁବାର ଆରମ୍ଭ ହେବ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଜେସିସି ସମ୍ବଲପୁର ଦଳ ଏବଂ ଏସ୍‌ଡିସିଏ ସୁବର୍ଣ୍ଣପୁର ମଧ୍ୟରେ ଖେଳାଯିବ। ସ୍ଥାନୀୟ କଲେଜ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ପରିଚାଳନା ନେଇ ଆସୋସିଏଶନ ସଂଯୋଜକ ଉରୁକ୍ରମ ପାଣ୍ଡିଆଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ସୁଜିତ ପଣ୍ଡା, ସମ୍ପାଦକ ସୁଜ୍ଞାନ ମହାକୁର, ଅଭିଳାଶ ନାୟକ, ମଞ୍ଜିତ ଆଚାର୍ଯ୍ୟ, ବିକାଶ ଥନାପତି, ଦିନେଶ ଘିବିଲା, ବିଶ୍ୱ ନାୟକ ପ୍ରମୁଖ ଯୋଗଦେଇ ସମସ୍ତ ଟୁର୍ନାମେଣ୍ଟର ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା କହିଥିଲେ। ଟି-୨୦, ଟି-୧୦ ଓ ସୁପରଓଭର ଫର୍ମାଟରେ ଆୟୋଜିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ସୁବର୍ଣ୍ଣପୁର, ସମ୍ବଲପୁର ସମେତ ବଲାଙ୍ଗୀର, ବ୍ଲୁ ଡାଇମନ ବରଗଡ଼, ଏମ୍‌ସିସି ବୌଦ୍ଧ, ୪ସି ସମ୍ବଲପୁର, ଜେସିସିଟି ଗୋବିନ୍ଦତୋଲା ଏବଂ ଆୟୋଜକ ବିସିଏ ଉଲୁଣ୍ଡା ଦଳ ଭାଗ ନେଇଛନ୍ତି।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଡାଲମିଆ- ଓସିଏଲ ଦ୍ୱାରା ପରିଚାଳିତ ଚକ୍ଷୁ କେନ୍ଦ୍ରର ବାର୍ଷିକ ଉତ୍ସବ

ରାଜଗାଙ୍ଗପୁର, ୨୭।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଝଗରପୁରଠାରେ ଥିବା ଡାଲମିଆ ଓସିଏଲ ଦ୍ୱାରା ପରିଚାଳିତ ଏଲଭି ପ୍ରସାଦ ଚକ୍ଷୁ କେନ୍ଦ୍ରର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ ଜିଲାକୁ ଅନ୍ଧତ୍ୱ ମୁକ୍ତ କରିବା ପାଇଁ ଡାଲମିଆ- ଓସିଏଲ ଦ୍ୱାରା ପରିଚାଳିତ ଏଲ ଭି ପ୍ରସାଦ ଚକ୍ଷୁ କେନ୍ଦ୍ରର ଉଲ୍ଲେଖନୀୟ ଅବଦାନ ଥିବା କହିଥିଲେ। ଏହି ଉତ୍ସବରେ ଓସିଏଲର ଇଓ ସୁନୀଲ କୁମାର ଗୁପ୍ତା ଯୋଗଦେଇଥିଲେ। ୨୦୧୫ ମସିହାରେ ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ୍‌ଙ୍କ ଦ୍ୱାରା ଏହି ଅନୁଷ୍ଠାନ ଉଦଘାଟିତ ହୋଇ ଅତ୍ୟାଧୁନିକ ଆପଥରେମିକ ପ୍ରଯୁକ୍ତି ଜରିଆରେ ସୁନ୍ଦରଗଡ ଜିଲାକୁ ଅନ୍ଧତ୍ୱ ମୁକ୍ତ କରିବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଥିବା ଗୁପ୍ତ କହିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ଅଧକ୍ଷ ରାମ ଆମ୍‌କୁରି ଯୋଗଦେଇଥିଲେ । ଏହି ଉତ୍ସବରେ ଚକ୍ଷୁ ଚିକିତ୍ସା କେନ୍ଦ୍ରର ସମସ୍ତ କର୍ମଚାରୀ ସାଙ୍ଗକୁ ସହରର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ୩୪ ବର୍ଷ ସେବା କରି ଭଗବାନ ଦାସ ବେସାହାରା

ନୂଆପଡା ଅଫିସ,୨୭।୨

ସ୍ୱାଧୀନତା ପରବର୍ତ୍ତି ସମୟରୁ ସରକାର ହୋମଗାର୍ଡମାନଙ୍କୁ ପୋଲିସ ସେବାରେ ଲଗାଇଆସିଛି। ଏମାନେ ଦିନରାତି ଆଇନଶୃଙ୍ଖଳା ହେଉକି ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି । ହେଲେ ଏମାନଙ୍କ ପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି । ଫଳରେ ଅବସର ଗ୍ରହଣ ପରେ ଦୁର୍ବିସହ ଜୀବନ ଯାପନ କରିବାକୁ ବାଧ୍ୟ ହୋଇଥାନ୍ତି । ଏଭଳି ଏକ ଉଦାହରଣ ଖୋଦ ନୂଆପଡା ସହରରେ ଦେଖିବାକୁ ମିଳିଛି । ଦୀର୍ଘ ୩୪ ବର୍ଷ ଏହି ସେବାରେ ନିୟୋଜିତ ହେବା ପରେ ଆଜି ଦାଣ୍ଡର ଭିକାରୀ ହୋଇଛନ୍ତି ଜଣେ ହୋମଗାର୍ଡ । କେରମେଲି ଗାଁର ଭଗବାନ ଦାସ ବାବାଙ୍କୁ ବା କିଏ ନଜାଣେ । ପ୍ରତିପଡା, ୱାର୍ଡରେ ଜଣା ଶୁଣା ନାଁ ଟିଏ । କିଛି ମାସ ତଳେ ଅବସରଗ୍ରହଣ ନେଇଥିବା ବେଳେ ଆଜିଯାଏଁ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବାରଦୁଆର ହେବାକୁ ପଡୁଛି । ଘର ଜମିବାଡି କିଛି ନ ଥିବାବେଳେ କୌଣସି ସମ୍ପର୍କୀୟ ନ ଥିବାରୁ ଭୋକ ଉପାସରେ ଦିନ କାଟୁଛନ୍ତି । ଦିନେ ସମସ୍ତଙ୍କୁ ସହାୟତା କରୁଥିବା ବୃଦ୍ଧ ଜଣକ ବର୍ତ୍ତମାନ ବେସାହାରା ହୋଇଛନ୍ତି ।



ଭଗବାନ ଦାସ ବାବା।

- ହୋମଗାର୍ଡରେ ନିୟୋଜିତ ଥିଲେ
- ଜମିବାଡି, ଘର ନାହିଁ
- ଭତ୍ତା ପାଇଁ ବାରଦୁଆର ହେଉଛନ୍ତି

ସ୍ଥାନୀୟ ଏକ ଗରିବ ପରିବାରର ଭଗବାନ ଦାସ ବାବାଙ୍କ ଛୋଟବେଳୁ ପୋଲିସ ବର୍ଦ୍ଦି ପିନ୍ଧିବାର ସୌକ ଥିଲା । ପରେ ଅବିଭକ୍ତ କଳାହାଣ୍ଡି ଜିଲାରେ ତାଙ୍କର ସେବା ଆରମ୍ଭ କରିଥିଲେ। ନିଜର କାର୍ଯ୍ୟ ଦକ୍ଷତା ହେତୁ କମ୍ପାନୀ କମାଣ୍ଡର ଭାବରେ ବହୁବାର ମେଡାଲମାନ ପାଇଛନ୍ତି। ପ୍ରତି ଦିନ ମଜୁରୀ ବାବଦକୁ ୫ ଟଙ୍କାରୁ ଆରମ୍ଭ କରି ବର୍ତ୍ତମାନ ୩୦୦ ଟଙ୍କା ପାଉଥିଲେ। ଶେଷରେ ଗତ ୭ ମାସ ତଳେ ୨୦୧୮ ଜୁଲାଇରେ ଅବସରଗ୍ରହଣ କରିଥିଲେ । ଅବସର ପରେ ତାଙ୍କୁ ନା ମିଳିଲା ପେନସନ କି ଇପିଏଫ ଟଙ୍କା । ଶେଷରେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ମଧ୍ୟ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡୁଛନ୍ତି । ହେଲେ ବ୍ଲକ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି । ଜମିବାଡି ବୋଲି କିଛି ନାହିଁ । ଘର ଡିହ ଟିକକ ଥିଲେ ମଧ୍ୟ ସରକାରୀ ଆବାସ ଟିଏ ମିଳିନାହିଁ । ଝିଅ ପୁଅ ଅବେଳରେ ମୃତ୍ୟୁବରଣ କରିଥିବାରୁ ବର୍ତ୍ତମାନ ବୃଦ୍ଧା ସ୍ତ୍ରୀଙ୍କ ସହ କୁଡିଆ ଘରେ ରହୁଛନ୍ତି । ଘରେ ଖାଇବାକୁ କିଛି ବୋଲି ନାହିଁ । ଏତେ ଦିନ ନିଃସ୍ୱାର୍ଥ୍ୟ ଭାବରେ ସରକାରୀ ସେବା କରି କ'ଣ ମିଳୁଛି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲା ହୋମଗାର୍ଡ ସଂଘ ସଭାପତି ଶରତ କୁମାର ହଂସ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି ଯେ, ସରକାରଙ୍କୁ ବାରମ୍ବାର ଦାବି କରିବା ସତ୍ତ୍ୱେ ଆମକୁ ଇପିଏଫ କି ପେନସନ ପ୍ରଦାନ କରୁନାହାନ୍ତି। ଫଳରେ ଅବସରଗ୍ରହଣ ପରେ ଭଗବାନ ଦାସଙ୍କ ଭଳି ଅବସ୍ଥା ଭୋଗିବାକୁ ପଡୁଛି । ହୋମଗାର୍ଡଙ୍କ କାର୍ଯ୍ୟ ଦକ୍ଷତା ଏବଂ ସେବାପ୍ରତି ଦୃଷ୍ଟି ଦେବା ଜରୁରୀ ବୋଲି କହିଛନ୍ତି। ଭଗବାନ ଦାସ, ଖୁଟବନଭେରା ଗାଁର ଶିବ ଦାସଙ୍କ ଭଳି ବୃଦ୍ଧଙ୍କୁ ତୁରନ୍ତ ସାମାଜିକ ସୁରକ୍ଷା ଯୋଜନାରୁ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି ।

### କୁଆ ପଥର ମାଡ଼ରେ ୫ ଆହତ, ଫସଲ ନଷ୍ଟ

ସମ୍ବଲପୁର, ୨୭।୨ (ବ୍ୟୁରୋ): ଝୁଝୁମୁରା ବ୍ଲକରେ ବୁଧବାର କୁଆପଥର ମାଡରେ ପନିପରିବା ଓ ଧାନ ନଷ୍ଟ ହୋଇଛି। ବସିଆପଡାର ୫ଜଣ ଆହତ ହୋଇଛନ୍ତି।

# ତୁଷୁରା ଚିକିତ୍ସାଳୟ ଅପଗ୍ରେଡ୍ ଦାବି




କମିଟି କର୍ମକର୍ତ୍ତା ଘର, ଦୋକାନ ବୁଲି ଭିକ୍ଷା ମାଗୁଛନ୍ତି।

ଗୁଡ଼ଭେଲା,୨୭/୨(ଡି.ଏନ୍.ଏ.)

- ନାଗରିକ କମିଟିର ଅଭିନବ ପ୍ରତିବାଦ
- ଲୋକଙ୍କୁ ମାଗିଲେ ଟଙ୍କାଟିଏ ଭିକ

ତୁଷୁରାର ଚିକିତ୍ସାଳୟ ଅପଗ୍ରେଡ୍ ଦାବି ନେଇ ନାଗରିକ କମିଟି ନେତୃତ୍ୱରେ ସ୍ଥାନୀୟ ମିଳନ ଛକଠାରେ ଧାରଣାରେ ଓ ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି । ହେଲେ ଏହାର ସମାଧାନ ଦିଗରେ ଜିଲା ପ୍ରଶାସନ ନିରବ ସାଜିଥିବା ବେଳେ ବୁଧବାର ସନ୍ଧ୍ୟାରେ କମିଟି ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଥିଲା। କମିଟି କର୍ମକର୍ତ୍ତା ପ୍ରତିବାଦ ସ୍ୱରୂପ ପ୍ରତ୍ୟେକ ଘର ଦୋକାନ ବୁଲି ଡ଼ାକ୍ତରଖାନା ଓ ରୋଗୀଙ୍କ ସୁରକ୍ଷା ନେଇ ଟଙ୍କାଟିଏ ଭିକ୍ଷା ମାଗିଥିଲେ । ଏପରି କି ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉକ୍ତ ଭିକ୍ଷା ଟଙ୍କା ତୁଷୁରା ଡ଼ାକ୍ତରଖାନାକୁ ଆସୁଥିବା ଅସହାୟ ଗରିବ ଲୋକଙ୍କୁ ସହାୟକ ହୋଇପାରିବ ବୋଲି କମିଟି ସଭାପତି ରୁଣୁଗୋପାଳ ସାହୁ କହିଛନ୍ତି। ଅନ୍ୟପକ୍ଷେ କଥା ନୁହେଁ କାମରେ ବିଶ୍ୱାସ କରୁଥିବା ସରକାରଙ୍କ ପାଇଁ ତୁଷୁରା ଡ଼ାକ୍ତରଖାନା ଅଲୋଡା ହୋଇପଡିଥିବାରୁ ଜନସାଧାରଣଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଆନ୍ଦୋଳନକାରୀଙ୍କ ସହ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂ ଦେଓ ଆଲୋଚନା କରି ଡ଼ାକ୍ତର ନିଯୁକ୍ତି ନେଇ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଡ଼ାକ୍ତରଖାନା ଅପଗ୍ରେଡ୍ ନ ହେବା ପର୍ଯ୍ୟନ୍ତ ଧାରଣା ଦିଆଯିବ। ଏପରି କି ତୁଷୁରା-ଗୁଡ଼ଭେଲା ଅଞ୍ଚଳରେ ହେବାକୁ ଥିବା ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବିରୋଧ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ କମିଟିର ଉପସଭାପତି ବିଜୟ ବାଗ, କାହ୍ନା ପ୍ରଧାନ, ଶ୍ରୀକାନ୍ତ ବାଗ, ମିଥୁନ ସାହୁ, ଅନୀଲ ଶର୍ମା, ସୁବାଷ ଅଗ୍ରୱାଲ, ଅମନ ଜୈନ, ଲିସନ ପ୍ରଧାନ, ଆୟୁସ ପ୍ରଧାନ, ବ୍ରଜ କିଶୋର ବେହେରା, ଶୁଶାନ୍ତ ସାହୁ, ନକୁଳ ସାହୁଙ୍କ ସହ ବଜରଙ୍ଗ ଦଳର କର୍ମକର୍ତ୍ତା ସାମିଲ ହୋଇଥିଲେ।

କୁମୁଟିମୁଣ୍ଡା ଗାଁ ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ନୂଆପଡା ଅଫିସ,୨୭।୨

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ କୁମୁଟିମୁଣ୍ଡା ଗାଁର ଏକ ହତ୍ୟା ଘଟଣାର ରାୟ ମଙ୍ଗଳବାର ପ୍ରକାଶ ପାଇଛି । ନୂଆପଡା ଜିଲା ଦୌରାଜଜ୍ ଅସୀମ କୁମାର ଦଳ ଅଭିଯୁକ୍ତ ବେହେରା ନୀଳ ମାଝି (୩୨)ଙ୍କୁ ଆଜୀବନ କାରାଦଣ୍ଡାଦେଶ ରାୟ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଆହୁରି ବର୍ଷେ କାରାଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି । ବିବରଣୀମତେ ଗତ ୧୩।୬।୨୦୧୩ ରିଖରେ କୋମନା ଥାନା ଅନ୍ତର୍ଗତ କୁମୁଟିମୁଣ୍ଡା ଗାଁର ନୀଳ ମାଝି ଏକ ପାରିବାରିକ କଳହକୁ କେନ୍ଦ୍ର କରି ପଡୋଶୀ ବାହାବଳ ମାଝିଙ୍କୁ ଲୁହା ଛଡରେ ହତ୍ୟା କରିଥିଲେ। ଏ ନେଇ ଜିଲା ଦୌରାଜଜଙ୍କ କୋର୍ଟରେ ଦଫା ୩୦୨ରେ (ସିଟି କେସ୍ ନଂ. ୮୨/୧୩) ମାମଲା ବିଚାରାଧୀନ ଥିଲା। ଆଜକୁ ୬ ମାସ ତଳେ ଏହି ମାମଲାର ଶେଷ ଶୁଣାଣି ରହିଥିବାବେଳେ ଅଭିଯୁକ୍ତ ନୀଳ କୋର୍ଟକୁ ନ ଆସି ଫେରାର ହୋଇଥିଲେ। ପରବର୍ତ୍ତି ସମୟରେ ପୋଲିସ ପୁଣି ଥରେ ତାଙ୍କୁ ଗିରଫ କରି କୋର୍ଟକୁ ଆଣିଥିଲା। ମୋଟ ୧୪ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରି ଜିଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ପବ୍ଲିକ ପ୍ରସିକ୍ୟୁଟର ନିଦର୍ଶନୀ ରଥ ମାମଲା ପରିଚାଳନା କରିଥିଲେ।


**+PILES CLINIC+**

Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916

ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION

DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM

VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790



**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL)
Balimela Hydro Electric Project, Post: Balimela, Dist: Malkangiri (Odisha), Pin: 764051, Phones: 06861-232581 (O)/ 232641 (R), Fax: 06861-232541, E-Mail: unit.head_balimela@yahoo.com

REGD. OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar Chouk, Janapath, Bhubaneswar-22
Tel: 91-0674-2542983, 2542802, 2545526, 2542826, Fax: 2542102, Gram: Hydropower, E-mail: ohpc.co@gmail.com/ md@ohpcltd.com, Web: www.ohpcltd.com, CIN: U40101OR1995SGC003963

No. BHEP: 13H/1166 Dated 25.02.2019

1st CORRIGENDUM TO TENDER CALL NOTICE NO. 39/18-19, DTD. 07.02.2019 BHEP, BALIMELA

No.CAD-1501:-
1) The last date and time of submission of the tender document is extended upto 12.30 PM of Dtd 07.03.2019.
2) The last date and time of opening of the above tender is at 12.30 PM of 07.03.2019.
All other terms and conditions of the above Tender remain unchanged.
Further details like corrigendum to the tender call notice etc can be available in www.ohpcltd.com.

Sd./- SENIOR GENERAL MANAGER (EL)
BALIMELA HYDRO ELECTRIC PROJECT, BALIMELA

04019/11/0117/1819



**DIRECTORATE OF MEDICAL EDUCATION & TRAINING,ODISHA**

**Notice Regarding Digital / Online Registration and Renewal of Registration by Odisha Nurses and Midwives Registration Council (ONMRC)**

No.937-E:- The Digital /Online Registration and Renewal of Registration of Nursing personel under ONMRC will start from Dt. 10.03.2019. The link will be available in website of DMET, Odisha, i,e. **www.dmetodisha.gov.in** under the name of **ONMRC**.

Henceforth no student will be allowed to visit the ONMRC physically for the above purpose. Prospective candidates are advised to log in to DMET, Odisha website apply on-line for needful.

Sd./- Joint DMET (O) (In situ) and Member Convener, ONMRC

10016/11/0057/1819



**TENDER NOTICE FOR COLLECTION OF CASHEW NUTS AND APPLES OF STATE GOSADAN BABANDHA FOR THE YEAR 2018-19** No.97-M

Sealed tenders in plain paper are invited from the intending persons/ institutions for collecting Cashew nuts and Apples from the cashew plantation field at Go-sadan, Babandha in Dhenkanal District for the year 2018-19. The last date for receipt of sealed tender is 12.03.2019 up to 05.00 PM & the same will be opened on 13.03.2019 at 03.00PM in presence of the tender committee and the tenders or their authorized representative . The tender papers should be submitted through Courier Service or by Registered post. An amount equal to 20% of the quoted value should be deposited along with the tender papers in shape of Bank draft in favour of the undersigned payable at SBI, Dhenkanal towards earnest money. The tenderers are required to furnish Sale-Tax, Income Tax Clearance certificate from the competent authority. The sealed cover containing the quotation with other document should be mentioned in capital letter "TENDER FOR COLLECTION OF CASHEW NUTS AND APPLES 2018-19" should be addressed to the CDVO, Dhenkanal.

On acceptance of highest Tender, the tenders/ institutions earnest money deposited will be converted towards security deposit of the quoted value and 50% of the tender value should be deposited on the same day by the tenderer and the balance 50% amount including all taxes as admissible should be deposited within seven days after which the approval order will be issued failing which the cashew field will not be handed over and have no right to collect nuts and apples from the field and the earnest money so deposited will be for feited. The department will not be held responsible for any natural calamity what so ever. The authority reserves the right to cancel the tender without assigning any reason thereof.

**CASHEW FIELD, STATE GO-SADAN BABANDHA.**
**Location- 8 Kms from NH -42, Odapada (Hindol road).**
**Ara -55 Acs of old & 35 Acs of new cashew field.**

Sd./- (Dr Bikas Das) Chief District Veterinary Officer, Dhenkanal

06033/11/0002/1819



1335-B

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR**
Fax & Ph. No. 0663-2412303

**e - Procurement**

BID IDENTIFICATION No SENC(R&B) /17/ 2018-19

No. 278 Dtd. 25.02.2019

1. The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Road works as detailed in the DTCN from the eligible class of contractors.
2. No of Road works : 17 (Seventeen).
3. Tender Cost : Rs. 10,000/-
4. Class of contractor : "Special" Class, "A" Class and "B" Class
5. Date & Time of available in website & receipt of Bids from 12.03.2019 to 17.00 hours of 27.03.2019.
6. Date of opening of Technical Bid 30.03.2019 at 11.00 hours.
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

*Sd./- (S.K.Sahoo), Superintending Engineer Northern (R&B) Circle, Sambalpur*

34035/11/0024/1819



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com
Tel. -(0674)- 2391523, Fax:- (0674)-2395245

**INVITATIONS FOR BIDS (IFB)**
File No-B-III- SC & ST-01/2019 10682 / Bhubaneswar, the 26th Feb. 2019

**Invitation for Bids** 1336-B

Bid Identification No. CE (B) – 55 / 2018-19

| | | | |
|---|---|---|---|
| 1. | The Chief Engineer (Buildings), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Building work (Composite work) |
| 3. | No. of work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | 'A' Class & Special Class |
| 6. | Availability of Bid Documents in the website | : | From dt..02.03.2019 to 17:00 hours of dt.19.03.2019. |
| 7. | Date of Opening of Bid | : | Dt.20.03.2019 at 11:30 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

*Sd./- Chief Engineer (Buildings), Odisha, Bhubaneswar*

34117/11/0224/1819



# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋଣା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।



A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଡିଜିଟାଲ ଉପକରଣ -କମ୍ପାନୀ- SMS JOB



ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623


**ପାଠକଙ୍କ ପାଇଁ ସୂଚନା** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା



## ସଂକ୍ଷେପରେ

### ଉଜ୍ଜ୍ୱଳ, ଉତ୍‌ଥାନ ତାଲିମ ଶିବିର

**ଲୋଇସିଂହା,୨୭।୨(ଡି.ଏନ.ଏ):** ଆଗଲପୁର (ଡୁଡକା) ବ୍ଲକସ୍ତରୀୟ ଉଜ୍ଜ୍ୱଳ ଏବଂ ଉତଥାନ ତାଲିମ ଶିବିର ଦୁଇଟି ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଏହା ୨୫ତାରିଖରୁ ଆରମ୍ଭ ହୋଇ ଗୁରୁବାର ଉଦ୍‌ଯାପିତ ହେବ। ପ୍ରଥମ ପର୍ଯ୍ୟାୟରେ ବ୍ଲକର ୧୫୦ଜଣ ଶିକ୍ଷକ ତାଲିମ ନେଉଛନ୍ତି। ସିଆର୍‌ସିସି ଗୃହ ଓ ଶିକ୍ଷକଭବନଠାରେ ଦ୍ୱିତୀୟରୁ ପଞ୍ଚମ ଶ୍ରେଣୀ ଭତ୍ତିକ ଏବଂ ବିଷୟ ଭିତ୍ତିକ ଶିକ୍ଷଣ ଦକ୍ଷତା ଅନଗ୍ରସର ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ ଉଜ୍ଜ୍ୱଳ ପ୍ରଶିକ୍ଷଣ ଚାଲିଛି। ସେହିପରି ଡୁଡକା ପ୍ରାଥମିକ ବିଦ୍ୟାଳୟଠାରେ ଉଚ୍ଚ ପ୍ରାଥମିକ ଛାତ୍ରୀଛାତ୍ରଙ୍କ ପାଇଁ ଉତଥାନ ତାଲିମ ଶିବିର ଅନୁଷ୍ଠିତ ହେଉଛି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବିଓ ଆରୁଣୀ ମହାନନ୍ଦ, ସବିତା ମିଶ୍ରଙ୍କ ସଂଯୋଜନାରେ ୧୧ଜଣ ଆର୍‌ପି ତାଲିମ ପ୍ରଦାନ କରୁଛନ୍ତି। ଏବିଓ ଇନ୍‌ଚାର୍ଜ ଦିଲୀପ ବେହେରା, ସିଆର୍‌ସିସି ଜୟଦେବ ମହାକୁର, ବିରଞ୍ଚି ପଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।



### ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ବଙ୍ଗୋମୁଣ୍ଡା,୨୭।୨(ଡି.ଏନ୍.ଏ.):** ବଙ୍ଗୋମୁଣ୍ଡା ବ୍ଲକ ଅଧୀନ ଡେଢଗାଁ ପଞ୍ଚାୟତ ପୁଡାପାଲି ଗ୍ରାମରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ନେଇ କଣ୍ଟାବାଞ୍ଜି ବିଧାୟକ ଆୟୁବ୍ ଖାନ ଭିତ୍ତିପ୍ରସ୍ତର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଡେଢଗାଁ ସରପଞ୍ଚଙ୍କ ପ୍ରତିନିଧି ସୁଶିଲ ସାହୁ, ବିଧାୟକଙ୍କ ପ୍ରତିନିଧି ଲାଲଚନ ପୁଟେଲ, ଅଶୋକ ସାହୁ, ସ୍ଥାନୀୟ କର୍ମକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ଥିଲେ। କୋଟିଏ ଟଙ୍କାର ବ୍ୟୟ ଅଟକଳରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହେବ ଏବଂ ଅଞ୍ଚଳର ପାନୀୟଜଳ ସମସ୍ୟା ଦୂର ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

### କଂଗ୍ରେସ ମାଇଁ ଭଏସ୍ କାର୍ଯ୍ୟକ୍ରମ

**ବଲାଙ୍ଗୀର ଅଫିସ, ୨୭।୨:** ଆଗାମୀ ନିର୍ବାଚନ ପାଇଁ କଂଗ୍ରେସ ଦଳ ତାର ନିର୍ବାଚନୀ ଇସ୍ତାହାର ତିଆରି କରିବ ନାହିଁ। ଦେଶର ଜନସାଧାରଣଙ୍କ ପ୍ରସ୍ତାବରେ କଂଗ୍ରେସର ନିର୍ବାଚନୀ ଇସ୍ତାହାର ତିଆରି କରାଯିବ ବୋଲି ପିସିସି ବରିଷ୍ଠ ମୁଖପତ୍ର ସମରେନ୍ଦ୍ର ମିଶ୍ର ବୁଧବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମିଶ୍ର କହିଥିଲେ ଯେ, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଦେଶର କୃଷକ ଏବଂ ଯୁବକମାନଙ୍କ ପାଇଁ ଗତ ୫ ବର୍ଷରେ କିଛି କରିପାରିଲେ ନାହିଁ। ରାଜ୍ୟ ସରକାର ଦୀର୍ଘ ଦୁଇ ଦଶନ୍ଧି ଧରି ଯୁବକ ଓ କୃଷକମାନଙ୍କୁ ଠକି ଚାଲିଛନ୍ତି। କେନ୍ଦ୍ର ସରକାର ଗତ ୫ବର୍ଷରେ ତାର ନିର୍ବାଚନୀ ଇସ୍ତାହାରରେ ଦେଇଥିବା ଗୋଟିଏ ବି ପ୍ରତିଶ୍ରୁତି ରକ୍ଷା କରିପାରି ନାହିଁ। ଆଗାମୀ ୨୦୧୯ ନିର୍ବାଚନ ପାଇଁ ଦଳୀୟ ଇସ୍ତାହାର କଂଗ୍ରେସ ପକ୍ଷରୁ ତିଆରି କରାଯିବ ନାହିଁ। ଏହା ପରିବର୍ତ୍ତେ ଦେଶର କୋଟି କୋଟି ଜନତାଙ୍କ ପ୍ରସ୍ତାବରେ ଦଳ ତାର ଇସ୍ତାହାର ତିଆରି କରିବ। ଏହି ଦିଗରେ ଦଳ କାମ ଆରମ୍ଭ କରିଛି ଓ ଲୋକେ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରୁଛନ୍ତି ବୋଲି ବୁଧବାର କଂଗ୍ରେସ ମାଇଁ ଭଏସ କାର୍ଯ୍ୟକ୍ରମରେ ବରିଷ୍ଠ ମୁଖପାତ୍ର ମିଶ୍ର କହିଥିଲେ। ଚାଷୀଙ୍କୁ ପାଣି ଓ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଶିକ୍ଷିତ ବେକାର ଯୁବକମାନଙ୍କୁ ନିଯୁକ୍ତି ଯୋଗାଇବାରେ ରାଜ୍ୟ ଓ କେନ୍ଦ୍ର ସରକାର ଫେଲ ମାରିଛନ୍ତି। କଂଗ୍ରେସ ଦଳ କ୍ଷମତାକୁ ଆସିଲେ ଚାଷୀ ଓ ଯୁବକମାନେ ନିଶ୍ଚୟ ଉପକୃତ ହେବାର ଯୋଜନା କରାଯିବ ବୋଲି ମିଶ୍ର କହିଥିଲେ। ଲୋକଙ୍କଠାରୁ ଜିଲାର ବିଭିନ୍ନ ସ୍ଥାନରେ ମତାମତ ଲୋଡା ଯାଉଛି ଓ ଲୋକେ ତେଲ ନଦୀରେ ବ୍ୟାରେଜ୍, ଟିନିକଲ କାର୍ଯ୍ୟକ୍ଷମ, ଦାଦନ ଶ୍ରମିକ ସମସ୍ୟା, ଲୋୟର ସୁକ୍‌ତେଲ ଶୀଘ୍ର କାର୍ଯ୍ୟକ୍ଷମ, ଶିକ୍ଷିତ ବେକାରଙ୍କୁ ସ୍ଥାନୀୟ ନିଯୁକ୍ତି, ଜିଲାରେ ଶିଳ୍ପାୟନ, ବଲାଙ୍ଗୀର ଓ ପାଟଣାଗଡ଼ ବାଇପାସ୍ ରାସ୍ତା ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଉଛନ୍ତି। ଲୋକଙ୍କ ଏସବୁ ଗୁରୁତ୍ୱପୂର୍ଣ୍ଣ ଓ ଲୋକାଭିମୁଖୀ ପ୍ରସ୍ତାବକୁ କଂଗ୍ରେସ ତାର ନିର୍ବାଚନୀ ଇସ୍ତାହାରରେ ସ୍ଥାନୀତ କରିବ ବୋଲି ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଅସୀମ ପଟ୍ଟନାୟକ, ପିସିସି ସଭ୍ୟ ସୁଦାମ ସାହୁ, ଟାଉନ ସଭାପତି ବୁଲୁ ଦାନୀ, ଯୁବ ସଭାପତି ପ୍ରେମ ପ୍କାଶ ମିଶ୍ର, ଜିଲା ଛାତ୍ର ସଭାପତି ଅଙ୍କିତ ସାହୁ ମଞ୍ଚାସୀନ ଥିଲେ।

ବଲାଙ୍ଗୀର ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

# କାଗଜକଲମରେ ଚାଷୀଙ୍କୁ ଭୁଆଁବୁଲାଅ ନାହିଁ

**ବଲାଙ୍ଗୀର ଅଫିସ, ୨୭।୨**

ବଲାଙ୍ଗୀର ବ୍ଲକର ଖୁଜେନପାଲି ପଞ୍ଚାୟତରେ ବୁଧବାର ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ବିଧାନସଭା ବିରୋଧୀଦଳ ନେତା ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାଗଜକଲମରେ କୃଷିର ଉନ୍ନତି କଥା କହି ସରକାର ଓ କୃଷି ବିଭାଗ ଚାଷୀଙ୍କୁ ଭୁଆଁବୁଲାଅ ନାହିଁ ବୋଲି କହିଥିଲେ । ବିଧାୟକ ମିଶ୍ର କହିଥିଲେ ଯେ, ଚାଷୀଙ୍କୁ ଚାଷ ପାଇଁ ଦରକାର ପାଣି। ସରକାର ଜଳସେଚନର କୌଣସି ବ୍ୟବସ୍ଥା ନ କରି ସଫଳତାର ଡିଣ୍ଡିମ ପିଟୁଛନ୍ତି। ବିଭିନ୍ନ ଜାଗାରେ କୃଷକ ସମ୍ପର୍କମେଳା କରି କେବଳ ରିପୋର୍ଟ କାର୍ଡ ପ୍ରଦର୍ଶନ କରୁଛନ୍ତି। ବିଭାଗୀୟ ଅଧିକାରୀମାନେ ମୁଷ୍ଟିମେୟ ଚାଷୀଙ୍କୁ ଧରି ବିଭାଗ ପକ୍ଷରୁ ନଗଣ୍ୟ ସହାୟତା ଦେଇ କିଛି ଚାଷୀଙ୍କ ମୁହଁରେ ସରକାରଙ୍କ ଗୁଣଗାନ କରାଉଛନ୍ତି । ଏହାର ସରଜମିନ ତଦନ୍ତ କଲେ ସରକାର ଓ କୃଷି ବିଭାଗର ଅସଲ ଚେହେରା ପଦାକୁ ଆସିବ ବୋଲି କହିଥିଲେ । ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, ଏବେ ୮୫ ପ୍ରତିଶତ ହେଉଛନ୍ତି ନାମମାତ୍ର ଚାଷୀ । ବିନା ଜଳସେଚନରେ ସେମାନେ କିଭଳି ଲାଭ ପାଇବେ ବୁଝାପଡୁନାହିଁ। ଏଭଳି ଚାଷୀମାନେ ପ୍ରତିବର୍ଷ କ୍ଷତି ସହୁଛନ୍ତି। କୃଷକ ସମ୍ପର୍କମେଳାରେ ଚାଷୀ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଓ ସଚେତନତା ଆଶା କରାଯାଉ । ତେବେ ପରିତାପର ବିଷୟ ଜଳସେଚନ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ କିମ୍ବା ଉଠା ଜଳସେଚନ ବିଭାଗର କୌଣସି ଗୋଟିଏ ବି ଅଧିକାରୀ ଏଠାରେ ନାହାନ୍ତି । ଏପରି କି ସମବାୟ ବିଭାଗ ଯେ କି ବିଭିନ୍ନ ସମୟରେ କୃଷକମାନଙ୍କୁ ଋଣ ଆକାରରେ ଚାଷ ପାଇଁ ସହାୟତା ଯୋଗାଏ । ସେମାନଙ୍କର ମଧ୍ୟ ଏଠାରେ ଦେଖା ଦର୍ଶନ ମିଳୁନାହିଁ। ସେଥିରୁ ଅନୁମାନ ଯେ ସରକାର ଓ କୃଷି ବିଭାଗ ଚାଷୀଙ୍କ ପାଇଁ କେତେ ସମ୍ବେଦନଶୀଳ ବୋଲି ମିଶ୍ର କହିଥିଲେ। ଆଗାମୀ ଦିନରେ କଂଗ୍ରେସ ସରକାର ଗଢ଼ିଲେ କୃଷକମାନଙ୍କ ମୁଖ୍ୟ ସମସ୍ୟା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୬୦୦ ଟଙ୍କା ହେବ, ଯୁବକମାନଙ୍କ ପାଇଁ ରୋଜଗାରର ପନ୍ଥା କରିବ ବୋଲି କହିଥିଲେ । ଯେଉଁମାନଙ୍କୁ ରୋଜଗାର ଦିଆଯାଇ ନ ପାରିଲେ ବେକାରୀ ଭତ୍ତା ବ୍ୟବସ୍ଥା କରାଯିବ । ବୃଦ୍ଧା, ବୃଦ୍ଧ ଚାଷୀଙ୍କ ପାଇଁ ପେନସନ ବ୍ୟବସ୍ଥା କରାଯିବ ବୋଲି କହିଥିଲେ । କୃଷକ ସମ୍ପର୍କମେଳାରେ ବଲାଙ୍ଗୀର ଜିଲା କୃଷି ଅଧିକାରୀ ହିମାଂଶୁ ଶେଖର ପାଠୀ, ସହକାରୀ ଅଧିକାରୀ ସ୍ୱସ୍ତିକ ପଣ୍ଡା, ଉଦ୍ୟାନ କୃଷି ଅଧିକାରୀ କେଶବ ମିଶ୍ର, ମତ୍ସ୍ୟ ଅଧିକାରୀ, ସିଡିଭିଓ, ସ୍ଥାନୀୟ ସରପଞ୍ଚ ସତ୍ୟବାନ ସାହୁ, ବିଧାୟକଙ୍କ ପ୍ରତିନିଧି କିଶୋର ସିଂନିନା, ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ଭୋଇ, ଚୁଡାପାଲି ସରପଞ୍ଚ ଘାସିରାମ ବେହେରା ମଞ୍ଚାସୀନ ଥିଲେ । କୃଷକ ସମ୍ପର୍କମେଳାରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ୩ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପଶୁ ପାଳନ ସଫଳତା ଲାଭ କରିଥିବା ଚାଷୀ ସତ୍ୟସୁନ୍ଦର ଭଞ୍ଜ, ମତ୍ସ୍ୟ ପାଳନରେ ରାମ ପ୍ରସାଦ ନାଏକ ଏବଂ କୃଷି କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଚାଷୀ ରଘୁମଣି ପ୍ରଧାନଙ୍କୁ କୃଷି ବିଭାଗ ପକ୍ଷରୁ ମୁଖ୍ୟଅତିଥି ବିଧାୟକ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ସମାବେଶରେ ବହୁ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ ।



ସଫଳ ଚାଷୀଙ୍କୁ ମୁଖ୍ୟଅତିଥି ନରସିଂହ ମିଶ୍ର ସମ୍ବର୍ଦ୍ଧିତ କରୁଛନ୍ତି ।

### ଆଜି ମୋ ବୁଥ ସବୁଠୁ ମଜଭୁତ କାର୍ଯ୍ୟକ୍ରମ

**ଲୋଇସିଂହା,୨୭।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅଧୀନ ଆଗଲପୁର ବ୍ଲକ ନଅଗାଁ(ଖ)ଠାରେ ଗୁରୁବାର ମୋ ବୁଥ ସବୁଠୁ ମଜଭୁତ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରଧାନମନ୍ତ୍ରୀ ୫ଜଣ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଗୁରୁବାର ସାରାଦେଶର ୧ହଜାର ସ୍ଥାନରେ ଏହି କାର୍ଯ୍ୟକ୍ରମ ରହିଥିବା ବେଳେ ବଲାଙ୍ଗୀର ଜିଲାର ଲୋଇସିଂହା ନିର୍ବାଚନ ମଣ୍ଡଳୀ ଓ ପାଟଣାଗଡ ନିର୍ବାଚନମଣ୍ଡଳୀରେ ଏହି କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଡା. ମୁକେଶ ମହାଲିଙ୍ଗ ବୁଧବାର ସନ୍ଧ୍ୟାରେ ଲୋଇସିଂହା ଧର୍ମଶାଳାଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ସୂଚନା ଦେଇଛନ୍ତି। ଏହି ଅବସରରେ ଡା. ମହାଲିଙ୍ଗ ଲୋଇସିଂହା ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରତ୍ୟେକ ବ୍ଲକରେ କିପରି ୨ହଜାର ଜନ ସଂଖ୍ୟା ବିଶିଷ୍ଟ ଗାଁକୁ ସ୍ମାର୍ଟ ଗାଁ କରାଯାଇ ପାରିବ ସେ ଉପରେ ମତ ରଖିଥିଲେ।

## ବିଜୁ କୃଷକ ଜନତା ଦଳ ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ

**କଣ୍ଟାବାଞ୍ଜି,୨୭।୨(ଡି.ଏନ.ଏ.)**

ସ୍ଥାନୀୟ ସାପ୍ତାହିକ ବଜାର ନିକଟରେ ବିଜୁ କୃଷକ ଜନତା ଦଳର ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂଦେଓଙ୍କ ଦ୍ୱାରା କାର୍ଯ୍ୟାଳୟ ଉଦଘାଟିତ ହେବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ଏମ୍‌ପି ସିଂଦେଓ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ ଦଳୀୟ କାର୍ଯ୍ୟରେ ବ୍ୟସ୍ତ ରହିବାରୁ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ପାରି ନ ଥିଲେ। ଏନେଇ ସନ୍ଧ୍ୟାରେ ଜିଲା କୃଷକ ଜନତା ଦଳ ସଭାପତି ଅଜୟ କୁମାର ଦାସ, ବରିଷ୍ଠ ନାଗରିକ ଇନ୍ଦ୍ରଜିତ ପାଠକ, ସତିଶ ଅଗ୍ରୱାଲ, ଶ୍ରୀରାମ ନିବାସ ଅଗ୍ରୱାଲ, ଧନଞ୍ଜୟ ଛତ୍ରିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଜୁ ଜନତା ଦଳର ମୁନା ମହାନ୍ତି, ଆନନ୍ଦ ଅଗ୍ରୱାଲ, ଚିତ୍ରଭାନୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟାଳୟ ଉଦ୍‌ଘାଟନ ହେବା ଦ୍ୱାରା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ସମେତ ପଡୋଶି ପାଟଣାଗଡ଼, ଟିଟିଲାଗଡ଼ ନିର୍ବାଚନ ମଣ୍ଡଳିର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଦଳୀୟ କର୍ମକର୍ତ୍ତା କହିଛନ୍ତି।



ଜିଲା କୃଷକ ବିଜୁ ଜନତାଦଳ କାର୍ଯ୍ୟାଳୟ ଉଦ୍‌ଘାଟନୀରେ ଉପସ୍ଥିତ ଅତିଥିବୃନ୍ଦ।

### ମାଧିଆପାଲିରେ କଂକ୍ରିଟ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

**ବଲାଙ୍ଗୀର ଅଫିସ,୨୭।୨**

ବଲାଙ୍ଗୀର ସହର ଉପକଣ୍ଠରେ ଥିବା ମାଧିଆପାଲି ଗାଁରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା କଂକ୍ରିଟକରଣ କରାଯିବ। ଗ୍ରାମବାସୀ ଏକଜୁଟ ହେଲେ କେବଳ ରାସ୍ତା ନୁହେଁ ପଞ୍ଚାୟତର ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହୋଇପାରିବ ବୋଲି ମିଶ୍ର କହିଥିଲେ। ସଭାରେ ସ୍ଥାନୀୟ ସରପଞ୍ଚ ଦିଲୀପ ବିଶ୍ୱାଳ, ଯୁବନେତା ଅଜୟ ବାଲିବକ୍ତବ୍ୟ ଦେଇଥିଲେ। ସଦର ବ୍ଲକ ଉପାଧ୍ୟକ୍ଷା ଯଶୋବନ୍ତୀ ବଘାର, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଦୋରା ଓ ମାଧିଆପାଲି ଗ୍ରାମର ଶତାଧିକ ଲୋକ ସଭାରେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଉଜ୍ଜ୍ୱଳ ତାଲିମ କାର୍ଯ୍ୟକ୍ରମ

**ବଙ୍ଗୋମୁଣ୍ଡା,୨୭।୨(ଡି.ଏନ୍.ଏ.)**

ବଙ୍ଗୋମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରଠାରେ ବ୍ଲକସ୍ତରୀୟ ଉଜ୍ଜ୍ୱଳ ତାଲିମ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଆଞ୍ଚଳିକ ସାଧନକର୍ମୀ ସଞ୍ଜୟ ପ୍ରଧାନୀ, ନରେନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ହେମସାଗର ଭୋଇ, ସମ୍ମାନିତ ଅତିଥି ଭାବେ ଏବିଇଓ ଜୟନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୪୯ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶ ଗ୍ରହଣ କରି ତାଲିମ ନେଇଥିଲେ। ତାଲିମ ଦାତା ଭାବେ ଭଗବାନ ନାଏକ, ଦୀପକ ବେହେରା, ହରିରାମ ସତନାମୀ, ସୁରେଶ କୁମାର ସୁନ୍ଦରା ପ୍ରମୁଖ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ୪ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର କିପରି ଗୁଣାତ୍ମକ ଶିକ୍ଷା ପାଇ ପାରିବେ ସେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତାଲିମ ଦିଆଯିବ।




ବ୍ଲକସ୍ତରୀୟ ଉଜ୍ଜ୍ୱଳ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ମନ୍ତ୍ରୀଙ୍କ ଟିଟିଲାଗଡ଼ ଗସ୍ତ

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ଟିଟିଲାଗଡ,୨୭।୨(ଡି.ଏନ.ଏ.)**

ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବୁଧବାର ଟିଟିଲାଗଡ଼ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପାତ୍ର ଟିଟିଲାଗଡ ପୌରାଞ୍ଚଳରେ ମିନି ଷ୍ଟାଡିୟମ ଏବଂ ଅଭିମନ୍ୟୁ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ କରିଥିବା ବେଳେ ଚାରଭଟାଠାରେ ବସ୍ତ୍ରଷ୍ଟାଣ୍ଡ ଓ ଦେବନ୍ଧ ପାର୍ଶ୍ୱରେ ଏକ ସୁଇମିଂ ପୁଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ଅପରାହ୍ନରେ ଖୋଲାନଠାରେ ଉଦେର ନଦୀ ଉପରେ ହେବାକୁ ଥିବା ସେତୁର ଶିଳାନ୍ୟାସ କରିଥିଲେ। ନାରେନ ପଞ୍ଚାୟତରେ ୧.୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭର ହେଡ ଟ୍ୟାଙ୍କ, ସିହିନୀ ପଞ୍ଚାୟତର ଏକ ପୋଲର ଉଦ୍‌ଘାଟନ କରିଥିବାବେଳେ ଶଗଡଘାଟ ପଞ୍ଚାୟତର ସରକାରୀ ଆଇଟିଆଇର ଶିଳାନ୍ୟାସ ଏବଂ ବାଦୁପଲା ପଞ୍ଚାୟତରେ ଏକ ଯାଦବ ଭବନକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ, ଏମ୍‌ପି କଲିକେଶ ନାରାୟଣ ସିଂଦେଓ, ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଉପାଧ୍ୟକ୍ଷା ଅଞ୍ଜନା ବର୍ମାଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ସହିତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ମୁଖ୍ୟଅତିଥି ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ମିନି ଷ୍ଟାଡିୟମର ଲୋକାର୍ପିତ କରୁଛନ୍ତି।

## ଖାଦ୍ୟ ସୁରକ୍ଷା ଆଇନ ସାମାଜିକ ସମୀକ୍ଷା ବୈଠକ

**ଟିକ୍ରାପଡ଼ା,୯।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ତାଲବାହାଲଠାରେ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସିନ୍ଧୁ ମାଝି ସଭାରେ ଅଧ୍ୟକ୍ଷତା କରିଥିଲେ। ପିଇଓ ରହିମ ପଧାନ ସଭା ସଂଯୋଜନା କରିଥିଲେ। ସ୍ୱେଡ ସଂଗଠନ ଦ୍ୱାରା କରାଯାଇଥିବା ସାମାଜିକ ସମୀକ୍ଷାର ଫଳାଫଳ ଉପରେ ଅଲୋଚନା କରାଯାଇଥିଲା। ସମନ୍ୱିତ ଶିଶୁ ବିକାଶ ସେବା, ମମତା ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥା ତଥା ଅନ୍ୟାନ୍ୟ ସରକାରୀ ଯୋଜନା ସମ୍ବନ୍ଧରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ଥାନୀୟ ଜନସାଧାରଣ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ସମସ୍ୟା ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଆଇସିଡିଏସ୍ ସୁପରଭାଇଜର ସୁମତି ବିଶି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଭୋଇ, ସିଆରସିସି ଦୋଳଗୋବିନ୍ଦ ନାୟକ, ଯୋଗାଣ ସହାୟକ ସଂକୀର୍ତ୍ତନ ବଗର୍ତ୍ତି, ମହିଳା ସ୍ୱାସ୍ଥ୍ୟକର୍ମୀ ମୁକ୍ତା ରାଉତ, ସ୍ଥାନୀୟ ସମିତି ସଭ୍ୟ ଯଶୋବନ୍ତି ମହାଳିକ, କୁମ୍ଭାରି ସରପଞ୍ଚ ମନୋଜ କଠାର, କରମତଲା ସମିତି ସଭ୍ୟ ସୁବାସଚନ୍ଦ୍ର ବୁଡେକ, ନାଏବ ସରପଞ୍ଚ ଗୋଲବଦନି ଛତ୍ରିଆ, ସାମାଜିକ କର୍ମୀ ଅଭିଷେକ ଶିକା, ସ୍ୱେଡ କର୍ମକର୍ତ୍ତା ରାଜକିଶୋର ମିଶ୍ର, ଫକିର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ।



ଖାଦ୍ୟ ସୁରକ୍ଷା ଆଇନ ସାମାଜିକ ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

### ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ଶିବିର

**ବେଲପଡ଼ା,୨୭।୨(ଡି.ଏନ.ଏ.)**

ବେଲପଡ଼ା ବ୍ଲକସ୍ଥିତ ଜଗନ୍ନାଥ ଦେବ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ପ୍ରିନ୍ସିପାଲ ଅମ୍ବରିଶ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପ୍ରଫେସର ବିନୟ କୁମାର ଜେନା, ସମ୍ମାନିତ ଅତିଥିଭାବେ ଜିଲା ସଂଯୋଜକ ଧନଞ୍ଜୟ ସେଠ, ଅଧ୍ୟାପକ ଅଶୋକ କୁମାର ପୁରୋହିତ ଯୋଗଦେଇ ଛାତ୍ରୀମାନଙ୍କ ଆତ୍ମସୁରକ୍ଷାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରି ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମ ପ୍ରୋଗ୍ରାମ ଅଫିସର ସଞ୍ଜୀବ କୁମାର ଅଗସ୍ତିଙ୍କ ତତ୍ତ୍ୱାବଧାନରେ ତାଲିମ ପ୍ରଶିକ୍ଷକ ଗୌରୀ ରାଉତ, ଡକପ୍ରିୟା ନାଗ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ।





ମହାଶିବରାତ୍ରି ମେଳା ଅବସରରେ ଯୋଗୀସର୍ଡା ଗ୍ରାମରେ ବାହାରିଥିବା କଳସ ଶୋଭାଯାତ୍ରା (ବାମ)। ବୁର୍ଡା ଗ୍ରାମରେ ରାମାୟଣ ପାରାୟଣ କରାଯାଉଛି।

# ମହାଶିବରାତ୍ରି ମେଳା ଆରମ୍ଭ

**ଲୋଇସିଂହା,୨୭।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ଯୋଗୀସର୍ଡା ଗ୍ରାମର ପ୍ରସିଦ୍ଧ ଶୈବପୀଠ ଯୋଗେଶ୍ୱର ଧାମ ଓ ବୁର୍ଡା ସ୍ୱପ୍ନେଶ୍ୱର ପୀଠରେ ମଙ୍ଗଳବାରଠାରୁ ମହାଶିବରାତ୍ରି ମେଳା ଆରମ୍ଭ ହୋଇଯାଇଛି। ମେଳା ଆସନ୍ତା ୫ତାରିଖରେ ଉଦ୍‌ଯାପିତ ହେବ। ମଙ୍ଗଳବାର ଯୋଗୀସର୍ଡା ଗ୍ରାମବାସୀ ଓ ମେଳା କମିଟି ଆନୁକୂଲ୍ୟରେ କଳସ ଶୋଭାଯାତ୍ରା ସହ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ହୋଇଥିଲା। ବୁଧବାର ଶିବ ପୁରାଣ ଓ ଭାଗବତ ସପ୍ତାହ ପାଠ ଆରମ୍ଭ ହୋଇଛି। ବ୍ୟାସ ମହେନ୍ଦ୍ର ମିଶ୍ର ଭାଗବତ ପାଠ କରୁଥିବା ବେଳେ ବ୍ୟାସ ସୁଯୋଗ ମିଶ୍ର ଶିବ ପୁରାଣ ପାଠ କରୁଛନ୍ତି। ଆସନ୍ତା ୩ ତାରିଖରେ ଯଜ୍ଞାଚାର୍ଯ୍ୟ ସଚ୍ଚିଦାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ୧୬ ପ୍ରହର ନାମଯଜ୍ଞ ଆରମ୍ଭ ହେବ। ୪ ତାରିଖରେ ଜାଗର ଯାତ୍ରା ଏବଂ ମହାଦୀପ ଦର୍ଶନ ରହିଛି। ମେଳାରେ ଦର୍ଶକ ତଥା ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ମାର୍ଚ୍ଚ ୨ରୁ ୪ ତାରିଖ ପର୍ଯ୍ୟନ୍ତ ତ୍ରିପୁରାସୁର ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ସେହିପରି ବୁର୍ଡା ବନ୍ଧଆଡିଠାରେ ଆୟୋଜିତ ଶିବରାତ୍ରି ମେଳା ପାଇଁ ମଙ୍ଗଳବାର କଳସ ଶୋଭାଯାତ୍ରା ସହ ବୁଧବାର ରାମାୟଣ ପାରାୟଣ ହେଉଛି। ବ୍ୟାସ ଶ୍ରୀୟାକାନ୍ତ ଦାସ ରାମାୟଣ ପରାୟାଣ କରୁଥିବା ବେଳେ ସତ୍ୟନାରାୟଣ ଥନାପତି ଏବଂ ତାଙ୍କ ସାଥୀ ଭଜନ ପରିବେଷଣ କରୁଛନ୍ତି। ବୁଧବାର ସନ୍ଧ୍ୟାରେ ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



“ ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା’ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ

### ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ ପ୍ରସ୍ତୁତି ଜୋର୍‌ଦାର

# ବିରୋଧୀ କହିଲେ ଭୁଆଁ ବୁଲାଇବାକୁ ଆସୁଛନ୍ତି

**ରାଉରକେଲା ଅଫିସ,୨୭।୨**



ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ଏୟାରଷ୍ଟ୍ରିପ୍ ପଡ଼ିଆରେ ପ୍ରସ୍ତୁତି।

ମାର୍ଚ୍ଚ ୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉରକେଲା ଆସୁଛନ୍ତି। ସେ ଏୟାର ଷ୍ଟ୍ରିପ୍ ନିକଟ ପଡ଼ିଆରେ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ଗସ୍ତର ରୂପରେଖ ଚୂଡ଼ାନ୍ତ ହୋଇ ନ ଥିଲେ ମଧ୍ୟ ବିଜେଡି ଶିବିର ଚଳଚଞ୍ଚଳ ହୋଇଉଠିଛି। ପୂର୍ବରୁ ଏହି ପଡ଼ିଆରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସଭା ତୁଳନାରେ ଯେମିତି ଅଧିକ ଜନସମାଗମ ହୁଏ ସେ ଦିଗରେ ବିଜେଡି ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ପଡ଼ିଆରେ ତୋରଣ ବନ୍ଧା କାମ ଆରମ୍ଭ ହୋଇଥିବାବେଳେ ସହରସାରା ହୋର୍ଡିଂ ବ୍ୟାନର ଛାଇ ଦେବାକୁ ଦଳ ଯୋଜନା କରିଛି। ଏଣେ ପ୍ରସ୍ତାବିତ ସଭାସ୍ଥଳ ବୁଲି ତଦାରଖ କରୁଛନ୍ତି ବରିଷ୍ଠ ପ୍ରଶାସନିକ ଅଧିକାରୀ। ଉପରକୁ କିଛି ଜଣାପଡୁ ନ ଥିବାବେଳେ ବିଜେଡି ପକ୍ଷରୁ ଏନେଇ ଭିତିରି ରଣକୌଶଳ ଆପଣା ଯାଇଛି। ସମଗ୍ର ସୁନ୍ଦରଗଡ଼ ଜିଲାରୁ ଏଥିରେ ବିଜେଡି କର୍ମୀ ସମର୍ଥକ ଯୋଗଦେବେ ବୋଲି ଜଣାଯାଇଛି। ତେବେ ରଘୁନାଥପାଲି, ରାଉରକେଲା ସମେତ ପଡ଼ୋଶୀ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରୁ କିପରି ସର୍ବାଧିକ ଦଳୀୟ କର୍ମୀ ଏଥିରେ ଯୋଗଦେବେ ସେ ନେଇ ସମସ୍ତ ପ୍ରସ୍ତୁତି କରାଯାଉଛି। ମାର୍ଚ୍ଚ ପ୍ରଥମ ସପ୍ତାହରେ ସାଧାରଣ ନିର୍ବାଚନ ପାଇଁ ବିଧିବଦ୍ଧ କାର୍ଯ୍ୟସୂଚୀ ଘୋଷଣା ହୋଇପାରେ। ଏପରି ସ୍ଥଳେ ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ ଟିକେଟ ଆଶାୟୀଙ୍କୁ ଉତ୍ସାହିତ କରିଛି। ମୁଖ୍ୟମନ୍ତ୍ରୀଙ୍କ ସଭାକୁ କିଏ ଅଧିକ ଲୋକ ଆଣିପାରିବ ସେ ନେଇ ଯୋଜନା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି ଆଶାୟୀ। କଳ ବଳ ଲଗାଇ ଏହି ସଭାକୁ ପ୍ରଭାବଶାଳୀ କରିବାକୁ ଦଳ ଉଦ୍ୟମ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ଉକ୍ତଦିନ ଅପରାହ୍ନ ୩ଟା ୪୫ରୁ ୪ଟା ଭିତରେ ଏୟାର ଷ୍ଟ୍ରିପ୍ ପଡ଼ିଆରେ ପହଞ୍ଚିବେ ବୋଲି ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ସୂଚନା ଦେଇଛନ୍ତି। ଦଳ ଏହି ସମାବେଶରୁ ଅଧା ନିର୍ବାଚନ ପ୍ରଚାର ଫାଇଦା ନେବାକୁ ଆଶା ବାନ୍ଧିଥିବାବେଳେ ଏ ନେଇ ପ୍ରାକ୍ ପ୍ରସ୍ତୁତି ଏକପ୍ରକାର ଶେଷ ହୋଇଛି। ଏଣେ ମୁଖ୍ୟମନ୍ତ୍ରୀଙ୍କ ବ୍ୟୟବହୁଳ ଗସ୍ତକୁ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରଭାତ ମହାପାତ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ପୂର୍ବରୁ ସହରବାସୀଙ୍କୁ ବହୁ ପ୍ରତିଶ୍ରୁତି ଦେଇ ଗୋଟିଏ ବି ପାଳନ କରିନାହାନ୍ତି। କେବଳ ନିର୍ବାଚନକୁ ଦୃଷ୍ଟିରେ ରଖି ଭୁଆଁ ବୁଲାଇବାକୁ ସେ ଆସୁଛନ୍ତି। ତାଙ୍କ ଗସ୍ତର କିଛି ନୂତନତା ନାହିଁ। ପୂର୍ବ ଅଟକଳ ଅନୁସାରେ ୨ଶହ କୋଟି ଟଙ୍କାର ନୂଆ ପୁରୁଣା ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ। ଯାହା ସହରବାସୀ ଜାଣନ୍ତି। ଆଜିପର୍ଯ୍ୟନ୍ତ ଆର୍‌ଜିଏଚ୍ ମେଡିକାଲ କଲେଜ ହୋଇପାରିଲା ନାହିଁ। ଯାହାର ଭିତ୍ତିପ୍ରସ୍ତର ୨୦୦୪ ନିର୍ବାଚନ ପୂର୍ବରୁ ପଡ଼ିଥିଲା। ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ ନେଇ ଏ ସରକାର କଣ୍ଟା ସାଜିଛି। ରେଳ ଡିଭିଜନ, ଏୟାରପୋର୍ଟ, ଇଏସ୍‌ଆଇ ହସ୍ପିଟାଲ, ମାର୍କେଟ କମ୍ପ୍ଲେକ୍ସ କିଛି ବି ହେଲାନି। ଏପରି ଅବସ୍ଥାରେ ମୁଖ୍ୟମନ୍ତ୍ରୀ ଗତ ନିର୍ବାଚନ ପରି ପୁଣି ଥରେ ଭୁଆଁ ବୁଲାଇବାକୁ ଆସୁଛନ୍ତି ବୋଲି ମହାପାତ୍ର ଏକ ବିବୃତିରେ ପ୍ରକାଶ କରିଛନ୍ତି।

## କୁଆ ପଥର ମାଡରେ ୫ ଆହତ, ଫସଲ ନଷ୍ଟ

**ସମ୍ବଲପୁର, ୨୭।୨ (ବ୍ୟୁରୋ):** ଯୁଯୁମୁରା ବ୍ଲକରେ ବୁଧବାର କୁଆପଥର ମାଡରେ ପନିପରିବା ଓ ଧାନ ନଷ୍ଟ ହୋଇଛି। ବସିଆପଡା ଗ୍ରାମର ୫ଜଣ ଆହତ ହୋଇଛନ୍ତି।


**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**
Balimela Hydro Electric Project, Post: Balimela, Dist: Malkangiri (Odisha), Pin: 764051, Phones: 06861-232581 (O)/ 232641 (R), Fax: 06861-232541, E-Mail: unit.head_balimela@yahoo.com

**REGD. OFFICE: ODISHA HYDRO POWER CORPORATION LIMITED**
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar Chouk, Janapath, Bhubaneswar-22
Tel: 91-0674-2542983, 2542802, 2545526, 2542826, Fax: 2542102, Gram: Hydropower, E-mail: ohpc.co@gmail.com/ md@ohpcltd.com, Web: www.ohpcltd.com, CIN: U40101OR1995SGC003963

No. BHEP: 13H/1166 Dated 25.02.2019

**1st CORRIGENDUM TO TENDER CALL NOTICE NO. 39/18-19, DTD. 07.02.2019 BHEP, BALIMELA**

No.CAD-1501:-
1) The last date and time of submission of the tender document is extended upto 12.30 PM of Dtd 07.03.2019.
2) The last date and time of opening of the above tender is at 12.30 PM of 07.03.2019.

All other terms and conditions of the above Tender remain unchanged.
Further details like corrigendum to the tender call notice etc can be available in www.ohpcltd.com.

Sd./- SENIOR GENERAL MANAGER (EL)
BALIMELA HYDRO ELECTRIC PROJECT, BALIMELA
04019/11/0117/1819



**DIRECTORATE OF MEDICAL EDUCATION & TRAINING,ODISHA**

**Notice Regarding Digital / Online Registration and Renewal of Registration by Odisha Nurses and Midwives Registration Council (ONMRC)**

No.937-E:- The Digital /Online Registration and Renewal of Registration of Nursing personel under ONMRC will start from Dt. 10.03.2019. The link will be available in website of DMET, Odisha, i.e. **www.dmetodisha.gov.in** under the name of **ONMRC**.

Henceforth no student will be allowed to visit the ONMRC physically for the above purpose. Prospective candidates are advised to log in to DMET, Odisha website apply on-line for needful.

Sd./- Joint DMET (O) (In situ) and Member Convener, ONMRC
10016/11/0057/1819




ଉଦିତନଗର ସିଭିଲ ଡିଫେନ୍ସ କାର୍ଯ୍ୟାଳୟରେ ଦିବ୍ୟାଙ୍ଗଙ୍କୁ ସହାୟତା ଉପକରଣ ବଣ୍ଟନ କରାଯାଉଛି।

## କୃତ୍ରିମ ଅଙ୍ଗ, ସହାୟତା ଉପକରଣ ବଣ୍ଟନ

**ରାଉରକେଲା ଅଫିସ,୨୭।୨**

ସୁନ୍ଦରଗଡ଼ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଆଞ୍ଚଳିକ ପୁନର୍ବାସ ଗବେଷଣା କେନ୍ଦ୍ର (ଆର୍‌ଆର୍‌ଆର୍‌ସି) ମିଳିତ ଆନୁକୂଲ୍ୟରେ ବୁଧବାର ଦିବ୍ୟାଙ୍ଗଙ୍କ ପାଇଁ କୃତ୍ରିମ ଅଙ୍ଗ ଓ ସହାୟକ ଉପକରଣ ବଣ୍ଟନ ଶିବିର ଉଦିତନଗରସ୍ଥିତ ସିଭିଲ ଡିଫେନ୍ସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ୟେଦୁଲା ବିଜୟ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ଦିବ୍ୟାଙ୍ଗଙ୍କ ମଧ୍ୟରୁ ଅନେକଙ୍କ ମଧ୍ୟରେ ପ୍ରତିଭା ଲୁଚି ରହିଛି। ଏମାନେ କେବେ ନିଜକୁ ହେୟ ମଣିବା ଉଚିତ ନୁହେଁ। ସହଯୋଗ ମିଳିଲେ ଏମାନେ ନିଜ ପାରଦର୍ଶିତାର ପ୍ରତିଫଳନ କରିପାରିବେ ବୋଲି ୟେଦୁଲା କହିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ବିଶି ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଲେ, ଦିବ୍ୟାଙ୍ଗଙ୍କ ପାଇଁ ରାଜ୍ୟ ସରକାର ଯାବତୀୟ ଯୋଜନା କରିଛନ୍ତି। ଏହାର ସୁଫଳ କିପରି ଠିକ୍ ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ଦିଗରେ ଉଦ୍ୟମ ଜାରି ରହିବା ଆବଶ୍ୟକ। ଆର୍‌ଆର୍‌ଆର୍‌ସିର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରି ସଂସ୍ଥା ପକ୍ଷରୁ ବିଭିନ୍ନ ସମୟରେ ଶିବିର ଆୟୋଜନ କରାଯାଇ କିଭଳି ଭିନ୍ନକ୍ଷମଙ୍କୁ ସହାୟତା ଦିଆଯାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ୧୧୭ ଜଣଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବଣ୍ଟନ କରାଯାଇଥିଲା। ୨୭ଟି କୃତ୍ରିମ ଗୋଡ଼, ୮ଟି କୃତ୍ରିମ ହାତ, ୧୮ ସ୍ୱତନ୍ତ୍ର ଚୌକି, ୧୫ କାଲିପର ପ୍ରଦାନ କରାଯାଇଥିଲା। ଯଦୁ ମୁର୍ମୁ, ପ୍ରକାଶ ପଣ୍ଡା, ସସ୍ମିତା ଧଳସାମନ୍ତ, ବିଶିକେଶନ ନାୟକ, ଗୌତମ ମହାନ୍ତି, ଶାନ୍ତନୁ ପଲାଇ, ଦମୟନ୍ତୀ ରାଉତ, ମାରିଆସ ଟପୋ, ଅଜୟ ରଣା, ଶଙ୍କର ନାୟକ, ମୁକେଶ ବାରିକ, ଜୟନ୍ତ ସ୍ୱାଇଁ, ଅମିନା ଟିଗା, ନିରୁମପା ପରିଡ଼ା ଓ ଟିକେଶ୍ୱର ଛତ୍ରିଆ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ସେଲ୍ ନିର୍ଦ୍ଦେଶକଙ୍କ ଆର୍‌ଏସ୍‌ପି ପରିଦର୍ଶନ

**ରାଉରକେଲା ଅଫିସ,୨୭।୨**



ସେଲ୍ ନିର୍ଦ୍ଦେଶକ ଗଣେଶ ବିଶ୍ୱକର୍ମା ଆର୍‌ଏସ୍‌ପି ପରିଦର୍ଶନ କରୁଛନ୍ତି।

ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍ (ସେଲ୍) ନିର୍ଦ୍ଦେଶକ (ପ୍ରକଳ୍ପ ବିଜନେସ ପ୍ଲାନିଂ) ଡ. ଗଣେଶ ବିଶ୍ୱକର୍ମା ମଙ୍ଗଳବାର ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପରିଦର୍ଶନ କରିଛନ୍ତି। କାରଖାନା ସିଇଓ ଅଶ୍ୱିନୀ କୁମାର, ପ୍ରକଳ୍ପ ବିଭାଗ ଇଡି ରାଜୀବ ଅଗ୍ରୱାଲ, ଓଏସ୍‌ଡି ଦୀପକ ଚଟରାଜ, କାର୍ମିକ ଓ ପ୍ରଶାସନ ବିଭାଗ ଇଡି ରାଜବୀର ସିଂ, କାର୍ଯ୍ୟ ବିଭାଗ ଇଡି ଗୌତମ ବାନାର୍ଜୀ ଏବଂ ପ୍ରକଳ୍ପ ବିଭାଗ ଇଡି ଦିଲୀପ ମହାପାତ୍ର ପ୍ରମୁଖ ବିଶ୍ୱକର୍ମାଙ୍କୁ ରାଉରକେଲା ହାଉସ୍‌ଠାରେ ଉପସ୍ଥିତ ରହି ସ୍ୱାଗତ କରିଥିଲେ।

ପରେ ଡ. ବିଶ୍ୱକର୍ମା ଆର୍‌ଏସ୍‌ପି ଅଧୀନ ହଟ୍ ଷ୍ଟ୍ରିପ ମିଲ ପ୍ରକଳ୍ପ ଅଞ୍ଚଳର ଆର୍‌ଓଟି ପମ୍ପ ହାଉସ, ରି ହିଟିଂ ଫର୍ନେସ, ରଫିଙ୍ଗ ଷ୍ଟାଣ୍ଡ, ଫିନିଶିଂ ମିଲ ଷ୍ଟାଣ୍ଡ, ଡାଉନ ବଏଲର ଏବଂ ୱାଟର ଟ୍ରିଟମେଣ୍ଟ ପ୍ରକଳ୍ପ ଆଦି ସ୍ଥାନ ବୁଲି ଦେଖିଥିଲେ। ଉପସ୍ଥିତ କାରଖାନା ଅଧିକାରୀଙ୍କ ସହ ବିଶ୍ୱକର୍ମା ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ପରେ ସିଇଓଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ରାଉରକେଲା ହାଉସଠାରେ ବିଶ୍ୱକର୍ମାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲେ। ଏଥିରେ ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## କଫସିରପ କାରବାରରେ ମହିଳା ଗିରଫ

**ସମ୍ବଲପୁର,୨୭।୨ (ବ୍ୟୁରୋ)**

ସମ୍ବଲପୁର ଟାଉନ ଥାନା ପୋଲିସ କଫସିରପ କାରବାରରେ ସାହୁ କଲୋନୀର ସୁଭଦ୍ରା ବେହେରାଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୯ ବୋତଲ କଫ ସିରପ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୮୦/୧୯) ରୁଜୁ ହୋଇଛି।

## ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀ ପାଇଲେନି ମାଗଣା ଖାଦ୍ୟ

**ଲହୁଣୀପଡା, ୨୭।୨ (ଡି.ଏନ.ଏ)**

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦିଆଯାଉଛି। କିନ୍ତୁ ସେହି ମାଗଣା ଖାଦ୍ୟ ରୋଗୀମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ଯାହାକି ରୋଗ ଯନ୍ତ୍ରଣାଠାରୁ ବଳି ପଡୁଛି ଭୋକରେ ଯନ୍ତ୍ରଣା। ସରକାର ରୋଗୀମାନଙ୍କୁ ମାଗଣା ଖାଦ୍ୟ ଯୋଗାଇଦେବା ପାଇଁ ଅର୍ଥ ପ୍ରଦାନ କରିଥାନ୍ତି। କିନ୍ତୁ ଅର୍ଥ ଅଭାବରୁ ବୁଧବାର ରୋଗୀମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇ ନାହିଁ। ଫଳରେ ଏହି ଘଟଣା ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଆଙ୍ଗୁଳି ନିର୍ଦ୍ଦେଶ କରିଛି। ଲହୁଣୀପଡା ଅଞ୍ଚଳଟି ଆଦିବାସୀ ଅଧୁଷିତ ଅଞ୍ଚଳ ଭାବେ ପରିଚିତ। ବହୁ ଆଦିବାସୀ ଗରିବ ଲୋକ ଏହି ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଅନେକ ସମୟରେ ଦୁର୍ଘଟଣାଜନିତ ରୋଗୀମାନେ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଆସିଥାନ୍ତି। ଏଠାରେ କିନ୍ତୁ ଗରିବ ଆଦିବାସୀ ଲୋକ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଭର୍ତ୍ତି ହୋଇଥାନ୍ତି। ଅନେକ ଦିନ ହେବ ଲହୁଣୀପଡା ଡାକ୍ତରଖାନାରେ ରୋଗୀମାନଙ୍କୁ ମନ୍ମଥ ମାହାନ୍ତ ଖାଦ୍ୟ ଯୋଗାଇ ଆସୁଛନ୍ତି। କିନ୍ତୁ ସେ ଗତ ଅକ୍ଟୋବରରୁ ପେମେଣ୍ଟ ନପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**CLASSIFIED DISPLAY**
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH™
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ୱା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଧନଲକ୍ଷ୍ମୀ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ୱା କଲ୍ କିମ୍ୱା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ। ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା। ମହିଳାଙ୍କ ପାଇଁ ବିଶେଷ ରିହାତି।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

**ପାଠକଙ୍କ ପାଇଁ ସୂଚନା** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**TENDER NOTICE FOR COLLECTION OF CASHEW NUTS AND APPLES OF STATE GOSADAN BABANDHA FOR THE YEAR 2018-19** No.97-M

Sealed tenders in plain paper are invited from the intending persons/ institutions for collecting Cashew nuts and Apples from the cashew plantation field at Go-sadan, Babandha in Dhenkanal District for the year 2018-19. The last date for receipt of sealed tender is 12.03.2019 up to 05.00 PM & the same will be opened on 13.03.2019 at 03.00PM in presence of the tender committee and the tenders or their authorized representative . The tender papers should be submitted through Courier Service or by Registered post. An amount equal to 20% of the quoted value should be deposited along with the tender papers in shape of Bank draft in favour of the undersigned payable at SBI, Dhenkanal towards earnest money. The tenderers are required to furnish Sale-Tax, Income Tax Clearance certificate from the competent authority. The sealed cover containing the quotation with other document should be mentioned in capital letter “TENDER FOR COLLECTION OF CASHEW NUTS AND APPLES 2018-19” should be addressed to the CDVO, Dhenkanal.

On acceptance of highest Tender, the tenders/ institutions earnest money deposited will be converted towards security deposit of the quoted value and 50% of the tender value should be deposited on the same day by the tenderer and the balance 50% amount including all taxes as admissible should be deposited within seven days after which the approval order will be issued failing which the cashew field will not be handed over and have no right to collect nuts and apples from the field and the earnest money so deposited will be for feited. The department will not be held responsible for any natural calamity what so ever. The authority reserves the right to cancel the tender without assigning any reason thereof.

**CASHEW FIELD, STATE GO-SADAN BABANDHA.**
**Location- 8 Kms from NH -42, Odapada (Hindol road).**
**Ara -55 Acs of old & 35 Acs of new cashew field.**

Sd./- (Dr Bikas Das) Chief District Veterinary Officer, Dhenkanal
06033/11/0002/1819



1335-B
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR**
Fax & Ph. No. 0663-2412303

**e - Procurement**

**BID IDENTIFICATION No SENC(R&B) /17/ 2018-19**

No. 278 Dtd. 25.02.2019

1. The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Road works as detailed in the DTCN from the eligible class of contractors.
2. No of Road works : 17 (Seventeen).
3. Tender Cost : Rs. 10,000/-
4. Class of contractor : “Special” Class, “A” Class and “B” Class
5. Date & Time of available in website & receipt of Bids from 12.03.2019 to 17.00 hours of 27.03.2019.
6. Date of opening of Technical Bid 30.03.2019 at 11.00 hours.
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

*Sd./- (S.K.Sahoo), Superintending Engineer Northern (R&B) Circle, Sambalpur*
34035/11/0024/1819



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com
Tel. -(0674)- 2391523, Fax:- (0674)-2395245

**INVITATIONS FOR BIDS (IFB)**
File No-B-III- SC & ST-01/2019 10682 / Bhubaneswar, the 26th Feb. 2019

**Invitation for Bids** 1336-B

**Bid Identification No. CE (B) – 55 / 2018-19**

| | | | |
|---|---|---|---|
| 1. | The Chief Engineer (Buildings), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Building work (Composite work) |
| 3. | No. of work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | ‘A’ Class & Special Class |
| 6. | Availability of Bid Documents in the website | : | From dt..02.03.2019 to 17:00 hours of dt.19.03.2019. |
| 7. | Date of Opening of Bid | : | Dt.20.03.2019 at 11:30 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website. | | |

*Sd./- Chief Engineer (Buildings), Odisha, Bhubaneswar*
34117/11/0224/1819



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।

- ରାମକୃଷ୍ଣ ପରମହଂସ

# ଶୌଚାଳୟ ଲାଗି ଛାତ୍ରୀଙ୍କ ଜୀବନ ଗଲା

**ନୂଆଗାଁ, ୨୭।୨ (ଡି.ଏନ.ଏ.)**

ବିଦ୍ୟାଳୟରେ ଶୌଚାଳୟ ନ ଥିବାରୁ ଶୌଚପାଇଁ ନାଳକୁ ଯାଇ ମଙ୍ଗଳବାର ମଧ୍ୟାହ୍ନରେ ଜଣେ ଛାତ୍ରୀ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଶୌଚାଳୟ ଲାଗି ଛାତ୍ରୀଙ୍କ ଜୀବନଗଲା ବୋଲି କୁହାଯାଉଛି। ମଧ୍ୟାହ୍ନଭୋଜନ ଖାଇ ନୂଆଗାଁ ବ୍ଲକର ବାରିଲେପ୍ଟା ମିଶନ ପ୍ରାଥମିକ ବିଦ୍ୟାଳୟର ୩ଛାତ୍ରୀ ଶୌଚ ପାଇଁ ସ୍କୁଲଠାରୁ ପ୍ରାୟ ଅଧା କିଲୋମିଟର ଏକ ନାଳ ପାଖକୁ ଯାଇଥିଲେ। ହେଲେ ଶୌଚପାଇଁ ଯାଇଥିବା ୩ଜଣଙ୍କ ମଧ୍ୟରୁ ସ୍ନେହା ତିର୍କୀ (୬) ନାମକ ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀଙ୍କ ଗୋଡ ଖସିଯିବାରୁ ସେ ଗଭୀର ନାଳରେ ପଡି ଯାଇଥିଲେ। ଏହା ଦେଖି ଅନ୍ୟ ୨ଜଣ ଛାତ୍ରୀ ସ୍କୁଲକୁ ଦୌଡିଯାଇ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ କହିଥିଲେ। ସେମାନେ ଦୌଡିଯାଇ ଛାତ୍ରୀକୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ୨୫ କି.ମି ଦୂର ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହିଁ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଉକ୍ତ ସ୍କୁଲକୁ ନେଇ ଉଠିଛି ଅନେକ ପ୍ରଶ୍ନ । ଉକ୍ତ ସ୍କୁଲ ନୂଆଗାଁ ବ୍ଲକ ବାରିଲେପ୍ଟା ପଞ୍ଚାୟତ ଅନ୍ତର୍ଗତ ଗୁଡାଗୁଡାଠାରେ ଅବସ୍ଥିତ ଯାହାକୁ ବାରିଲେପ୍ଟା ମିଶନ ପ୍ରାଥମିକ ସ୍କୁଲ ବୋଲି କୁହାଯାଏ। ଏହି ସ୍କୁଲର ପରିଚାଳନା ଦାୟୀତ୍ୱ ମିଶନ ପରିଚାଳନା କମିଟି ଉପରେ ରହିଛି। ଯାହାର ୟୁନିଟ ସେକ୍ରେଟାରୀ ଅଛନ୍ତି ବାରିଲେପ୍ଟା ଚର୍ଚ୍ଚର ଫାଦର ଅନୀଲ ଟେଟେ। ହେଲେ ସ୍କୁଲ ହେଉଛି ସରକାରୀ ଅନୁଦାନ ପ୍ରାପ୍ତ । ଉକ୍ତ ସ୍କୁଲକୁ ସରକାର ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି କେତେକ ଶିକ୍ଷକଙ୍କୁ ଦରମା ମଧ ଦେଉଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ଆଜକୁ ୭୦ ବର୍ଷ ହେବ ଉକ୍ତ ସ୍କୁଲରେ ଶୌଚାଳୟ ନାହିଁ। ସର୍ବଶିକ୍ଷା ଅଭିଯାନ ମାଧମରେ ସାରା ରାଜ୍ୟରେ ପ୍ରତ୍ୟେକ ସ୍କୁଲରେ ଶୌଚାଳୟ ନିର୍ମାଣ ହୋଇଥିବା ବେଳେ ଉକ୍ତ ସ୍କୁଲରେ କାହିଁକି ନିର୍ମାଣ ହୋଇନାହିଁ ତାହା ଏବେ ମୁଖ୍ୟ ପ୍ରସଙ୍ଗ । ଯଦି ସରକାରଙ୍କ ଉକ୍ତ ମିଶନ ସ୍କୁଲ ଗୁଡିକରେ ଶୌଚାଳୟ ନିର୍ମାଣ ପାଇଁ ଅର୍ଥ ବା ନିୟମ ନାହିଁ, ତେବେ ସ୍କୁଲ କମିଟି ଆଜି ପର୍ଯ୍ୟନ୍ତ କାହିଁକି ଶୌଚାଳୟ ନିର୍ମାଣ କରିନାହାନ୍ତି। ଆଜି ସ୍କୁଲ ପରିସରରେ ଶୌଚାଳୟ ଥିଲେ ହୁଏତ ସେହି ୬ବର୍ଷର ଛାତ୍ରୀ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥାଆନ୍ତା ବୋଲି କୁହାଯାଉଛି।

ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁନୀତା ଲାକ୍ରାଙ୍କ କହିବାନୁଯାୟୀ ଘଟଣା ଦିନ ସେ ସ୍କୁଲରେ ନ ଥିଲେ। ସେ ସ୍କୁଲ କାମରେ ଅନ୍ୟତ୍ର ଯାଇଥିବା ବେଳେ ସ୍କୁଲର ଅନ୍ୟଜଣେ ଶିକ୍ଷକଙ୍କୁ ଦାୟୀତ୍ୱ ଦେଇଥିଲେ। ତେବେ ସ୍କୁଲର କେତେଜଣ ଛାତ୍ରୀଛାତ୍ର ତଥା ଶିକ୍ଷକମାନଙ୍କ କହିବା କଥା, ମଧ୍ୟାହ୍ନ ଭୋଜାନ ଖାଇ ସାରିଲା ପରେ ସେମାନେ ଶୌଚ ପାଇଁ ଯାଇଥିଲେ। ତେଣୁ ଏହି ଘଟଣା ଘଟିଲା। ତେବେ ଏଥିରେ ଶିକ୍ଷକମାନଙ୍କ ଭୂଲଥିଲା ନ ଥିଲା ତାହା ପରବର୍ତ୍ତି ଘଟଣା। କିନ୍ତୁ ଶୌଚପାଇଁ ଛାତ୍ରୀ ଜଣଙ୍କ ଜୀବନ ଗଲା ବୋଲି କୁହନ୍ତି ଛାତ୍ରୀଙ୍କ ବାପା ଅର୍ଜୁନ ତିର୍କୀ। ଶୌଚାଳୟ କାହିଁକି ନିର୍ମାଣ ଏପର୍ଯ୍ୟନ୍ତ ହୋଇନାହିଁ ବୋଲି ସ୍କୁଲ ପରିଚାଳନା କମିଟିର ୟୁନିଟ ସେକ୍ରେଟେରୀ ଫାଦର ଅନୀଲ ଟେଟେଙ୍କୁ ପଚାରିବାରେ ସେ ଏନେଇ କୌଣସି ଉତ୍ତର ଦେଇ ନ ଥିଲେ। ଏଠାରେ ପ୍ରଶ୍ନ ଉଠେ ଉକ୍ତ ସ୍କୁଲର ଶୌଚାଳୟ ନିର୍ମାଣ ଦାୟୀତ୍ୱ କାହାରଥିଲା । ମିଶନ ପରିଚାଳନା କମିଟିର ନା ସରକାରଙ୍କର। ଏହା ଉପରେ ନିଶ୍ଚିତ ତଦନ୍ତ ଜରୁରୀ ବୋଲି କୁହନ୍ତି ନୂଆଗାଁ ବ୍ଲକ ଭାଜପା ସଭାପତି ଜଗତପାଲ ଅହୀର ଓ ଯୁବନେତା ବସନ୍ତ କୁମାର ସାହୁ । ଖବରପାଇ ନୂଆଗାଁ ବ୍ଲକର ଶିକ୍ଷା ବିଭାଗର ଅଧିକାରୀ, ବାରିଲେପ୍ଟା ସରପଞ୍ଚ ସେରାଫିନୁସ ତିର୍କି, ସୋରଡା ପୂର୍ବତନ ସରପଞ୍ଚ ସିମନ ମୁଣ୍ଡା ପ୍ରମୁଖ ଘଟଣାସ୍ଥଳକୁ ଯାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ବୁଝାସୁଝା କରିଥିଲେ। ଏନେଇ ବିଶ୍ରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ବିଶ୍ରା ଥାନା ଅଧିକାରୀ ବିକାଶରଞ୍ଜନ ସ୍ୱାଇଁ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଘଟଣାର ତଦନ୍ତ କରୁଛନ୍ତି।

ରିପୋର୍ଟ : **ପ୍ରଦୀପ ତ୍ରିପାଠୀ**



ବାରିଲେପ୍ଟା ମିଶନ ପ୍ରାଥମିକ ବିଦ୍ୟାଳୟ।



ମୃତ ଛାତ୍ରୀ ସ୍ନେହା ତିର୍କୀ।

**ବାରିଲେପ୍ଟା ମିଶନ ପ୍ରାଥମିକ ବିଦ୍ୟାଳୟ ଘଟଣା**

- ୭୦ ବର୍ଷର ପୁରୁଣା ସ୍କୁଲରେ ଶୌଚାଳୟ ନାହିଁ
- ଶୌଚ ପାଇଁ ନାଳକୁ ଯାଇ ପାଣିରେ ବୁଡ଼ିଗଲେ



ଉଦ୍ଧାର କରିଥିବା ଛାତ୍ରମାନେ।

### ୪ ଛାତ୍ରଙ୍କ ଚେଷ୍ଟା ସତ୍ତ୍ୱେ ମୃତ୍ୟୁବରଣ କଲେ ସ୍ନେହା

ସ୍ନେହା ତିର୍କୀ ପାଣିରେ ବୁଡି ଯାଇଥିବା ଦେଖି ଅନ୍ୟ ୨ଜଣ ଛାତ୍ରୀ ସ୍କୁଲକୁ ଦୌଡି ଯାଇ ସ୍କୁଲର ଛାତ୍ରୀଛାତ୍ର ତଥା ଶିକ୍ଷକମାନଙ୍କୁ ଡାକିଥିଲେ । ଏହାଶୁଣି ସମସ୍ତେ ଦୌଡିଯାଇଥିଲେ ଘଟଣା ସ୍ଥଳକୁ। ସେଠାକୁ ଯାଇ ପାଣିକୁ ଡେଇଁ ପଡିଥିଲେ ଉକ୍ତ ସ୍କୁଲର ୪ଜଣ ପଞ୍ଚମ ଶ୍ରେଣୀର ଛାତ୍ର ଜୟେସ ଲୁଗୁନ, ପ୍ରମୋଦ ସୁରିନ, ସିମନ ମୁଣ୍ଡା ଓ ରତିକ ଜାତେ। ଏମାନେ ପହଁରା ଜାଣିଥିବାରୁ ପାଣିକୁ ଡେଇଁ ସ୍ନେହାକୁ ପାଣିରୁ ଟାଣି ଆଣିଥିଲେ। ହେଲେ ସେତେବେଳକୁ ବିଳମ୍ବ ହୋଇଯାଇଥିଲା । ସ୍ନେହାଙ୍କ ପ୍ରାଣବାୟୁ ଉଡି ଯାଇଥିଲା । ଯାହାକୁ ନେଇ ଛାତ୍ରମାନେ ଦୁଃଖ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ଆଦିବାସୀ ନାଚଗୀତ ପ୍ରତିଯୋଗିତା

**ବାଲିଶଙ୍କରା, ୨୭।୨ (ଡି.ଏନ.ଏ)-** ବାଲିଶଙ୍କରା ବ୍ଲକ କୁରେଇ ଗ୍ରାମ ପଞ୍ଚାୟତ କୁରେଇ ଗ୍ରାମ ହକି ଖେଳ ପଡିଆରେ ଏକ ଦିବସୀୟ ଆଦିବାସୀ ନାଚଗୀତ ପ୍ରତିଯୋଗିତା କୁରେଇ ଝାନସୀ ଜ୍ୟୋତି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝୀ ଯୋଗଦେଇ ଆଦିବାସୀ ନୃତ୍ୟରେ ନୃତ୍ୟକରି ସମସ୍ତ ଆଦିବାସୀଙ୍କ ମନମୋହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ତ୍ରିବେଣୀ ମାଝୀ, କୁରେଇ ସରପଞ୍ଚ ଦୈମନ୍ତି ପ୍ରଧାନ, ଅବସରଶିକ୍ଷକ ନିଳାମ୍ବର ସିଂ, ବିଷ୍ଣୁ ଦାସ (ବଙ୍ଗାଳି), ଦଉନିକ ଲାକଡା ପ୍ରମୁଖ ଯୋଗଦେଇ ଏହି ଆଦିବାସୀ ସାଂସ୍କୃତିକ କଳା ପରିଷଦକୁ ବଞ୍ଚାଇ ରଖିବାକୁ ଆହ୍ୱାନ କରିଥିଲେ। ସାଂସ୍କୃତିକ କଳାପରିଷଦର ସଞ୍ଜିବ କେର୍କେଟା ଓ ସୁଜିତ କେର୍କେଟାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ମୋଟ ୪୪ଟି ଦଳ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧରେ ବୀରଦାନୀ ସରେଙ୍ଗ, ଆଲଦିନା କିରୋ, ଆଇପନିଆ ଡୁଙ୍ଗଡୁଙ୍ଗ, ମେରିଗୁଳାପ ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀ ନୃତ୍ୟରେ କୁରେଇ ଗ୍ରାମ ପ୍ରକମ୍ପିତ ଉଠିଥିଲା ।



ବିଜୁ ଯୁବ ବାହିନୀ କର୍ମକର୍ତ୍ତା ଶବ ସତ୍କାର ପାଇଁ ନେଉଛନ୍ତି।

## ବିଜୁ ଯୁବ ବାହିନୀ କର୍ମକର୍ତ୍ତା କଲେ ଶବ ସତ୍କାର

**ବଡ଼ଗାଁ, ୨୭।୨ (ଡି.ଏନ.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମର ଏକ ଅସହାୟ ପରିବାରର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏହି ମୃତକଙ୍କ ପରିବାରକୁ ସହଯୋଗ କରିବାକୁ ଆଗେଇ ଆସି ସ୍ଥାନୀୟ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ମାନବିକତାର ନିଦର୍ଶନ ସୃଷ୍ଟି କରିଛନ୍ତି। ସୂଚନାନୁଯାଇ, ଗୋଟିଏ ପୁଅ ଓ ଦୁଇ ଝିଅ ଥିବା ଗଜାଧର ମାଝି (୬୨)ଙ୍କ ମଙ୍ଗଳବାର ରାତି ସାଢ଼େ ୧୦ଟାରେ ମୃତ୍ୟୁ ହୋଇଥିଲା। ପୁଅ ରୋଜଗାର ପାଇଁ ଗୁଜରାଟ ଯାଇଥିଲା ବେଳେ ଗୋଟିଏ ଝିଅ ବିବାହ କରିଛନ୍ତି। ଘରେ କେବଳ ଗୋଟିଏ ଝିଅ ଓ ସ୍ତ୍ରୀ। ପୁଅ ଗୁଜରାଟରୁ ଆସି ନ ପାରିବାରୁ ଚିନ୍ତିତ ମୃତକ ପରିବାରରେ ଭାଲେଣି ପଡିଥିଲା । ଏହାଦେଖି ସ୍ଥାନୀୟ ବିଜୁ ଯୁବ ବାହିନୀର କର୍ମକର୍ତ୍ତା ଭବାନୀ ସା, ଦିଲୀପ ସା, ଟଙ୍କଧର କାଲୋ, କେଦାର ପ୍ରଧାନ, କୁମୁଦ ନାଏକ, ଧନେଶ୍ୱର ମାଝି, ଯୋଗିନ୍ଦ୍ର ସା ଓ ଜିଲା ଯୁବ ବିଜେଡି ଉପସଭାପତି କିଶୋର ସାହୁ ଚାରିକାନ୍ଧ ଦେଇ ଶବ ସତ୍କାର କରିଛନ୍ତି।

## ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ

**ରାଉରକେଲା ଅଫିସ,୨୭।୨**

ଷ୍ଟିଲ ସିଟିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ବୁଧବାର ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସେକ୍ଟର-୨ ସେହେନାଇ ମଣ୍ଡପରେ ଆୟୋଜିତ ଏହି ବୈଠକରେ ପରିଷଦ ସାଧାରଣ ସମ୍ପାଦକ ଶଙ୍କର ଜେନା ଅଧକ୍ଷତା କରିଥିଲେ। ଆସନ୍ତା ଏପ୍ରିଲ ୧ ଉତ୍କଳ ଦିବସ ନେଇ ଜେନା ସବିଶେଷ ସୂଚନା ପ୍ରଦାନ କରିଥିଲେ। ଏହିଦିନ ଏକ ପ୍ରଜ୍ଞାପନ ମେଢ଼ ସହର ପରିକ୍ରମା କରିବା ସହ ବିଭିନ୍ନ ସ୍ଥାନରେ ରହିଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସନ୍ଧ୍ୟାରେ ଭଞ୍ଜଭବନରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ଓଡ଼ିଆ ଭାଷା ସଂସ୍କୃତି ପ୍ରତି ପ୍ରତିବଦ୍ଧତା ଥିବା ପ୍ରତିଭା ଓ ସଙ୍ଗଠନକୁ ସମ୍ବର୍ଦ୍ଧନା ଓ ପ୍ରଶଂସାପତ୍ର ପ୍ରଦାନ କରାଯିବ। ଉତ୍କଳ ଶ୍ରୀ ଓ ଶ୍ରୀମତୀ ସମ୍ମାନ ମଧ ପ୍ରଦାନ କରାଯିବ ବୋଲି ଜେନା ସୂଚନା ଦେଇଥିଲେ। ଏଥିସହ ସଙ୍ଗୀତଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସହର ଓ ସହର ବାହାରୁ ବହୁ ପ୍ରତିଭାବାନ କଣ୍ଠଶିଳ୍ପୀ ଯୋଗଦେବେ। ଏମାନଙ୍କ ସହ ଓଲିଉଡ୍‌ର କେତେଜଣ ତାରକା ମଧ ଯୋଗଦେବେ। ବିଶେଷ ଆକର୍ଷଣ ଭାବେ ଓଡ଼ିଶାର ବିଭିନ୍ନ ଜିଲାର ବେଶଭୂଷା, ସଂସ୍କୃତି ଓ ପରମ୍ପରା ମହିଳାଙ୍କ ଦ୍ୱାରା ପ୍ରଦର୍ଶିତ ହେବ। ଦିନତମାମ ସଂଗଠନ ପକ୍ଷରୁ ଆୟୋଜିନ ହେବାକୁ ଥିବା କାର୍ଯ୍ୟକ୍ରମରେ ବହୁ ଲୋକ ଭାଗନେବେ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧରେ ସୁନୀଲ କାୟଲ, ଆଦିତ୍ୟ ବାରିକ, ପ୍ରଦୀପ ମହାପାତ୍ର, ରଞ୍ଜନ ବାରିକ, ପ୍ରୀତିଜା ମହାନ୍ତି, ଗଣେଶ ରାଉତ, ପ୍ରଣତି ଜେନା, ଗୋପୀନାଥ ପଟ୍ଟନାୟକ, ସିଲି ମହାନ୍ତି, ସୁଶାନ୍ତ ମହାନ୍ତି, ଶାନ୍ତିଲତା ବାରିକ ଓ ରଶ୍ମିତ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଉତ୍କଳ ଦିବସ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।



ସୁନ୍ଦରଗଡ଼ରେ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ କରାଯାଉଛି।

## ବିପଦସଙ୍କୁଳ ଅବସ୍ଥାରେ ଚାଲିଛି ଯାତ୍ରୀ ପରିବହନ

**ସୁନ୍ଦରଗଡ଼, ୨୭।୨ (ଡି.ଏନ୍.ଏ)**

ସୁନ୍ଦରଗଡ଼ ତଥା ଆଖପାଖ ଗ୍ରାମାଞ୍ଚଳଗୁଡିକୁ ଚଳାଚଳ କରୁଥିବା ବିଭିନ୍ନ ଯାତ୍ରୀବାହୀ ଯାନବାହନଗୁଡିକରେ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ କରାଯାଉଛି। ଏ ଦିଗରେ ପରିବହନ ତଥା ପୋଲିସ ବିଭାଗର ଉଦାସୀନତା ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଯାତ୍ରୀବାହୀ ବସଠାରୁ ଆରମ୍ଭ କରି ଟାଟା ମ୍ୟାଜିକ, ଅଟୋ, କମାଣ୍ଡର ଓ ସବାରି ଗାଡି ଗୁଡିକରେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟାରେ ଯାତ୍ରୀ ପରିବହନ କରାଯାଉଛି। କେଉଁଠି ଯାତ୍ରୀମାନେ ପଛରେ ଓହଳି ଯାଉଛନ୍ତି ତ ଆଉ କେଉଁଠି ଗାଡି ଉପରେ ବସି ଯାତ୍ରା କରୁଥିବା ଦେଖାଯାଉଛି। ଏପରିକି ସୁନ୍ଦରଗଡ ସହର ମଧ୍ୟକୁ ଆସୁଥିବା ଓ ଯାଉଥିବା ଯାନବାହନ ଗୁଡିକରେ ବିପଦସଙ୍କୁଳ ଅବସ୍ଥାରେ ଏଭଳି ଯାତ୍ରୀ ପରିବହନ ବ୍ୟବସ୍ଥା ଚାଲୁଥିଲେ ମଧ୍ୟ ଏଥିପ୍ରତି ପୋଲିସ ଓ ପରିବହନ ବିଭାଗ ଅଧିକାରୀମାନେ ସବୁ ଦେଖି ନ ଦେଖିଲା ରୀତିରେ ହାତବାନ୍ଧି ଚୂପ ହୋଇ ବସିଛନ୍ତି।

## ବେଦବ୍ୟାସ ଗୁରୁକୁଳ ବୈଦିକ ଆଶ୍ରମ ବାର୍ଷିକୋତ୍ସବ ନିମନ୍ତେ ପ୍ରସ୍ତୁତି

**ବେଦବ୍ୟାସ, ୨୭।୨ (ଡି.ଏନ.ଏ)**

ପଶ୍ଚିମ ଓଡିଶାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସ ସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମର ବ୍ରହ୍ମାନନ୍ଦ ସ୍ମୃତିସଦନ ସ୍ଥିତ ବୁଧବାର ଅପରାହ୍ନ ସାଢ଼େ ୧୨ଟାରେ ଆସନ୍ତା ମାର୍ଚ୍ଚ ମାସ ୨,୩ ଓ ୪ ତାରିଖରେ ଅନୁଷ୍ଠିତ ହେବାକୁଥିବା ଋଷିବୋଧ ଓ ୫୩ତମ ବାର୍ଷିକୋତ୍ସବ ନିମନ୍ତେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ପ୍ରାକ ପ୍ରସ୍ତୁତି ବୈଠକ ଚଳିତ ବର୍ଷ ରାଜ୍ୟ ବାହାରୁ ପ୍ରାୟ ୩୦୦ ସାଧୁ, ସନ୍ୟାସୀ, ସଙ୍ଗୀତଜ୍ଞ ଓ ପ୍ରବଚକ ଆଦି ଯୋଗଦେବା ପାଇଁ ସ୍ୱିକୃତୀ ପ୍ରଦାନ କରିଥିବା ଗୁରୁକୁଳ ବୈଦିକ ଆଶ୍ରମର ପରିଚାଳନା ଟ୍ରଷ୍ଟି ଧନେଶ୍ୱର ବେହେରା ଉପସ୍ଥିତ ଖବରଦାତା ମାନଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ପ୍ରଫେସର ଡ. ଉମାକାନ୍ତ ପଣ୍ଡା, ରାମଚନ୍ଦ୍ର ମିଶ୍ର, ନକୁଳଦେବ ଶାସ୍ତ୍ରୀ, ସୁବାଷ ଚନ୍ଦ୍ର ସାହୁ, ବିପିନ ପ୍ରଧାନ, ରାମଚନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ଆଶ୍ରମର ଶତାଧିକ ଅନ୍ତେବାସୀ, ବ୍ରହ୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ । ଚଳିତବର୍ଷ ଆଶ୍ରମର ଅନ୍ତେବାସୀମାନଙ୍କ ଦ୍ୱାରା ନୂତନ ଭାବେ ଏକ କ୍ରୀଡା ପ୍ରତିଯୋଗୀତାର ଆୟୋଜନ କରାଯାଇଛି । ଯାହାକୁ ନେଇ ଦର୍ଶକମାନେ ଆକର୍ଷିତ ହେବେ ବୋଲି ଟ୍ରଷ୍ଟି ବେହେରା ସୂଚୀତ କରିଛନ୍ତି। ଶେଷରେ ପ୍ରଫେସର ଡ.ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଚକ୍ଷୁ ଚିକିତ୍ସା କେନ୍ଦ୍ରର ବାର୍ଷିକୋତ୍ସବ

**ରାଜଗାଙ୍ଗପୁର, ୨୭।୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ଝଗରପୁରଠାରେ ଥିବା ଡାଲମିଆ ଓସିଏଲ ଦ୍ୱାରା ପରିଚାଳିତ ଏଲଭି ପ୍ରସାଦ ଚକ୍ଷୁ କେନ୍ଦ୍ରର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ ଜିଲାକୁ ଅନ୍ଧତ୍ୱ ମୁକ୍ତ କରିବା ପାଇଁ ଡାଲମିଆ- ଓସିଏଲ ଦ୍ୱାରା ପରିଚାଳିତ ଏଲ ଭି ପ୍ରସାଦ ଚକ୍ଷୁ କେନ୍ଦ୍ରର ଉଲ୍ଲେଖନୀୟ ଅବଦାନ ଥିବା କହିଥିଲେ। ଏହି ଉତ୍ସବରେ ଓସିଏଲର ଇଓ ସୁନୀଲ କୁମାର ଗୁପ୍ତା ଯୋଗଦେଇଥିଲେ। ୨୦୧୫ ମସିହାରେ ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ୍‌ଙ୍କ ଦ୍ୱାରା ଏହି ଅନୁଷ୍ଠାନ ଉଦଘାଟିତ ହୋଇ ଅତ୍ୟାଧୁନିକ ଆପଥରେମିକ ପ୍ରଯୁକ୍ତି ଜରିଆରେ ସୁନ୍ଦରଗଡ ଜିଲାକୁ ଅନ୍ଧତ୍ୱ ମୁକ୍ତ କରିବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଥିବା ଗୁପ୍ତ କହିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ଅଧକ୍ଷ ରାମ ଆମ୍ବୁରି ଯୋଗଦେଇଥିଲେ । ଏହି ଉତ୍ସବରେ ଚକ୍ଷୁ ଚିକିତ୍ସା କେନ୍ଦ୍ରର ସମସ୍ତ କର୍ମଚାରୀ ସାଙ୍ଗକୁ ସହରର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।




ଏଲ୍‌ଭି ପ୍ରସାଦ ଚକ୍ଷୁ କେନ୍ଦ୍ରର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

### ରାଙ୍କା ଓରାମ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

## ୩-୨ ଗୋଲରେ ଟାଙ୍ଗରାଣି ଚାମ୍ପିୟନ

**କୁଆଁରମୁଣ୍ଡା, ୨୭।୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା ରେଞ୍ଜ ପକ୍ଷରୁ ରାଙ୍କା ଓରାମ (ଟପ୍ପୋ) ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ନିକଟସ୍ଥ କଚାରୁ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏକ ଦିବସୀୟ ଏହି ଟୁର୍ନାମେଣ୍ଟରେ ସ୍ଥାନୀୟ ଅଞ୍ଚଳର ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଟାଙ୍ଗରାଣି, ସିଆଲଯୋର ଦଳ ମଧ୍ୟରେ ହୋଇଥିଲା। ଉଭୟ ଦଳ ପରସ୍ପରକୁ ୨-୨ ଗୋଲ ଦେବା ପରେ ଶେଷରେ ଖେଳ ପରିଚାଳକଙ୍କ ନିର୍ଦ୍ଦେଶ କ୍ରମେ ପେନାଲ୍ଟି ସଟ୍ କରାଯାଇଥିଲା। ଏଥିରେ ଟାଙ୍ଗରାଣି ଦଳ ପ୍ରତିପକ୍ଷ ସିଆଲଯୋରକୁ ୧ଟି ଗୋଲ ଅଧିକ ଦେଇ ଚାମ୍ପିୟନ ଘୋଷିତ ହୋଇଥିଲେ। ଶେଷରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ରେଞ୍ଜର ସୁଧାଂଶୁ ଚନ୍ଦ୍ର ସାହାଣୀ ଯୋଗଦେଇ ଚାମ୍ପିୟନ ଘୋଷିତ ଟାଙ୍ଗରାଣି ଦଳକୁ ଟ୍ରଫି ସହ ଜର୍ସି ପ୍ରଦାନ କରିଥିଲେ। ଏହି ଅବସରରେ ରେଞ୍ଜର ସାହାଣୀ ପୂର୍ବତନ କଚାରୁ ସରପଞ୍ଚ ତଥା ହାତୀ ଘଉଡାଳୀ(ଠିକା)ଭାବେ ନିଯୁକ୍ତ ରାଙ୍କା ଓରାମ(ଟପ୍ପୋ)ଙ୍କ ୨୦୧୮ ମସିହା ଫେବୃୟାରୀ ୨୭ ତାରିଖ ବଡିଭୋର ହାତୀ ଘଉଡାଇବା ବେଳେ ଏକ ଦନ୍ତା ଆକ୍ରମଣରେ ମୃତ୍ୟୁ ଘଟଣାର ସ୍ମୃତିଚାରଣ କରିବା ସହ ଏହି ଘଟଣାର ଆଉ ଯେପରି ପୁନରାବୃତ୍ତି ନ ଘଟେ ସେଥିପ୍ରତି ପ୍ରତ୍ୟେକ ବନ କର୍ମଚାରୀ ସତର୍କ ଓ ଯତ୍ନବାନ ରହିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ସମ୍ମାନୀୟ ଅତିଥି ଓରାମ ସମାଜର ବେଲ୍ ମାଙ୍ଗା ଏକ୍କା ଯୋଗଦେଇ ଅନୁରୂପ ବକ୍ତବ୍ୟ ରଖିବା ସହ ରନର୍ସ ଅପ ସିଆଲଯୋର ଦଳକୁ ଟ୍ରଫି ସହ ଜର୍ସି ପ୍ରଦାନ କରିଛନ୍ତି। ଏଥିରେ କଚାରୁ ବନପାଳ ଶୁଳପାଣି ଦାସ,ନବୀନ ପ୍ରଧାନ, ଚିନ୍ମୟୀ ସାମଲ, ଗୁରୁଦେବ ଭୋଇ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ମୃତ ରାଙ୍କାଙ୍କ ବିଧବା ସ୍ତ୍ରୀ ବୁଧନୀ ତିର୍କୀଙ୍କୁ ବନ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା। ତାଙ୍କ ଝିଅ ପ୍ରିୟଙ୍କା ଓ ପୁଅ ମୋହିତ ଉପସ୍ଥିତ ଥିଲେ।



ରାଙ୍କା ଓରାମ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିମାନଙ୍କ ସହ ଉପସ୍ଥିତ ଖେଳାଳି।